49

ଧରିତ୍ରୀ
DHARITRI

୪୯

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୩/୨୦୨୨ (୧୮ ପୃଷ୍ଠା) Bhubaneswar, Tuesday, December 13/2022 Page 18 ₹ 7.00 | ★★★★★★

୪୯ଶ ଭାଗ ୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 20 ମୂଲ୍ୟ ₹୭/-

KP GROUP
Quality Since 1965

Safal

PAN MASALA

କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ

ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।

0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

49

ଧରିତ୍ରୀ
DHARITRI

୪୯

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୩/୨୦୨୨ | Bhubaneswar, Tuesday, December 13/2022 | ପୃଷ୍ଠା-୧

କୋର୍ଟ ପରିସରରେ ତୁମୁଳକାଣ୍ଡ

ସମ୍ବଲପୁରଠାରେ ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଉଛି (ବାମ) । ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରକୁ ଆଇନଜୀବୀମାନେ ଧସେଇ ପଶୁଛନ୍ତି ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଆଇନଜୀବୀଙ୍କ ଆନ୍ଦୋଳନ ନ୍ୟାୟିକ କାର୍ଯ୍ୟଧାରାକୁ ବାଧା ପହଞ୍ଚାଉଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି। ଏପରି କି ଗତ ନଭେମ୍ବର ୨୮ରେ ଆନ୍ଦୋଳନରତ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ଆଇନଜୀବୀମାନେ ନିଜ ଜିଦ୍‌ରେ ଅଟଳ ରହିଥିବାରୁ କୌଣସି ଆଲୋଚନା ନୁହେଁ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇ କୋର୍ଟ କାର୍ଯ୍ୟକୁ ସ୍ୱାଭାବିକ କରାଯାଉ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

ଏଜିଙ୍କ କୁଶପୁତ୍ତଳିକା ଦାହ, ପୋଲିସକୁ ଦାୟୀକଲେ ଓକିଲ

ସମ୍ବଲପୁର, ୧୨।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସୋମବାର ସମ୍ବଲପୁର କୋର୍ଟ ପରିସରରେ ତୁମୁଳ କାଣ୍ଡ ଘଟିଛି। ଶତାଧିକ ଆନ୍ଦୋଳନକାରୀ କୋର୍ଟ ପରିସରକୁ ଧସେଇ ପଶି ହୋହଲ୍ଲା, ଭଙ୍ଗାରୁଜା କରିଥିଲେ। ପରେ କୋର୍ଟ ପରିସରରୁ ବିଚାରପତିମାନଙ୍କୁ ବାହାର କରିଦେଇଥିଲେ। ଏଭଳି ଘଟଣା ଏବେ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଘଟଣାକୁ ନେଇ ଜିଲା ଓକିଲ ସଂଘ ପୋଲିସର ଅବହେଳାକୁ ଦାୟୀ କରିଛି। ଏହାସହ ଏହାର ତଦନ୍ତ କରାଯାଉ ବୋଲି ଦାବି କରିଛି। ଅନ୍ୟପଟେ ସୁପ୍ରିମକୋର୍ଟ ରାଜ୍ୟ ପୋଲିସର ଅପାରଗତା ନେଇ ଭର୍ତ୍ସନା ☞ପୃଷ୍ଠା–୨

ପାରୁନ ଯଦି ଜଣାଅ

ଡିଜିପିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୨।୧୨

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଇନଜୀବୀମାନେ ଚଳାଇଥିବା ଆନ୍ଦୋଳନ ଯୋଗୁ କୋର୍ଟ କାର୍ଯ୍ୟ ହୋଇପାରୁନାହିଁ। କୋର୍ଟ ପରିସରକୁ ନ୍ୟାୟିକ ଅଧିକାରୀ, ମହକିଲମାନେ ଯାଇପାରୁନାହାନ୍ତି। ଏଭଳି ସ୍ଥିତିର ମୁକାବିଲା କରିବାରେ ପୋଲିସ

ବିନମ୍ର ଆଲୋଚନା ନୁହେଁ, ଗିରଫ କର

ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ଖଣ୍ଡପୀଠ ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଏବଂ ଜଷ୍ଟିସ୍ ଅଭୟ ଏସ୍. ଓକା ସୋମବାର ଓଡ଼ିଶା ଡିଜିପି ଏବଂ ସମ୍ବଲପୁର ଆଇଜିଙ୍କ ☞ପୃଷ୍ଠା–୨

ସମ୍ବଲପୁରର ୨୯ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ

ନୂଆଦିଲ୍ଲୀ, ୧୨।୧୨

ବିସିଆଇର କାର୍ଯ୍ୟାନୁଷ୍ଠାନ

ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ଚଳାଇଥିବା ସମ୍ବଲପୁର ଜିଲା ବାର୍ କାଉନସିଲର ଆଇନଜୀବୀଙ୍କ ଉପରେ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଚାରପତିଙ୍କୁ କାର୍ଯ୍ୟରେ ଯୋଗଦେବାକୁ ସୁଯୋଗ ନ ଦେବା, କୁଶ ପୁତ୍ତଳିକା ଦାହ କରିବା, ଜିଲା ଜଜ୍‌ଙ୍କ କୋର୍ଟରୁମ୍ ଭିତରକୁ ଜବରଦସ୍ତି ପଶି ଭଙ୍ଗାରୁଜା କରିବା ଏବଂ ☞ପୃଷ୍ଠା–୨

ଆଜିର ସମ୍ପାଦକୀୟ

ଭୋଟ ପାଇଁ ଭୋକ

ଆଜିର ମନ୍ତବ୍ୟ

ଅରୁଣାଚଳପ୍ରଦେଶର ତାୱାଙ୍ଗ ସେକ୍ଟରରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ବିବୃତି ରଖନ୍ତୁ! ଚାଇନା ପ୍ରକୃତରେ ଭାରତର କେତେ ଅଞ୍ଚଳ ଦଖଲ କରିଛି, ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଜଣାନ୍ତୁ!

– ରଣଦୀପ୍ ସୁର୍ଜେୱାଲା, କଂଗ୍ରେସ ଏମ୍‌ପି

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ମନ ଚୋରକୁ ପଲଙ୍କ ସୁପାତି,
ଧନ ଚୋରକୁ ଧକ୍କା,
ଚମ ଚୋରକୁ ଦି'ଗାଲରେ କଳା,
ଅଜଣା ଚୋରକୁ ବକା।

ଯିଏ ମନକୁ ଚୋରି କରିଥାଏ ସେ ହିଁ ଆପଣାର ବା ପ୍ରିୟ ହୋଇଥାଏ। ଟଙ୍କା ପଇସା ଚୋରାଇ ନେଉଥିବା ଚୋରକୁ ମାଡ଼ ଦିଆଯାଇଥାଏ। ଲମ୍ପଟ ବ୍ୟକ୍ତିଙ୍କୁ ନିନ୍ଦା ଅପମାନ ମିଳିଥାଏ। ସେହିପରି ଅଜଣା ଚୋରକୁ ଗାଳିମନ୍ଦ କରାଯାଇଥାଏ। ଉପରବର୍ଣ୍ଣିତ ବ୍ୟକ୍ତିଙ୍କୁ ନିଜସ୍ୱ ବିଚାର ଏବଂ ଶୈଳୀରେ ଉପଯୁକ୍ତ ଶାସ୍ତି ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ମାଇଲା ରାବଣ, ଆଣିଲା ସୀତା,
ଏଥିପାଇଁ କିଆଁ ପୋଥି ସାତଟା ।

ସୀତା ମାତାଙ୍କୁ ଲଙ୍କାର ରାବଣ ଛଦ୍ମବେଶରେ ଆସି ହରଣ କରି ନେଇଯାଇଥିବା ପୁରାଣ ପୃଷ୍ଠାରୁ ଜଣାଯାଏ, ଯାହାକି ରାମାୟଣର ସାତଟି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ କୌଣସି କଥା ବା ଘଟଣାକୁ ଅଧିକ ଲମ୍ବେଇ କିମ୍ବା ବିସ୍ତୃତ ଭାବେ ବର୍ଣ୍ଣନା କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ମୁଖ୍ୟ ଅଭିଯୁକ୍ତଙ୍କ ସ୍ତ୍ରୀ ଖୋଲିଲେ ଗୁମର

ପରକୀୟାରୁ ଯୁବକଙ୍କୁ ହତ୍ୟା

- ସାଙ୍ଗ ଦେଖାଇଲେ ପ୍ରମାଣ ନଷ୍ଟର ଡେମୋ
- ପୋଖରୀ, ପାଳ ପାଉଁଶ ଗଦାରୁ ଅସ୍ଥି ଜବତ

ନୟାଗଡ଼ ଅଫିସ/ନୂଆଗାଁ, ୧୨।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଫାଣ୍ଡି ଅନ୍ତର୍ଗତ ପଥରପାଟଣା ଗାଁରେ ଘଟିଥିବା ହତ୍ୟାକାଣ୍ଡର ଗୁମର ଫିଟିଛି। ପରକୀୟାରୁ କଟକ ଜିଲା ଲାଲବାଗ୍ ଥାନା ସତୀଚଉରା ମହାନ୍ତିପଡ଼ାର ଶୈଳେନ୍ଦ୍ରନାଥ ଜେନାଙ୍କୁ ଅପହରଣ କରାଯାଇ ହତ୍ୟା କରାଯାଇଥିବା ପ୍ରମାଣ ମିଳିଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ପଥରପାଟଣା ଗାଁର ଦୀପୁ ସାହୁ ଓ ତାଙ୍କ ବାପା ତଥା ଅନ୍ୟତମ ଅଭିଯୁକ୍ତ ଭାବ ସାହୁ ଫେରାର ହୋଇଯାଇଛନ୍ତି। ପୋଲିସ ହତ୍ୟା ଓ ପ୍ରମାଣ ନଷ୍ଟ ଅଭିଯୋଗରେ ଦୀପୁଙ୍କ ସ୍ତ୍ରୀ ସୁନୀତା ସାହୁ ଏବଂ ସାଙ୍ଗ ସୁରିଆ ସାହୁଙ୍କୁ ଗିରଫ କରିଛି। ପୋଲିସ ସୁନୀତାଙ୍କଠାରୁ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଥିବାବେଳେ ସହଯୋଗୀ ସୁରିଆଙ୍କୁ ନେଇ ସିନ୍ ରିକ୍ରିଏଟ୍ କରାଇ ପ୍ରମାଣ ନଷ୍ଟର ଗୁମର ପାଇଛି। ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିହ୍ନା, ଡିଏସ୍‌ପି ଦପସ୍ୱିନୀ କହଁର, ନୂଆଗାଁ ଥାନା ଅଧିକାରୀ ପୁଷ୍ପଲତା ବେହେରା, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ପାଳ ପାଉଁଶ ଗଦା ଓ ପୋଖରୀରୁ ଅନେକ ହାଡ ଜବତ କରିଛନ୍ତି।

ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କ ସୂଚନା ମୁତାବକ ମୁଖ୍ୟ ଅଭିଯୁକ୍ତ ଦୀପୁ ସ୍ତ୍ରୀ ସୁନୀତାଙ୍କ ସହ କଟକରେ ରହି ଦହିବରା ବେପାର କରୁଥିଲେ। ଏହି ସମୟରେ ଶୈଳେନ୍ଦ୍ର ଓ ଦୀପୁଙ୍କ ପରିବାର ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ଏଣୁ ଶୈଳେନ୍ଦ୍ର ଦୀପୁଙ୍କ ଘରକୁ ଯିବା ଆସିବା କରୁଥିଲେ। ଏହାକୁ ଦୀପୁ ପରକୀୟା ଭାବି ସନ୍ଦେହ କରୁଥିଲେ। ଏ ନେଇ ଦୁଇ ପରିବାର ମଧ୍ୟରେ ଅନେକ ଥର ଝଗଡ଼ା ହେଉଥିଲା। ତେଣୁ ଶୈଳେନ୍ଦ୍ରଙ୍କୁ ଜୀବନରେ ମାରିଦେବା ପାଇଁ ପୂର୍ବରୁ ଦୀପୁ ଯୋଜନା କରିଥିଲେ। ଗତ ୩ ତାରିଖରେ ଶୈଳେନ୍ଦ୍ର ତାଙ୍କ ସାଙ୍ଗ ଜୟପ୍ରକାଶଙ୍କ ସହ ପଥରପାଟଣା ଗାଁକୁ ଆସିଥିଲେ। ଏହି ସମୟରେ ଦୀପୁ ଶୈଳେନ୍ଦ୍ରଙ୍କୁ ଅପହରଣ କରି ନେଇ ଘରେ ହତ୍ୟା କରିଥିଲେ। ଅନ୍ୟପକ୍ଷରେ ଶୈଳେନ୍ଦ୍ର ଫେରିବାରେ ବିଳମ୍ବ କରିବାରୁ ଜୟପ୍ରକାଶ ଅତିଷ୍ଠ ହୋଇ ପଳାଇ ଯାଇଥିଲେ। ଶୈଳେନ୍ଦ୍ର ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ସଂଘମିତ୍ରା ମୋବାଇଲ ଫୋନକୁ କଲ୍ କରିଥିଲେ। ହେଲେ ଶୈଳେନ୍ଦ୍ରଙ୍କ ଫୋନ୍ ସୁଇଚ୍ ଅଫ୍ ଦର୍ଶାଇଥିଲା। କୌଣସି ଖୋଜ ଖବର ନ ମିଳିବାରୁ ସଂଘମିତ୍ରା ଗତ ୪ ତାରିଖରେ କଟକ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ। ତେବେ ଶୈଳେନ୍ଦ୍ରଙ୍କ ଫୋନ ନୟାଗଡ଼ର ମହିପୁର ଅଞ୍ଚଳରେ ସୁଇଚ ଅଫ୍ ହୋଇଥିବା ପୋଲିସ ଫୋନ ଟ୍ରାକିଂ କରି ଜାଣିବାକୁ ପାଇଥିଲା। ଅନ୍ୟପକ୍ଷେ ଜୟପ୍ରକାଶଙ୍କୁ ପଚରାଉଚୁରା ପରେ ସେମାନେ ପଥରପାଟଣା ଗାଁକୁ ଯାଇଥିବା ଜଣାପଡ଼ିଥିଲା। ଫଳରେ ସଂଘମିତ୍ରା ହତ୍ୟା ସନ୍ଦେହ କରି ନୂଆଗାଁ ଥାନାରେ ଗତ ୮ ତାରିଖରେ ଅଭିଯୋଗ କରିଥିଲେ। ନୂଆଗାଁ ପୋଲିସ ପ୍ରଥମେ ଦୀପୁଙ୍କ ସ୍ତ୍ରୀ ସୁନୀତା ଏବଂ ସାଙ୍ଗ ସୁରିଆଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଏହି ସମୟରେ ଉଭୟେ ହତ୍ୟା ଘଟଣାକୁ ସ୍ୱୀକାର କରିଥିଲେ। ୩ ତାରିଖ ରାତିରେ ତାଙ୍କ ପାଖକୁ ଆସିଥିବା ଶୈଳେନ୍ଦ୍ରଙ୍କୁ ଦୀପୁ ପିଟି ପିଟି ମାରିଦେଇଥିବା କଥା ସୁନୀତା ପୋଲିସ ଆଗରେ କହିଥିଲେ। ହତ୍ୟାକାଣ୍ଡକୁ ଲୁଚାଇବା ପାଇଁ ମୃତଦେହକୁ ଦୀପୁ, ସୁରିଆ ଓ ଭାବ ସାହୁ ମିଶି ପୋଡ଼ି ଦେଇଥିଲେ। କିଭଳି ଏବଂ କେଉଁଠାରେ ମୃତଦେହକୁ ପୋଡ଼ାଯାଇଥିଲା, ତାହା ସୁରିଆ ସିନ୍ ରିକ୍ରିଏସନ ସମୟରେ ଦେଖାଇଥିଲେ। ସୁରିଆଙ୍କ କହିବା ମୁତାବକ ଶୈଳେନ୍ଦ୍ରଙ୍କୁ ମାରିଦେବା ପରେ ଘର ପଛ ପାଖେ ପୋତିଦେବାର ଯୋଜନା କରାଯାଇଥିଲା। ତେବେ ଘର ନିକଟରେ ପୋତିଲେ ଧରାପଡ଼ିବା ଭୟରେ ସେମାନେ ମୃତଦେହକୁ ବାହାରେ ନଷ୍ଟ କରିବାକୁ ଯୋଜନା କରିଥିଲେ। ତଦନୁଯାୟୀ ନଦୀ ନିକଟ ହରିଡ଼ା ବନ୍ଧ ଗହୀରରେ ଥିବା ପାଳ ଗଦାରେ ମୃତଦେହକୁ ସେମାନେ ପୋଡ଼ି ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ଅଧାପୋଡ଼ା ହାଡ଼କୁ ଗୁଣ୍ଡ କରି ହରିଡାବନ୍ଧ ପୋଖରୀରେ ଫୋପାଡି ଦେଇଥିଲେ ବୋଲି ସୁରିଆ କହିଥିବା ଏସ୍‌ପି କହିଛନ୍ତି। ୨୦୨/୨୨ନମ୍ବରରେ ମାମଲା ରୁଜୁ ହୋଇ ୨ ଜଣଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଗିରଫ ପରେ ପୁଣି ତାଙ୍କୁ ପୋଲିସ ସିନ୍ ରିକ୍ରିଏସନ କରିବ ବୋଲି ଏସ୍‌ପି କହିଛନ୍ତି।

ଏଲ୍‌ଏସିରେ ଭାରତ–ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ

ଉଭୟ ପକ୍ଷରୁ ଅନେକ ଆହତ

ନୂଆଦିଲ୍ଲୀ,୧୨।୧୨

ଅରୁଣାଚଳପ୍ରଦେଶ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟ ତାୱାଙ୍ଗ ସେକ୍ଟରରେ ଶୁକ୍ରବାର ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର କେତେଜଣ ସୈନ୍ୟ ଆହତ ହୋଇଛନ୍ତି। ୬ ଜଣ ଆହତ ଯବାନଙ୍କୁ ଚିକିତ୍ସା ପାଇଁ ଗୁଆହାଟୀ ଅଣାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ଘଟଣା ପରେ କମାଣ୍ଡରସ୍ତରୀୟ ଆଲୋଚନା ପରେ ଉଭୟ ପକ୍ଷରୁ ସେନାଙ୍କୁ ହଟାଇ ଦିଆଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୯ ତାରିଖରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମିର ସୈନ୍ୟମାନେ ଅରୁଣାଚଳପ୍ରଦେଶର ତାୱାଙ୍ଗ ସେକ୍ଟର ଅନ୍ତର୍ଗତ ଏଲ୍‌ଏସରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଭାରତୀୟ ଯବାନମାନେ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ସଂଘର୍ଷ ପରେ ଉଭୟ ପକ୍ଷ ସେଠାରୁ ଫେରିଯାଇଥିଲେ। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଥିବା ଭାରତୀୟ ସେନା କମାଣ୍ଡର ତାଙ୍କ ଚାଇନା ପ୍ରତିପକ୍ଷଙ୍କ ସହ ଫ୍ଲାଗ୍ ମିଟିଂରେ ଉକ୍ତ ପ୍ରସଙ୍ଗ ଉଠାଇଥିଲେ। ସୀମାରେ ଶାନ୍ତି ଓ ସ୍ଥିରତା ରକ୍ଷା ଲାଗି ଗଠନମୂଳକ ଆଲୋଚନା ହୋଇଛି।

ଭାରତର ସୀମାରେ ଚାଇନା କ୍ରମାଗତ ଭାବେ ହସ୍ତକ୍ଷେପ କରିଆସୁଛି। ଏଲ୍‌ଏସି ଅନ୍ତର୍ଗତ ତାୱାଙ୍ଗ ସେକ୍ଟରର କେତେକ ଅଞ୍ଚଳକୁ ନେଇ ବୁଝାମଣାରେ ଭିନ୍ନତା ରହିଛି। ସେଥିପାଇଁ ଉଭୟ ଭାରତ ଓ ଚାଇନା ଉକ୍ତ ଅଞ୍ଚଳକୁ ନିଜର କହୁଥିବାବେଳେ ସେଠାରେ ଦୁଇ ପକ୍ଷର ସୈନ୍ୟ ପାଟ୍ରୋଲିଂ କରିଥାନ୍ତି। ୨୦୦୬ରୁ ଏହି ଧାରା ଜାରି ରହିଛି। ୨୦୨୦ ମେ'ରେ ଲଦାଖର ବିବାଦୀୟ ପୋଙ୍ଗଙ୍ଗ୍ ହ୍ରଦ ଓ ଡିଙ୍ଗତ–ସିକିମ୍ ସୀମାରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ହୋଇଥିଲେ। ସୀମାରେ କିଛିଦିନ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିବା ପରେ ଜୁନ୍‌ରେ ଲଦାଖ ଅନ୍ତର୍ଗତ ଗଲୱାନ ଉପତ୍ୟକାରେ ଉଭୟ ପକ୍ଷ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା, ଯେଉଁଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିଲେ। ଚାଇନା ପକ୍ଷର ୪୫ରୁ ଅଧିକ ସୈନ୍ୟ ମୃତାହତ ହୋଇଥିବା ଜଣାପଡ଼ିଥିଲା। ଏକାଧିକ ପର୍ଯ୍ୟାୟ ଆଲୋଚନା ପରେ ୨୦୨୦ ଜୁଲାଇରେ ଗଲୱାନ, ହଟ୍‌ସ୍ପ୍ରିଙ୍ଗ ଏବଂ ଗୋଗ୍ରାରୁ ଆଂଶିକ ସୈନ୍ୟ ପ୍ରତ୍ୟାହାର ହୋଇଥିବାବେଳେ ୨୦୨୧ ଫେବୃୟାରୀରେ ପଙ୍ଗୋଙ୍ଗ୍ ହ୍ରଦର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରୁ ଉଭୟ ପକ୍ଷ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରିଥିଲେ।

ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ପରଲୋକ

ଭୁବନେଶ୍ୱର,(ବ୍ୟୁରୋ)/ ଚଣ୍ଡିଖୋଲ, ୧୨।୧୨(ଡି.ଏନ୍.ଏ.)

ମୋହନ ଜେନା

ଯାଜପୁର ଲୋକ ସଭା ଆସନରୁ ଦୁଇଥର ନିର୍ବାଚିତ ହୋଇଥିବା ମୋହନ ଜେନାଙ୍କର ସୋମବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ ଗତ ନଭେମ୍ବର ୨୦ରେ ହୃଦ୍‌ଘାତର ଶିକାର ହୋଇଥିଲେ। ସେହି ଦିନଠାରୁ ଚିକିତ୍ସିତ ହେଉଥିଲେ। ୧୯୫୭ ଜୁଲାଇ ୧୪ରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଧାନମଣ୍ଡଳ ଗାଁରେ ଜନ୍ମିତ ଜେନାଙ୍କର ସହଧର୍ମଣୀ ଏବଂ ଗୋଟିଏ ଝିଅ ଅଛନ୍ତି। ଜେନା ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ଥିଲେ। ୨୦୦୪ ଏବଂ ୨୦୦୯ରେ ବିଜେଡ ଟିକେଟ୍‌ରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ସମୟରେ ସେ ଟିକେଟ୍ ନ ପାଇବାରୁ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, 'ମୋହନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଜନପ୍ରତିନିଧି ଭାବେ ଲୋକଙ୍କ କଲ୍ୟାଣ ପାଇଁ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।' ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ, ସୁଜିତ୍ କୁମାର, ବିଜେଡ ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଟୁଇଟ୍ କରି ଶୋକ ପ୍ରକାଶ କରିଛନ୍ତି।

ପିପିସିପି ମଡେଲ୍‌ରେ କମିପାରିବ ହାତୀ–ମଣିଷ ବିବାଦ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ହାତୀ–ମଣିଷ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ କେତେକ ସ୍ଥାନରେ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ବିବାଦ ମଧ୍ୟରେ ବି ଆମକୁ ମନେ ରଖିବାକୁ ପଡ଼ିବ ଯେ ପରସ୍ପର ସହ ସଂଶ୍ଳିଷ୍ଟ ଜୈବ ମଣ୍ଡଳ, ସମାଜ ଓ ପରିବେଶ ସନ୍ତୁଳନରେ ହାତୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡାଏନୋସର ପରେ ବର୍ତ୍ତମାନ ହାତୀ ସ୍ଥଳଭାଗର ସବୁଠାରୁ ବଡ଼ ପ୍ରାଣୀ। ଯଦି ହାତୀମାନେ ନ ରୁହନ୍ତି ତା'ହେଲେ ଜୈବମଣ୍ଡଳରେ ତାଙ୍କ ସ୍ଥାନ ଅନ୍ୟ କେହି ନେଇପାରିବେ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ସୋମବାର ସୂଚନା ଭବନଠାରେ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟର ଏକାଦଶ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ରାଜ୍ୟ ସରକାର ହାତୀ–ମନୁଷ୍ୟଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରୀ–ଘରୋଇ–ଗୋଷ୍ଠୀ–ଭାଗୀଦାରି ବା ପବ୍ଲିକ୍–ପ୍ରାଇଭେଟ୍–କମ୍ୟୁନିଟି–ପାର୍ଟନରଶିପ(ପିପିସିପି) ମଡେଲରେ କାର୍ଯ୍ୟ କରାଗଲେ ହାତୀ–ମନୁଷ୍ୟ ବିବାଦରେ ଅନେକ ଉପଶମ ମିଳିପାରିବ ବୋଲି ମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଓ ସୁଶୀଲ କୁମାର ପୋପଲି ଉପସ୍ଥିତ ରହି ହାତୀ ଏବଂ ମଣିଷ ବିବାଦର ସ୍ଥିତି ତଥା ସମାଧାନ ସଂକ୍ରାନ୍ତରେ କହିଥିଲେ। ପ୍ରୋଜେକ୍ଟ ଏଲିଫ୍ୟାଣ୍ଟର ଆଇଜିଏଫ୍ ତଥା ନିର୍ଦ୍ଦେଶକ ରମେଶ କୁମାର ପଣ୍ଡା, ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ, ଟ୍ରଷ୍ଟି ଜିତ୍‌ଶତ୍ରୁ ମହାନ୍ତି, ଟ୍ରଷ୍ଟ ଉପଦେଷ୍ଟା ସରୋଜ କୁମାର ପଟ୍ଟନାୟକ, ବି.କେ. ଲୀନା ପ୍ରମୁଖ ଜୈବମଣ୍ଡଳ ତଥା ପରିବେଶର ସନ୍ତୁଳନ ପାଇଁ ହାତୀର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବା ସହ ବନ କର୍ମଚାରୀ ଓ ହାତୀ–ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଡ. ରଜନୀକାନ୍ତ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ମ୍ୟାନେଜିଂ ଟ୍ରଷ୍ଟି ଡ. ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

କୋର୍ଟ ପରିସରରେ...

ପ୍ରଥମ ପୃଷ୍ଠାରୁ...

କରିଛନ୍ତି। ପୋଲିସ ଡିଜି ଓ ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଆଇଜିଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ପୂର୍ବାହ୍ନରେ ଆନ୍ଦୋଳନକାରୀ କଚେରି ଛକରେ ହାଇକୋର୍ଟ ଆଡ୍‌ଭୋକେଟ ଜେନେରାଲ (ଏଜି) ଅଶୋକ ପରିଜାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହାସହ ରାଜ୍ୟ ସରକାର ଦେଇଥିବା ରିପୋର୍ଟ ସହ ଏଜି ପରିଜା ଦେଇଥିବା ରିପୋର୍ଟର ତାଳମେଳ ରହୁନାହିଁ। ତେଣୁ ଘଟଣା ପାଇଁ ପରିଜାଙ୍କୁ ଦାୟୀ କରିଥିଲେ। ଶୀଘ୍ର ସରକାର ନିର୍ବାଚନ କରି ନୂତନ ନିଯୁକ୍ତି କରନ୍ତୁ ବୋଲି ଆନ୍ଦୋଳନକାରୀ ଦାବି କରିଥିଲେ। ବିଚାରପତିମାନଙ୍କୁ ସୁରକ୍ଷା ଦେବା ସମୟରେ ପୋଲିସ ସହିତ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ ସମସ୍ତଙ୍କୁ ବାହାର କରି କୋର୍ଟର ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲା।

ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୯ଟାରେ ସମ୍ବଲପୁର କଚେରି ଛକରେ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ କର୍ମୀ, ମହିଳା ସଂଗଠନ, ଛାତ୍ର ପ୍ରତିନିଧି, କିନ୍ନର ସଂଘ, ବିଭିନ୍ନ ବ୍ୟବସାୟିକ ସଂଘ ସମେତ ଶତାଧିକ ଅନୁଷ୍ଠାନ ସାମିଲ ହୋଇଥିଲେ। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଏକାଠି ହୋଇଥିଲେ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ସ୍ୱତନ୍ତ୍ର ରାଜ୍ୟ ଦାବି ନେଇ ନାରାବାଜି କରିଥିଲେ। ଭଜନ, କୀର୍ତ୍ତନ, ଢୁଲଢୁଲି ବାଜା, ସଂପ୍ରଦାରେ କଳାକାରମାନେ ସାମିଲ ହୋଇ କୋର୍ଟ ସମ୍ମୁଖରେ ନାଚଗୀତ କରିଥିଲେ। ଏପଟେ ଆନ୍ଦୋଳନ ଚାଲିଥିବା ବେଳେ କୋର୍ଟ ପଛପଟ ଦେଇ ବିଚାରପତିମାନଙ୍କୁ ପୋଲିସ ସୁରକ୍ଷା ବଳୟରେ କୋର୍ଟ ପରିସରକୁ ନେଇଥିଲା। ଏହା ଜାଣିବା ପରେ ଆନ୍ଦୋଳନକାରୀ ଉତ୍ତ୍ୟକ୍ତ ହୋଇ କୋର୍ଟ ପରିସରକୁ ଧସେଇ ପଶିଥିଲେ। କୋର୍ଟ ବାହାରେ ଓ ଭିତରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗାଡି ଭଙ୍ଗାରୁଜା, ବାରିକେଟ ଭାଙ୍ଗିବା, ପୋଲିସ ପିସିଆର୍ ଭ୍ୟାନ୍‌କୁ ଘେରିଯିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ପରେ ସମସ୍ତ ବିଚାରପତିଙ୍କୁ ପୋଲିସ କଡା ସୁରକ୍ଷା ବଳୟରେ ନେଇ ଆବାସରେ ଛାଡିଥିଲା। କିଛି ସମୟ ପରେ ଆନ୍ଦୋଳନ ଶାନ୍ତ ପଡିଥିଲା। ଜିଲା ଓକିଲ ସଂଘ ଘଟଣାକୁ ନିନ୍ଦା କରି ପ୍ରେସ୍ ବିବୃତି ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ବାଡୁଳା ଗଙ୍ଗାଧର କହିଛନ୍

୧୦ ଜିଲା କୋର୍ଟ ଡିଜିଟାଇଜେଶନ ହବ୍ ଆରମ୍ଭ

କଟକ ଅଫିସ,୧୨।୧୨

ସମଗ୍ର ରାଜ୍ୟରେ ଜିଲାକୋର୍ଟଗୁଡ଼ିକର ରେକର୍ଡ ଡିଜିଟାଇଜେଶନ ନିମନ୍ତେ ୧୦ଟି ଜିଲା କୋର୍ଟ ଡିଜିଟାଇଜେଶନ ହବ୍ କାର୍ଯ୍ୟାରମ୍ଭ କରିଛି। ହବ୍‌ଗୁଡ଼ିକ ଅନୁଗୋଳ, ଭଦ୍ରକ, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼ ଓ ସୁବର୍ଣ୍ଣପୁର ଜିଲାରେ ସ୍ଥାପିତ ହୋଇଛି। ଏହି ହବ୍‌ଗୁଡ଼ିକରେ ନିଜ ଜିଲାକୋର୍ଟ ସମେତ ନିକଟବର୍ତ୍ତୀ ଜିଲାକୋର୍ଟର ରେକର୍ଡ ମଧ୍ୟ ଡିଜିଟାଇଜଡ୍ କରାଯିବ। ଏହି ବ୍ୟବସ୍ଥା ଦ୍ୱାରା ଓଡ଼ିଶାର ୩୦ ଜିଲାରେ ଥିବା ଜିଲାକୋର୍ଟକୁ ସୋମବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡ. ଡି. ୱାଇ. ଚନ୍ଦ୍ରଚୂଡ଼ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି।

ସୂଚନା ଅନୁସାରେ, ଓଡ଼ିଶା ହାଇକୋର୍ଟ ପକ୍ଷରୁ ରେକର୍ଡ ଡିଜିଟାଇଜେଶନ କାର୍ଯ୍ୟ ହାଇକୋର୍ଟ ସମେତ ଜିଲା କୋର୍ଟଗୁଡ଼ିକରେ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ପାଇଲଟ ପ୍ରକଳ୍ପ ଭିତ୍ତିରେ କଟକ, ଗଞ୍ଜାମ, ସମ୍ବଲପୁର ଓ ବାଲେଶ୍ୱରଠାରେ ୪ଟି ଜିଲା କୋର୍ଟ ଡିଜିଟାଇଜେଶନ ସେଣ୍ଟର ୨୦୨୧ ଏପ୍ରିଲ ୩୦ରେ ସ୍ଥାପନ କରାଯାଇଥିଲା। ଏହି ୪ ଜିଲାକୋର୍ଟର ୫,୯୪,୨୩୭ଟି ରେକର୍ଡକୁ ୨୦୨୨ ନଭେମ୍ବର ୩୦ ସୁଦ୍ଧା ଡିଜିଟାଇଜେଶନ କରାଯାଇଛି, ଯେଉଁଥିରେ ୫,୫୮,୧୩,୭୭୧ଟି ପୃଷ୍ଠା ସାମିଲ ହୋଇଛି। ପାଇଲଟ୍ ପ୍ରକଳ୍ପରୁ

- **ଭର୍ଚୁଆଲରେ ଉଦ୍‌ଘାଟନ କଲେ ପ୍ରଧାନ ବିଚାରପତି**
- **ଓଡ଼ିଶା ହାଇକୋର୍ଟର ଡିଜିଟାଇଜେଶନ କାର୍ଯ୍ୟ ଦେଶ ପାଇଁ ରୋଲ ମଡେଲ**

ଉତ୍ସାହଜନକ ଫଳ ମିଳିଥିବାରୁ ହାଇକୋର୍ଟ ଏହି ସେଣ୍ଟରଗୁଡ଼ିକୁ ହବ୍‌ରେ ପରିଣତ କରିଥିଲେ। ଏଥିସହ ସୋମବାର ଆଉ ୧୦ଟି ନୂତନ ହବ୍ ଉଦ୍‌ଘାଟନ ହେବା ପରେ ସାରା ରାଜ୍ୟର ନ୍ୟାୟିକ ବ୍ୟବସ୍ଥାର ରେକର୍ଡଗୁଡ଼ିକ ଡିଜିଟାଇଜେଶନ ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହେବ। କରିବା ଲାଗି ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ ସ୍କ୍ରିନ ଟର୍ ଲାପଟପ୍ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଓଡ଼ିଶା ହାଇକୋର୍ଟର ଭିଡିଓ କନଫରେନ୍ସ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧର, ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର କମିଟି ଅଧ୍ୟକ୍ଷ ବିଚାରପତି ଡି. ଦାଶ ଏବଂ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ଜିଲା ଜଜ୍, ବିଚାର ବିଭାଗୀୟ ଅଧିକାରୀ, ବାର୍ ଆସୋସିଏଶନ କର୍ମକର୍ତ୍ତା ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ବିଭିନ୍ନ ଜିଲାରୁ ଭର୍ଚୁଆଲରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

ପ୍ରଧାନ ବିଚାରପତି ଡି. ୱାଇ ଚନ୍ଦ୍ରଚୂଡ଼ ଉଦ୍‌ଘାଟନୀ ଭାଷଣରେ କହିଛନ୍ତି, ଓଡ଼ିଶା ହାଇକୋର୍ଟର ଡିଜିଟାଇଜେଶନ କାର୍ଯ୍ୟ ସମଗ୍ର ଦେଶ ପାଇଁ ରୋଲ ମଡେଲ ପାଲଟିଛି। ନ୍ୟାୟିକ ବ୍ୟବସ୍ଥାର ଆଧୁନିକୀକରଣ ଦିଗରେ ଡିଜିଟାଇଜେଶନ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଖୁବ୍‌ଶୀଘ୍ର ସମଗ୍ର ଦେଶର କୋର୍ଟ ଡିଜିଜାଇଜେଶନ କାର୍ଯ୍ୟରେ ଓଡ଼ିଶା ହାଇକୋର୍ଟ ପ୍ରମୁଖ ଭୂମିକା ନିଭାଇବ। ସେହିପରି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର କହିଛନ୍ତି, ସାରା ରାଜ୍ୟରେ କାଗଜବିହୀନ କୋର୍ଟ ପାଇଁ ହାଇକୋର୍ଟ ନିଷ୍ପତ୍ତି ନେଇଛନ୍ତି। ତାହାକୁ କାର୍ଯ୍ୟରେ ପରିଣତ

ଭର୍ଚୁଆଲ ମାଧ୍ୟମରେ ପ୍ରଧାନ ବିଚାରପତି ଡ. ଡି. ୱାଇ. ଚନ୍ଦ୍ରଚୂଡ଼ ଜିଲା କୋର୍ଟ ଡିଜିଟାଇଜେଶନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦୁପତ୍ର ତୋଳାଳି

ନବୀନ ନିବାସରେ ସୋମବାର କେନ୍ଦୁପତ୍ର ତୋଳାଳି ଏବଂ ବନ୍ଧାଳିମାନେ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛନ୍ତି।

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ରାଜ୍ୟର କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିମାନଙ୍କର ଅସ୍ଥାୟୀ କେନ୍ଦୁପତ୍ର କର୍ମଚାରୀ ସଂଘ ସୋମବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳିମାନଙ୍କୁ ସ୍ୱାଗତ କରିବା ସହ କହିଛନ୍ତି ଯେ, ମୁଁ ସବୁବେଳେ ଆପଣମାନଙ୍କ ସାଥିରେ ରହିଛି। ଆଗାମୀ ଦିନରେ

ପ୍ୟାକେଜ୍ ପାଇଁ ଜଣାଇଲେ କୃତଜ୍ଞତା

ଆପଣମାନଙ୍କ ଭଲ ପାଇଁ ବହୁତ ବହୁତ କାମ କରିବି। ଏହି ସମୟରେ ସେଠାରେ ଉପସ୍ଥିତ କେନ୍ଦୁପତ୍ର କର୍ମଚାରୀମାନେ ନବୀନ ପଟ୍ଟନାୟକ ଜିନ୍ଦାବାଦ୍ ଧ୍ୱନି ଦେଇ ପରିବେଶ କମ୍ପାଇ ଦେଇଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନିକଟରେ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ପାଇଁ ପ୍ୟାକେଜ୍ ଘୋଷଣା କରିଥିଲେ। ବିଭିନ୍ନ ଦାବି ଉପରେ କେନ୍ଦୁପତ୍ର ତୋଳାଳି ସଂଘ ସହ ମୁଖ୍ୟମନ୍ତ୍ରୀ ଗତ ନଭେମ୍ବର ୧୬ରେ ଆଲୋଚନା କରିଥିଲେ। ଆଲୋଚନାର ସପ୍ତାହକ ମଧ୍ୟରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳିଙ୍କୁ ୧୦୦୦ ଏବଂ ବନ୍ଧାଳି ଓ ଅନ୍ୟ କର୍ମଚାରୀଙ୍କ ଲାଗି ୧୫ଶହ ଟଙ୍କା ବୋନସ୍ ପ୍ରଦାନ କରିଛନ୍ତି। ସେହିଭଳି ତୋଳାଳି ଓ ବନ୍ଧାଳି ଏବଂ ଅସ୍ଥାୟୀ କର୍ମଚାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଇଛି।

ଡାକ୍ତରୀ ପାଠପଢ଼ା ପାଇଁ ବୈକୁଣ୍ଠଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଗରିବ ଛାତ୍ରଙ୍କୁ ଡାକ୍ତରୀ ପଢ଼ିବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଡାକ୍ତରୀ ପଢ଼ିବା ପାଇଁ ଅର୍ଥ ବାଧକ ସାଜିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ପୁରୀ ଜିଲାର ବୈକୁଣ୍ଠ ସେଠୀଙ୍କୁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇଛନ୍ତି। ପାଠପଢ଼ା ପାଇଁ ସମସ୍ତ

ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ

ଅର୍ଥ ରାଜ୍ୟ ସରକାର ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି ବୈକୁଣ୍ଠ।

ପୁରୀ ଜିଲା କଣାସ ବ୍ଲକ ତେଲଙ୍ଗାପଡ଼ାର ବୈକୁଣ୍ଠ ସେଠୀ ଏନ୍‌ଇଇଟି ଉତ୍ତୀର୍ଣ୍ଣ ହେବା ପରେ ଫକୀର ମୋହନ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ସୂଚନା ଆସିଥିଲା। ଦିନମଜୁରିଆ ପରିବାରର ବୈକୁଣ୍ଠ ବହୁକଷ୍ଟରେ ନାମ ଲେଖାଇଥିଲେ ମଧ୍ୟ ପଢ଼ା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ରେ ସକ୍ଷମ ହୋଇ ନ ଥିଲେ। ଏଥିପାଇଁ ସେ ସୋସିଆଲ ମିଡିଆରେ ସହଯୋଗ ଲୋଡ଼ିଥିଲେ। ଘଟଣାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗୁରୁତର ସହ ନେଇ ପଦକ୍ଷେପ ନେବାକୁ ଏସ୍‌ସି/ଏସ୍‌ଟି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ବୈକୁଣ୍ଠଙ୍କୁ ଯୋଗାଯୋଗ କରାଯାଇ ସରକାରଙ୍କ ତରଫରୁ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

କମିଲା ଶୀତ: ୮ ଜିଲାରେ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ ୧୩.୨, ଝାରସୁଗୁଡ଼ାରେ ୧୩.୫ ଡିଗ୍ରୀ ସେଲ୍‌ସିୟସ ଥିବା ଜଣାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ବାତ୍ୟା ମାଣ୍ଡୋସ ଯୋଗୁ ବାୟୁମଣ୍ଡଳରେ ଜଳୀୟବାଷ୍ପ ଭରି ରହିଛି। ଏଥିଯୋଗୁ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇଛି। ଏହି ଜଳୀୟବାଷ୍ପ ବାଷ୍ପୀଭୂତ ହେବାକୁ ଆହୁରି ସପ୍ତାହେ ଲାଗିବ। ଆସନ୍ତା ୨୧ ତାରିଖରୁ ପୁଣି ଶୀତ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ଆସନ୍ତା ସପ୍ତାହେ ଯାଏ ପାଗରେ ବିଶେଷ କିଛି ପରିବର୍ତ୍ତନ ହେବନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ଅନୁଗୋଳ, ଢେଙ୍କାନାଳ ଓ କଟକ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି।

କୃତଜ୍ଞତା ଜଣାଇଲେ ମିଶନ ଶକ୍ତି ସଦସ୍ୟା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ): ରାଜ୍ୟର ବିଭିନ୍ନ ଜିଲାର ମିଶନ ଶକ୍ତି ସଦସ୍ୟାମାନେ ସୋମବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ମହିଳାମାନଙ୍କୁ ସଶକ୍ତ କରିବାକୁ ନବୀନ ନେଇଥିବା ପଦକ୍ଷେପକୁ ପ୍ରଶଂସା କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସଦସ୍ୟାମାନେ କୃତଜ୍ଞତା ଜଣାଇଛନ୍ତି। ଫୁଲଫୁଲି ପକାଇ ନବୀନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହିଳାମାନଙ୍କ ସହିତ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ପରେ ସମସ୍ତଙ୍କ ସହ ଫଟୋ ଉଠାଇବା ସହିତ ଆଗାମୀ ଦିନରେ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଚର୍ଚ୍ଚିତ ମିଶ୍ରଙ୍କୁ ଇଡିର ୨ ଘଣ୍ଟା ଜେରା

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ): ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍)ର ନିର୍ଦ୍ଦେଶକ ତଥା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ପୁଅ ଚର୍ଚ୍ଚିତ ମିଶ୍ର

ଅଭୟକାନ୍ତଙ୍କ ବିଏମଡବ୍ଲ୍ୟୁ କିଣା ଲିଙ୍କ୍

ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେ ହାଜର ହୋଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ବିଏମଡବ୍ଲ୍ୟୁ କିଣା ଲିଙ୍କ୍‌ରେ ଚର୍ଚ୍ଚିତଙ୍କୁ ଇଡି ପୂର୍ବରୁ ନୋଟିସ କରିଥିଲା। ତେବେ ସେ ଓକିଲଙ୍କ ସହ ନିର୍ଦ୍ଧାରିତ ସମୟରେ ଇଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅଧିକାରୀମାନେ ତାଙ୍କୁ ୨ ଘଣ୍ଟାରୁ ଅଧିକ ସମୟ ଜେରା କରିଥିଲେ। ଚାକିରିରୁ ବହିଷ୍କୃତ ଆଇଏଫ୍‌ଏସ୍ ଅଧିକାରୀ ଅଭୟଙ୍କ ବେଆଇନ ଟଙ୍କା କାରବାର ତଦନ୍ତ କରୁଛି ଇଡି। ଅଭୟଙ୍କ ଦାମି ଗାଡି ବିଏମ୍‌ଡବ୍ଲ୍ୟୁ ଚର୍ଚ୍ଚିତଙ୍କ ଶୋ'ରୁମ୍‌ରୁ କିଣାଯାଇଥିଲା ବୋଲି ଇଡି ସୁରାକ ପାଇଥିଲା। ଗାଡି କିଣା ବାବଦ ଟଙ୍କାକୁ ନେଇ ଇଡି ଖୋଳତାଡ଼ କରୁଥିବାବେଳେ ଏ ସଂକ୍ରାନ୍ତରେ ଇଡି ଅଧିକାରୀମାନେ ଚର୍ଚ୍ଚିତଙ୍କୁ ପଚରାଉଚରା କରିଛନ୍ତି। ତେବେ ଚର୍ଚ୍ଚିତ ବାହାରିବା ପରେ ସମସ୍ତ ଡକ୍ୟୁମେଣ୍ଟ୍ ଇଡି ପାଖରେ ଦାଖଲ କରିବା ସହ ତଦନ୍ତରେ ସହଯୋଗ କରିଥିବା କହିଛନ୍ତି।

DSPL-364

ଗାଈଗୋରୁଙ୍କ ଚର୍ମବିଣ୍ଡି ରୋଗ (Lumpy Skin Disease) ଓ ତା'ର ପ୍ରତିକାର

ଚର୍ମବିଣ୍ଡି ରୋଗର ଲକ୍ଷଣ:

- ଚର୍ମବିଣ୍ଡିରୋଗଏକ ଭୂତାଣୁ ଜନିତ ରୋଗ ଓ କାପ୍ରିପକ୍ସ ନାମକ ଭାଇରସ ଦ୍ୱାରା ବ୍ୟାପିଥାଏ।
- ଏହା ଏକ ସଂକ୍ରାମକ ରୋଗ। ମଶା, ଡାଆଁଶ ଓ ଟିକ୍‌ମାନେ ଏ ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି।
- ଘା', ରକ୍ତ, ଲାଳ, ସିଙ୍ଘାଣି ଓ ଶୁକ୍ର ଦ୍ୱାରା ଏହି ରୋଗ ଗୋଟିଏ ପଶୁର ଶରୀରରୁ ଅନ୍ୟ ପଶୁର ଶରୀରକୁ ସଂକ୍ରମିତ ହୋଇଥାଏ।
- ଏହି ରୋଗ ହେଲେ ଗାଈଗୋରୁଙ୍କ ମୁଣ୍ଡ, ବେକ, ଗୋଡ ଓ ପହ୍ନା ଆଦିରେ ଆବୁ ବାହାରିଲା ପରି 'ଫୁଲା' ଦେଖାଯାଏ।
- ଆବୁଗୁଡିକ ଗୋଲାକାର, ଦେଖିବାକୁ କଳା ରଙ୍ଗର ଓ ଛୁଇଁଲେ ଟାଣ ଲାଗିଥାଏ।ଛୋଟ ଆକୃତିର ଆବୁଗୁଡିକ ଆପେ ମିଳେଇଯାଏ କିନ୍ତୁ ଅପେକ୍ଷାକୃତ ବଡ ଆବୁଗୁଡିକ ଗାଈଗୋରୁଙ୍କ ଶରୀରରେ କିଛି ମାସ ପର୍ଯ୍ୟନ୍ତ ରହିଥାଏ।
- ଆକ୍ରାନ୍ତ ଗାଈଗୋରୁଙ୍କ ଶରୀରର ତାପମାତ୍ରାରେ ବୃଦ୍ଧି ଘଟି ସେମାନେ ଜ୍ୱରରେ ପଡ଼ନ୍ତି ଓ ଚାଲିବାରେ କଷ୍ଟ ଅନୁଭବ କରିଥାନ୍ତି।

ନିରାକରଣ:

- ଆଶୁଚିକିତ୍ସା ପ୍ରଦାନ କଲେ ଏହି ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ। ଏ ରୋଗରେ ପ୍ରାୟତଃ ଗାଈଗୋରୁଙ୍କ ମୃତ୍ୟୁ ହୁଏନାହିଁ। ତେଣୁ ଭୟଭୀତ ନହୋଇ ନିଜେ ପାଳିଥିବା ଗୋରୁଗାଈଙ୍କ ଯତ୍ନ ନିଅନ୍ତୁ।
- ଆକ୍ରାନ୍ତ ଗୋରୁଗାଈଙ୍କୁ ସୁସ୍ଥ ପଶୁଙ୍କ ଠାରୁ ଦୂରରେ ରଖନ୍ତୁ। ନୂଆକରି ଆଣିଥିବା ଗୋରୁଗାଈଙ୍କୁ ଅତି କମରେ ତିନି ସପ୍ତାହ ପର୍ଯ୍ୟନ୍ତ ଅଲଗା ରଖନ୍ତୁ।
- ଗାଈଗୋରୁଙ୍କୁ ମଶା, ଡାଆଁଶ ଓ ଟିକ୍ଙ୍କ ଦାଉରୁ ରକ୍ଷା କରନ୍ତୁ। ଗୁହାଳ ପରିଷ୍କାର ରଖିବା ସାଙ୍ଗକୁ ଗୁହାଳ କାନ୍ଥରେ ଥିବା ଫାଟଗୁଡିକୁ ଆବଦ୍ଧ କରନ୍ତୁ।
- ଗୁହାଳ ଚତୁଃପାର୍ଶ୍ୱରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଓ ଗୁହାଳ ଠାରୁ ଉପଯୁକ୍ତ ଦୂରତାରେ ଗୋବର ପକାଇବାର ବ୍ୟବସ୍ଥା କରନ୍ତୁ।
- ଆକ୍ରାନ୍ତ ପଶୁଙ୍କୁ ଅନ୍ୟ ପଶୁଙ୍କ ସହ ଚରିବାକୁ ଛାଡନ୍ତୁ ନାହିଁ।
- ରୋଗ ଲାଗିଥିବା ସମୟରେ ଗୋରୁଗାଈଙ୍କ କିଣାବିକା କରନ୍ତୁ ନାହିଁ ଓ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରନ୍ତୁ ନାହିଁ।

- ଗାଈଗୋରୁଙ୍କୁ ଉପଯୁକ୍ତ ପରିମାଣର ଦାନା ଓ ସବୁଜ ଘାସ ଖାଇବାକୁ ଦିଅନ୍ତୁ, ପିଇବା ପାଇଁ ପର୍ଯ୍ୟାପ୍ତ ପରିମାଣ ସ୍ୱଚ୍ଛ ପାଣିର ବ୍ୟବସ୍ଥା କରନ୍ତୁ।
- ଆବୁ ଫାଟି ଘା' ସୃଷ୍ଟିହେଲେ ସେଥିରେ ମାଛିରୋଧକ ଆଣ୍ଟିସେପ୍ଟିକ ମଲମ ଲଗାଇବାର ବ୍ୟବସ୍ଥା କରନ୍ତୁ। ଗାଈଗୋରୁଙ୍କ ଶରୀରର ତାପମାତ୍ରା ବୃଦ୍ଧି ରୋକିବାକୁ ଆଣ୍ଟିପାଇରେଟିକ ଔଷଧ ଓ ଦ୍ୱିତୀୟ ପର୍ଯ୍ୟାୟ ଜୀବାଣୁ ସଂକ୍ରମଣ ରୋକିବାକୁ ଆଣ୍ଟିବାୟୋଟିକ୍ସ ଔଷଧ ପ୍ରଦାନ କରିବାର ବ୍ୟବସ୍ଥା କରନ୍ତୁ।
- ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ସଚେତନତା ସୃଷ୍ଟି କରାଯାଇ ଏ ରୋଗର ଚିକିତ୍ସା କରାଯାଉଛି। ତେଣୁ କୌଣସି ଅଞ୍ଚଳରେ ଏ ରୋଗ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀଧନ ନିରୀକ୍ଷକ, ପ୍ରାଣୀଚିକିତ୍ସକ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ଖବର ଦିଅନ୍ତୁ। ପ୍ରତି ବ୍ଲକରେ ଉପଲବ୍ଧ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବାର ସୁଯୋଗ ନିଅନ୍ତୁ।

OIPR-06014/13/0015/2223

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡ଼ିଶା

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ

ଭୋଟ ପାଇଁ ଭୋକ

ଭୂପେନ୍ଦ୍ର ପଟେଲ ୧୨ ଡିସେମ୍ବର ୨୦୨୨ରେ ଗୁଜରାଟର ୧୮ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା) ଗୁଜରାଟ ବିଧାନସଭା ନିର୍ବାଚନରେ ନିରଙ୍କୁଶ ଆସନ ଜିତି ୭ମ ଥର ପାଇଁ ରେକର୍ଡ ସୃଷ୍ଟି କରି କ୍ଷମତାସୀନ ହୋଇପାରିଛି। ଦୀର୍ଘ ବର୍ଷ ଧରି ଗୋଟିଏ ରାଜନୈତିକ ଦଳ ହାତରେ କ୍ଷମତା ରହିବା ସେଠାକାର ରାଜ୍ୟବାସୀଙ୍କୁ ବ୍ୟଥିତ କରିନାହିଁ ବୋଲି ସଦ୍ୟସମାପ୍ତ ଫଳାଫଳରୁ ସ୍ପଷ୍ଟ ହୋଇଛି। ୧୮୨ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ୧୫୬ ଆସନ ପାଇଥିବା ବେଳେ କଂଗ୍ରେସ ୧୭ ଓ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ୫ ସିଟ୍ ହାସଲ କରିଛନ୍ତି। ୨୦୧୭ରେ ଭାଜପା ୯୯ ଆସନ ପାଇଥିବା ବେଳେ କଂଗ୍ରେସ ୭୮ ସିଟ୍ ପାଇଥିଲା। ଚଳିତ ଥର ଦେଶବ୍ୟାପୀ ଲୋକେ ଅନାଇ ରହିଥିଲେ ଗୁଜରାଟ ନିର୍ବାଚନର ଫଳାଫଳ କ'ଣ ହେବ। ଅନେକ ରାଜନୈତିକ ବିଶେଷଜ୍ଞ ଆକଳନ କରିଥିଲେ ସରକାର ବିରୋଧୀ ପବନ ବହିବ ଓ ସେଥିରେ ଭାଜପା ଉଡ଼ିଯିବ। ଆଉ କିଛି ଭାବିଥିଲେ ପଞ୍ଜାବରେ ଏଏପି ଯେଭଳି ସମସ୍ତଙ୍କୁ ଆଚମ୍ବିତ କରି କ୍ଷମତାକୁ ଆସିଥିଲା, ସେହିଭଳି କିଛି ଗୋଟେ ହୋଇପାରେ। ଏଥିସହିତ କଂଗ୍ରେସ ପୂର୍ବାପେକ୍ଷା ଅଧିକ ଆସନ ପାଇପାରେ ବୋଲି ଗଣନା କରାଯାଉଥିଲା। ହେଲେ ଭାଜପା ସେହିସବୁ ଅନୁମାନ ସମୀକରଣକୁ ଭୁଲ୍ ପ୍ରମାଣିତ କରି ପୂର୍ବାପେକ୍ଷା ସେଠାରେ ଅଧିକ ଦୃଢ଼ ହୋଇଯାଇଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ ଗୁଜରାଟ ନିର୍ବାଚନରେ ଭାଜପାର ଭୋଟ ପ୍ରତିଶତ ୫୨.୫୦ ରହିଥିବା ବେଳେ କଂଗ୍ରେସର ୨୭.୨୮ ପ୍ରତିଶତ ଓ ଏଏପି ଭାଗରେ ୧୨.୯୨ ପ୍ରତିଶତ ଭୋଟ ପଡ଼ିଛି। ଏଏପି ଓ କଂଗ୍ରେସର ଭୋଟ ପ୍ରତିଶତକୁ ମିଶାଇ ଦେଲେ ୪୦.୨୦ ପ୍ରତିଶତ ରହୁଥିବା ବେଳେ ତାହାଠାରୁ ଭାଜପା ୧୨.୩୦ ପ୍ରତିଶତ ଅଧିକ ରହୁଛି। କୁହାଯାଉଛି ଏଏପି ସେଠାରେ ନିର୍ବାଚନ ଲଢ଼ି ନ ଥିଲେ କଂଗ୍ରେସର ଭୋଟ ମାର୍ଜିନ୍ ବଢ଼ିଥାଆନ୍ତା। ଯାହା କୁହାଯାଉଥିଲା ଯେ ଏଏପିର ଗୁଜରାଟ ପ୍ରବେଶ ଭାଜପା ପାଇଁ କାଳ ହେବ, ବରଂ ତାହା ନ ହୋଇ ଗୈରିକ ଦଳ ସକାଶେ ଆଶୀର୍ବାଦ ପାଲଟିଲା। ଏଥିସହିତ ଆସାଦୁଦ୍ଦିନ୍ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ଗୁଜରାଟରୁ ଶୂନ ଦଶମିକ ୨୯ ପ୍ରତିଶତ ଭୋଟ ନେଇ କଂଗ୍ରେସ ଭୋଟକୁ ମଧ୍ୟ ମାଇନସ୍ କରିଥିବା ଜଣାପଡ଼ିଛି। ଅନୁମାନ କରାଯାଉଥିଲା ବିଲ୍‌କିସ୍ ବାନୋ ମାମଲାରେ ଯେଭଳି ଭାବେ ଅଭିଯୁକ୍ତମାନଙ୍କୁ ଛାଡ଼ି ଦିଆଯାଇଥିଲା, ତାହା ଏକ ପ୍ରସଙ୍ଗ ପାଲଟି ଭାଜପା ଭୋଟକୁ ଭାଗ କରିପାରେ। ତାହା ମଧ୍ୟ ବିଫଳ ହେଲା।

ଉପରଲିଖିତ ବିଷୟକୁ ଆଲୋଚନା କଲେ ପ୍ରଶ୍ନ ଉଠୁଛି ଭାଜପା କେଉଁ ରଣକୌଶଳ ପ୍ରୟୋଗ କରି ଏଭଳି ସଫଳତା ପାଇପାରିଛି। ଦଳୀୟ ନିର୍ବାଚନ ପରିଚାଳନାରେ ଅତି ସୂକ୍ଷ୍ମ ବୁଦ୍ଧି ଖଟାଇ ଭାଜପା ସୁବିଧା ହାତେଇଛି। ଧର୍ମଭିତ୍ତିକ ରାଜନୀତି କରିବାରେ ଏହି ଦଳର ଅତୀତ ଅତ୍ୟନ୍ତ ଶକ୍ତିଶାଳୀ। ଏହାର ଦୃଷ୍ଟାନ୍ତ ଉତ୍ତରପ୍ରଦେଶଠାରୁ ଆରମ୍ଭକରି ଗୁଜରାଟ ଯାଏ ଦେଖିବାକୁ ମିଳିଛି। କିନ୍ତୁ ଯେଉଁଠାରେ ଜାତିଭିତ୍ତିକ ପ୍ରସଙ୍ଗକୁ ନେଇ ଲଢ଼େଇ ହୋଇଛି ସେଠାରେ ଭାଜପା ପଛରେ ରହିଛି। ବିହାର ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ। ସେଥିପାଇଁ ବିହାରରେ ଦଳ ଆଶାନୁରୂପ ସଫଳତା ପାଇପାରୁ ନାହିଁ। ରାମ ମନ୍ଦିର ପ୍ରତିଷ୍ଠା କଥା କହି ଭାଜପା ଉତ୍ତରପ୍ରଦେଶ ସମେତ ଉତ୍ତର ଭାରତ ରାଜ୍ୟଗୁଡ଼ିକରେ ନିର୍ବାଚନ ଜିତିବା ସହିତ ଦେଶବ୍ୟାପୀ ଏକ ହିନ୍ଦୁ ଧର୍ମୀୟ ଭାବନା ଜାଗରଣ କରିପାରିଥିବାରୁ ତାହାର ପ୍ରଭାବ ଗୁଜରାଟ ନିର୍ବାଚନ ଉପରେ ପଡ଼ିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ହିମାଚଳ ପ୍ରଦେଶ ସର୍ବଦା ବ୍ୟତିକ୍ରମ ସୃଷ୍ଟି କରିଆସିଛି। ସେଠାକାର ଭୋଟର ଅତ୍ୟନ୍ତ ସଚେତନ ଓ କୌଣସି ନିର୍ଦ୍ଦିଷ୍ଟ ଦଳ ଉପରେ ସମ୍ପୂର୍ଣ୍ଣ ଭରସା ନ କରି ପ୍ରତି ୫ ବର୍ଷରେ ଥରେ ପଟ ପରିବର୍ତ୍ତନ କରିବାରେ ଲାଗିଛନ୍ତି। କର୍ନାଟକକୁ ଛାଡ଼ିଦେଲେ ଦକ୍ଷିଣ ଭାରତରେ ଲୋକଙ୍କ ପାଇଁ ସ୍ଥାନୀୟ ପ୍ରସଙ୍ଗ ମୁଖ୍ୟ ବିଷୟ ପାଲଟିଥାଏ। ସମ୍ଭବତଃ ସେଥିଲାଗି ଆଞ୍ଚଳିକ ଦଳଗୁଡ଼ିକ ଦକ୍ଷିଣ ଭାରତରେ ଶାସନ କରୁଛନ୍ତି। ଓଡ଼ିଶା କଥା ଦେଖିଲେ ଜାତୀୟ ଦଳ ଭାଜପା ଓ କଂଗ୍ରେସ ଅପେକ୍ଷା ବିଜୁ ଜନତା ଦଳ(ବିଜେଡି) ବହୁ ଆଗରେ ରହିଛି। ଯଦି ଏଠାରେ ଅନ୍ୟ କୌଣସି ଆଞ୍ଚଳିକ ଦଳର ଆବିର୍ଭାବ ଘଟେ, ହୁଏତ ତାହା ବିଜେଡି ପ୍ରତି ଆହ୍ୱାନ ସୃଷ୍ଟି କରିପାରେ। ଅପରପକ୍ଷରେ ମଧ୍ୟପ୍ରଦେଶ ଭଳି କେନ୍ଦ୍ରୀୟ ଭାରତରେ ଭାଜପା ଧର୍ମକୁ ନେଇ ରାଜନୀତି କରିପାରୁଥିବା ବେଳେ ପଶ୍ଚିମ ଭାରତ ବିଶେଷକରି ମହାରାଷ୍ଟ୍ର ଓ ଗୋଆରେ ତାହାର ଉପସ୍ଥିତି କମୁଥିବା ଲକ୍ଷ୍ୟ କରାଯାଉଛି। ଏଥିରୁ ଏହା ମଧ୍ୟ ବୁଝାଯାଇପାରେ ଯେ, ଯେଉଁସବୁ ଜାଗାରେ ମୁସଲମାନ ସମ୍ପ୍ରଦାୟର ଜନସଂଖ୍ୟା ଅଧିକ ରହୁ ନାହିଁ, ସେଠାରେ ଧର୍ମଭିତ୍ତିକ ଉତ୍ତେଜନା ବୃଦ୍ଧି ପାଉନାହିଁ। ଯେଉଁଠାରେ ଉତ୍ତେଜନା ନାହିଁ ସେଠାରେ ଭାଜପାର ଭୋଟ କମିଯାଉଛି।

୨୦୨୪ ସାଧାରଣ ନିର୍ବାଚନ ଲାଗି ସବୁ ରାଜନୈତିକ ଦଳ ଏବେଠାରୁ ଅଙ୍କ କଷିବା ଆରମ୍ଭ କଲେଣି। କିନ୍ତୁ ଦେଖାଯାଉଛି ଭାଜପାର ନିର୍ବାଚନ ପରିଚାଳନା ରଣନୀତି ଆଗରେ ରହୁଛି। ଗୁଜରାଟ କଥା ଦେଖିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟୁ ସମାଲୋଚନା କରୁଥିବା ହାର୍ଦ୍ଦିକ୍ ପଟେଲ ଓ ଅଳ୍ପେଶ ଠାକୁରଙ୍କୁ ଭାଜପା ନିଜ ଆଡ଼କୁ ଆଣିବାରେ ସକ୍ଷମ ହୋଇଥିଲା। ଫଳରେ ଏହା ଦଳକୁ ଲାଭ ପହଞ୍ଚାଇଲା। କିନ୍ତୁ ସମାଲୋଚନାକାରୀଙ୍କ କଥାକୁ ଠିକ୍ ଭାବେ ତର୍ଜମା ନ କରି କଂଗ୍ରେସ ତତ୍‌କ୍ଷଣାତ୍ ତାହାର ନେତାଙ୍କୁ ତଡ଼ି ଦେଉଥିବାରୁ ଦଳ ପାଇଁ କ୍ଷତି ଘଟୁଛି। ଗତ କିଛି ବର୍ଷ ହେବ କଂଗ୍ରେସ ନେତାମାନେ ନରମ ହିନ୍ଦୁତ୍ୱ ପ୍ରଦର୍ଶନ କରି ମନ୍ଦିର ଯାଇ ପୂଜା କରୁଛନ୍ତି କିମ୍ବା ପଇତା ପ୍ରଦର୍ଶନ କରି ନିଜ ସକାଶେ ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି କରୁଛନ୍ତି। ଦିଲ୍ଲୀ ଓ ପଞ୍ଜାବକୁ ଛାଡ଼ିଦେଲେ ସମାନ ଅବସ୍ଥା ଏଏପି କ୍ଷେତ୍ରରେ ଦେଖିବାକୁ ମିଳୁଛି। ତେଣୁ ଗଣତାନ୍ତ୍ରିକ ନିର୍ବାଚନ ବ୍ୟବସ୍ଥାରେ ଭୋଟ ହାସଲ କରି ଯିଏ ଶାସନ କ୍ଷମତାରେ ବସିପାରିଲେ ସେ ସର୍ବଶକ୍ତିଶାଳୀ ହୋଇପାରିଲେ। ଭାଜପା ପାଇଁ ନିର୍ବାଚନ ଭୋକ ପାଲଟି ଯାଇଥିବାରୁ ତାହାକୁ ମେଣ୍ଟାଇବା ସକାଶେ ତୃଣମୂଳ ସ୍ତରରୁ ଉଦ୍ୟମ ହେଉଛି। ୫ ବର୍ଷ ଅର୍ଥନୀତିକୁ ଜଗାଯାଉ ନାହିଁ କିମ୍ବା ପଡ଼ୋଶୀ ଦେଶ ସହ ସୁସମ୍ପର୍କ ସ୍ଥାପନ କରାଯାଇପାରୁ ନାହିଁ। ଯାହାଫଳରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ସହିତ ଚାଇନାର ଆକ୍ରମଣ ଅବ୍ୟାହତ ରହିଛି। ଏହାର ମୁଖ୍ୟ କାରଣ ହେଉଛି ଶାସକ ଭାଜପା କେବଳ ନିର୍ବାଚନ ପାଇଁ ସର୍ବଦା ପ୍ରସ୍ତୁତି ଚଳାଇଚାଲିଛି। ସମ୍ଭବତଃ 'ଭୋଟ ପାଇଁ ଭୋକ' ଆଭିମୁଖ୍ୟ ରଖି ଭାଜପା ଆଗଉଥିବାରୁ ଅନ୍ୟ ରାଜନୈତିକ ଦଳଗୁଡ଼ିକ ପଛରେ ପଡ଼ିଯାଉଛନ୍ତି। ଗଣତନ୍ତ୍ର ପାଇଁ ଏହାର ଦୀର୍ଘମିଆଦୀ କୁପ୍ରଭାବ ଥିଲେ ମଧ୍ୟ ବର୍ତ୍ତମାନ ସ୍ଥିତିରେ ଯିଏ ଜିତିଲେ ସେ ସିକନ୍ଦର ହୋଇ ଯାଉଛନ୍ତି।

ଡ୍ୟୁଟି ନ କଲେ ବି ଦରମା ମିଳୁଛି

ସହଦେବ ସାହୁ

ଏବେ ପ୍ରତି ନାଗରିକଙ୍କ ମନରେ ସନ୍ଦେହ ଉଠିଲାଣି 'ଆମ ଏମ୍‌ପିମାନଙ୍କୁ ଦିଆଯାଉଥିବା ପଇସାର ମୂଲ୍ୟ ମିଳୁଛି ତ?' (ସମାନ ସନ୍ଦେହ ଓ ପ୍ରଶ୍ନ ଆମ ଏମ୍‌ଏଲ୍‌ଏମାନଙ୍କ ପ୍ରତି ଲାଗୁ ହେବ।) ସମସ୍ତେ ଚାହାନ୍ତି ଜିନିଷପତ୍ରର ମୂଲ୍ୟ ବଢ଼ିବା (ମୁଦ୍ରାସ୍ଫୀତି ହାର ବଢ଼ିବା) ସଙ୍ଗେ ସଙ୍ଗେ ସେମାନଙ୍କର ଦରମା ବା ମଜୁରି ବଢୁ। କିନ୍ତୁ ବଢ଼ାଇବା ସେମାନଙ୍କ ହାତରେ ନ ଥାଏ। ଏପରି ନିୟମ କରିଥିବା ଲୋକେ, ଏମ୍‌ପି ଓ ଏମ୍‌ଏଲ୍‌ଏମାନେ, ନିଆରା: ସେମାନେ ନିଜେ ଦରମା ବଢ଼ାଇପାରିବେ। ସେମାନେ ଏମିତି ଗୋଟିଏ ଏକଚାଟିଆ କ୍ଲବର ସଭ୍ୟ ଯେ ସେହି କ୍ଲବ୍ ତାହାର ସଭ୍ୟମାନଙ୍କୁ ବଡ଼ ଉଦାର ଚିତ୍ତରେ ଦେଖେ। ଗତଥରର ଦରମା, ଭତ୍ତା ଆଦି ବୃଦ୍ଧିର ୪ବର୍ଷ ନ ପୂରୁଣୁ ସେମାନେ ସଂସଦରେ ପୁନର୍ବାର ଦରମା ଆଦି ବୃଦ୍ଧି ଦାବିକଲେ। ସମ୍ବିଧାନର ଧାରା ୧୦୬ ଅନୁଯାୟୀ ସେମାନେ ନିଜେ ଦରମା ବଢ଼ାଇ ଆସୁଥିଲେ, କେନ୍ଦ୍ରରେ ଭାଜପା ସରକାର ଆସିଲା ପରେ ଏମ୍‌ପିମାନଙ୍କ ଗୋଟିଏ କମିଟି ଦରମା ନିର୍ଣ୍ଣୟ କରୁଛି, ଭତ୍ତା ଆଦି କେନ୍ଦ୍ର ସରକାର ନିର୍ଦ୍ଧାରଣ କରୁଛନ୍ତି। ଏମ୍‌ପିମାନଙ୍କ କମିଟି ସୁପାରିସ କଲା ଦରମା ୨ଗୁଣ କରିଦିଅ ଓ ପେନ୍‌ସନକୁ ଶତକଡ଼ା ୭୫ ଭାଗ ବଢାଇଦିଅ। ଅବଶ୍ୟ ସର୍ବଭାରତୀୟ ସେବା ଅଧିକାରୀ ତଥା କମ୍ପାନୀ କର୍ମଚାରୀମାନଙ୍କ ଦରମା ସହ ତୁଳନାକଲେ ଏହା କମ୍ ଜଣାଯିବ, କିନ୍ତୁ ଏମ୍‌ପିମାନଙ୍କ କ୍ଷେତ୍ରରେ ଦରମା ତ ମୂଳଦୁଆ, ତା' ଉପରେ ଅଛି ବହୁତ ରକମର ପ୍ରିଭିଲେଜ୍ ଓ ପର୍କ୍ୟୁଜାଇଟସ୍ (ସ୍ୱାଧିକାର ଏବଂ ଉପୁରି)। ମାସିକ ନିର୍ବାଚନମଣ୍ଡଳୀ ଭତ୍ତା ୫୦ ହଜାର ଟଙ୍କା ମିଳେ। ଦିଲ୍ଲୀରେ ଘର ମାଗଣା। ଘରଖର୍ଚ୍ଚ, ଫୋନ୍, ବିଜୁଳି, ପାଣି, ଓ ମ୍ୟୁନିସିପାଲିଟି ସେବା – ସବୁ ସରକାର ଭରନ୍ତି; ପୁଣି ସବୁଗୁଡ଼ାକ ଆୟକରମୁକ୍ତ। ସେମାନେ ତ ଆଇନ ତିଆରିକରିବା ଲୋକ, ଏମିତି ଆଇନ କରିନେଇଛନ୍ତି। ସେମାନଙ୍କ ଟଙ୍କାଟା ଆମମାନଙ୍କର ଟଙ୍କେ ତିରିଶ ପଇସାରୁ ଅଧିକ। କାମ ଏମିତିକା ଯେ ନିଯୁକ୍ତିପତ୍ର ପାଇଲା ପରଠୁ ଦରମା ମିଳେ, କାମ କର କି ନ କର; ସଂସଦର ଉପସ୍ଥାନ ଖାତାରେ ଦସ୍ତଖତ କରିଦେଲେ ସଂସଦର ଅଧିବେଶନରେ ଯୋଗଦେଉଛ ବୋଲି ଧରାଯିବ, ତା' ପରେ ଯାହା କରୁଛ କି ଯୁଆଡେ ଯାଉଛ ଯାଅ; ଦସ୍ତଖତ ଦିନ ଦିନକୁ ୨୦୦୦ ଟଙ୍କା ଭତ୍ତା। ଏମ୍‌ପି କାର୍ଯ୍ୟକାଳ ସରିଗଲେ (ଲୋକସଭା ଦିନଟିଏ ବସିଥିଲେ ବି) ସେ ପେନ୍‌ସନ ପାଇବ, ପୁନଃ ନିର୍ବାଚିତ ହେଲେ ପୁନଃ ପେନ୍‌ସନ ପାଇବ – ତାହା ପୁରୁଣା ପେନ୍‌ସନ ସାଙ୍ଗେ ମିଶିଯାଉଥିବ, ପୁଣି ଇହଧାମ ତ୍ୟାଗ କଲେ ପରିବାରକୁ ପେନ୍‌ସନ ମିଳିବ। ତା' ଅନୁକରଣରେ ବିଧାନସଭା ମେୟର ବି ଏମିତି ସୁବିଧା ପାଆନ୍ତି। ବେଶିଥର ସାଂସଦ ବା ଏମ୍‌ଏଲ୍‌ଏ ହେଲେ ପେନ୍‌ସନ ଦରମାଠାରୁ ବେଶି! ଆଶ୍ଚର୍ଯ୍ୟ ଲାଗୁଛି କି? ୬ ଥର ଏମ୍‌ଏଲ୍‌ଏ ହୋଇଥିବା ହରିୟାଣାର କ୍ୟାପ୍ଟେନ୍ ଅଜୟ ସିଂ ଯାଦବ ମାସକୁ ୨ଲକ୍ଷ ୩୮ହଜାର ୫୦ ଟଙ୍କା ପେନ୍‌ସନ ପାଉଛନ୍ତି। ଔଚିତ୍ୟ ପାଣିରେ ପଡ଼ିଯାଇଛି, ଥରେ ଥରେ ମନେହେଉଛି ସରକାରୀ ତହବିଲଟା ଦଳୀୟ ପାଣ୍ଠି!

ଲୋକ ପ୍ରତିନିଧିମାନଙ୍କ ସଭାଗୃହ ହେଉଛି ଲୋକ ସଭା, ରାଜ୍ୟ ପ୍ରତିନିଧିମାନଙ୍କ ସଭାଗୃହ ରାଜ୍ୟ ସଭା। ଆଲୋଚନା ବ୍ୟତୀତ କୌଣସି ଜରୁରୀ ବିଷୟ ନଜରକୁ ଆସିଲେ ସେଥିପ୍ରତି ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ଓ ପ୍ରଶାସନ(ସରକାର)ର କୈଫିୟତ୍ ମାଗିବାକୁ ମୁଲତବୀ ପ୍ରସ୍ତାବ (ଆଡଜର୍ନମେଣ୍ଟ ମୋସନ) ଆଣିବା। ଅମାନିଆ ହେଲେ ସରକାରକୁ ହଟାଇବା ଲାଗି ଅନାସ୍ଥା ପ୍ରସ୍ତାବ ଆଣିବା – ଏପରି ୫ଥର ଆସିଛି ୧୯୭୯,୧୯୯୦,୧୯୯୬,୧୯୯୭ ଓ୧୯୯୯ ରେ; ତା' ପରେ ଗୋଟିଏ ହେଲେ ନାହିଁ, କାରଣ ୨୦୦୩ ରେ ସମ୍ବିଧାନ ସଂଶୋଧନ କରି ସେତେବେଳର କଂଗ୍ରେସ ପରିଚାଳିତ କ୍ୟାବିନେଟ୍ ଏମ୍‌ପିମାନଙ୍କୁ ଦଳର ପ୍ରତିନିଧି କରିଦେଲେ, ନାମକୁ ମାତ୍ର ଲୋକପ୍ରତିନିଧି। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ଦଳପତି ନିର୍ବାଚନ ଅଧିକାରୀଙ୍କୁ ଯାହାର ନାମ ପଠାଇବେ ସେହି ଲୋକ ହିଁ ଏମ୍‌ପି ବା ଏମ୍‌ଏଲ୍‌ଏ ପ୍ରାର୍ଥୀ ହୋଇପାରିବ, ତାଙ୍କ ଜିତିବାରେ ଦଳ କୋଟି କୋଟି ଟଙ୍କା ଖର୍ଚ୍ଚ କଲେ ବି ତାହା ସମ୍ପୃକ୍ତ ପ୍ରାର୍ଥୀଙ୍କର ଖର୍ଚ୍ଚସୀମାରେ ଗଣାହେବ ନାହିଁ। ଜବାହରଲାଲ ନେହେରୁଙ୍କ କାଳରେ ଯେପରି ଯଶସ୍ୱୀ ବ୍ୟକ୍ତିମାନେ ଏମ୍‌ପି ହୋଇପାରୁଥିଲେ ତା' ଏବେ ଅସମ୍ଭବ। ଏଣିକି ସମସ୍ତେ ଦଳନେତାଙ୍କ ଗୋଡ଼ଣି ଅଣି, ନିର୍ବାଚନ ଫଳ ଆଉ ଜନାଦେଶ ହେବ ନାହିଁ, ତା' ଦଳାଦେଶ ହେବ।

ଏହାର ଫଳ ଗତ ଦେଢ ଦଶନ୍ଧିରେ ମିଳିଗଲାଣି। ଏମ୍‌ପିମାନେ (ସେହିଭଳି ଏମ୍‌ଏଲ୍‌ଏମାନେ) ଆଉ ଲୋକ ପ୍ରତିନିଧି ଭଳି କାମ କରୁନାହାନ୍ତି। ବଜେଟ ବିନା ଆଲୋଚନାରେ ପାସ୍ ହେଉଛି, ଲୋକ ସଭା ବର୍ଷକରେ ୧୦୦ ଦିନ ବି ବସୁନାହିଁ। ବର୍ଷକରେ ୩ଟି ଅଧିବେଶନ ବସୁଛି, କାରଣ ସମ୍ବିଧାନ କହୁଛି ଯେ ଦୁଇଟି ଅଧିବେଶନ ଭିତରେ ୬ ମାସରୁ ବେଶି ବ୍ୟବଧାନ ରହିବ ନାହିଁ। ଏ ପ୍ରାବଧାନ ନ ଥିଲେ ଲୋକ ସଭା ଶାସକଦଳର ଦଳପତିଙ୍କ ମର୍ଜିରେ ବସନ୍ତା। ଯେହେତୁ ପ୍ରତିନିଧିମାନେ ବଜେଟ ପାସ୍ କଲେ ହିଁ ସରକାର ଖର୍ଚ୍ଚ କରିପାରିବେ। ତେଣୁ ବଜେଟ ସେସନ ଡକାହେବ। ୧୯୫୨ରୁ୧୯୭୦ ମଧ୍ୟରେ ଲୋକ ସଭା ବର୍ଷକୁ ୧୨୧ ଦିନ ବସୁଥିଲା ତ ୨୦୦୦ ରେ ମାତ୍ର ୬୮ ଦିନ ବସିଛି। ଏବେ ବର୍ଷଯାକ ୧୦୦ ଦିନ ବି ବସୁନାହିଁ। ମୁଲତବୀ ପ୍ରସ୍ତାବ ପ୍ରାୟ ଆସୁନାହିଁ। ତେଣୁ ଜରୁରୀ ବିଷୟ ସଙ୍ଗେ ସଙ୍ଗେ ଲୋକ ସଭା ବା ବିଧାନସଭାରେ ଆଲୋଚିତ ହେଉନାହିଁ।

ରାଜ୍ୟଗୁଡ଼ିକର ବିଧାନସଭା ବି ସେହିପରି। ଓଡ଼ିଶା ବିଧାନସଭା କଥା ଦେଖନ୍ତୁ, ଗତ ୮୩ବର୍ଷରେ ମାତ୍ର ୧୨ ଥର ବର୍ଷକୁ ୬୦ ଦିନିଆ ଅଧିବେଶନ ହୋଇଛି: ସପ୍ତାହକୁ ଦିନେ ପାଖାପାଖି। ଦିନକ ଅଧିବେଶନ ପାଇଁ ସିକ୍ୟୁରିଟି ଓ ଅନ୍ୟ ବନ୍ଦୋବସ୍ତ ଉପରେ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହୁଏ। ୧୯୫୨ରୁ ୧୯୭୦ ଭିତରେ ବର୍ଷକୁ ହାରାହାରି ୧୨୧ ଦିନ ଆସେମ୍ବ୍ଲି ବସୁଥିଲା ବେଳେ ଏବେ ବର୍ଷକୁ ପ୍ରାୟ ୬୮ ଦିନ ବସୁଛି। ଲୋକଙ୍କ ସମସ୍ୟା ଆଲୋଚନା ପାଇଁ ବିଧାୟକମାନେ ସିରିଅସ୍ ନୁହନ୍ତି, ବିଧାନସଭା ଚଳାଇବାରେ ରାଜନୈତିକ ଦଳଗୁଡ଼ିକ ସିରିଅସ୍ ନୁହନ୍ତି। ଆଲୋଚନା, ବିତର୍କ ଓ ବିଧାୟକଙ୍କ ଦାୟିତ୍ୱ ନିଭାଇବା ସେମାନେ ଚାହୁଁନାହାନ୍ତି। ସରକାରୀ କର୍ମଚାରୀମାନେ ସପ୍ତାହରେ ଦିନେ କାମ କରି ବର୍ଷକର (୫୨ ସପ୍ତାହର) ଦରମା ପାଇବେ କି? ନୋ ୱାର୍କ ନୋ ପେ, 'କାମ କରୁନାହଁ ତ ଦରମା ନାହିଁ' – ଏ ନିୟମ ତ ବିଧାୟକ ଓ ସାଂସଦମାନେ ତିଆରି କରିଛନ୍ତି, ନିଜ ପ୍ରତି କାହିଁକି ଲାଗୁ କରୁନାହାନ୍ତି?

୨୦୦୩ର ସମ୍ବିଧାନ ସଂଶୋଧନ ପରଠାରୁ ଦଳପତି ଯାହାଙ୍କ ନାଁ ନିର୍ବାଚନ ଅଧିକାରୀଙ୍କୁ ଲେଖି ଦେବେ ସେ ହିଁ ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ, ସେ ନିର୍ବାଚନମଣ୍ଡଳୀର ଭୋଟର ନ ହୋଇଥିଲେ ବି। ପ୍ରତିନିଧିଙ୍କ ଅଯୋଗ୍ୟତାରେ ଯୋଡ଼ାଗଲା ଦଳର ନିର୍ଦ୍ଦେଶ (ହ୍ୱିପ୍)କୁ ନ ମାନିବା। ତେଣୁ ଏବେ ଏମ୍‌ଏଲ୍‌ଏ ଓ ଏମ୍‌ପିମାନେ 'ଲୋକ'ପ୍ରତିନିଧି ନୁହନ୍ତି, 'ଦଳ'ପ୍ରତିନିଧି ହୋଇଗଲେଣି; ଭୋଟଫଳ 'ଜନାଦେଶ' ନୁହେଁ 'ଦଳାଦେଶ' ହେଉଛି। ତେଣୁ ନିର୍ବାଚନକୁ ନିୟନ୍ତ୍ରଣ କରୁଥିବା ଆଇନକୁ ଲୋକ ପ୍ରତିନିଧି ଆଇନ (ଆର୍‌ପିଏ) ନ କହି ରାଜନୈତିକ ଦଳ ପ୍ରତିନିଧି ଆକ୍ଟ (ଗୋଟିଏ ଅଧିକା 'ପି' ଯୋଡ଼ି ରିପ୍ରେଜେଣ୍ଟେଶନ ଅଫ୍ ପଲିଟିକାଲ୍ ପାର୍ଟିଜ୍ ଆକ୍ଟ, 'ଆର୍‌ପିପିଏ' କହିଲେ ଠିକ୍ ଅର୍ଥ ବୁଝାଇବ।

sahadevas@yahoo.com

ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

ଡା. ସମ୍ରାଟ୍ କର

ଗତ କିଛି ଦଶନ୍ଧିରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖାଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍‌ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ କୁପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ' ଆଦି ଯୋଗୁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମକୁ ସାମ୍ନା କରିବେ।

ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି; ଯାହାର ନିରାକରଣ ପାଇଁ ଏ ପର

ଦକ୍ଷତା ବିକାଶ ଶିକ୍ଷାକୁ ଗୁରୁତ୍ୱ

ଅଷ୍ଟ୍ରେଲିଆ ପ୍ରତିନିଧିଙ୍କ ସହ ରାଜ୍ୟ ସରକାରଙ୍କ ଆଲୋଚନା

ଆଲୋଚନାବେଳେ ଅଷ୍ଟ୍ରେଲିଆ ପ୍ରତିନିଧିଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ରାଜ୍ୟରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱାରୋପ କରିଛି। ଏଥିନିମନ୍ତେ ବିଭିନ୍ନ ପଦକ୍ଷେପ ଓ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ରାଜ୍ୟ ସରକାର ଓ ଅଷ୍ଟ୍ରେଲିଆନ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ଅଷ୍ଟ୍ରେଲିଆ ମିନିଷ୍ଟର କାଉନ୍‌ସିଲ(ଶିକ୍ଷା ଓ ଗବେଷଣା)ର ମି. ମାଥ୍ୟୁ ଜନ୍‌ଷ୍ଟନ, ଡାଇକିନ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ର. ଇୟାନ୍ ମାର୍ଟିନ୍, କୋଲକାତାସ୍ଥିତ ଅଷ୍ଟ୍ରେଲିଆନ୍ କନ୍‌ସୁଲେଟ୍ ଜେନେରାଲ୍‌ଙ୍କୁ ନେଇ ଗଠିତ ମିଳିତ ପ୍ରତିନିଧି ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଏଥିସହ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ ସୃଜନଶୀଳତାର ବିକାଶ ନିମନ୍ତେ ସହଯୋଗର ନକ୍ସା ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଉପସ୍ଥାପିତ କରିଥିଲେ। ଅଷ୍ଟ୍ରେଲିଆର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକର ଉଚ୍ଚଶିକ୍ଷାର ସମ୍ପୂର୍ଣ୍ଣ ଚିତ୍ର ତଥା ବିଶ୍ୱରେ ଗବେଷଣା କ୍ଷେତ୍ରରେ ଉପଲବ୍ଧି କରିଥିବା ତଥ୍ୟ ସଂକ୍ରାନ୍ତରେ ଶିକ୍ଷାବିତ୍‌ମାନେ ଅବଗତ ହୋଇଥିଲେ।

ମନ୍ତ୍ରୀ ପୂଜାରୀ କହିଲେ, ଛାତ୍ରୀଛାତ୍ର ଦକ୍ଷ ହେବା ଜରୁରୀ। ସେମାନେ ଚାକିରି ନ ଖୋଜି କିପରି ଚାକିରୀ ପ୍ରଦାନକାରୀ ହୋଇପାରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି। ସହଯୋଗଭିତ୍ତିକ ଶିକ୍ଷା ପ୍ରଦାନରେ ଓଡ଼ିଶାର ଛାତ୍ରୀଛାତ୍ର ପରିବର୍ତ୍ତନଶୀଳ ଶିକ୍ଷା ବ୍ୟବସ୍ଥାରେ ସମ୍ବଳ ବନିପାରିବା ସହ ଆନ୍ତର୍ଜାତିକ ସ୍ତରର ଗବେଷଣାରେ ପ୍ରସିଦ୍ଧି ଲାଭ କରିପାରିବେ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ବିଶ୍ୱବିଦ୍ୟାଳୟ ଶିକ୍ଷାରେ ରୂପାନ୍ତରୀକରଣ ପ୍ରକ୍ରିୟା ସମ୍ବନ୍ଧରେ ବିଶେଷ ତଥ୍ୟ ଉପସ୍ଥାପିତ କରିଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା କାଉନ୍‌ସିଲ (ଓଏସ୍‌ଏଚ୍‌ଇସି) ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ଦକ୍ଷତା ବିକାଶ ଓ ଗବେଷଣା କ୍ଷେତ୍ରରେ ସହଯୋଗର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ବୀରେନ୍ଦ୍ର କରକରା ଧନ୍ୟବାଦ ଅର୍ପଣ କରିଥିଲେ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ମୁକ୍ତିକାନ୍ତ ମିଶ୍ର ଉପସ୍ଥିତ ଥିଲେ।

୪ବର୍ଷିଆ ୟୁଜି ପାଠ୍ୟକ୍ରମ ନେଇ ବିଜ୍ଞପ୍ତି

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ସ୍ନାତକରେ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ପାଠ ପଢ଼ିବାକୁ ହେବ। ଏ ନେଇ ପୂର୍ବରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଘୋଷଣା କରାଯାଇଛି। ଜାତୀୟ ଶିକ୍ଷାନୀତି ଅନୁସାରେ ପୂର୍ବରୁ ୟୁଜିସି ଏ ନେଇ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଥିଲା। ସୋମବାର ଏନେଇ ୟୁଜିସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିସହିତ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ଡିମ୍‌ଡ୍ ୟୁନିଭର୍ସିଟି ଏବଂ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ସ୍ନାତକ ପାଇଁ ପ୍ରସ୍ତୁତ ହୋଇଥିବା କରିକୁଲମ ଆଣ୍ଡ୍ କ୍ରେଡିଟ୍ ଫ୍ରେମ୍‌ୱାର୍କକୁ ଲାଗୁ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ କୁହାଯାଇଛି।

ଏହି ନୂତନ ନିୟମାନୁସାରେ,ଏଣିକି ୩ ବର୍ଷ ପରିବର୍ତ୍ତେ ୪ ବର୍ଷ ଅଣ୍ଡରଗ୍ରାଜୁଏଶନ (ୟୁଜି) ପାଠ୍ୟକ୍ରମ ଶେଷ କରିବା ପରେ ଛାତ୍ରୀଛାତ୍ର ଅନର୍ସ ଡିଗ୍ରୀ ସାର୍ଟିଫିକେଟ ପାଇପାରିବେ। ତେବେ ସ୍ନାତକ ଡିଗ୍ରୀ ସାର୍ଟିଫିକେଟ୍ ପାଇବା ପାଇଁ ପୂର୍ବପରି ତିନିବର୍ଷ ପଢ଼ିବାକୁ ପଡ଼ିବ। କିନ୍ତୁ ସ୍ନାତକ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ରଖାଯାଇଛି। ସେହିଭଳି ଯେଉଁ ଛାତ୍ରୀଛାତ୍ର ପ୍ରାରମ୍ଭିକ ୬ଟି ସେମିଷ୍ଟରରେ ୭୫ ପ୍ରତିଶତରୁ ଅଧିକ ନମ୍ବର ରଖିବେ ଏବଂ ଗ୍ରାଜୁଏଶନ ସ୍ତରରେ ରିସର୍ଚ୍ଚ କରିବାକୁ ଚାହିଁବେ, ସେମାନଙ୍କୁ ଚତୁର୍ଥ ବର୍ଷରେ ରିସର୍ଚ୍ଚ ବିଷୟ ବାଛିବା ପାଇଁ ସୁଯୋଗ ଦିଆଯିବ। ଆଉ ଏହା ପରେ ତାଙ୍କୁ ରିସର୍ଚ୍ଚ ସହିତ ଅନର୍ସ ଡିଗ୍ରୀ ପ୍ରଦାନ କରାଯିବ। ଯେଉଁମାନେ ଏବେ ସ୍ନାତକରେ ନାମ ଲେଖାଇ ସାରିଛନ୍ତି ଏକବର୍ଷ ସମ୍ପୂର୍ଣ୍ଣ ହେବା ପରେ ସେମାନଙ୍କୁ ବର୍ଷିକିଆ ସାର୍ଟିଫିକେଟ୍ ମିଳିବ। ଦୁଇବର୍ଷ ପରେ ଡିପ୍ଲୋମା ଓ ତିନି ବର୍ଷ ପରେ ସ୍ନାତକ ସାର୍ଟିଫିକେଟ୍ ଦିଆଯିବ। ତିନି ବର୍ଷିଆ ସ୍ନାତକ ଡିଗ୍ରୀ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇ ବର୍ଷିଆ ପିଜି ପାଠ୍ୟକ୍ରମ ଓ ୪ବର୍ଷିଆ ସ୍ନାତକ ଅନର୍ସ ଡିଗ୍ରୀଧାରୀଙ୍କ ଲାଗି ବର୍ଷିକିଆ ପିଜି ପାଠ୍ୟକ୍ରମ ରହିବ।

ମାଟ୍ରିକ ଢାଞ୍ଚାରେ ହେବ ଅଷ୍ଟମ ପ୍ରଶ୍ନପତ୍ର

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

କୋଭିଡ୍ ଯୋଗୁ ରାଜ୍ୟରେ ସ୍କୁଲସ୍ତରରେ ଉଭୟ ଶିକ୍ଷାଦାନ ଓ ପରୀକ୍ଷା ପରିଚାଳନାରେ ବହୁ ସମସ୍ୟା ଉପୁଜିଥିଲା। ବିନା ପରୀକ୍ଷାରେ ପିଲାଙ୍କୁ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ମାଟ୍ରିକ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏପରିକି ପିଲାଙ୍କ ଦକ୍ଷତା ଯାଞ୍ଚ କରିବାର ସୁଯୋଗ ବି ମିଳି ନ ଥିଲା। ତେଣୁ ଦଶମ ବୋର୍ଡ ପରୀକ୍ଷା ପୂର୍ବରୁ ସମ୍ପେଟିଭ ପରୀକ୍ଷାର ପ୍ରଚଳନ କରାଯିବା ସହ ଏହି ଢାଞ୍ଚାରେ ନବମ ଶ୍ରେଣୀ ପରୀକ୍ଷା ପରିଚାଳନା କରାଯାଉଛି। ତେବେ ପିଲାଙ୍କ ମନରୁ ପରୀକ୍ଷା ଭୟ ଦୂର କରିବା ଲାଗି ଏହି ବ୍ୟବସ୍ଥାକୁ ଏଣିକି ଅଷ୍ଟମ ଶ୍ରେଣୀରୁ କାର୍ଯ୍ୟକାରୀ କରାଯିବ। ଫଳରେ ଉଭୟ ନବମ ଓ ଦଶମ ପରୀକ୍ଷାକୁ ନେଇ ପିଲାମାନେ ମାନସିକ ସ୍ତରରେ ଚାପମୁକ୍ତ ରହିବେ। ଏହାବ୍ୟତୀତ ରାଜ୍ୟରେ ମାଟ୍ରିକ ପରୀକ୍ଷାରେ କପିଶୂନ୍ୟ ସହ ଯେପରି ସବୁ ସ୍କୁଲରେ ପାସ୍ ହାର ଶତପ୍ରତିଶତ ରହିବ, ସେଥିଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଅଷ୍ଟମ ଶ୍ରେଣୀରୁ ପିଲାଙ୍କୁ ଟ୍ରେଣ୍ଡ୍ କରାଯିବ। ମାଟ୍ରିକ ପରୀକ୍ଷାରେ ଯେପରି ସେଟ୍ ପ୍ରଶ୍ନପତ୍ର ରହୁଛି, ସେହିପରି ସେଟ୍ ପ୍ରଶ୍ନପତ୍ର ଅଷ୍ଟମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାରୁ ଆରମ୍ଭ ହେବ। ଏଥିରେ ୩ଟି ସେଟ୍‌ର ପ୍ରଶ୍ନପତ୍ର ରହିବ। ପ୍ରତି ପରୀକ୍ଷାର୍ଥୀଙ୍କ ପାର୍ଶ୍ୱରେ କିମ୍ବା ଆଗଧାଡ଼ି ଓ ପଛଧାଡ଼ିରେ ସମାନ ସେଟ୍ ପ୍ରଶ୍ନପତ୍ର ଦିଆଯିବ ନାହିଁ। ସେଟ୍ ପ୍ରଶ୍ନପତ୍ର ସହ ପିଲାମାନେ ଅଭ୍ୟସ୍ତ ରହିଲେ ସେମାନଙ୍କୁ ଆଉ ମାଟ୍ରିକ ପରୀକ୍ଷାରେ ଏଥିଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଯଦିଓ ମାଟ୍ରିକ ପରୀକ୍ଷା ଭଳି ପିଲାଙ୍କୁ ଆଡମିଟ୍ କାର୍ଡ ଦିଆଯିବ ନାହିଁ, ମାତ୍ର ଯାଞ୍ଚ ପ୍ରକ୍ରିୟା, ଶ୍ରେଣୀରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ବାଣ୍ଟିବା, ନିର୍ଦ୍ଧାରିତ ସମୟରେ ଉତ୍ତରଖାତା ସଂଗ୍ରହ କରିବା ଆଦି ମାଟ୍ରିକ ପରୀକ୍ଷା ଭଳି କରାଯିବ।

ଅଷ୍ଟମ ଶ୍ରେଣୀରୁ ସେଟ୍ ପ୍ରଶ୍ନପତ୍ର ପ୍ରଚଳନ ଲାଗି ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିବା ବେଳେ ଏହାର ପ୍ରଶ୍ନପତ୍ର ଏସ୍‌ସିଇଆର୍‌ଟି ପ୍ରସ୍ତୁତ କରିବ ବୋଲି ସୂଚନା ଦିଆଯାଇଛି। ଏଥିପାଇଁ ଏକ ୮ଜଣିଆ କମିଟି ଗଠନ କରାଯିବ। ଏହି ନୂଆ ବ୍ୟବସ୍ଥା ସମ୍ପର୍କରେ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି, ଅଷ୍ଟମରୁ ଏପରି ଅଭିନବ ପ୍ରୟାସ ଲାଗୁ କରିବା ପରେ ରାଜ୍ୟରେ ଜିରୋ ରେଜଲ୍ଟ ମିଶନ ଏକ ପ୍ରକାର ସଫଳ ହେବ। ତେବେ ସରକାରୀ ସ୍କୁଲ ସମେତ ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡ଼ିକରେ ମଧ୍ୟ ଏହି ଢାଞ୍ଚା ଲାଗୁ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ଶ୍ରେଣୀ ପାଠପଢ଼ା ସହ ପିଲାଙ୍କ ଦକ୍ଷତା ବୃଦ୍ଧି, ପ୍ରତିଯୋଗିତାମୂଳକ ମନୋଭାବ ଜାଗ୍ରତ କରିବା, ବିଜ୍ଞାନ ପ୍ରତି ଆକୃଷ୍ଟ ହେବା, ବିଷୟଭିତ୍ତିକ ପାଠ୍ୟକ୍ରମରେ ସବୁ ବର୍ଗର ପିଲାଙ୍କ ଦକ୍ଷତା ବଢ଼ାଇବା ଦିଗରେ ଗଣଶିକ୍ଷା ମନ୍ତ୍ରୀ ଓ ସଚିବ ଗୁରୁତ୍ୱ ଦେଉଛନ୍ତି। ଏଥିସହ ବିଭାଗର ବରିଷ୍ଠ ଅଧିକାରୀ ଜିଲାୱାରୀ ଗସ୍ତ କରି ସ୍କୁଲ ଯାଞ୍ଚ କରୁଛନ୍ତି।

ସନ୍ତାନ ନ ହେବାରୁ ସ୍ତ୍ରୀକୁ ପିଟି ହତ୍ୟା: ସ୍ୱାମୀ ଗିରଫ

ବାରିପଦା ଅଫିସ,୧୨।୧୨: ବାରିପଦା ସଦର ଥାନା ବୁଧିଆଶୋଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବିବାହର ଦୀର୍ଘବର୍ଷ ପରେ ମଧ୍ୟ ପିଲା ନ ହେବାରୁ ସ୍ୱାମୀ ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଏ ନେଇ ମୃତ ମହିଳାଙ୍କ ଭାଇ ସାଗରାମ ମୁର୍ମୁଙ୍କ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରସିକ ମାରାଣ୍ଡି।

ପୋଲିସ ସୂଚନା ମୁତାବକ, ବାହାଘରର ଦୀର୍ଘବର୍ଷ ପରେ ମଧ୍ୟ ପିଲାପିଲି ନ ହେବାରୁ ସ୍ତ୍ରୀ ବାଙ୍ଗୀଙ୍କୁ ରସିକ ନିର୍ଯାତନା ଦେଇ ଆସୁଥିଲେ। ଦୁହିଁଙ୍କ ମଧ୍ୟରେ ଅନେକ ସମୟରେ ଝଗଡ଼ା ମଧ୍ୟ ହେଉଥିଲା। ଶନିବାର ରସିକ ଘରକୁ ଆସି ଏକ ବାଉଁଶ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ।

ODISHA PUBLIC SERVICE COMMISSION, CUTTACK

NOTICE

No.11079/PSC, Dt.12.12.22
(DR-IV) (2PW-01-2022-23)

No.D-243: It is for information of all provisionally qualified candidates relating to recruitment to the post of **Geologist**, pursuant to Advertisement No. 13 of 2021 -22 that the document verification and Viva Voce Test will be conducted from **19.12.2022 to 22.12.2022** as per the following programme.

The candidates are required to reach the office of OPSC at 19, Dr. P. K. Parija Road, Cuttack -753001, **30 minutes before** the commencement of document verification as per the scheduled programme.

PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.

Date of	Time of Verification	Time of Viva Voce Test	Roll Nos. of Candidates to be verified
19.12.2022	09.00 A.M.	10.45 A.M.	100004, 100016, 100019, 100031, 100057, 100063, 100097, 100116, 100120, 100137, 100139, 100142 **= 12 Candidates**
	01.00 P.M.	03.00 P.M.	100148, 100178, 100198, 100202, 100235, 100238, 100258, 100261, 100267, 100269 **= 10 Candidates**
20.12.2022	09.00 A.M.	10.45 A.M.	100287, 100299, 100369, 100378, 100386, 100394, 100396, 100402, 100435, 100436, 100462, 100495 **= 12 Candidates**
	01.00 P.M.	03.00 P.M.	100499, 100500, 100506, 100515, 100525, 100527, 100548, 100556, 100571, 100583, **= 10 Candidates**
21.12.2022	09.00 A.M.	10.45 A.M.	100589, 100594, 100600, 100603, 100604, 100612, 100668, 100701, 100730, 100733, 100757, 100761 **= 12 Candidates**
	01.00 P.M.	03.00 P.M.	100771, 100814, 100818, 100884, 100891, 100894, 100897, 100903, 100905, 100906 **= 10 Candidates**
22.12.2022	09.00 A.M.	10.45 A.M.	100913, 100925, 100928, 100934, 100942, 101019, 101036, 101091, 101106, 101138, 101142, 101161**= 12 Candidates**
	01.00 P.M.	03.00 P.M.	101165, 101167, 101176, 101177, 101186, 101193, 101261, 101274, 101348 **= 9 Candidates**

N.B.:- The documents of the concerned candidates shall be verified on the same day before commencement of Viva Voce Test as per the schedule. The candidates those having V.V. Test in morning session are to report in the Office of the Commission at 08.00 A.M. and those having V.V. Test in the afternoon session are to report at 12.30 P.M. positively.

It is also made clear that the candidature of these candidates for the above recruitment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions laid down in the Advertisement.

THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION:-

1. Hard copy of online application form **mentioning Roll No. at the Top Right Hand corner**. Application Forms are available in the website of the Commission. The candidates are required to download the same using their respective user name/mobile number/e-mail and password /OTP through admin login Section of the OPSC website
2. Four **(04) passport size photographs tagged** to the Application Form.
3. H.S.C. or Equivalent Certificate in support of declaration of age.
4. Master's Degree Certificate in Geology or Applied Geology or Earth Science from any recognized University in India.
5. Required Odia Test Pass Certificate issued within 29.10.2021
6. **Caste Certificate by birth** in Support of claim as SCs/ STs/S.E.B.Cs (Please see and refer Note- 1 of the Advertisement).
7. Recent SEBC Certificate (issued within 28.10.2018 to 29.10.2021), wherever applicable;
8. No Objection Certificate issued by the Competent Authority in case of in-service candidates; wherever applicable.
9. Any proof of photo Identity.
10. **Attestation Form duly filled-in (to be downloaded from the website of the Commission).**
11. The candidates are required to mention **"Submitted by me" on each Xerox copy** of documents and put their **full signature and date** on the day of verification.
12. Bio-data form (to be downloaded and duly filled in with passport size photo affixed).
13. Any other documents as per Para-9 of the Advertisement.

It is also made clear that the candidature of these candidates at the time of verification is purely provisional. The candidature is liable for rejection in the event of inadequacy/deficiency found at any stage before or after the verification of original certificates / documents and is subject to fulfilment of terms & conditions laid down in the Advertisement.

OIPR-12002/11/0219/2223 **Sd./- Secretary (I/C)**

CAPITAL HOSPITAL, BHUBANESWAR

UNIT - 6, BHUBANESWAR - 751001
Advt.: 11028 Dt.08.12.2022

TENDER CALL NOTICE

No. E-719: Sealed tenders are invited from registered Manufacturers/Authorized Distributor/Wholesalers/ Authorised Farms for supply of **Printing of Hospital Forms, Registers & IEC Items etc. for Capital Hospital, Bhubaneswar**. For details visit our website **www.capitalhospital.nic.in** and download the same. The tender documents should reach the office of the undersigned by 04.01.2023 before 11.30 A.M. through Courier Service/Speed Post/Registered Post only along with all relevant documents and EMD. The tender will be opened on 06.01.2023 at 12.30 P.M. in the presence of tenderer or their authorised representatives. The undersigned reserves the right to reject or cancel any or all the tender without any reason thereof.

Sd./- Director
Capital Hospital, Bhubaneswar
OIPR-10078/11/0011/2223

DIRECTORATE OF GROUND WATER DEVELOPMENT, ODISHA
OFFICE OF THE DEPUTY DIRECTOR, GEOLOGY, GWD DIVISION, BOLANGIR

At: Laltikra, P.O.: Rajendra College, Bolangir, Dist.: Bolangir, PIN - 767002
[e-mail: srgeologistbolangir@gmail.com]

INVITATION FOR BIDS (IFB)

e-Procurement Notice: 612 Date: 12.12.2022
Bid Identification No. 01/GWBLG/ARUA/2022-23
(Single Envelope Bidding Process)

No. A-843: Deputy Director, Geology, GWD Division, Bolangir, At: Laltikra, P.O.: Rajendra College, Bolanigr, Dist.: Bolangir, PIN - 767002 on behalf of Governor of Odisha invites bids from bidders Class "C" and above registered with the State Governments and bidders of equivalent Grade/Class registered with Central Government/MES/Railways for the construction of works following work.

Bids must be submitted online on or before **26.12.2022 at 14.00 hrs.** IST (System server time). Proposals will be opened online on **26.12.2022, at 15.00 hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the tender will be available in the procurement portal **'www.tendersodisha.gov.in'**.

Sl. No.	Description	Details
1	Name of the Work	Construction of 08 Nos. RRHS in Urban Bolangir, Titlagarh, Sonepur and Tarava of Bolangir and Subarnapur District.
2	Start Date of availability of bid document Online (bid download)	14.12.2022 from 11.00 hrs.
3	Last date of availability of bid document online (bid download)	26.12.2022 upto 14.00 hrs.
4	Last date and time for receipt of bid document (Bid submission end date & time)	26.12.2022 at 14.00 hrs.
5	Date & time of opening of bid document (bid opening date)	26.12.2022 at 15.00 hrs.

Sd./- Deputy Director, Geology
GWD Division, Bolangir
OIPR-32471/11/0005/2223

ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୩୮/୩୯/୪୦/୪୧-୨୨ ତାରିଖ: ୦୯।୧୨।୨୦୨୨
ଭାରତର ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼୍‌ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

କ୍ର. ସଂ.	ବର୍ଗ	କାଟାଲଗ୍ ନଂ.	ନିଲାମ ତାରିଖ	ନିଲାମ ଆରମ୍ଭ ସମୟ	ନିଲାମ ସମାପ୍ତିର ସମୟ
୧.	ପାର୍ସଲ	ଲିଜ୍-କେଜିପି-୩୮-୨୨	୨୧।୧୨।୨୨	୧୦.୦୦ ଘଣ୍ଟିକା	୧୫.୦୦ ଘଣ୍ଟିକା
୨.	ପାର୍ସଲ	ଲିଜ୍-କେଜିପି-୩୯-୨୨	୨୨।୧୨।୨୨	୧୦.୦୦ ଘଣ୍ଟିକା	୧୫.୧୦ ଘଣ୍ଟିକା
୩.	ପାର୍ସଲ	ଲିଜ୍-କେଜିପି-୪୦-୨୨	୨୩।୧୨।୨୨	୧୦.୦୦ ଘଣ୍ଟିକା	୧୫.୦୦ ଘଣ୍ଟିକା
୪.	ପାର୍ସଲ	ଲିଜ୍-କେଜିପି-୪୧-୨୨	୨୬।୧୨।୨୨	୧୨.୦୦ ଘଣ୍ଟିକା	୧୩.୪୦ ଘଣ୍ଟିକା

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-886) **ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼୍‌ଗପୁର**

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

Forest Department Odisha
OFFICE OF THE DIVISIONAL FOREST OFFICER
JHARSUGUDA FOREST DIVISION
Email- dfo.jharsuguda@gov.in, Ph - 06645 - 295040

TENDER CALL NOTICE

Tender Call Notice No. 212 Dated. 10.12.2022
Sub: - Tender Call Notice for Procurement & Installation of Community Aromatic Oil Extraction Unit (304 SS Type) during 2022-23 under District Mineral Foundation (DMF) during 2022-23 raised in Jharsuguda Forest Division.

Sealed tenders are invited from reputed Dealer / Manufacturer / Individuals for Procurement & Installation of Community Aromatic Oil Extraction Unit (304 SS Type) as required in Jharsuguda Forest Division during the year 2022-23 so as to reach in the O/o the Divisional Forest Officer, Jharsuguda Forest Division on or before **29.12.2022 up to 05.00 PM.**

The application form of Tender containing Technical Bid & Financial Bid information and terms and conditions for Procurement & Installation of Community Aromatic Oil Extraction Unit (SS Type) will be available from 13.12.2022 to 29.12.2022 in the website www.dfojharsuguda.org on deposit of **Rs.4000/- (Rupees Four Thousand only) in shape of Non-Refundable Demand Draft from any State Bank of India in favour of "Divisional Forest Officer, Jharsuguda Forest Division"** towards Tender Paper Cost in the sealed bid document should be submitted, failing which the bidding in tender process is liable for rejection.

The last date of submission of sealed tender by the Registered / Speed Post / Courier Service / by hand on **29.12.2022 upto 05.00 PM.** The **Technical bids will be opened on 30.12.2022 at 11.00 AM & Financial Bid will be opened on 31.12.2022 at 11.00 AM** in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done on LI basis based on cost of the Procurement & Installation of Community Aromatic Oil Extraction Unit (304 SS Type). The undersigned reserves the right to reject any or all tender without assigning any reason thereof.

Sd./- Divisional Forest Officer,
Jharsuguda Forest Division

ଦ.ପୂ. ରେଳପଥ - ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଏସ୍‌ପିଏଲ୍-ଆର୍‌ଓଏସି-ଆର୍‌ଏନ୍‌ଟିଏଲ୍-୨୨

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୪୮ତମ ବାର୍ଷିକ ଆଥ୍‌ଲେଟିକ୍ ମିଟ୍‌ର ଉଦ୍‌ଘାଟନୀ, ବିଜେଇଏମ୍ ସ୍କୁଲ, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ, ପଠାଣି ସାମନ୍ତ ପ୍ଲାନେଟାରିୟମ୍, ସକାଳ ୯ଟା।
- କ୍ୟାରିୟରସ୍ ୱାର୍ଲ୍ଡ ୱାଇଡ୍, ଏକତା, ସ୍ପ୍ରଡ୍ ଓ ୱାର୍ଡ ଓଡ଼ିଶା ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କର୍ମଶାଳା, ସିୱାଇଏସ୍‌ଡି, ପୂର୍ବାହ୍ନ ୧୧ଟା।
- ଇଣ୍ଟରନାଲ୍ କମ୍ୟୁନିଟି ରିସୋର୍ସ ପର୍ସନ ଏଙ୍ଗ୍ଲୋୟୀ ୟୁନିଅନ୍ ସଂଗଠନ ପକ୍ଷରୁ ରାଜ୍ୟସ୍ତରୀୟ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ୪ର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର', ଇଡ୍‌କୋ ପଡ଼ିଆ, ଅପରାହ୍ନ ୨ଟା।
- ଓଡ଼ିଶା ଆର୍ଟ ଆଣ୍ଡ କ୍ରାଫ୍ଟ ଏକାଡେମୀ ଅନୁଷ୍ଠାନ ପକ୍ଷରୁ କଳା ପ୍ରଦର୍ଶନୀ, ସେକ୍ଟର -୧, ପ୍ଲଟ ନଂ. ୩୦୨, ନୀଳାଦ୍ରି ବିହାର, ଅପରାହ୍ନ ୪ଟା।
- ଓମ୍ ଧ୍ୱନି ପକ୍ଷରୁ ଗଜଲ୍ ପ୍ରତିଯୋଗିତା, ସୂଚନା ଭବନ, ସନ୍ଧ୍ୟା ୬ଟା।

କଟକ

- ନେତାଜୀ ସୁଭାଷଙ୍କ ୧୨୫ତମ ଜନ୍ମବାର୍ଷିକୀ କମିଟି ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ପୂର୍ବାହ୍ନ ୧୧ଟା।

ପୁରୀ

- ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା-୨୦୨୨, ନୀଳାଚଳ ଅର୍ବାନ ହାଟ, ପୂର୍ବାହ୍ନ ୧୧ଟା।

ରିମାଣ୍ଡ ସରିଲା, ବିଷ୍ଣୁ ଗାଳିପାରିଲାନି ଇଡି

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ଆଜି କୋର୍ଟରେ ହାଜର ହେବେ ଅର୍ଚ୍ଚନା

- ■ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଜଗବନ୍ଧୁ
- ■ ନାଗ-ଚାନ୍ଦ ଦମ୍ପତିଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା ଯୋଜନା

ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ୬ ଦିନିଆ ରିମାଣ୍ଡ ଅବଧି ସୋମବାର ସରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ) ଗତ ଡିସେମ୍ବର ୬ ତାରିଖରୁ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣି ଜେରା ଆରମ୍ଭ କରିଥିଲା। ତେବେ ଅର୍ଚ୍ଚନାଙ୍କୁ ଜେଲରୁ କୋର୍ଟକୁ ନେବା ସମୟରେ ଓ ରିମାଣ୍ଡରେ ଇଡି କାର୍ଯ୍ୟାଳୟକୁ ଅଣାଯିବାବେଳେ ସେ ବିସ୍ଫୋରକ ବୟାନ ଦେଇଥିଲେ। 'ମୁଁ ମୁହଁ ଖୋଲିଲେ ରାଜ୍ୟ ଦୋହଲିଯିବ। ଇଡିକୁ ଅପେକ୍ଷା କରିଥିଲି, ଏବେ ମୁହଁ ଖୋଲିବାକୁ ସୁଯୋଗ ମିଳିବ। ମୋତେ ୩୦ ମିନିଟ୍ ଦିଆଯାଉ। ନେତା, ମନ୍ତ୍ରୀ ଆଉ କିଏ ସବୁ ସମ୍ପୃକ୍ତ ଅଛନ୍ତି ସବୁ ପ୍ରମାଣ ଦେଖାଇଦେବି।' ତେବେ ଆଶା କରାଯାଉଥିଲା ଇଡି ଆଗରେ ଅର୍ଚ୍ଚନା ତାଙ୍କ ହନିଟ୍ରାପ୍, ବ୍ଲାକ୍‌ମେଲିଂ ଓ ଠକେଇ ସାମ୍ରାଜ୍ୟରେ ସମ୍ପୃକ୍ତ ଥିବା ବଡ଼ବଡ଼ିଆଙ୍କ ନାଁ କହି ବିଷ୍ଣୁ ଗାଳିଦେବେ। ହେଲେ ଇଡି ଜେରାରୁ ସେପରି କିଛି ବାହାରିଲା ନାହିଁ। ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ଗୁମର କିମ୍ବା ନୂଆ ତଥ୍ୟ ଇଡି ଅଧିକାରୀମାନେ ପାଇପାରିନାହନ୍ତି। ଅର୍ଚ୍ଚନା ମୁହଁ ଖୋଲୁ ନ ଥିବା ଓ ତଦନ୍ତରେ ସହଯୋଗ କରୁ ନ ଥିବା ଅଧିକାରୀମାନେ କହିଛନ୍ତି। ଇଡି ମଧ୍ୟରେ ୭ଦିନ ସରିଯାଇଛି। ମଙ୍ଗଳବାର ଅର୍ଚ୍ଚନାଙ୍କୁ ଇଡି ନେଇ କୋର୍ଟରେ ହାଜର କରାଇବ। ଏହି ସମୟରେ ତାଙ୍କୁ ପୁଣି ଥରେ ରିମାଣ୍ଡରେ ଆଣିବାକୁ ମଧ୍ୟ ଆବେଦନ କରାଯିବା ନେଇ ସୂଚନା ମିଳିଛି। ସେହିପରି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ମଧ୍ୟ ରିମାଣ୍ଡରେ ଆଣିବାକୁ ଇଡି ଆବେଦନ କରିବ। ନାଗ ଦମ୍ପତିଙ୍କୁ ରିମାଣ୍ଡରେ ଆଣି ଉଭୟଙ୍କୁ ମୁହାଁମୁହିଁ ଜେରା କରିବାକୁ ଯୋଜନା ହୋଇଥିବା ଜଣାପଡିଛି।

ଅପରପକ୍ଷରେ ଶ୍ରଦ୍ଧାଞ୍ଜଳିଙ୍କ ଏତଲା ଆଧାରରେ ଖଣ୍ଡଗିରି ଥାନାରେ ରୁଜୁ ହୋଇଥିବା ମାମଲାରେ ଜଗବନ୍ଧୁ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ଗତ ଡିସେମ୍ବର ୧ରେ ଜଗବନ୍ଧୁଙ୍କ ଜାମିନ ଆବେଦନକୁ ଭୁବନେଶ୍ୱର ଏଡିଜେ-୨ ଖାରଜ କରିଦେଇଥିଲେ। ତେବେ ଗର୍ଜୁଥିବା ଅର୍ଚ୍ଚନା ଚୁପ୍ ରହିବାକୁ ନେଇ ନାନା ଆଲୋଚନା ଚାଲିଛି। ତାଙ୍କ ଉପରେ କୌଣସି ଅଦୃଶ୍ୟ ଚାପ ଥିବା କୁହାଯାଉଛି। ଅପରପକ୍ଷରେ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣିବା ପରେ ଶ୍ରଦ୍ଧାଞ୍ଜଳିଙ୍କୁ ଡାକି ମୁହାଁମୁହିଁ ଜେରା କରିବାକୁ ଯୋଜନା କରିଥିଲା ଇଡି। ହେଲେ ବାରମ୍ବାର ନୋଟିସ ସତ୍ତ୍ୱେ ଶ୍ରଦ୍ଧାଞ୍ଜଳି ଧରାଛୁଆଁ ଦେଉ ନ ଥିବାରୁ ସେ ଏବେ କେଉଁଠି ବୋଲି ଚର୍ଚ୍ଚା ଚାଲିଛି। ଇତିମଧ୍ୟରେ ଇଡି ୧୦ରୁ ଅଧିକ ଜଣଙ୍କୁ ଜେରା କରିଥିଲେ ମଧ୍ୟ ଏଯାଏ କୌଣସି ରାଜନେତା କିମ୍ବା ପ୍ରଶାସନିକ ଅଧିକାଙ୍କୁ ଜେରା କରି ନ ଥିବାରୁ ଆଉଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂର୍ଯ୍ୟମନ୍ଦିରକୁ ବିକୃତ କରୁଥିବା ଏଲ୍‌ଇଡି ଲାଇଟ୍ ବନ୍ଦ

ପୁରୀ ଅଫିସ/ କୋଣାର୍କ, ୧୨।୧୨(ଡି.ଏନ୍.ଏ.)

ଉନ୍ନତ ଆଲୋକୀକରଣ ପାଇଁ ପ୍ରତିଶ୍ରୁତି ଦେଲା ଏଏସ୍‌ଆଇ

କୋଣାର୍କ ସୂର୍ଯ୍ୟମନ୍ଦିରରେ ଧାଡ଼ି କରି ଏଲ୍‌ଇଡି ଲାଇଟ୍ ଲଗାଯାଇଥିବାରୁ ବିକୃତ ଭାବେ ଦୂରରୁ ଆଲୋକୀକରଣ ହେଉଥିଲା। ଏ ନେଇ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅସନ୍ତୋଷ ପ୍ରକାଶ କରିବା ସହ ଏଏସ୍‌ଆଇ ଓ ସଂସ୍କୃତ ବିଭାଗକୁ ଟୁଇଟ୍ ଜରିଆରେ ଜଣାଇ ଏହି ଆଲୋକୀକରଣକୁ ବନ୍ଦ କରିବାକୁ ଦାବି ରଖିଥିଲେ। ତେବେ ଏଏସ୍‌ଆଇ ପକ୍ଷରୁ ସୋମବାର ଶିଳ୍ପୀ ପଟ୍ଟନାୟକଙ୍କ ସହ ଆଲୋଚନା କରିବା ସହ ସୂର୍ଯ୍ୟମନ୍ଦିରରୁ ଆଲୋକୀକରଣ ହେଉଥିବା ଏଲ୍‌ଇଡି ଲାଇଟ୍‌କୁ ବନ୍ଦ କରି ଦିଆଯାଇଛି। ଏଥିସହ ନୂତନ ଭାବେ ଆଲୋକୀକରଣ କରିବା ଦିଗରେ କାର୍ଯ୍ୟ କରାଯିବା ନେଇ ଏଏସ୍‌ଆଇ ସୂଚନା ଦେଇଥିବା ଶିଳ୍ପୀ ପଟ୍ଟନାୟକ କହିଛନ୍ତି। ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ଏଏସ୍‌ଆଇ ପକ୍ଷରୁ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଯେଉଁ ଏଲ୍‌ଇଡି ଲଗାଯାଇଥିଲା। ସେଥିରେ ରାତିରେ ଦୂରରୁ ସୂର୍ଯ୍ୟମନ୍ଦିରକୁ ଦେଖିଲେ ମନ୍ଦିର ଉପରେ ଏକ ଗାର ଦୃଶ୍ୟମାନ ହେଉଥିଲା ଯାହା ଅତ୍ୟନ୍ତ ଖରାପ ଦେଖାଯାଉଥିଲା। ଯାହାଦ୍ୱାରା କୋଣାର୍କ ଐତିହ୍ୟ, କଳା, ଭାସ୍କର୍ଯ୍ୟକୁ ବିକୃତ କରୁଥିଲା। ଏ ନେଇ ଏଏସ୍‌ଆଇକୁ ଟୁଇଟ କରିବା ସହ ଗତ ୮ ତାରିଖରେ କୋଣାର୍କ ଯାତ୍ରୀ ନିବାସରେ ଏକ ପ୍ରେସ୍‌ମିଟ୍ କରି ଏହି ସମ୍ପର୍କରେ ଅବଗତ କରାଇଥିଲେ। ଫଳରେ ଉକ୍ତ ଖବର ସମସ୍ତ ଗଣମାଧ୍ୟମରେ ପ୍ରକାଶ ପାଇବା ସହ ଏଏସ୍‌ଆଇ ପକ୍ଷରୁ ଏହି ଲାଇଟ୍ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଆସିବାରୁ ଏଲ୍‌ଇଡି ଲାଇଟ୍‌ଗୁଡ଼ିକୁ ବନ୍ଦ କରାଯାଇଥିବା ସଂରକ୍ଷଣ ଅଧିକାରୀ ନିରଜ ସିଂ କହିଛନ୍ତି। ଅନ୍ୟପଟେ ଘଟଣା ସମ୍ପର୍କରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ସୁଦର୍ଶନଙ୍କ ସହ କଥା ହୋଇ ଆହୁରି ଭଲ କରାଯାଇ ଲାଇଟିଂର ଡିଜାଇନ ପରିବର୍ତ୍ତନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଏସ୍‌ଆଇ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିବାରୁ ଶିଳ୍ପୀ ପଟ୍ଟନାୟକ ଏଏସ୍‌ଆଇକୁ ଧନ୍ୟବାଦ ଜଣାଇଛନ୍ତି। ଆଲୋକୀକରଣ ଉପରେ ଆଗକୁ ଯେଉଁ ଉନ୍ନତ ତଥା ସୁନ୍ଦର କାର୍ଯ୍ୟ କରାଯିବ ତାକୁ ସେ ସ୍ୱାଗତ କରିବେ ବୋଲି କହିଛନ୍ତି।

୬ ବାରରେ ଚଢ଼ାଉ, ୨କୁ ନୋଟିସ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଚାଲୁଛି। ନିୟମକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଉଥିବା ସୂଚନା ମିଳିବା ପରେ ଅବକାରୀ ବିଭାଗ ଓ ଲକ୍ଷ୍ମୀସାଗର ଥାନା ପୋଲିସ ପକ୍ଷରୁ ରବିବାର ରାତିରେ ଭୁବନେଶ୍ୱରର ୬ଟି ବାର୍‌ରେ ଚଢାଉ କରାଯାଇଛି। ଏକାମ୍ର, ଦୀପାଲି, ପେଣ୍ଟାଗନ, ରେନ୍ ଦି ବାର୍, ଲିଭ୍ ଆଠ ଅପ୍ ଓ ରଙ୍ଗିଲା ବାର୍‌ରେ ଯାଞ୍ଚ କରାଯାଇଥିଲା। ତେବେ ରଙ୍ଗିଲା ଓ ଏକାମ୍ର ନିୟମ ଉଲ୍ଲଂଘନ କରିଥିବା ଅବକାରୀ ଟିମ ଜାଣିବା ପରେ ଦୁଇ ବାର୍ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ସନ୍ତୋଷଜନକ ଉତ୍ତର ନ ମିଳିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ନିୟମଅନୁଯାୟୀ, ରାତି ୧୨ଟା ପରେ ଅଧିକ ୧ ଘଣ୍ଟା ଖୋଲିଲେ ୫ ହଜାର ଟଙ୍କା ଟିକସ ସହ ଅବକାରୀ ବିଭାଗର ଅନୁମତି ନେବାକୁ ପଡିବ। କିନ୍ତୁ ଏହି ୨ଟି ବାର କୌଣସି ଅନୁମତି ନ ଆଣି ରାତି ୧୨ଟା ୧୫ ଯାଏ ଖୋଲା ରଖିଥିବା ଚଢ଼ାଉ ସମୟରେ ଜଣାପଡିଥିଲା।

ଇନ୍‌ଫୋସିଟି ଥାନାରେ ବୀରେନ୍ଦ୍ର ଲାକ୍ରାଙ୍କୁ ଜେରା

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ଆନନ୍ଦ ଟପ୍ପୋ ହତ୍ୟା ମାମଲା

- ■୨୫ ଜଣଙ୍କୁ ନୋଟିସ୍ କରିଛି ପୋଲିସ
- ■ବାନ୍ଧବୀ ଓ ଅନ୍ୟମାନଙ୍କୁ ହେବ ଜେରା

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ସୋମବାର ସନ୍ଧ୍ୟାରେ ହାଜର ହୋଇଛନ୍ତି ଆନ୍ତର୍ଜାତିକ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା। ତଦନ୍ତକାରୀ ଅଧିକାରୀ, ଜୋନ୍ ଏସିପି ରମେଶ ଚନ୍ଦ୍ର ବିଶୋଇ ଓ ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ ମାମଲା ସଂକ୍ରାନ୍ତରେ ବୀରେନ୍ଦ୍ରଙ୍କୁ ପଚରାଉଚରା କରିଛନ୍ତି। ଘଟଣାଦିନ କ'ଣ ହୋଇଥିଲା, କେଉଁମାନେ ଉକ୍ତ ଫ୍ଲାଟ୍‌ରେ ଥିଲେ, ଆନନ୍ଦଙ୍କ ସହ କିପରି ବନ୍ଧୁତା ଥିଲା, ଫ୍ଲାଟ୍‌ରେ ଥିବା ବୀରେନ୍ଦ୍ରଙ୍କ ବାନ୍ଧବୀଙ୍କ ଭୂମିକା କ'ଣ ଥିଲା, ଏଭଳି ବିଭିନ୍ନ ଦିଗକୁ ନେଇ ତାଙ୍କୁ ପ୍ରଶ୍ନ କରାଯାଇଛି। ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି, ଏହି ମାମଲାରେ ଆନନ୍ଦଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ଆସିଥିବାବେଳେ ଅଧିକ ପରୀକ୍ଷା ପାଇଁ ଭିସେରା ରିପୋର୍ଟକୁ ଅପେକ୍ଷା କରାଯାଇଛି। ଘଟଣା ସଂକ୍ରାନ୍ତରେ ଜାଣିଥିବା ୨୫ ଜଣଙ୍କୁ ନୋଟିସ୍ କରାଯାଇଛି। ପର୍ଯ୍ୟାୟକ୍ରମେ ବାନ୍ଧବୀଙ୍କ ସହ ସମସ୍ତଙ୍କୁ ଜେରା କରାଯିବ ବୋଲି ସେ କହିଛନ୍ତି। ତେବେ ରାତି ପ୍ରାୟ ୧୦ଟାରେ ବୀରେନ୍ଦ୍ର ଥାନାରୁ ବାହାରିଥିଲେ। ଏହି ସମୟରେ ସେ ଗଣମାଧ୍ୟମକୁ କହିଛନ୍ତି, ମୋତେ ଯାହା ପଚରାଯାଇଥିଲା ତାହାର ଉତ୍ତର ଦେଇଛି। ପୋଲିସ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ବୀରେନ୍ଦ୍ର ଲାକ୍ରା ହେଉଛନ୍ତି ଆନନ୍ଦଙ୍କ ପିଲାଦିନର ସାଙ୍ଗ। ସ୍ତ୍ରୀଙ୍କ ସହ ବିବାଦ ଦେଖାଦେବାରୁ ବିବାହର ମାତ୍ର ୧୦ଦିନରେ ଆନନ୍ଦ ଭୁବନେଶ୍ୱର ଚାଲିଆସି ଇନ୍‌ଫୋସିଟି ଅଞ୍ଚଳର ଏକ ଫ୍ଲାଟ୍‌ରେ ରହୁଥିବା ବୀରେନ୍ଦ୍ରଙ୍କ ସହ ରହି ଚାକିରି ଖୋଜୁଥିଲେ। ଗତ ଫେବୃୟାରୀ ୨୮ ସକାଳ ୭ଟାରେ ସେ ରାଉରକେଲାରୁ ଫେରି ଉକ୍ତ ଫ୍ଲାଟ୍‌କୁ ଆସିଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଥିଲା। ବେକରେ ଶାଢ଼ି ବାନ୍ଧି ଆନନ୍ଦ ଆତ୍ମହତ୍ୟା କରିଥିବା ନେଇ ବୀରେନ୍ଦ୍ର ତାଙ୍କ ବାପାଙ୍କୁ ଜଣାଇଥିଲେ। ଏଥିସହ ଆନନ୍ଦଙ୍କୁ ସେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ବୀରେନ୍ଦ୍ର ଓ ତାଙ୍କ ବାନ୍ଧବୀ ମାନ୍‌ଜିତ ଟେଟେଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଥିଲେ ଆନନ୍ଦଙ୍କ ବାପା। ହେଲେ ଥାନାଧିକାରିଣୀ ସମିତା ମିଶ୍ର ଅଭିଯୋଗ ଗ୍ରହଣ ନ କରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ନଭେମ୍ବର ୨୪ରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୩୬/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ଅଭିଯୋଗ ଗ୍ରହଣ ନ କରିବା ଅଭିଯୋଗରେ ହାଇକୋର୍ଟ ଡିସେମ୍ବର ୬ ତାରିଖ ଶୁଣାଣିରେ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ଡିସିପିଙ୍କୁ ୩ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ କହିବା ସହ ଆଇଆଇସି ସମିତାଙ୍କୁ ବର୍ଷେ ଫିଲ୍ଡ ପୋଷ୍ଟିଂ ମନା କରିଛନ୍ତି।

ଅତ୍ୟାଧୁନିକ ୨୯୦ ସିରିଜ୍ ଜୁମ୍ କଲୋନୋସ୍କୋପି ସେବା ଆରମ୍ଭ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ): ଭୁବନେଶ୍ୱରସ୍ଥିତ ସାଇ ଇନଷ୍ଟିଚ୍ୟୁଟ୍ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଲିଭର ସାଇନ୍ସରେ ୨୯୦ ସିରିଜ୍‌ର ଅତ୍ୟାଧୁନିକ ଜୁମ୍ କଲନୋସ୍କୋପି ସେବା ଆରମ୍ଭ ହୋଇଛି। ବିଶିଷ୍ଟ ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡାକ୍ତର ଆଶୁତୋଷ ମହାପାତ୍ରଙ୍କ ବ୍ୟକ୍ତିଗତ ଉଦ୍ୟମରେ ଏଭଳି ଏକ ଅତ୍ୟାଧୁନିକ କଲୋନୋସ୍କୋପି ସେବା ସମ୍ଭବପର ହୋଇଛି। ଏହା ହେଉଛି ସବୁଠାରୁ ଉନ୍ନତମାନର କଲନୋସ୍କୋପ୍ ଏବଂ ଦେଶ ଭିତରେ ବହୁ କମ୍ ସଂଖ୍ୟକ ହସ୍ପିଟାଲରେ ଏହା ଉପଲବ୍ଧ ହୋଇପାରିଛି। ଏହି ପରୀକ୍ଷଣ ଦ୍ୱାରା ଲାର୍ଜ ଇଣ୍ଟେଷ୍ଟିନ୍ ବା ବୃହଦନ୍ତ୍ରର ଅନେକ ରୋଗ ଯଥା କୋଲୋନିକ୍ ପଲିପ୍, ଟ୍ୟୁମର, କୋଲନ କ୍ୟାନସର୍ ଏବଂ ପ୍ରିମାଲିଜନାଣ୍ଟ କୋଲନ ପଲିପ୍ ପ୍ରଭୃତି ରୋଗ ପ୍ରାରମ୍ଭିକ ଅବସ୍ଥାରୁ ନିରୂପିତ ହୋଇଥାଏ। ପଲିପ୍‌ର ସୂକ୍ଷ୍ମାତିସୂକ୍ଷ୍ମ ରକ୍ତବାହି ଧମନୀ ତଥା ଏହାର ପୃଷ୍ଠ ଭାଗକୁ ସମ୍ପୂର୍ଣ୍ଣ ସ୍ପଷ୍ଟଭାବେ ଦେଖିହୁଏ। ଏହାଦ୍ୱାରା ଶଲ୍ୟ ଚିକିତ୍ସା ହେବ ନା ନାହିଁ ତାହା ଜଣାପଡିଯାଏ। ଗତ ୨୦ ଦିନ ମଧ୍ୟରେ ଏହି ଉପକରଣ ଦ୍ୱାରା ଶତାଧିକ ରୋଗୀ ଉପକୃତ ହେଲେଣି। ଡାକ୍ତର ଆଶୁତୋଷ ଏହି ସମ୍ବନ୍ଧରେ ଜାପାନର ଟୋକିଏ ସ୍ଥିତ ନ୍ୟାସନାଲ କ୍ୟାନସର୍ ଇନଷ୍ଟିଚ୍ୟୁଟ୍ ଏବଂ ଓସାକା ଇଣ୍ଟରନ୍ୟାସନାଲ କ୍ୟାନସର ଇନଷ୍ଟିଚ୍ୟୁଟ୍‌ରେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ନେଇଛନ୍ତି।

୧୫ ଲକ୍ଷ ଠକେଇ ,ଜଣେ ଗିରଫ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ): ୧୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ମଞ୍ଚେଶ୍ୱରସ୍ଥିତ ଚକେଇସିଆଣିର ସତ୍ୟବ୍ରତ ପୃଷ୍ଟି (୪୨)। ସେ ରହୁଥିବା ଘରେ ବିଭିନ୍ନ କମ୍ପାନୀର ଜିନିଷପତ୍ର ରଖି ବ୍ୟବସାୟ କରନ୍ତି। କାନନବିହାରର ସ୍ୱଦେଶ ରଞ୍ଜନ ଭାରତୀ କୁମାର ଶା ଅଭିଯୁକ୍ତ ସତ୍ୟବ୍ରତଙ୍କୁ ବ୍ଲିଚିଂ ପାଉଡର ଡେଲିଭର କରେ। ଏବାବଦକୁ ୧୫ ଲକ୍ଷ ଟଙ୍କାର ବ୍ଲିଚିଂ ପାଉଡର ତାଙ୍କ ପାଖରେ ପହଞ୍ଚି ନ ଥିବା କହି ଟଙ୍କା ଦେବାକୁ ମନା କରିଥିଲେ। ଏନେଇ ସ୍ୱଦେଶ ଏସ୍‌ଡିଜେଏମ୍ ଭୁବନେଶ୍ୱର କୋର୍ଟରେ ପିଟିସନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମାମଲା ରୁଜୁ କରିଥିଲା।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଯୁଗଳକିଶୋର

@ ପ୍ରିୟଙ୍କରୀ

@ ଚିରଞ୍ଜୀବୀ

@ ସ୍ନେହା

@ ଲିପି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

ନିୟମିତ ଚାକିରି ଦାବିରେ ସାନ୍ତାଳି ଭାଷା ଶିକ୍ଷକ ସଂଘ ପକ୍ଷରୁ ସୋମବାର ନବୀନ ନିବାସ ଅଭିମୁଖେ ବାହାରିଥିବା ପଦଯାତ୍ରା। ଉକ୍ତ ପଦଯାତ୍ରାକୁ ପାୱାର ହାଉସ୍ ଛକରେ ପୋଲିସ ଅଟକାଇଥିଲା। (ଫଟୋ- ମନୋରଞ୍ଜନ)

କନିଷ୍ଠ ଯନ୍ତ୍ରୀ ପଦବୀରେ ଡିଗ୍ରୀ ଇଞ୍ଜିନିୟରଙ୍କ ନିଯୁକ୍ତିକୁ ବିରୋଧ ସହ ବିଭିନ୍ନ ଦାବି ନେଇ ବେକାର ଡିପ୍ଲୋମା ଇଞ୍ଜିନିୟର ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଜଳସ

ବିଭିନ୍ନ ସ୍ଥାନରେ ଲକ୍ଷ୍ମୀପୂଜା

କଣ୍ଟାପଡା,(ଡି.ଏନ୍.ଏ.)- କଣ୍ଟାପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଯାଇଛି। ଦାମୋଦରପୁର, କଣ୍ଟାପଡ଼ା, ବାଇରୋଇ, ଅଡ଼ଶପୁର ପାଟସୁନ୍ଦରପୁର ଆଦି ସ୍ଥାନରେ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇଥିଲା। ଏହି ଅବସରରେ ପୂଜା ମଣ୍ଡପଗୁଡିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଇରୋଇ ପୂଜା ମଣ୍ଡପରେ ମେଲୋଡି ପରିବେଷଣ କରାଯାଇଥିବା ବେଳେ କଣ୍ଟାପଡା ପୂଜା ମଣ୍ଡପରେ ୨ଦିନ ଧରି ପାଲା ପରିବେଷଣ କରାଯିବା ସହ ହରିହାଟ କରାଯାଇଥିଲା। ଏଥିରେ ଏକା ସଙ୍ଗରେ ୬୨ଜଣ ମହିଳା ଓ ପୁରୁଷ ଭାଗବତ ପାଠ କରିଥିଲେ। କାର୍ଯ୍ୟକ୍ରମକୁ କଣ୍ଟାପଡା ଗ୍ରାମବାସୀ ପରିଚାଳନା କରିଥିଲେ।

ସଂକ୍ଷେପରେ

ଋଣ ଶୁଝି ନ ପାରିବାରୁ ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,୧୨।୧୨(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ମହାଜନପୁର ଗ୍ରାମରେ ଋଣ ଶୁଝି ନ ପାରି ମାନସିକସ୍ତରରେ ଆଘାତ ପାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେ ହେଲେ ଗ୍ରାମର ମହେନ୍ଦ୍ର ମହାରଣାଙ୍କ ପୁତ୍ର ଅଶୋକ କୁମାର ମହରଣା(୩୮)। ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଅଶୋକ ଋଣ ଆଣିଥିଲେ। ତେବେ ଅଶୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା କାରଣରୁ ସେ ଋଣ ପରିଶୋଧ କରିପାରି ନ ଥିଲେ। ଫଳରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀମାନେ ତାଙ୍କ ଘରକୁ ଆସି ବାରମ୍ବାର ମାନସିକ ନିର୍ଯାତନା ଦେବା ସହ ଋଣ ପରିଶୋଧ କରିବାକୁ ଭୟଭୀତ କରାଇ ଆସୁଥିଲେ। ମାନସିକସ୍ତରରେ ଆଘାତ ପାଇ ଅଶୋକ ତାଙ୍କ ଘରେ ରଶିଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଓ ଗାଁ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୦/୨୨ ରୁଜୁ ହୋଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପୂର୍ବ ଶତ୍ରୁତାରୁ ଗୃହଦାହ ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୨।୧୨(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନ ସୁକରପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୃହଦାହ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଚିତ୍ତରଞ୍ଜନ ବାରିକଙ୍କ ସହ ପଡ଼ୋଶୀଙ୍କର ଦୀର୍ଘ ଦିନ ହେଲା ବିବାଦ ଓ ଶତ୍ରୁତା ରହିଥିଲା। ରବିବାର ରାତିରେ ଚିତ୍ତରଞ୍ଜନଙ୍କ ପରିବାର ଘରେ ଶୋଇଥିଲା ବେଳେ ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତି ଆସି ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ ବୋଲି ଚିତ୍ତରଞ୍ଜନ ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ଅଗ୍ନିକାଣ୍ଡରେ ଚିତ୍ତରଞ୍ଜନଙ୍କ ଏକ ବଖରା ଘର ଜଳି ପାଉଁଶ ହୋଇଯାଇଛି। ତାଙ୍କ ପରିବାର ବର୍ତ୍ତି ଯାଇଛନ୍ତି। ଏ ସମ୍ପର୍କରେ ଥାନାରେ ମାମଲା ହୋଇ ନ ଥିବା ଜଣାପଡ଼ିଛି।

ଷ୍ଟେଶନାରୀ ଦୋକାନରୁ ଚୋରି, ଭଙ୍ଗାରୁଜା

ମାହାଙ୍ଗା,୧୨।୧୨(ସ୍ୱ.ପ୍ର.)- ମାହାଙ୍ଗା ଥାନା ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଗୋପାଳପୁର ବଜାରରେ ଥିବା ଏକ ଷ୍ଟେଶନାରୀ ଦୋକାନରୁ ଚିଛି ସାମଗ୍ରୀ ଚୋରି ଓ ଭଙ୍ଗାରୁଜା ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଏନେଇ ଥାନା ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି। ସୂଚନା ମୁତାବକ, ଗୋପାଳପୁର ଗ୍ରାମର ଅରୁଣ ଲେଙ୍କାଙ୍କ ଗୋପାଳପୁର ବଜାରରେ ସିମେଣ୍ଟ ଓ ଷ୍ଟେଶନାରୀ ଦୋକାନ ରହିଛି। ସବୁଦିନ ପରି ଲେଙ୍କା ରବିବାର ରାତିରେ ତାଙ୍କ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳୁ ଆସି ଦେଖିବା ବେଳକୁ କିଛି ସାମଗ୍ରୀ ସହ ଏକ ସାଇକେଲ ଓ ବେଞ୍ଚ ଚୋରି ଏବଂ ଦୋକାନ ସମ୍ମୁଖରେ ବୋତଲ ଭଙ୍ଗାରୁଜା କରିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ: ବଡ଼ମ୍ବା ବିଜୟୀ

ବଡ଼ମ୍ବା,୧୨।୧୨(ଡି.ଏନ୍.ଏ.)- ବ୍ଲକ ଅନ୍ତର୍ଗତ କନ୍ତାପଡ଼ାସ୍ଥିତ ବ୍ରଦର୍ସ ଆଣ୍ଡ ବ୍ରଦର୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ କନ୍ତାପଡ଼ା ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ତୃତୀୟ ଦିବସରେ ଚୌହ୍ନାର ଓ ବଡ଼ମ୍ବା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଚୌହ୍ନାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୧ ରନ ସଂଗ୍ରହ କରିଥିଲା। ଜବାବରେ ବଡ଼ମ୍ବା ୩ ଉଇକେଟ ହରାଇ ୯୨ ରନ୍ କରି ବିଜୟୀ ହୋଇଥିଲା। ଶୁଭମ୍ ରାଉତ ଓ କାର୍ତ୍ତିକ ସାହୁ ମ୍ୟାଚ ପରିଚାଳନା କରିଥିଲେ। ମଙ୍ଗଳବାର ଖୋର୍ଦ୍ଧା ଓ କନ୍ତପଡା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

ଜିଲାପାଳଙ୍କୁ ଅଭିଯୋଗ କଲେ ଦ୍ୱିତୀୟ ଶ୍ରେଣୀ ଛାତ୍ର

ନିଶ୍ଚିନ୍ତକୋଇଲି,୧୨।୧୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୮୫ ଅଭିଯୋଗ ହୋଇଥିଲା।

ସେଥିରୁ ୧୬୬ ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡ଼ିକର ଶୁଣାଣି କରି ୧୦ଜଣଙ୍କୁ ସହାୟତା ପ୍ରଦାନ କରିଥିଲେ। ଏହି ଜନଶୁଣାଣିରେ ଜଣେ ଦ୍ୱିତୀୟ ଶ୍ରେଣୀର ଛାତ୍ର ଅରମାନ ଅର୍ପିତ ମଲ୍ଲିକ ଅଭିଯୋଗ କରିଥିଲେ। ବ୍ଲକ କାର୍ଯ୍ୟାଳୟ ପଛରେ ଥିବା ହରିଜନ ସାହି ରାସ୍ତା ଓ ସେଠାରେ ଥିବା ପୋଲ ବିପଦସଙ୍କୁଳ ହୋଇଯାଇଥିବା ନେଇ ସେ ଜିଲାପାଳଙ୍କୁ କହିଥିଲେ। ଜିଲାପାଳ ଚୟନୀ ଏହା ଶୁଣିବା ପରେ ତ୍ୱରିତ

ଜିଲାପାଳ ଦ୍ୱିତୀୟ ଶ୍ରେଣୀ ଛାତ୍ର ଅରମାନ ଅର୍ପିତ ମଲ୍ଲିକଙ୍କ ଅଭିଯୋଗ ଶୁଣୁଛନ୍ତି।

ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ୬୩ ଜଣ ହିତାଧିକାରୀ ଅଭିଯୋଗ କରିଥିଲେ। ଏନେଇ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ଏହି ଅବସରରେ ରେଡକ୍ରସରୁ ୮ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବନ୍ଧୁପୁର ପଞ୍ଚାୟତର ରାଜେଶ ସ୍ୱାଇଁ ଓ ଫଗୋଳ ପଞ୍ଚାୟତର

- ■ଜନଶୁଣାଣି ଶିବିରରେ ୧୮୫ ଅଭିଯୋଗ
- ■୮ ଜଣଙ୍କୁ ଆର୍ଥିକ ସହାୟତା,୩ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ

ସେବ ସେଠୀଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଛି। ଏହି ଶିବିରରେ ଗ୍ରାମାଞ୍ଚଳ ଏସପି ବି.ଯୁଗୋଳ କିଶୋର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଶିବ ଟପ୍ପୋ, ସିଡିଏମଓ ସତ୍ୟବ୍ରତ ଛୋଟରାୟ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଶିବିରକୁ ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ ଓଝା, ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ , ତହସିଲଦାର ଦୀଲିପ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ସଂଯୋଜନା କରିଥିଲେ।

ଓକିଲ ସଂଘର ପ୍ରତୀକାତ୍ମକ ଧର୍ମଘଟ

ବାଙ୍କୀରେ ଧର୍ମଘଟରେ ବସିଥିବା ଓକିଲ ସଂଘର କର୍ମକର୍ତ୍ତା।

ବାଙ୍କୀ/ବଡ଼ମ୍ବା, ୧୨।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ସୁପ୍ରିମ କୋର୍ଟରେ ଓଡିଶା ବାର୍ କାଉନସିଲ ପକ୍ଷରୁ ଓକିଲମାନଙ୍କ ବିରୋଧରେ ମିଥ୍ୟା ଉପସ୍ଥାପନ କରାଯାଇଛି। ଏନେଇ ସୁପ୍ରିମ କୋର୍ଟର ନିର୍ଦ୍ଦେଶ ଅନୁସାରେ ଓକିଲମାନେ ଧର୍ମଘଟ କରିପାରିବେନାହିଁ। ଯଦି କରିବେ, ସମ୍ପୃକ୍ତ ଓକିଲଙ୍କର ଲାଇସେନ୍ସ ରଦ୍ଦ କରାଯିବା ବୋଲି ଦର୍ଶାଯାଇଛି। ଏହା ଦ୍ୱାରା ଓକିଲମାନଙ୍କର ମୌଳିକ ଅଧିକାର ଏବଂ ସାମୂହିକ ଅଧିକାର ସମ୍ପୂର୍ଣ୍ଣ ଭାବେ କ୍ଷୁର୍ଣ୍ଣ ହେଇଛି। ଏହାଛଡା ବର୍ତ୍ତମାନ ବାର୍ କାଉନସିଲ ଏକ ମନୋନୀତ କମିଟି ଦ୍ୱାରା ଦୀର୍ଘବର୍ଷହେବ ପରିଚାଳିତ ହେଉଛି। ଓକିଲମାନଙ୍କର ଅସୁବିଧା ଓ ସମସ୍ୟା ଠିକ୍ ଭାବରେ ଉପସ୍ଥାପିତ କରାଯାଉ ନାହିଁ। ଏଭଳି ବିଭିନ୍ନ ଅଭିଯୋଗ କରି ବାଙ୍କୀ ଓକିଲ ସଂଘ ପକ୍ଷରୁ ପ୍ରତୀକାତ୍ମକ ଧର୍ମଘଟ କରାଯାଇଛି। ଏଥିରେ ବାଙ୍କୀ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର, ସମ୍ପାଦକ ଅଜୟ ପଟ୍ଟନାୟକ, ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର, ଗୌରୀଶଙ୍କର ନନ୍ଦ, ହରେକୃଷ୍ଣ ଦାଶ, ଯଯାତିକେଶରୀ ପଟ୍ଟନାୟକ, ଧର୍ମପ୍ରସାଦ ମଙ୍ଗରାଜ, ସନ୍ତୋଷ କୁମରା ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହପରି ବଡ଼ମ୍ବା ଓକିଲ ସଂଘ ପକ୍ଷରୁ ସୋମବାର ଦିନିକିଆ କାର୍ଯ୍ୟବନ୍ଦ ତଥା ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା।

ବିଜ୍ଞାନ,ଗଣିତ ମେଳାରେ ୧୦୬ ପ୍ରକଳ୍ପ ପ୍ରଦର୍ଶିତ

ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଦେବୀ ପ୍ରସାଦ ମିଶ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ମାଣିଆବନ୍ଧ/ବଡ଼ମ୍ବା, ୧୨। ୧୨(ଡି.ଏନ୍.ଏ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପପୁର ସରକାରୀ ମଧ୍ୟ ଇଂଲିଶ୍ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ପରିବେଶ, ଗଣିତ ଓ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଛାତ୍ରୀଛାତ୍ର ଆସନ୍ତାକାଲିର ଭବିଷ୍ୟତ ବୋଲି କହିଥିଲେ। ବଡ଼ମ୍ବା ବିଧାୟକ ଯୋଗଦେଇ ମେଳାର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଏହି ମେଳାରେ ୧୦୩ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ୧୦୬ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପ୍ରକଳ୍ପଗୁଡ଼ିକୁ ୭ଟି ବିଭାଗରେ ବିଭକ୍ତ କରାଯାଇଥିବା ବେଳେ ପ୍ରତି ବିଭାଗରୁ ଜଣେ ଲେଖାଏ ପ୍ରତିଯୋଗୀ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛନ୍ତି। ବଡ଼ମ୍ବା ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଲେଙ୍କାଙ୍କ ଅଧକ୍ଷତାରେ ଆୟୋଜିତ ମେଳାରେ ମୁଖ୍ୟବକ୍ତାଭାବେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ, ଦୀପ୍ତିମୟୀ ଶୁଭଦର୍ଶିନୀ, ଡ଼.ସନ୍ତୋଷ କୁମାର ରାଉତ ଓ ବଡମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି ଯୋଗ ଦେଇଥିଲେ। ଶିକ୍ଷକ ଅଶୋକ ଧଳ ଓ ସମୀର କୁମାର ରାଉତ ସଂଯୋଜନା କରିଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷା ଅଧିକାର ପ୍ରକାଶ ଚନ୍ଦ୍ର ମଉଗଜ ସିଂ ସଭାପତିତ୍ୱ କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ମ୍ବା ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଭାଗ ଅଧ୍ୟାପକ ଡ. ସୁବାସ ଚନ୍ଦ୍ର ଆସ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ନୀଳକଣ୍ଠ ସାହୁ ଧନ୍ୟବାଦ ଦେଇଥିଲେ। ବିବେକାନନ୍ଦ ସାହୁ, ନିର୍ମଳା ବେହେରା, ବିଜୟ କୁମାର ଛତ୍ର, ଶ୍ୟାମବନ୍ଧୁ ବେଉରା,ମନୋଜ କୁମାର ରଥ ଏହାକୁ ପରିଚାଳନା କରିଥିଲେ।

ଗଛକଟା ସମୟରେ ଡାଳରୁ ଖସି ଜଣେ ମୃତ

ସାଲେପୁର,୧୨।୧୨(ଡି.ଏନ୍.ଏ.)

ଗଛରେ ଚଢ଼ି ଡାଳ ହାଣୁଥିବାବେଳେ ଖସପଡ଼ିବାରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁରସ୍ଥିତ ନାନ୍ଦୋଳ ଗ୍ରାମର ବିମ୍ବାଧର ଭୋଇ। ସେ ସଉରୀ ଗ୍ରାମର ସୁଦାମ ସାମଲଙ୍କ ଗଛ କାଟିବାକୁ ଯାଇଥିଲେ। ବିମ୍ବାଧର ସେଠାରେ ଚାକୁଣ୍ଡା ଗଛରେ ଚଢ଼ି ଗଛ କାଟୁଥିବା ସମୟରେ ହଠାତ ଖସିପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ସାଲେପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ସାଲେପୁର ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୩/୨୦୨୨) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

ବିଲରୁ ଧାନ ନେବାବେଳେ ଯୁବକ ମୃତ

ସାଲେପୁର,୧୨।୧୨(ଡି.ଏନ୍.ଏ.)

ବିଲରେ ଧାନ ବୋହୁଥିବାବେଳେ ଜଣେ ଯୁବକର ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ରାଇସୁଲୁଡ଼ା ପଞ୍ଚାୟତ ଅନ୍ତର୍ଗତ କେରେଙ୍ଗା ଗ୍ରାମର ପଦନ ବେହେରାଙ୍କ ପୁଅ ଚନ୍ଦ୍ରମଣି ବେହେରା (୪୫)। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଚନ୍ଦ୍ରମଣି ମଧ୍ୟାହ୍ନରେ ବିଲରୁ ଧାନ ବୋହି ଖଳାକୁ ଆଣୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚନ୍ଦ୍ରମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସାଲେପୁର ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୪/୨୨) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି।

କାୟାକଳ୍ପ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ଅତିଥି ଓ ଅନ୍ୟମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବାଙ୍କୀ,୧୨।୧୨(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଉଚ୍ଚ ବିଦ୍ୟାଳୟ ଓ ଧଳାପଥର-କଳାପଥର ବାଳିକା ଉଚ୍ଚ ବିଦ୍ୟାଳୟଠାରେ କାୟାକଳ୍ପ ଅନୁଷ୍ଠାନ ପକ୍ଷରୁ ସୋମବାର କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାସ ଓ ଗୀତାଞ୍ଜଳି ରଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଶିକ୍ଷାବିତ୍ ଭାଗୀରଥି ଦାସ, ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ସଭାପତି ସୁନୀଲ ମିଶ୍ର, ଆକାଶବାଣୀ କଟକର ସହକାରୀ ନିର୍ଦ୍ଦେଶକ ଡ. ତପନ ଦତ୍ତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ, ଶିକ୍ଷାବିତ୍ ଧମ୍ବରୁଧର ଜୁଖାର ସିଂ, କଳାକାର ଧ୍ରୁବଚରଣ ମହାପାତ୍ର, ସୂର୍ଯ୍ୟକାନ୍ତ ପ୍ରଧାନ, କବୟିତ୍ରୀ ରତ୍ନପ୍ରଭା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ତ୍ରିଲୋଚନ ଦାସ, ସ୍ୱର୍ଣ୍ଣଲତା ପ୍ରଧାନ, ଅମ୍ରିତା ମହାପାତ୍ର, ପୁଷ୍ପଲତା ସେଠୀ ପ୍ରମୁଖ ସହଯୋଗ କରିଥିଲେ। ବୈଜ୍ଞାନିକ ଡ. ହରିହର ତ୍ରିପାଠୀଙ୍କ ସ୍ମୃତିରେ ମାନପତ୍ର ଓ ପୁରସ୍କାର କୃତୀ ପ୍ରତିଯୋଗୀଙ୍କୁ ପ୍ରଦାନ କରାଯାଇଥିଲେ। ଶିକ୍ଷୟିତ୍ରୀ ମୀନାକ୍ଷୀ ନନ୍ଦ ଧନ୍ୟବାଦ ଦେଇଥିଲେ।

ବୃତ୍ତି ପରୀକ୍ଷାରେ ୫ ଛାତ୍ରୀଛାତ୍ର ସଫଳ

ବାଙ୍କୀ,୧୨।୧୨(ସ୍ୱ.ପ୍ର.)

୩ୟ ଓ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ୫ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ସେମାନେ ହେଲେ ୩ୟ ଶ୍ରେଣୀ ବୃତ୍ତିରେ ଶୁଭମ୍ ଶଙ୍କର ପଣ୍ଡା, ସୁଶ୍ରୀ ଶ୍ରୁତିପ୍ରଜ୍ଞା ଦାସ ଏବଂ ୫ମ ଶ୍ରେଣୀ ବୃତ୍ତିରେ ସିଦ୍ଧ ପ୍ରକାଶ ତ୍ରିପାଠୀ, ସୁଶ୍ରୀ ସାଇନା ବେହେରା ଓ ବିଶ୍ୱଜିତ୍ ମହାପାତ୍ର। ଏହି ସଫଳତା ପାଇଁ ବିଦ୍ୟାଳୟ ସଭାପତି ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ସୁନୀଲ ମିଶ୍ର, ସ୍ଥାନୀୟ ସରପଞ୍ଚ ଅଶୋକ ମିଶ୍ର, ବାଙ୍କୀ ସଙ୍କୁଳ ପ୍ରମୁଖ ଧରଣୀଧର ସାହୁ ଓ ପ୍ରଧାନ ଗୁରୁଜୀ ରତ୍ନାକର ପଣ୍ଡା ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ବାଙ୍କୀ,୧୨।୧୨(ସ୍ୱ.ପ୍ର.)

ଡମପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଭୂ

ସଂକ୍ଷେପରେ

ଅବକାରୀ ଚଢ଼ାଉ, ୬ ହଜାର ଲିଟର ପୋଚ ନଷ୍ଟ

ବେଗୁନିଆ/ବୋଲଗଡ଼,୧୨।୧୨ (ଡି.ଏନ୍.ଏ.): ବେଗୁନିଆ ଅବକାରୀ ଥାନା ଅଧୀନ ଅସରଲା ଏବଂ କୋଟସିଙ୍ଗା ଗ୍ରାମ ନିକଟରେ ଥିବା ବେଆଇନ ଦେଶୀ ମଦ ରନ୍ଧା ଭାଟି ଉପରେ ସୋମବାର ଚଢ଼ାଉ କରାଯାଇଥିଲା। ୬ ହଜାର ଲିଟର ପୋଚ ଓ ୩୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୧ହଜାର ଟଙ୍କା ହେବ। ତେବେ ଆଗୁଆ ସୂଚନା ପାଇ ମାଫିଆମାନେ ସେଠାରୁ ଚମ୍ପଟ ମାରିଥିଲେ। ବେଗୁନିଆ ତହସିଲଦାର ପୃଥିରାଜ ମଣ୍ଡଳ, ଖୋର୍ଦ୍ଧା ଅବକାରୀ ଆଇଆଇସି ଭୈରବ ସାହୁ, ଏସ୍‌ଆଇ ବି.ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ସେସ, ଖୋର୍ଦ୍ଧା, ଜଟଣୀ, ବେଗୁନିଆ ଅବକାରୀ ବିଭାଗ କର୍ମଚାରୀ ଏବଂ ଏକ ପ୍ଲାଟୁନ ଏପିଆର ଫୋର୍ସଙ୍କୁ ନେଇ ଏକ ଟିମ୍ ଚଢାଉରେ ସାମିଲ ହୋଇଥିଲା। ଅନ୍ୟପକ୍ଷରେ ଚଢାଉ ବେଳେ ମାଫିଆ କିମ୍ବା ରନ୍ଧାଳି କିପରି ଧରାପଡୁନାହାନ୍ତି ବୋଲି ଏକ ସଙ୍ଗଠନର ସଭାପତି ଅକ୍ଷୟ ରଥ, ଶିବ ମୁନି, ଅକ୍ଷୟ ବେହେରା ଏବଂ ଦୀନବନ୍ଧୁ ବିଶ୍ୱାଳ କହିଛନ୍ତି।

ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ

ବେଗୁନିଆ,୧୨।୧୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର କୁରାଡିଲୋ ଆନୁକୂଲ୍ୟରେ ଏହି ଦିବସ ପାଳନ କରାଯାଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କମ୍ୟୁନିଟ୍ ସ୍ୱାସ୍ଥ୍ୟ ଅଧିକାରୀ ବନ୍ଦିତା ରଥ, ସ୍ୱାସ୍ଥ୍ୟକର୍ମୀ ବନ୍ଦନା ପାତ୍ର, ସନ୍ତୋଷ ମହାନ୍ତି ଯୋଗ ଦେଇଥିଲେ। ସଚେତନ ରହିଲେ ଶରୀରରେ କୌଣସି ରୋଗ ବସାବାନ୍ଧିବ ନାହିଁ ବୋଲି ଅତିଥିମାନେ ପିଲାମାନଙ୍କୁ ବୁଝାଇଥିଲେ। ପରେ ଷଷ୍ଠ ଓ ସପ୍ତମ ଛାତ୍ରୀଛାତ୍ରଙ୍କ ହିମୋଗ୍ଲୋବିନ୍ ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ଆଶାକର୍ମୀ ସାବିତ୍ରୀ ରାଉତରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ପ୍ରଭାକର ମହାପାତ୍ର ଧନ୍ୟବାଦ ଦେଇଥିଲେ।

ବଡ଼ପାରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: କୁଶୁପଲା ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା), ୧୨।୧୨(ଡି.ଏନ୍.ଏ.): ରାଜ୍ୟସ୍ତରୀୟ ବଡ଼ପାରୀ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ସୋମବାର କୁଶୁପଲା ଟିମ୍ ଏବଂ ତିଗିରିଆ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। କୁଶୁପଲା ଟିମ୍ ୪-୩ ଗୋଲରେ ବିଜୟୀ ହୋଇଥିଲା। ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ବେହେରା, ସାମାଜିକ କର୍ମୀ ସୁଦର୍ଶନ ପ୍ରଧାନ, ସମିତି ସଭ୍ୟାଙ୍କ ପ୍ରତିନିଧି ପ୍ରମୋଦ ପ୍ରଧାନ, ଅବସରପ୍ରାପ୍ତ ସେନା କର୍ମଚାରୀ ଲକ୍ଷ୍ମୀଧର ସେଠୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶଶିକାନ୍ତ ବସ୍ତିଆ, ଅବିନାଶ ପଟ୍ଟନାୟକ ଓ ଏସ୍. କୁମାର ଛବି ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସମ୍ପାଦକ ନନ୍ଦକିଶୋର ସ୍ୱାଇଁ, ଅନନ୍ତ ପରିଡ଼ା, ଲିପା ବିଶ୍ୱାଳ, ଲିଟୁ ସୁନ୍ଦରାୟ ଓ ପକା ଦାସ ସହଯୋଗ କରିଥିଲେ।

୫ କିମି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ

ଖୋର୍ଦ୍ଧା ଅଫିସ,୧୨।୧୨

ଖୋର୍ଦ୍ଧା ଜିଲା କୁଷ୍ଠ କଲୋନିର ମିଳିତ କଲ୍ୟାଣ କମିଟି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଖୋର୍ଦ୍ଧା ଜିଲା କୁଷ୍ଠ କଲୋନି ମିଳିତ କଲ୍ୟାଣ କମିଟି ଆନୁକୂଲ୍ୟରେ କୁଷ୍ଠରୋଗ ପୀଡ଼ିତ ଶତାଧିକ ମହିଳା ପୁରୁଷ ୭ ଦଫା ଦାବି ନେଇ ମେଡିକାଲ ଛକସ୍ଥିତ କଲୋନିରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା (୫ କିମି ଚାଲି) କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ପ୍ରତିବାଦ କରିଥିଲେ। ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଧାରାବତୀ କୁଷ୍ଠ କଲୋନି, ବାପୁଜୀ କୁଷ୍ଠ କଲୋନି, ଜଟଣୀ ଗାନ୍ଧିଜୀ କୁଷ୍ଠ କଲୋନି, ଯାଁଳା ଭାଗବତ କୁଷ୍ଠ କଲୋନି ଏବଂ ଖୋର୍ଦ୍ଧାର ଶାନ୍ତି କୁଷ୍ଠ କଲୋନିର କୁଷ୍ଠ ପୀଡ଼ିତ ପରିବାର ସାମିଲ ହୋଇଥିଲେ।

ଦାବିଗୁଡ଼ିକ ମଧ୍ୟରେ ସୁପ୍ରିମକୋର୍ଟ, ଲ' କମିଶନ ଏବଂ ଜାତିସଂଘର ନିର୍ଦ୍ଦେଶନାମାକୁ କାର୍ଯ୍ୟକାରିତା ନେଇ ରାଜ୍ୟ ସରକାର ଏକ ବୈଠକ କରି ଏକ ମାସ ମଧ୍ୟରେ କାର୍ଯ୍ୟକାରୀ କରାଯାଉ। ଜାଗା ମିଶନ ଓ ବସୁନ୍ଧରା ଯୋଜନାରେ କଲୋନିର ପ୍ରତ୍ୟେକ ପରିବାରକୁ ଘରବାରି ପଟ୍ଟା, ସରକାରୀ ଯୋଜନାରେ ପକ୍କା ଘର, ମାସିକ ୩ ହଜାର ଟଙ୍କା ପେନ୍‌ସନ ଏବଂ ଅନ୍ତ୍ୟୋଦୟ ଯୋଜନାରେ ପ୍ରତ୍ୟେକ ପରିବାରକୁ ୩୫ କେଜି ଚାଉଳ, କୁଷ୍ଠ ପୀଡ଼ିତ ପରିବାର ଝିଅ ବାହାଘର ପାଇଁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା, ପିଲାଙ୍କ ଶିକ୍ଷା, ଚାକିରି, ଓ ଆତ୍ମନିଯୁକ୍ତି ପାଇଁ ୨ଲକ୍ଷ ଟଙ୍କାର ୫୦% ରିହାତିରେ ବିନା ସୁଧରେ ଋଣ, ତାଲିମପ୍ରାପ୍ତ କୁଷ୍ଠ କର୍ମୀ ଏବଂ ଡ୍ରେସର ନିଯୁକ୍ତି ଦେଇ କୁଷ୍ଠ ରୋଗୀଙ୍କ ଚିକିତ୍ସା ନିଶ୍ଚିତ କରାଯାଉ। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ୪୦% ଉପରକୁ ବିକଳାଙ୍ଗ ପ୍ରମାଣପତ୍ର ପ୍ରଦାନ କରିବାକୁ ଦାବିରେ ଉଲ୍ଲେଖ ରହିଛି। କଲୋନିରେ ଅନ୍ତେବାସୀ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ରହିଛନ୍ତି। ସାଧାରଣ ମୌଳିକ ସୁବିଧା ଦିଆଯାଉନାହିଁ। ଫଳରେ କୁଷ୍ଠ ପୀଡ଼ିତ ପରିବାର ହଇରାଣ ହେଉଛନ୍ତି। ରାଜ୍ୟ ସରକାର ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ କୁଷ୍ଠ ପୀଡ଼ିତଙ୍କ ପ୍ରତି ଗୁରୁତ୍ୱ ଦେଇନାହାନ୍ତି। ପ୍ରଶାସନ ନିକଟରେ ବାରମ୍ବାର ଦାବି ପରେ ପ୍ରତିଶ୍ରୁତି ମିଳୁଛି, ହେଲେ ପଦକ୍ଷେପ ନିଆଯାଉନି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ନଂ.୭୬୭/୨୦୧୪, ଭାରତ ସରକାରଙ୍କ ଲ' କମିଶନ ରିପୋର୍ଟ ନଂ.୨୫୬/୨୦୧୫ ଏବଂ ଜାତିସଂଘ ମାନବ ଅଧିକାର ଧାରା ୨୦୧୦ରେ କୁଷ୍ଠ ପୀଡ଼ିତ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଥଇଥାନ, ଉପଯୁକ୍ତ ଚିକିତ୍ସା ନିମନ୍ତେ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପ୍ରଶାସନିକ ଅବହେଳାରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। କଲୋନି ଅନ୍ତେବାସୀଙ୍କୁ ଆବାସ ପତ୍ର, ଜାତିଗତ ପ୍ରମାଣପତ୍ର ଦିଆଯାଉନାହିଁ। ଶୋଭାଯାତ୍ରାରେ ସମିତି ସଭାପତି ମଙ୍ଗୁଲି ଦାସ, ସମ୍ପାଦକ ସନ୍ତୋଷ ରାଉତଙ୍କ ନେତୃତ୍ୱରେ ଝରି ରାଉତ, ମଦନ ପ୍ରଧାନ, ସୀତା ଦେଇ, ଝୁନୁ ବେହେରା, ବାସନ୍ତି ପ୍ରଧାନ, ଶୁଭଲକ୍ଷ୍ମୀ ଜେନା, ମଙ୍ଗୁଲି ସାହୁ, ଯଶୋଦା ବେହେରା, ରବି ବେହେରା, ରଫିଟୁଲା ଖାଁ, ମଙ୍ଗୁଲି ବେହେରାଙ୍କ ସମେତ କୁଷ୍ଠ ପୀଡ଼ିତ ପରିବାର ସାମିଲ ହୋଇଥିଲେ।

୭ ଦଫା ଦାବି ନେଇ ଗର୍ଜିଲେ କୁଷ୍ଠ ପୀଡ଼ିତ ପରିବାର

- ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- କଲୋନିରେ ମିଳୁନି ମୌଳିକ ସୁବିଧା

ଚାଲିକି ଆସିଲେ, ବାଇକ୍ ଧରି ଚମ୍ପଟ ମାରିଲେ

ଖୋର୍ଦ୍ଧା ଅଫିସ,୧୨।୧୨

ଚାଲିକି ଆସିଲେ, ବାଇକ୍ ଧରି ଫେରାର ହୋଇଗଲେ ଯୁବକ। ବୋଲଗଡ଼ ବ୍ଲକ ଧଳାପଥର ଗ୍ରାମର ସନ୍ତୋଷ ସାହୁଙ୍କ ବାଇକ୍‌କୁ ସମ୍ପୃକ୍ତ ଯୁବକ ଧରି ଚମ୍ପଟ ମାରିଛନ୍ତି। ଏହି ଘଟଣା ସିସିଟିଭିରେ କଏଦ ହୋଇଛି। ଯୁବକ ଜଣକ ପ୍ରଥମେ ଚାଲି ଚାଲି ଆସି ଘରକୁ ଅନୁସରଣ କରିଥିଲେ। ଘର ସମ୍ମୁଖ ଗେଟ୍ ଖୋଲାଥିବା ସୁଯୋଗ ନେଇ ବାଇକ୍ ଧରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଲୋକେ ଥାନାକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବା ଆଶଙ୍କାରେ ଚୋରି ହେଲେ ମଧ୍ୟ ଭାଗ୍ୟକୁ ନିନ୍ଦି ନୀରବ ରହୁଛନ୍ତି ବୋଲି ଉକ୍ତ ଅଞ୍ଚଳର ସାମାଜିକ କର୍ମୀ ରମେଶ ସାହୁ କହିଛନ୍ତି।

ରାଜସୁନାଖଳା ମହୋତ୍ସବ 'କାଉଁରୀ' ଉଦ୍‌ଯାପିତ

ରାଜସୁନାଖଳା ମହୋତ୍ସବ'କାଉଁରୀ' ରେ ଯୋଗଦେଇଥିବା ଅତିଥିମାନେ।

ବୋଲଗଡ଼,୧୨।୧୨(ଡି.ଏନ୍.ଏ.)

ରାଜସୁନାଖଳାସ୍ଥିତ ଡିଆଇଇଟି ପଡ଼ିଆରେ ଅନୁଷ୍ଠିତ ରାଜସୁନାଖଳା ମହୋତ୍ସବ 'କାଉଁରୀ' ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସାଧାରଣ ସମ୍ପାଦକ ତଥା ରାଜସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ସମ୍ପାଦକୀୟ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହୀ ଯୋଗଦେଇଥିବା ବେଳେ ଆଇନଜୀବୀ ରଞ୍ଜିତ ଦାଶ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ଇରା ମହାନ୍ତି ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ଯାହାକି ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏହି ଅବସରରେ କୃତୀ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ବିଭିନ୍ନ ସଫଳ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିଭାବେ ନୟାଗଡ ଜିଲାପରିଷଦ ସଭାପତି ଇଂ.ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର, ଶିଶିର କୁମାର ସାହୁ, ମଦନ ମୋହନ ସାହୁ, ଲିଙ୍ଗରାଜ ନାୟକ, ସୁଶ୍ରୀ ସୌଭାଗିନୀ ସାହୁ, ଡ.ବୈଦ୍ୟଭୂଷଣ ନନ୍ଦ ପ୍ରମୁଖ ଯୋଗଦେଇ ସ୍ମରଣିକା 'କାଉଁରୀ' ଉନ୍ମୋଚନ କରିଥିଲେ। ମହୋତ୍ସବର ଗଣମାଧ୍ୟମ ସଂଯୋଜକ ଭାବେ ରାଜେନ୍ଦ୍ର କୁମାର ସାହୁ ଦାୟିତ୍ୱ ତୁଲାଇଥିଲେ।

କୁହୁଡ଼ି ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ୧୬ରୁ

ଟାଙ୍ଗୀ(ଖୋର୍ଦ୍ଧା), ୧୨।୧୨(ଡି.ଏନ୍.ଏ.) କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଜନତା ଷ୍ଟାଡିୟମଠାରେ ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଟୁର୍ନାମେଣ୍ଟରେ ୮ଟି ଟିମ୍ ମଧ୍ୟରେ ଲିଗ୍ କମ୍ ନକଆଉଟ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। କୋଲ୍‌କାତାର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍, ଆସାମୀ ଇଷ୍ଟ ବେଙ୍ଗଲ, କେରଳ ଲୁକା ସ୍ପୋର୍ଟସ କ୍ଲବ, ପଣ୍ଡିଚେରୀ ଇଲେଭେନ, ଚେନ୍ନାଇ ପୋଲିସ, ୟଙ୍ଗ୍ ଫୁଟବଲ କ୍ଲବ ପଞ୍ଜାବ, ସିଲିଗୁଡି ସଶସ୍ତ୍ର ବଳ, ହାଇଦ୍ରାବାଦ ଆର୍ଟିଲେରୀ ଏହି ଟୁର୍ନାମେଣ୍ଟରେ ଭାଗନେଇଥିବା ସମ୍ପାଦକ ମନୋଜ କୁମାର ମାନସିଂହ କହିଛନ୍ତି। ୩୦ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ଭଦ୍ରକ ପୋଲିସ ଏକାଡେମୀ ବିଜୟୀ

ଯାଁଳା,୧୨।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଭଦ୍ରକ ପୋଲିସ ଏକାଡେମୀ ୩-୧ ଗୋଲରେ ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟିଂକୁ ପରାଜିତ କରି ବିଜୟୀ ହୋଇଛି। ମ୍ୟାଚ୍‌ର ୩ ମିନିଟରେ ଶବର ସ୍ପୋର୍ଟିଂର ରାଜ ବିନ୍ଧାଣି ଏକ ଗୋଲ ଦେଇଥିଲେ। ୨୧ ମିନିଟରେ ଭଦ୍ରକ ପୋଲିସ ଏକାଡେମୀ ଟିମର ସମୀର ମହାନ୍ତି ଏକ ଗୋଲ ଦେଇଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧର ୩୯ ଓ ୫୦ ମିନିଟରେ ଭଦ୍ରକ ପୋଲିସ ଟିମର ପପୁ ମାଝୀ ଦୁଇଟି ଗୋଲ ଦେଇଥିଲେ। ଶେଖାବତ୍ ଖାଁ, ବିଦେଶୀ ନାୟକ, ଗିରିଶ ଜାନୀ ଓ ଉପେନ୍ଦ୍ର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଯମୁନାରାଣୀ ବେହେରା ଓ ରଶ୍ମିତା ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ମହିଳାଙ୍କ ସୁନାଚେନ ଝାମ୍ପିନେଲେ ଦୁର୍ବୃତ୍ତ

ଖୋର୍ଦ୍ଧା ଅଫିସ,୧୨।୧୨

କଳା ପଲସରଧାରୀଙ୍କ ଆତଙ୍କ

ଖୋର୍ଦ୍ଧାରେ କଳା ପଲସର ମୁଖାଧାରୀଙ୍କ ଆତଙ୍କ। ଜନଗହଳିପୂର୍ଣ୍ଣ ସ୍ଥାନରୁ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଯାଇଛନ୍ତି। ସୋମବାର ଅପରାହ୍ନ ସାଢେ ୩ଟାରେ ନୂଆବସଷ୍ଟାଣ୍ଡ ଟ୍ରାଫିକ ଛକ ନିକଟରେ ଏହି ଘଟଣା ଘଟିଛି। ସ୍ୱଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ଏଭଳି ଘଟଣା ଘଟାଇ ଖସି ଯାଇଥିବା ବେଳେ ପୋଲିସ କୌଣସି ସୁରାକ ପାରିନାହିଁ। ଟ୍ରାଫିକ ଛକ ବିଦ୍ୟୁତ ଖଣ୍ଟରେ ସିସିଟିଭି ଖଞ୍ଜାଯାଇଛି। ଏହାର ସଂଯୋଗ ଟାଉନ ଥାନା ଏବଂ ଜିଲା ପୋଲିସ କାର୍ଯ୍ୟାଳୟ ସହ ରହିଛି। ତେବେ ପୋଲିସ କିପରି ଏହାର କୌଣସି ସୁରାକ ପାଇପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ, ନିରାକାରପୁର ଅଞ୍ଚଳର ଯମୁନା ସାହୁ ତାଙ୍କ ଭଉଣୀ ସହ ଘରକୁ ଫେରିବା ଲାଗି ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ବାଟ ମଙ୍ଗଳା ପଟୁ ଦୁଇ ଜଣ ଦୁର୍ବୃତ୍ତ ମୁଖଧାରୀ କଳା ପଲସରରେ ଆସି ମହିଳାଙ୍କ ବେକରୁ ସୁନା ଝାମ୍ପି ଚମ୍ପଟ ମାରିଥିଲେ। ମହିଳା ଜଣକ ପାଟି କରିବା ବେଳେ ଦୁର୍ବୃତ୍ତ ଦ୍ୱୟ ସେଠାରୁ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ବିଦ୍ୟୁତ ଖୁଣ୍ଟରେ ରହିଥିବା ସିସିଟିଭି ଏବଂ ଆଖପାଖ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

ଜି-୨୦ ଯୁବଗୋଷ୍ଠୀର କୋଷାଧ୍ୟକ୍ଷ ହେଲେ ଓମ୍ ପ୍ରିୟଦର୍ଶୀ

ଖୋର୍ଦ୍ଧା ଅଫିସ,୧୨।୧୨

ଭାରତ ଅଧ୍ୟକ୍ଷତାରେ ହେବାକୁ ଯାଉଥିବା ଜି-୨୦ ସମ୍ମିଳନୀରେ ଖୋର୍ଦ୍ଧା ଅଞ୍ଚଳର ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରମୁଖ ୧୯ ରାଷ୍ଟ୍ର ଓ ୟୁରୋପୀୟ ରାଷ୍ଟ୍ରସଂଘକୁ ନେଇ ଗଠିତ ଯୁବଗୋଷ୍ଠୀର କୋଷାଧ୍ୟକ୍ଷ ଭାବେ ଓମ୍ ମନୋନୀତ ହୋଇଛନ୍ତି। ଓମ୍ ଆଗାମୀ ବର୍ଷ ଭାରତ ଓ ଅନ୍ୟ ଜି-୨୦ ରାଷ୍ଟ୍ରଗୁଡିକରେ ଆୟୋଜିତ ହେବାକୁ ଯାଉଥିବା ବିଭିନ୍ନ ପ୍ରାକ୍ ସମ୍ମିଳନୀ, ଯୁବ ସଂଗୋଷ୍ଠୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୈଶ୍ୱିକ ସମସ୍ୟାର ସମାଧାନ ନିମିତ୍ତ କାର୍ଯ୍ୟଶାଳାର ପରିଚାଳନା କରିବେ।

ଏ ସମ୍ପର୍କରେ ଓମ୍ କୁହନ୍ତି, ଭାରତର ଜି-୨୦ ସଙ୍ଗଠନର ଅଧ୍ୟକ୍ଷତା ଏକ ସାର୍ବଜନୀନ ଏକତ୍ୱର ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିବ। ତେଣୁ ମୂଳ ପ୍ରସଙ୍ଗ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ। ଏହା କେବଳ ଏକ ସ୍ଲୋଗାନ ନୁହେଁ। ଏହା ସମ୍ପ୍ରତି ମାନବୀୟ ପରିସ୍ଥିତିରେ ଘଟୁଥିବା ପରିବର୍ତ୍ତନକୁ ମଧ୍ୟ ପ୍ରଦର୍ଶିତ କରୁଛି, ଯାହାକୁ ଆମେ ସାମୂହିକ ଭାବେ ସ୍ୱୀକାର କରିବାରେ ବିଫଳ ହୋଇଛୁ। ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଏବଂ ବୈଶ୍ୱିକ ମହାମାରୀ ପରି ଯେଉଁ ବିପଦର ସାମ୍ନା କରୁଛୁ ତାହା ପରସ୍ପର ମଧ୍ୟରେ ବିବାଦରେ ଲିପ୍ତ ରହିଲେ ସମାଧାନ କରିହେବ ନାହିଁ। ମିଳିତ ଭାବେ ସେସବୁର ମୁକାବିଲା କରିବା ଆବଶ୍ୟକ। ଏନ୍‌ଆଇଟି ରାଉରକେଲାରୁ ସ୍ନାତକୋତ୍ତର ହାସଲ କରିଥିବା ଓମ୍ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶ୍ରେଷ୍ଠ ଯୁବ ଲେଖକ ଭାବେ ସମ୍ମାନିତ ହୋଇସାରିଛନ୍ତି। ଖୋର୍ଦ୍ଧାର ଜଣେ ଛାତ୍ରନେତା ଭାବେ ପରିଚିତ ଓମ୍‌ଙ୍କୁ ଅନ୍ତର୍ଜାତୀୟ ନେତୃତ୍ୱ ମିଳିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ମାହୋଲ ଖେଳିଯାଇଛି।

ସ୍ଥାୟୀ କୋର୍ଟ ଗୃହ ନିର୍ମାଣ ଦାବି

ଜଟଣୀ,୧୨।୧୨(ଡି.ଏନ୍.ଏ.)

ଜଟଣୀ ଲୟର୍ସ ଆସୋସିଏଶନ ପକ୍ଷରୁ ଆସୋସିଏଶନର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ପରିସରରେ ଆୟୋଜିତ ଉତ୍ସବରେ ଆସୋସିଏଶନ ସଭାପତି ସୁଶୀଲ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ହାଇକୋର୍ଟର ବିଚାରପତି ଜଷ୍ଟିସ ସୁବାଶିଷ ତାଳପତ୍ର ଯୋଗଦେଇଥିଲେ। ବରିଷ୍ଠ ଅଧିବକ୍ତା ଅକ୍ଷୟ କୁମାର ସାହୁ ମଞ୍ଚ ପରିଚାଳନା, ସଂଘ ସମ୍ପାଦକ ଅଧିବକ୍ତା ଶିବପ୍ରସାଦ ରଥ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜଟଣୀ କୋର୍ଟର ସ୍ଥାୟୀ ଗୃହ ଏବଂ ଲୋକସଂଖ୍ୟା ଓ ମାମଲାର ବ୍ୟାପକତା ଦୃଷ୍ଟିରୁ ଜଟଣୀ କୋର୍ଟକୁ ସବ୍‌ଜଜ୍ କୋର୍ଟ କରିବା ପାଇଁ ଆସୋସିଏଶନ ପକ୍ଷରୁ ସମ୍ପାଦକ ଦାବି ଉପସ୍ଥାପନ କରିଥିଲେ

ସଂକ୍ଷେପରେ

ଅଲ୍ ଓଡ଼ିଶା ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ଗଠିତ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)- ରାଜ୍ୟରେ ଦଳିତ, ଆଦିବାସୀ, ପଛୁଆବର୍ଗ, ସଂଖ୍ୟାଲଘୁଙ୍କ ସାମାଜିକ ପରିବର୍ତ୍ତନ, ଅର୍ଥନୈତିକ ବିକାଶ ଓ ମୌଳିକ ଅଧିକାର ସୁରକ୍ଷା ନିମନ୍ତେ ସୋମବାର ଅଲ୍ ଓଡ଼ିଶା ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ଗଠନ କରାଯାଇଛି। ଲୋହିଆ ଏକାଡେମୀରେ ବିଦ୍ୟାଧର ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ପ୍ରାୟ ୩୦ଟି ସଂଗଠନର ପ୍ରତିନିଧି ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ କହିଥିଲେ, ସମ୍ମିଳିତ ଲଢ଼େଇ ସହ ବୁଦ୍ଧ ଓ ଆମ୍ବେଦକରଗାମୀ ହୋଇପାରିଲେ ବହୁଜନ ସେମାନଙ୍କ ଅଧିକାର ଓ ସୁରକ୍ଷା ପାଇପାରିବେ। ପଲ୍ଲୀରୁ ସହର ପର୍ଯ୍ୟନ୍ତ ସମସ୍ତ ସମଭାବାପନ୍ନ ବ୍ୟକ୍ତିତ୍ୱ ଏଥିରେ ଯୋଗଦାନ କରି ରାଜ୍ୟରେ ଏକ ବିଶାଳ ପରିବର୍ତ୍ତନ ଆଣିପାରିବେ ବୋଲି ସେ ଆହ୍ୱାନ ଦେଇଥିଲେ। ସ୍ୱାଧୀନତାର ୭୫ ବର୍ଷ ପରେ ରାଜ୍ୟରେ ଦଳିତମାନଙ୍କ ପାଇଁ ରାଜ୍ୟ ସରକାର କୌଣସି ଯୋଜନା କରିନାହାନ୍ତି। ଏହି ସ୍ଥିତିରେ ମୂଳନିବାସୀ ସମାଜକୁ ବଞ୍ଚାଇବାକୁ ହେଲେ ଯୁବ ଓ ମହିଳାମାନଙ୍କ ବୈଜ୍ଞାନିକ ଚିନ୍ତାଧାରାକୁ ଅଗ୍ରାଧିକାର ଦେବାକୁ ପଡ଼ିବ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ଯୋଗ ଦେଇଥିବା ସଂଗଠନର କର୍ମକର୍ତ୍ତା ମିଳିତ ଭାବେ ରାଜ୍ୟସ୍ତରୀୟ ପରିଚାଳନା କମିଟି ଗଠନ କରିଥିଲେ। ଏଥିରେ ରାଜ୍ୟ ସଂଯୋଜକ ଭାବେ ବିଦ୍ୟାଧର ଦେହୁରୀ, କାର୍ଯ୍ୟକାରୀ ସଂଯୋଜକ ଭାବେ ମନୋରଞ୍ଜନ ଜେନା ଓ ନୀହାର ରଞ୍ଜନ ସାମଲଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯିବା ସହ ଅନ୍ୟମାନଙ୍କୁ ମଧ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଲୋକନାଥ ସାମଲ ଧନ୍ୟବାଦ ଦେଇଥିଲେ।

ଭିଏସ୍‌ଏସ୍ ନଗରରୁ ଲକ୍ଷ୍ମୀ ବିହାର ରାସ୍ତା ନିର୍ମାଣ ଦାବି

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)- ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ୍) ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି ବୈଠକ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ପରିଷଦର ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭିଏସ୍‌ଏସ୍ ନଗରରୁ ଲକ୍ଷ୍ମୀ ବିହାର ରାସ୍ତା ନିର୍ମାଣ ପାଇଁ ଦାବି ହୋଇଥିଲା । କାର୍ଯ୍ୟନିର୍ବାହୀ ସମିତି ସଦସ୍ୟମାନଙ୍କର ଦାବି ପରେ ସାଧାରଣ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମା କହିଥିଲେ ଯେ, ରାସ୍ତା ନିର୍ମାଣ ପାଇଁ ବିଶ୍ୱବିଦ୍ୟାଳୟକୁ ବିଡିଏ, ବିଏମ୍‌ସି ଓ ଜିଏ ବିଭାଗ ପତ୍ର ଲେଖିବା ପରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟାର ଡିମାରକେସନ ପାଇଁ ଜିଏ ବିଭାଗକୁ ପତ୍ର ଲେଖିଛନ୍ତି। ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାଚାରିତା ନିନ୍ଦା କରାଯିବା ସହ ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡ. ଜୟନ୍ତ ପରିଡା, କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶୀତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଛିନ୍ତାଇ କରି ୨ କିଙ୍କର ଗିରଫ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ): ମାଡ଼ମାରି ଛିନ୍ତାଇ କରିଥିବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ୨ କିଙ୍କରଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭରତପୁର ଥାନା ଅନ୍ତର୍ଗତ ମଙ୍ଗଳା ମନ୍ଦିର ନିକଟରେ ରହୁଥିବା ଖୁସି କୁମାର ନାୟକ(୨୧) ଓ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଭରତିକା ଦାସ(୨୨)। ତାଙ୍କ ଠାରୁ ଗୋଟିଏ ମୋବାଇଲ୍ ଜବତ ହୋଇଛି । ସୂଚନାନୁସାରେ, ଅଜୟ କୁମାର ସାହୁ ରବିବାର ଗଁଗୁଆ କେନାଲ ରାସ୍ତାରେ ଯାଉଥିବା ବେଳେ ଉକ୍ତ କିଙ୍କର ଦ୍ୱୟ ଡାକିଥିଲେ। ଏହାପରେ ଅଜୟଙ୍କୁ ମାରପିଟ କରିବା ସହିତ ମୋବାଇଲ ଛଡ଼ାଇ ନେଇଯାଇଥିଲେ।

ଭୁବନେଶ୍ୱର ହେବ ସ୍ଲମ ଫ୍ରି ସିଟି

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ଆହୁରି ସୁନ୍ଦର ସହର ଭାବେ ଗଢ଼ି ତୋଳିବା ପାଇଁ ବିଏମ୍‌ସି ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛି। ନିକଟରେ ସ୍ୱେରେଜ, ସେପ୍‌ଟେଜ ଓ ଫିକଲ୍ ମ୍ୟାନେଜମେଣ୍ଟ କ୍ଷେତ୍ରରେ ବିଏମ୍‌ସିକୁ ଜାତୀୟ ସ୍ତରରେ ପୁରସ୍କାର ମିଳିବା ପଛରେ ଭୁବନେଶ୍ୱରବାସୀଙ୍କ ସହଯୋଗ ଥିବା କହିଛନ୍ତି ମେୟର ସୁଲୋଚନା ଦାସ। ବିଏମ୍‌ସି ସଭାଗୃହରେ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ବିଏମ୍‌ସିର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଲୋକଙ୍କୁ ସଫଳତାର ଶ୍ରେୟ ଦେଇଥିଲେ ମେୟର। ଏଥିସହ ଖୁବ୍‌ଶୀଘ୍ର ସ୍ୱଚ୍ଛ ସର୍ବେକ୍ଷଣ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାରୁ ଏଥର କିଭଳି ଭୁବନେଶ୍ୱରର ର୍ୟାଙ୍କ୍ ୮୦ରୁ ଉପରେ ରହିବ ସେନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସହରକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ପଦକ୍ଷେପ ନିଆଯାଉଛି। କାଛବାଡ଼ଠାରୁ ଆରମ୍ଭ କରି ରାସ୍ତାଘାଟ ପର୍ଯ୍ୟନ୍ତ ସବୁ ସୁନ୍ଦର କରାଯାଉଛି। ଏହାବ୍ୟତୀତ ସଲିଡ୍ ଏବଂ ଲିକ୍ୱିଡ୍ ବର୍ଜ୍ୟକୁ ଠିକ୍ ଭାବେ ପରିଚାଳନା କରାଯାଉଛି। ସେହିପରି ସହରକୁ ସ୍ଲମ୍ ଫ୍ରି ସିଟି ଭାବେ ପରିଗଣିତ କରିବା ସହ ଶ୍ରେଷ୍ଠ ବାସୋପଯୋଗୀ ସହର ଭାବେ ପରିଣତ କରିବାକୁ ଚେଷ୍ଟା କରାଯାଉଥିବା ମେୟର ଦାସ କହିଥିଲେ।

ବେଷ୍ଟ୍ ପ୍ରାକ୍ଟିସ ପାଇଁ ଅନ୍ୟ ରାଜ୍ୟକୁ ଯିବେ କର୍ପୋରେଟର

ବୈଠକରେ ଉପସ୍ଥିତ ମେୟର, ବିଏମ୍‌ସି କମିଶନର ଓ ଅନ୍ୟ ଅଧିକାରୀ ।

କାର୍ଯ୍ୟକ୍ରମରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ କହିଲେ, ସହରର ବିକାଶ ଓ ଉନ୍ନତି କରିବା ନେଇ ବେଷ୍ଟ ପ୍ରାକ୍ଟିସ ପାଇଁ କର୍ପୋରେଟରମାନଙ୍କୁ ସୁରତ, ଇନ୍ଦୋର, ପୁଣେ ଭଳି ବିଭିନ୍ନ ରାଜ୍ୟକୁ ପଠାଯିବ। କର୍ପୋରେଟରମାନେ ସେଠାକୁ ଯାଇ ଉନ୍ନୟନମୂଳକ କାର୍ଯ୍ୟ ଦେଖିବା ସହ ଜ୍ଞାନ ଆହରଣ କରିବେ। ଚଳିତ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବାର ଯୋଜନା ରହିଛି। ସେହିପରି ହକି ବିଶ୍ୱକପ୍ ପାଇଁ କ୍ୟାମ୍ପେନ ମୋଡ୍‌ରେ ବିଭିନ୍ନ କାମ କରାଯିବ ବୋଲି କମିଶନର କହିଥିଲେ। ଏହା ବ୍ୟତୀତ ଆସନ୍ତା ୧୩ ତାରିଖ ମଧ୍ୟରେ 'ମୁକ୍ତା' ଯୋଜନାରେ ନିଜ ନିଜ ୱାର୍ଡରେ ଥିବା ଖାଲି ଜାଗାରେ କେଉଁ ପ୍ରକଳ୍ପ କରାଯିବ ସେନେଇ ପ୍ରସ୍ତାବ ଦେବାକୁ କର୍ପୋରେଟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ପ୍ରତି ୱାର୍ଡରୁ ସର୍ବାଧିକ ୧୦ଟି ଲେଖାଏ ପ୍ରସ୍ତାବ ଦେବାକୁ କୁହାଯାଇଥିଲା। ବୈଠକରେ ଡେପୁଟି କମିଶନର ମଞ୍ଜୁଲତା କର୍ହର, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ସାନିଟେଶନ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବିରଞ୍ଚି ନାରାୟଣ ମହାସୁପକାର, ସିଟି ଇଞ୍ଜିନିୟର ଅରୁଣ ନାୟକଙ୍କ ସମେତ କର୍ପୋରେଟରମାନେ ଉପସ୍ଥିତ ଥିଲେ।

ସିବିଆଇର ୩୪ଜଣଙ୍କୁ ପୋଲିସ ପଦକ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଯୋଗଦେଇ କହିଲେ, ଦୁର୍ନୀତି ରୂପକ ଅପରାଧ ରୋକିବା ସମସ୍ତଙ୍କ ଅଧିକାର ଓ ଉତ୍ତରଦାୟିତ୍ୱ। ବିଶେଷ କରି ସାଧାରଣ ନାଗରିକଙ୍କ ଉପରେ ଦୁର୍ନୀତିର ଅଧିକ ପ୍ରଭାବ ପଡ଼ିଥାଏ। ସରକାରୀ ନିଷ୍କ୍ରିୟତା ଏହାକୁ ପ୍ରୋତ୍ସାହନ ଦେଇଥାଏ ଓ ଏହାଦ୍ୱାରା ଆର୍ଥିକ ଅପରଗତା ସୃଷ୍ଟି ହୋଇଥାଏ। ଏଥିସହ ଦେଶର ସୁରକ୍ଷା ପ୍ରତି ମଧ୍ୟ ଗମ୍ଭୀର ବିପଦ ସୃଷ୍ଟି କରିଥାଏ। ଛୋଟ କିମ୍ବା ବଡ଼ ଦୁର୍ନୀତି ସବୁବେଳେ ଅନ୍ୟର ଅଧିକାର ଛଡ଼ାଇ ନେଇଥାଏ ବୋଲି ଡ. ମିଶ୍ର କହିଥିଲେ। ଦୁର୍ନୀତି ନିବାରଣ ଦିବସର ବିଷୟବସ୍ତୁ 'ୟୁଏନ୍‌ସିଏସ୍ ଆଟ୍ ୨୦: ଦୁର୍ନୀତି ବିରୋଧରେ ବିଶ୍ୱକୁ ଏକଜୁଟ୍ କରିବା' ସମ୍ପର୍କରେ ସେ କହିଲେ, ସବୁ ଦେଶ ଏହା ବିରୋଧରେ ଏକଜୁଟ ହୋଇ ଲଢ଼ିବାର ସମୟ ଆସିଛି। ଏଥିସହ ଅଭିନବ ଦୁର୍ନୀତି ନିବାରଣ ସମାଧାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୩୪ଜଣ ସିବିଆଇ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍କୃଷ୍ଟ ସେବା ପାଇଁ ପଦକ ବିତରଣ କରାଯାଇଥିଲା। ମୁଖ୍ୟ ଦୁର୍ନୀତି ନିବାରଣ ଆୟୁକ୍ତ, କେନ୍ଦ୍ରୀୟ ଭିଜିଲାନ୍ସ ଆୟୁକ୍ତଗଣ, ଲୋକପାଳ ସଦସ୍ୟ, ୟୁପିଏସ୍‌ସି ଅଧ୍ୟକ୍ଷଙ୍କ ସହ ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀ, ବରିଷ୍ଠ ପୋଲିସ ଅଧିକାରୀ, ସିବିଆଇର ସମସ୍ତ ଶାଖା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସିବିଆଇ ନିର୍ଦ୍ଦେଶକ ସୁବୋଧ କୁମାର ଜୟସୱାଲ ସ୍ୱାଗତ ଭାଷଣ ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ପ୍ରବୀଣ ସିହ୍ନା ଧନ୍ୟବାଦ ଦେଇଥିଲେ।

'ଦୁର୍ନୀତି ପାଇଁ ଆର୍ଥିକ ଅପାରଗତା ସୃଷ୍ଟି ହୁଏ'

ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଦିନରେ ବିକ୍ଷୋଭ, ଧାରଣା ଓ ପ୍ରତିବାଦ ପରେ ଆନ୍ଦୋଳନକାରୀମାନେ ରାତିରେ ଶୋଇଥିବାର ଦୃଶ୍ୟ। (ଫଟୋ-ମୌସମ)

ଜିପିଆର୍‌୧୪୧ ପ୍ରୋଟିନ ସ୍ତନ କର୍କଟ ବଢ଼ାଏ

ଓଡ଼ିଆ ବୈଜ୍ଞାନିକଙ୍କ ନୂଆ ଗବେଷଣା

ଡା. ସନ୍ଦୀପ ମିଶ୍ର

ମୋନାଲିସା ପରିଜା

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ବିଶ୍ୱରେ ଏବେ ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କେବଳ ରୋଗୀ ସଂଖ୍ୟା ନୁହେଁ, ରୋଗୀଙ୍କ ମୃତ୍ୟୁ ମଧ୍ୟ ବୃଦ୍ଧି ପାଉଛି। ତେଣୁ ଏଭଳି ଏକ ମାରାତ୍ମକ ରୋଗକୁ କିପରି ନିରାକାରଣ କରାଯାଇପାରିବ ସେନେଇ ଗବେଷଣା ଜାରି ରହିଛି। କିଛିମାସ ତଳେ ଭୁବନେଶ୍ୱର ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍)ର ସିନିୟର୍ ମଲିକ୍ୟୁଲାର୍ ଅଙ୍କୋଲୋଜିଷ୍ଟ ଡା. ସନ୍ଦୀପ ମିଶ୍ର ସ୍ତନ କର୍କଟର ଟ୍ୟୁମର ଦମନକାରୀ ଜିନ୍ ଆବିଷ୍କାର କରି ଚର୍ଚ୍ଚାରେ ଆସିଥିଲେ। ଏହି ଜିନ୍ ଦ୍ୱାରା ଷ୍ଟେଜ୍-୩ରେ ଥିବା ସ୍ତନ କର୍କଟ ରୋଗ ବି ଭଲ ହୋଇପାରିବ ବୋଲି ସେ ଦାବି କରିଥିଲେ। ଏବେ ଡା. ମିଶ୍ରଙ୍କ ଅଧୀନରେ ଜଣେ ବୈଜ୍ଞାନିକ ସ୍ତନ କର୍କଟ ରୋଗ ଉପରେ ଏକ ଆବିଷ୍କାର କରିଛନ୍ତି। ସେ ହେଉଛନ୍ତି ମୋନାଲିସା ପରିଜା। ଜିପିଆର୍‌୧୪୧ ପ୍ରୋଟିନ ସ୍ତନ କର୍କଟକୁ ବଢ଼ାଏ ବୋଲି ସେ କହିଛନ୍ତି। ଦୀର୍ଘବର୍ଷ ହେବ ଏହା ଉପରେ ସେ ଗବେଷଣା ଜାରି ରଖିଥିବାବେଳେ ତାଙ୍କ ନୂଆ ଆବିଷ୍କାର ଓ ପ୍ରାମାଣିକ ତଥ୍ୟ ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶିତ ହେବା ପାଇଁ ମନୋନୀତ ହୋଇସାରିଛି। ଏ ନେଇ ମୋନାଲିସା କହିଛନ୍ତି, ଚିକିତ୍ସା ପୂର୍ବରୁ ରୋଗର କାରଣ ଜାଣିବା ଆବଶ୍ୟକ। ସ୍ତନ କର୍କଟର ପ୍ରଗତି ଏବଂ ମେଟାଷ୍ଟାସିସ୍ ନିୟନ୍ତ୍ରଣ କରିବା ପାଇଁ ଜିପିଆର୍‌୧୪୧କୁ ମଡ୍ୟୁଲେଟିଂ କରିବା ଏକ ଉତ୍ତମ ଚିକିତ୍ସା ପଦ୍ଧତି ପାଇଁ ବାଟ ଖୋଲିପାରେ। ଏ ସମ୍ପର୍କରେ ଡା. ମିଶ୍ର କହିଛନ୍ତି, ଯଦି କାହା ଶରୀରରେ ଜିପିଆର୍‌୧୪୧ ପ୍ରୋଟିନ ବଢ଼ିଥିବା ଦେଖାଯାଉଛି, ତେବେ ତାଙ୍କଠାରେ ସ୍ତନ କର୍କଟ ବିକଶିତ ହେଉଥିବା ଜାଣିହେବ। ତେଣୁ ଆରମ୍ଭରୁ ଏହି ରୋଗ ସମ୍ପର୍କରେ ଜାଣିବା ସହ ଚିକିତ୍ସା ଆରମ୍ଭ କରାଯାଇପାରିବ। ଏହି ଗବେଷଣା ପାଇଁ ୪ବର୍ଷ ଲାଗିଯାଇଛି। ବର୍ତ୍ତମାନ ଆମେ ଏହାର ଔଷଧ ପ୍ରସ୍ତୁତ କରିବାକୁ ଯାଉଛୁ। ୨୦୨୩ ମେ' ସୁଦ୍ଧା ଔଷଧ ପ୍ରସ୍ତୁତ କରିବାକୁ ଆଶା ରଖିଛୁ ବୋଲ ଡା. ମିଶ୍ର କହଛନ୍ତ।

ଓଡ଼ିଆ ଭାଷା ଓ ସାହିତ୍ୟର ଗରିମା ସମଗ୍ର ଭାରତରେ ପ୍ରତିଷ୍ଠିତ

ରାଜ୍ୟ ପୁସ୍ତକ ମହୋତ୍ସବର ୪ର୍ଥ ସନ୍ଧ୍ୟା

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ଚତୁର୍ଥ ଦିନରେ ସୋମବାର 'ଆଧୁନିକ କବିତାରେ ଜୀବନର ସ୍ୱର ଓ ସାକ୍ଷର' ବିଷୟରେ ସାହିତ୍ୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଜୁରାଟୀ କବି ପ୍ରଫେସର ପଦ୍ମଶ୍ରୀ ସୀତାଂଶୁ ୟାଶଚନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କବିବର ରାଧାନାଥ ରାୟଙ୍କ 'ଚିଲିକା' କାବ୍ୟର ଉଦ୍ଧୃତି ଦେଇ ସେ ଓଡ଼ିଆ ଭାଷା ଏବଂ କବିତାର ଗରିମା ସମଗ୍ର ଭାରତବର୍ଷରେ ରହିଛି ବୋଲି କହିଥିଲେ। କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କବି ବାଲ୍ମୀକୀଙ୍କ ଉଦାହରଣ ଦେଇ କହିଥିଲେ, ଯାହା ନିତ୍ୟ, ତାହା ହିଁ ଆଧୁନିକ। ନକାରାତ୍ମକ ଆବେଗକୁ ସକାରାତ୍ମକ ଆବେଗରେ ପରିଣତ କରି ପାରୁଥିବା କବି ହିଁ ପ୍ରକୃତରେ କାଳଜୟୀ କବି ବୋଲି ମତ ଦେଇଥିଲେ।

ଏହି ଅବସରରେ ଜ୍ଞାନଯୁଗ ପବ୍ଲିକେଶନ ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ଭାନୁମତୀ ସାହୁଙ୍କ ଦୀର୍ଘ ଉପନ୍ୟାସ 'ଚକ୍ରବ୍ୟୂହ' ଓ ଗଳ୍ପ ସଂକଳନ 'ଅଦୃଶ୍ୟ ଆଖି' ଏବଂ ବ୍ଲାକ ଇଗଲ ବୁକ୍ସ, ଆମେରିକା ଦ୍ୱାରା ପ୍ରକାଶିତ କବି ପ୍ରଫେସର ଅରୁଣ ଚନ୍ଦ୍ର ସାହୁଙ୍କ କବିତା ସଂକଳନ 'ନିଃଶବ୍ଦ ବଂଶୀସ୍ୱନ' ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ସମ୍ପାଦକ ପ୍ରବୋଧ କୁମାର ରାଉତ, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

'ଅକ୍ଷର' ମଞ୍ଚରେ ଗୁଜରାଟୀ କବି ପ୍ରଫେସର ସୀତାଂଶୁ ୟାଶଚନ୍ଦ୍ର ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଶୁଟିଂ ଚାଲିଥିବା ଡିଜି ବସ୍ ଜଳିଗଲା

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ବଡ଼ ବିପଦ ଟଳିଗଲା

ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଶୁଟିଂ ଚାଲିଥିବା ସମୟରେ ଡିଜି ସେଟ୍ ସହ ଏକ ବସ୍‌ରେ ନିଆଁ ଲାଗି ଯାଇଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଶର୍ଟ ସର୍କିଟ ଯୋଗୁ ଏହା ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାନୁସାରେ, ସୋମବାର ଅପରାହ୍ନରେ ନିର୍ମାଣାଧୀନ ବରମୁଣ୍ଡା ବସଷ୍ଟାଣ୍ଡରେ ଶୁଟିଂ ଚାଲିଥିଲା। ଲାଇଟ୍ ଓ ବିଭିନ୍ନ ଯନ୍ତ୍ରାଂଶ ଚାଲିବାକୁ ଏକ ଡିଜି (ଜେନେଟର) ରହିଥିଲା। ତାହାକୁ ଏକ ବସ୍‌ରେ ରଖାଯାଇଥିଲା। ଅପରେଟର ଜେନେଟର ଚଲାଇବା ମାତ୍ରେ ସେଥିରୁ ହଠାତ୍ ନିଆଁ ବାହାରି ଚାରି ଆଡକୁ ବ୍ୟାପି ଯାଇଥିଲା। ନିଆଁ ଲାଗିବା ଦେଖି କଳାକାର, ଦର୍ଶକ ଓ ଅନ୍ୟ କର୍ମଚାରୀମାନେ ଦୂରକୁ ଚାଲିଯାଇ ଥିଲେ। ବସ୍ ଓ ଡିଜିରେ ତେଲ ଥିବାରୁ ବିସ୍ଫୋରଣ ଆଶଙ୍କା ଥିଲା। ତେବେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ବଡ଼ ବିପଦ ଟଳିଯାଇଥିଲା। ଅନ୍ୟପକ୍ଷରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ ରାସ୍ତା ଉପରେ ଥୁଆ ହୋଇଥିବା ଏକ ଟ୍ରାଭେଲ୍ସ ଗାଡିରେ ସୋମବାର ଭୋର ୪ ଟାରେ ନିଆଁ ଲାଗି ଯାଇଥିଲା। ଫଳରେ ତାହା ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଶର୍ଟ ସର୍କିଟ ଯୋଗୁ ଗାଡିରେ ଅଗ୍ନିକାଣ୍ଡ ଘଟିଥିବା ନେଇ ମାଲିକ ଲକ୍ଷ୍ମୀସାଗର ଥାନାରେ ଏକ ରିପୋର୍ଟ ଦେଇଛନ୍ତି।

୩ ନିଶାଡ଼ି ଗିରଫ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ):

ବଡ଼ଗଡ଼ ଗଡ ଥାନା ପୋଲିସ ୩ ନିଶାଡ଼ିଙ୍କୁ ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବଡ଼ଗଡ଼, ଦୋଳମଣ୍ଡପ ସାହିର ଚନ୍ଦୁ ଓରଫ୍ ସତ୍ୟଜିତ୍ ଭଞ୍ଜ(୨୬), ଗାନୁ ଓରଫ୍ ଗଣେଶ ଭଞ୍ଜ ଓ ମୁନା ଭୋଇ(୨୨)। ସୂଚନାନୁସାରେ ରବିବାର ସିଦ୍ଧେଶ୍ୱର ସାମଲ ଦୋକାନରେ ବସିଥିବା ବେଳେ ଅଭିଯୁକ୍ତମାନେ ନିଶାସକ୍ତ ଅବସ୍ଥାରେ କିଛି ପଥର, କଟୁରି ଏବଂ

୧୨।୧୨।୨୦୨୨

୩,୮୦,୭୫୪ ଟଙ୍କା	
ସୁନା	୨.୨୫୦ ଗ୍ରାମ
ରୁପା	୧୬.୬୧୦ ଗ୍ରାମ

ମୋ ପାର୍କ ପ୍ରକଳ୍ପ ଜରାଜୀର୍ଣ୍ଣ

ଅସ୍ତରଙ୍ଗ,୧୨।୧୨(ଡି.ଏନ୍.ଏ.)

ସରକାରୀ ଗାଇଡ୍ ଲାଇନ ଉଲ୍ଲଂଘନ କରି ପ୍ରଶାସନିକ ଅଧିକାରୀଙ୍କ ଚଞ୍ଚକତା ଯୋଗୁ ଅସ୍ତରଙ୍ଗ ବ୍ଲକରେ ନିର୍ମିତ ସମସ୍ତ ଗ୍ରାମୀଣ ପାର୍କ ଏବେ ଜରାଜୀର୍ଣ୍ଣ ହୋଇପଡିଛି। ଗୋଚର ଜମିରେ ନିର୍ମିତ ଏକାଧିକ ଅଙ୍ଗନୱାଡି ଗୃହ ସେମିତି ପଡ଼ିରହିଛି।

୨୦୧୮ ମସିହାରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ଗାଇଡ୍‌ଲାଇନ ଅନୁଯାୟୀ, ଗ୍ରାମାଞ୍ଚଳର ପ୍ରତ୍ୟେକ ପଞ୍ଚାୟତରେ ୧୦ ହଜାରରୁ ୨୦ ହଜାର ବର୍ଗଫୁଟ ଜମିରେ ପାର୍କ ନିର୍ମାଣ ପାଇଁ ନିର୍ଦ୍ଦେଶ ହୋଇଥିଲା। ଆର୍‌ଟିଆଇ ସୂଚନା ଅନୁସାରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ଏହି ସରକାରୀ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରିଥିବା ଜଣାପଡିଛି। ବ୍ଲକର ୧୫ଟି ପଞ୍ଚାୟତରେ ଅଧିକାଂଶ ଗୋଚର ଓ ଶ୍ମଶାନ ଜମିରେ ଗ୍ରାମୀଣ ପାର୍କ ନିର୍ମାଣ ହୋଇଛି। ଏନେଇ ସ୍ଥାନୀୟ ସୂଚନା କର୍ମୀ ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ଉଚ୍ଚ ନ୍ୟାୟାଳୟ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ମାଣ ସରିଥିବା ଓ ନିର୍ମାଣାଧୀନ ଗ୍ରାମୀଣ ପାର୍କ ଏବଂ ଅଙ୍ଗନୱାଡିଗୁଡ଼ିକରୁ ଅଧିକାଂଶ ପ୍ରକଳ୍ପ ସ୍ଥାନ ଗୋଚର ଓ ଶ୍ମଶାନ ଜମି ଥିବା ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ତଦନ୍ତରୁ ଜଣାପଡିଛି।

ଏହି ବେଆଇନ ନିର୍ମାଣ ପାଇଁ ଅସ୍ତରଙ୍ଗ ବିଡିଓ ତୁଷାର ଜ୍ୟୋତି ରଞ୍ଜନଙ୍କୁ ତହସିଲଦାର ପତ୍ର ଲେଖିବା ପରେ ନିର୍ମାଣାଧୀନ ସମସ୍ତ କାର୍ଯ୍ୟ ବର୍ଷେ ହେଲା ବନ୍ଦ ରହିଛି। ଯେଉଁ କେତୋଟି

ରକ୍ଷଣାବେକ୍ଷଣ ଅଭାବ

ଗ୍ରାମୀଣ ପାର୍କ ପୂର୍ଣାଙ୍ଗ ହୋଇଥିଲା, ତାହା ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ହୋଇଗଲାଣି। ଅନ୍ୟ ଅଙ୍ଗନୱାଡ଼ିଗୁଡ଼ିକ ଭୂତକୋଠି ପାଲଟିଯାଇଛି। ଜମି ଅଧିଗ୍ରହଣ ନ କରି ସରକାରୀ ଟଙ୍କା ହଡ଼ପ ପାଇଁ ତରବରିଆ ଭାବେ ଏହି ପ୍ରକଳ୍ପ କରାଯାଇଥିବାରୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ୨୦୧୮ରେ ଜାରି ହୋଇଥିବା ସରକାରୀ ଗାଇଡ୍‌ଲାଇନ କିପରି ପାଳନ ହେବ, ସେ ନେଇ ସ୍ଥାନୀୟ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଖୁବ୍‌ଶୀଘ୍ର ଜମିଜମା ସମସ୍ୟା ସମାଧାନ କରାଯାଇ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ ହେବ ବୋଲି ବିଡିଓ କହିଛନ୍ତି।

ଚିଲିକାରେ ବ୍ୟାପିଲା ଭୂତାଣୁ 'ଲମ୍ପି'

ବାଲୁଗାଁ, ୧୨।୧୨(ଡି.ଏନ୍.ଏ.)

- ୫ ଗୋରୁ ମୃତ, ୫୪ ଆକ୍ରାନ୍ତ
- ପରୀକ୍ଷାଗାରକୁ ପଠାଗଲା ୭୦ ନମୁନା

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ୧୭ଟି ପଞ୍ଚାୟତ ଅଞ୍ଚଳରେ ଗୋରୁଙ୍କୁ ଲମ୍ପି (ଚର୍ମବିଣ୍ଡି ତଥା ଗୋବସନ୍ତ ରୋଗ) ହେବାରେ ଲାଗିଛି। ଏହା ଭୂତାଣୁଜନିତ ସଂକ୍ରାମକ ରୋଗ ହୋଇଥିବା ବେଳେ ଗୋମାଲିକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ସୋମବାର ସୁଦ୍ଧା ଏହି ରୋଗରେ ଚିଲିକା ଅଞ୍ଚଳରେ ୫ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ପୀଡ଼ିତ ୫୪ ଗୋରୁଙ୍କ ଚିକିତ୍ସା ଜାରି ରହିଛି। ତନ୍ମଧ୍ୟରୁ ୧୭ ଗୋରୁ ସୁସ୍ଥ ହୋଇଛନ୍ତି। ୩୪୦୦ ଗୋରୁଙ୍କୁ ଟିକାକରଣ କରାଯାଇଥିବା ବେଳେ ଅସୁସ୍ଥ ୭୦ ଗୋରୁଙ୍କ ନମୁନା ସଂଗ୍ରହ କରାଯାଇ କଟକ ଫୁଲନଖରାସ୍ଥିତ ପଶୁରୋଗ ଗବେଷଣା କେନ୍ଦ୍ରକୁ ପଠାଯାଇଛି ବୋଲି ବାଲୁଗାଁ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡା. ଦେବାଶିଷ ଦାସ କହିଛନ୍ତି ।

ଭୂତାଣୁ ଯେପରି ଅଧିକ ନ ବ୍ୟାପିବ ସେଥିପାଇଁ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଲିଫ୍‌ଲେଟ୍ ମାଧ୍ୟମରେ ସଚେତନ ବାର୍ତ୍ତା ପ୍ରଚାର ଜାରି ରହିଛି । ଗୋରୁଙ୍କ ଶରୀରରେ ଏପରି କୌଣସି ଲକ୍ଷଣ ଦୃଷ୍ଟିଗୋଚର ହେଲେ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ କୁହାଯାଇଛି। ଏନେଇ ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା କୁହନ୍ତି, ପକ୍ଷୀଙ୍କୁ ଏହି ଭୂତାଣୁ ସଂକ୍ରମଣ ହେବାର ସମ୍ଭାବନା ନାହିଁ। ତଥାପି ଏ ଦିଗରେ ବିଭାଗ ସଚେତନ ରହିଛି । ଅସୁସ୍ଥ ପକ୍ଷୀ ଦୃଷ୍ଟିଗୋଚର ହେଲେ ତୁରନ୍ତ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯିବ।

ସଂକ୍ଷେପରେ

ଅଜଣା ରୋଗରେ ୭ ଗୋରୁ ମୃତ

ବେଗୁନିଆ,୧୨।୧୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଲକ ଗ୍ରାମର ଗାଈଗୋରୁଙ୍କ ଠାରେ ଅଜଣା ରୋଗ ଦେଖାଦେଇଛି। ଗତ ୪ ଦିନ ମଧ୍ୟରେ ୭ଗୁ ିଟି ଗୋରୁଗାଈ ମୃତ୍ୟୁବରଣ କରିଥିବା ଜଣାପଡିଛି। ଗ୍ରାମର ଫକିର ଚରଣ ବଡ଼ଜେନା, ପୂର୍ଣ୍ଣଚନ୍ଦ୍ର ବରାଳ, ବିମ୍ବାଧର ବଡ଼ଜେନା ଓ ଚକ୍ରଧର ବରାଳଙ୍କ ସମେତ ଅନ୍ୟ କେତେଜଣ ଗୋପାଳକଙ୍କ ଗୋଟିଏ ଲେଖାଏ ଗୋରୁ ମୃତବରଣ କରିଛନ୍ତି। ଅନେକ ଗାଈଗୋରୁ ରୋଗରେ ପୀଡିତ ଅଛନ୍ତି। ତେବେ ଉପଯୁକ୍ତ ଡାକ୍ତରୀ ସେବା ମିଳୁ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଭ୍ରାମ୍ୟମାଣ ଚିକିତ୍ସା ଦଳକୁ ଖବର ଦେଲେ ମଧ୍ୟ କୌଣସି ସେବା ମିଳୁ ନାହିଁ। ସେହିପରି ସ୍ଥାନୀୟ ପ୍ରାଣୀଧନ ଚିକିତ୍ସାଳୟକୁ ଗଲେ ମଧ୍ୟ କେନ୍ଦ୍ରରେ ତାଲା ଝୁଲୁଛି। ତୁରନ୍ତ ପ୍ରାଣୀ ଚିକିତ୍ସା ଡାକ୍ତରୀ ଦଳ ସେବା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶଙ୍କର୍ଷଣ ମହନ୍ତ କୁହନ୍ତି, ଏନେଇ କୌଣସି ସୂଚନା ନାହିଁ। ତଥାପି ଦେଖୁଛି ବୋଲି କହିଥିଲେ।

ମହିଳାଙ୍କ ସୁନାଚେନ ଝାମ୍ପିନେଲେ ଦୁର୍ବୃତ୍ତ

କଳା ପଲ୍‌ସରଧାରୀଙ୍କ ଆତଙ୍କ

ଖୋର୍ଦ୍ଧା ଅଫିସ,୧୨।୧୨:ଖୋର୍ଦ୍ଧାରେ କଳା ପଲସର ମୁଖାଧାରୀଙ୍କ ଆତଙ୍କ। ଜନଗହଳିପୂର୍ଣ୍ଣ ସ୍ଥାନରୁ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଯାଇଛନ୍ତି। ସୋମବାର ଅପରାହ୍ନ ସାଢ଼େ ୩ଟାରେ ନୂଆବସଷ୍ଟାଣ୍ଡ ଟ୍ରାଫିକ ଛକ ନିକଟରେ ଏହି ଘଟଣା ଘଟିଛି। ସ୍ପଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ଏଭଳି ଘଟଣା ଘଟାଇ ଖସି ଯାଇଥିବା ବେଳେ ପୋଲିସ କୌଣସି ସୁରାକ ପାରିନାହିଁ। ଟ୍ରାଫିକ ଛକ ବିଦ୍ୟୁତ ଖଣ୍ଟରେ ସିସିଟିଭି ଖଞ୍ଜାଯାଇଛି। ଏହାର ସଂଯୋଗ ଟାଉନ ଥାନା ଏବଂ ଜିଲା ପୋଲିସ କାର୍ଯ୍ୟାଳୟ ସହ ରହିଛି। ତେବେ ପୋଲିସ କିପରି ଏହାର କୌଣସି ସୁରାକ ପାଇପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ, ନିରାକାରପୁର ଅଞ୍ଚଳର ଯମୁନା ସାହୁ ତାଙ୍କ ଭଉଣୀ ସହ ଘରକୁ ଫେରିବା ଲାଗି ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ବାଟ ମଙ୍ଗଳା ପଟୁ ଦୁଇ ଜଣ ଦୁର୍ବୃତ୍ତ ମୁଖାଧାରୀ କଳା ପଲସରରେ ଆସି ମହିଳାଙ୍କ ବେକରୁ ସୁନା ଝାମ୍ପି ଚମ୍ପଟ ମାରିଥିଲେ। ପୋଲିସ ବିଦ୍ୟୁତ ଖୁଣ୍ଟରେ ରହିଥିବା ସିସିଟିଭି ଏବଂ ଆଖପାଖ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି।

ପୁରୀ ଓକିଲ ସଂଘର ସତ୍ୟାଗ୍ରହ ଆନ୍ଦୋଳନ

ଜିଲା କୋର୍ଟ ସମ୍ମୁଖରେ ଆଇନଜୀବୀମାନେ ସତ୍ୟାଗ୍ରହ ଆନ୍ଦୋଳନ କରୁଛନ୍ତି।

ପୁରୀ ଅଫିସ, ୧୨।୧୨

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ସମ୍ବଲପୁରରେ ଆଇନଜୀବୀମାନେ ଆନ୍ଦୋଳନ ଚଳାଇଛନ୍ତି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ବିରୋଧ କରି ତଥା ଆଇନୀଜୀବୀ ପରିଷଦର ଓକିଲ ମାରଣ ନୀତି ବିରୋଧରେ ସୋମବାର ପୁରୀ ଜିଲା ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ସହ ଜିଲା କୋର୍ଟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ପୁରୀ ଓକିଲ ସଂଘ କର୍ମକର୍ତ୍ତା କହିଛନ୍ତି, ଓକିଲ ସଂଘ କୌଣସି ଆନ୍ଦୋଳନ କରିପାରିବ ନାହିଁ ବୋଲି

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ପ୍ରତିବାଦ

ସୁପ୍ରିମକୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ମନମୁଖୀ ହୋଇଥିବାରୁ ଗ୍ରହଣ କରାଯାଇ ପାରିବ ନାହିଁ। ଏପରି ନିର୍ଦ୍ଦେଶ ଅତ୍ୟନ୍ତ ଦୁଃଖଦାୟକ ଓ ମର୍ମାହତ। ତେଣୁ ସୁପ୍ରିମକୋର୍ଟ ଉକ୍ତ ନିର୍ଦ୍ଦେଶକୁ ପ୍ରତ୍ୟାହାର କରନ୍ତୁ ବୋଲି ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ନଚେତ ଏହାକୁ ବିରୋଧ କରାଯିବା ସହ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି। ସେହିପରି ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ ବୋଲି ଓକିଲ ସଂଘ ଦାବି କରିଛି। ପୁରୀ ଓକିଲ ସଂଘ ସଭାପତି ଜୟରାମ ବସ୍ତିଆ, ବିଭୂଦତ୍ତ ପଟ୍ଟନାୟକ, ସାରଦା ପ୍ରସାଦ ସାମଲ, ବିଜୟ କୁମାର ମିଶ୍ର, ପ୍ରିୟଦର୍ଶନ ପଟ୍ଟନାୟକ, କାଳୀପ୍ରସାଦ ନାୟକ, ଅନିଲ କୁମାର ସାହୁ, ପ୍ରଶାନ୍ତ କୁମାର ରଣା, ଅଶୋକ କୁମାର ରଥ, ଦିଲୀପ କୁମାର ସାମନ୍ତରାୟ, ଲାଲା ଅନନ୍ତ କୁମାର ସିଂହ, ତପନ କୁମାର ବାରିକ, ପ୍ରେମାନନ୍ଦ ମହାନ୍ତି, ଜ୍ୟୋତି ପ୍ରକାଶ ମିଶ୍ର, ବୈଦ୍ୟନାଥ ପାଣି, ଶରତ କୁମାର ରଥ, ଶରତ କୁମାର ରାୟଗୁରୁ, ଆଦିତ୍ୟ ହୃଦୟ ମିଶ୍ର, ଶିତିକାନ୍ତ ଶତପଥି, ଶୁଭାଶିଷ ମହାନ୍ତି, ନମିତା ସାମଲ, ନରେଶ କୁମାର ମହାନ୍ତି, ଅଶୋକ କୁମାର ମଲ୍ଲିକ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ।

୧୯ରେ ୩୧ ପଞ୍ଚାୟତରେ ହେବ ଖୋକ, କବାଡ଼ି, ଫୁଟବଲ ଖେଳ

ଗୋପ,୧୨।୧୨(ଡି.ଏନ୍.ଏ.)

ଗୋପ ବ୍ଲକରେ ଖୋକ, କବାଡି, ଫୁଟବଲରେ ମହାପ୍ରତିଯୋଗିତା ହେବ। ଏଥିରେ ପ୍ରତ୍ୟେକ ପଞ୍ଚାୟତର ଉଦ୍ୟୟମାନ ପ୍ରତିଭା ଝିଅ ପୁଅ ଖେଳାଳି ଭାଗ ନେଇପାରିବେ। ଓଡିଶାରେ ହକି ୱାର୍ଲଡ କପ୍ ଖେଳାଯାଉଥିବାରୁ ରାଜ୍ୟ ସରକାର ପଞ୍ଚାୟତ ସ୍ତରରେ ହକିକୁ ଗୁରୁତ୍ୱ ଦେବା ସହିତ ହକି ଖେଳାଳିଙ୍କୁ ଉତ୍ସାହ କରିବା ପାଇଁ ପଞ୍ଚାୟତ ସ୍ତରରୁ ଏଭଳି ଯୋଜନା କରାଯାଇଛି। ଗ୍ରାମାଞ୍ଚଳରେ ଖୋକ, କବାଡି, ଫୁଟୁବଲ ପ୍ରତିଭା ମାନଙ୍କୁ ରାଜ୍ୟ ସ୍ତରରେ ଖେଳିବାର ସୁଯୋଗ ପାଇପାରିବେ। ଗୋପ ମିଟିଂ ହଲରେ ବ୍ଲକର ୩୧ ପଞ୍ଚାୟତର ସରପଞ୍ଚ, ପିଓ, ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ରହି ଆଲୋଚନା କରାଯାଇଥିଲା। ବ୍ଲକର ୩୧ ପଞ୍ଚାୟତରେ ୫ଟି ଲେଖାଏ ଟିମ ଗଠନ କାରାଯିବ। ଖୋକ ପାଇଁ ୨ଟି ଟିମ ପୁଅଙ୍କର ୨ଟି ଟିମ ଝିଅଙ୍କର। ସେଇଭଳି କବାଡି ପାଇଁ ପୁଅ, ଝିଅଙ୍କ ମଧ୍ୟରେ ୪ଟି ଟିମ, ଫୁଟବଲ ପାଇଁ ପୁଅଙ୍କର ଗୋଟିଏ ଟିମ ଗଠନ କରାଯାଇ ଆସନ୍ତା ୧୯ ତାରିଖରେ ପ୍ରତ୍ୟେକ ପଞ୍ଚାୟତରେ ଖେଳାଯିବ। ପଞ୍ଚାୟତ ସ୍ତରରୁ ପ୍ରତିଭାମାନଙ୍କୁ ବାଛି ବ୍ଲକ ସ୍ତର ପରେ ଜିଲାସ୍ତରକୁ ଯିବେ। ସେଠାରୁ ରାଜ୍ୟ ସ୍ତରରେ ଖେଳି ରାଜ୍ୟ ଓ ନିଜ ପଞ୍ଚାୟତ ପାଇଁ ଗୌରବ ଆଣିବେ। ସେପଟେ ହକି ଖେଳ ଚାଲୁଥିବା ବେଳେ ଏପଟେ ଗାଁ ଗାଁରେ କ୍ରୀଡ଼ାର ପ୍ରତିଯୋଗିତା ଚାଲିଥିବ ଯାହାକି ଓଡ଼ିଶାରେ କ୍ରୀଡ଼ାର ପ୍ରତିଭା ସୃଷ୍ଟି ହେବ। ପଞ୍ଚାୟତରେ ଏହି ଖେଳ ଚାଲିବା ସମୟରେ ପଞ୍ଚାୟତ ଫଣ୍ଡରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରାଯିବ। ବ୍ଲକ ସ୍ତରରେ ୫୦ ହଜାର ଟଙ୍କା ଖର୍ଚ୍ଚ କରାଯିବ ବୋଲି ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଝୁନୁଲତା ମଲ୍ଲିକ, ବିଡିଓ ଦୀପ୍ତିରାଣୀ ଦାସ, ଶିକ୍ଷାଧିକାରୀ ସୁନୀଲ କୁମାର ବର୍ମା, ଅତିରିକ୍ତ ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।

ଜନଶୁଣାଣି ଶିବିରରେ ୪୩ ଅଭିଯୋଗ

ଶିବିରରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର ଏବଂ ଅନ୍ୟ ଅଧିକାରୀମାନେ।

କୃଷ୍ଣପ୍ରସାଦ,୧୨।୧୨(ଡି.ଏନ୍.ଏ.)

ପୁରୀ ଜିଲା ପ୍ରଶାସନ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ମୋଟ୍ ୪୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ପିରିଜିପୁର ସରପଞ୍ଚ ମଳୟ ଜେନା ଗ୍ରାମ୍ୟ ଉନ୍ନୟନ ବିଭାଗର ସିପକୁଦା ରାସ୍ତାର ନବୀକରଣ, ନୂତନ ଓଡିଆର୍‌ପି କାର୍ଯ୍ୟାଦେଶ ପ୍ରଦାନ, ଓଡିଆରପି ବିଲ୍ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ରାମଲେଙ୍କା ପଞ୍ଚାୟତର ବ୍ରାହ୍ମଣଦେଓଠାରୁ କୁମାରପୁର ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ସହିତ ଅନୁଷ୍ଠାନର ମଣ୍ଡପ ନିର୍ମାଣ ନିମନ୍ତେ ପାଇକ ଆଖଡ଼ା ସାଂସ୍କୃତିକ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ସାତପଡ଼ା–ଜହ୍ନିକୁଦା ଚିଲିକାରେ ବ୍ରିଜ୍ ନ ହେବା ଯାଏ ଯାତ୍ରୀଙ୍କ ସୁବିଧା ପାଇଁ ପ୍ରତି ଘଣ୍ଟାଏ ବ୍ୟବଧାନରେ ୫ଟି ଡଙ୍ଗା ରାତି ୧୦ଟା ପର୍ଯ୍ୟନ୍ତ ଚଳାଚଳ କାରିବାକୁ କୃଷ୍ଣପ୍ରସାଦ ଦ୍ୱୀପାଞ୍ଚଳ ସେତୁ ମଞ୍ଚ ଆବାହକ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସମସ୍ତ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ଡିଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଡେପୁଟି କଲେକ୍ଟର ଇତିଶ୍ରୀ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ଜିଲା ଅତିରିକ୍ତ ଯୋଗାଣ ବିଭାଗ ଅଧିକାରୀ ଜାନକୀ ଭୂଷଣ ହାବଡାସିଂହ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ, ବିଡିଓ ମନୋଜ ନାୟକ, ତହସିଲଦାର ଶରତ ଗିରି, ଏସ୍‌ଆଇ ନାରାୟଣ ପ୍ରଧାନ, ସିଡିପିଓ ମନୋରମା ଦେବୀ, ବ୍ଲକ ଯୋଗାଣ ଅଧିକାରୀ ଶିବ ପ୍ରସାଦ ମହାନ୍ତି, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବ୍ରହ୍ମଗିରି ବିଧାୟକଙ୍କ ପ୍ରତିନିଧି ଉତ୍ତମ ତରେଇ, ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠଯନ୍ତ୍ରୀ କମଳାକାନ୍ତ ବାସ୍କେ, ବିପିନ ବିହାରୀ ମଙ୍ଗରାଜ, ସୁଶୀଲ ବରାଳ ଉପସ୍ଥିତ ଥିଲେ। କୁବେର ଜେନା, ରଞ୍ଜନ କୁମାର ବେହେରା, ରଶ୍ମିରଞ୍ଜନ ସାହୁ, ଅଭିନ୍ନ ପଲେଇ, ସୌଭାଗ୍ୟ ବଳିୟାରସିଂହ, କାଶିମ୍ ମହମ୍ମଦ, ଆଲୋକ ଖୁଣ୍ଟିଆ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

ପୁରୀ ଅଫିସ, ୧୨।୧୨

- ଗୁରୁ ବିନାୟକ ମିଶ୍ର, କଣ୍ଠଶିଳ୍ପୀ ନିରାଲି ପ୍ରଦନ୍ୟା ସମ୍ବର୍ଦ୍ଧିତ

ଶିଶୁ ମହୋତ୍ସବ ଟ୍ରଷ୍ଟ ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ତିନିଦିନିଆ ୧୯ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ଶିଶୁ ନିକଟରେ ଅନ୍ତର୍ନିହିତ ପ୍ରତିଭା ଓ ଦକ୍ଷତା ଲୁଚି ରହିଛି। ଏହି ପ୍ରତିଭାର ପ୍ରକାଶ ଓ ବିକାଶ ପାଇଁ ଅନୁକୂଳ ପରିବେଶ ନିର୍ମାଣ ଦିଗରେ ଏଭଳି ମହୋତ୍ସବ ଆୟୋଜନ ଏକ ସଫଳ ପ୍ରୟାସ ବୋଲି ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଲେଲିନ୍ ମହାନ୍ତି, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଓଡ଼ିଶା ଉଠାଜଳସେଚନ ନିଗମର ଅଧକ୍ଷ ଅମରେଶ ପତ୍ରୀ ଏବଂ ସାମାଜିକ କର୍ମୀ ବିଭୁପ୍ରସାଦ ସାହୁ ଯୋଗଦେଇଥିଲେ। ପ୍ରସ୍ତୁତି କମିଟି ସଭାପତି ସଦାଶିବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଶଙ୍ଖମିତ୍ର ସିଂହାରୀ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବେଲାବାଦ୍ୟ ଗୁରୁ ବିନାୟକ ମିଶ୍ର ଏବଂ ଶିଶୁ କଣ୍ଠଶିଳ୍ପୀ ନିରାଲି ପ୍ରଦନ୍ୟା ଧଳଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଲୋକସମ୍ପର୍କ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଓ ସାଂସ୍କୃତିକ ଆବାହକ

ପଞ୍ଜାବରେ ଅଦିନିଆ ରଥଯାତ୍ରା: ପୁରୀରେ ବିରୋଧ

ପୁରୀ ଅଫିସ, ୧୨।୧୨: ପଞ୍ଜାବରେ ଅଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆୟୋଜନକୁ ପୁରୀରେ ବିରୋଧ କରାଯାଇଛି। ଉତ୍କଳ ବିନ୍ଦ୍ରତ ପରିଷଦ ବିରୋଧ ଏହାକୁ ବିରୋଧ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ସୋମବାର ପରିଷଦର ଅଧକ୍ଷ ମନୋଜ କୁମାର ରଥ କହିଛନ୍ତି, ପଞ୍ଜାବର ଅମୃତସରସ୍ଥିତ ରାଧାକୃଷ୍ଣ ମନ୍ଦିର (ଇସ୍କନ) ଶ୍ରୀଜଗନ୍ନାଥ ରଥଯାତ୍ରା କମିଟି ପକ୍ଷରୁ ୧୦ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାର ବିଭିନ୍ନ ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ଏହି ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ ପାଇଁ ପରିଷଦ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ଡାକ ମାଧ୍ୟମରେ ପତ୍ର ପଠାଯାଇଛି।

ସଂକ୍ଷେପରେ

୧୫ରୁ କଟକରେ ପ୍ରଥମ ସର୍ବଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର

କଟକ ଅଫିସ,୧୨।୧୨: ଆଧ୍ୟାତ୍ମିକ ଗୁରୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି ପ୍ରଥମ ସର୍ବଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ କଟକସ୍ଥ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମାତୃଭବନସ୍ଥ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଆନୁକୂଲ୍ୟରେ ହେବାକୁ ଥିବା ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁସ୍ଥ ଅରୋଭିଲ୍‌ର ମୁଖ୍ୟ ପ୍ରଶାସକ ଜୟନ୍ତୀ ରବି ଯୋଗଦେଇ ଉଦ୍‌ଘାଟନ କରିବେ। ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ମହିଳାମାନଙ୍କ ମାଧ୍ୟମରେ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ବାର୍ତ୍ତା ସାରା ଦେଶର ମହିଳାଙ୍କ ନିକଟରେ ଯେପରି ପହଞ୍ଚୁପାରିବ ସେନେଇ ଆଲୋଚନା କରାଯିବ। ଏଥିରେ ୫ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେବାର କାର୍ଯ୍ୟକ୍ରମ ଥିବା ପାଠଚକ୍ରର ସଙ୍ଗଠନ ଅଧକ୍ଷା ଡ. ଶ୍ୟାମା କାନୁନ୍‌ଗୋ ଏବଂ ସଙ୍ଗଠନ ସମ୍ପାଦିକା ଡ. ବିଜୟିନୀ ମହାପାତ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାତୃଭବନଠାରେ ଆୟୋଜିତ ଏହି ସମ୍ମିଳନୀରେ ମାତୃଭବନର ସମ୍ପାଦକ ପ୍ରସାଦ ତ୍ରିପାଠୀଙ୍କ ସମେତ ଆଶାଲତା ପାଣି, ମନୋରମା ନାୟକ, ନିରୁପମା ପଣ୍ଡା ଉପସ୍ଥିତ ଥିଲେ।

ଅଣସଂଗଠିତ ଶ୍ରମିକଙ୍କୁ ସାଙ୍ଗଠନିକ ସୁଦୃଢ଼ତା ପ୍ରଶିକ୍ଷଣ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)- ଅଣସଂଗଠିତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଓ ବିକାଶ ନିମନ୍ତେ ଗଠିତ ହୋଇଥିବା ଅଣସଂଗଠିତ ଶ୍ରମିକ ମଞ୍ଚ ଓଡ଼ିଶାର ପ୍ରତିନିଧିମାନଙ୍କୁ ସାଙ୍ଗଠନିକ ସୁଦୃଢ଼ତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସିସିଡବ୍ଲୁଡି ଓ ଆକ୍ସନ୍‌ଏଡ୍ ତରଫରୁ ସ୍ଥାନୀୟ ଅରବିନ୍ଦ ନଗର ଗୋଷ୍ଠି ଗୃହଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷକ ଭାବରେ ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ଯୋଗଦେଇ ସଂଗଠନର ଲକ୍ଷ୍ୟ, କାର୍ଯ୍ୟକାରିତା ଓ କାର୍ଯ୍ୟଖସଡା ଉପରେ ଅବଗତ କରାଇଥିଲେ। ଏଥିରେ ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଯୋଗଦେଇ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ସମ୍ପର୍କିତ ଆଇନ ବାବଦରେ ସୂଚନା ଦେବା ସହ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତ ପ୍ରତିନିଧିଙ୍କର ଦୃଢ଼ ଆନ୍ତରିକତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ମଞ୍ଚର ଅଭୟ ପତି, ଗୋବିନ୍ଦ ନାୟକ, ମମତା ସାହୁ, ମାନସ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଲ୍ୟାଣୀ ରାଉତ ଧନ୍ୟବାଦ ଦେଇଥିଲେ।

ଜି-୨୦ ଯୁବଗୋଷ୍ଠୀର କୋଷାଧକ୍ଷ ହେଲେ ଓମ୍ ପ୍ରିୟଦର୍ଶୀ

ଖୋର୍ଦ୍ଧା ଅଫିସ,୧୨।୧୨: ଭାରତ ଅଧକ୍ଷତାରେ ହେବାକୁ ଯାଉଥିବା ଜି-୨୦ ସମ୍ମିଳନୀରେ ଖୋର୍ଦ୍ଧା ଅଞ୍ଚଳର ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରମୁଖ ୧୯ ରାଷ୍ଟ୍ର ଓ ୟୁରୋପୀୟ ରାଷ୍ଟ୍ରସଂଘକୁ ନେଇ ଗଠିତ ଯୁବଗୋଷ୍ଠୀର କୋଷାଧକ୍ଷ ଭାବେ ଓମ୍ ମନୋନୀତ ହୋଇଛନ୍ତି। ଓମ୍ ଆଗାମୀ ବର୍ଷ ଭାରତ ଓ ଅନ୍ୟ ଜି-୨୦ ରାଷ୍ଟ୍ରଗୁଡିକରେ ଆୟୋଜିତ ହେବାକୁ ଯାଉଥିବା ବିଭିନ୍ନ ପ୍ରାକ୍ ସମ୍ମିଳନୀ, ଯୁବ ସଂଗୋଷ୍ଠୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୈଶ୍ୱିକ ସମସ୍ୟାର ସମାଧାନ ନିମିତ୍ତ କାର୍ଯ୍ୟଶାଳାର ପରିଚାଳନା କରିବେ।

ସ୍ତ୍ରୀ, ପିଲାଙ୍କୁ କିରୋସିନ ଢ଼ାଳି ହତ୍ୟା ଉଦ୍ୟମ

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ମଦ ପିଇବାକୁ ଟଙ୍କା ନ ଦେବାରୁ

- ନିଜେ ଆତ୍ମାହୁତି ଉଦ୍ୟମ କରି ଗିରଫ ହେଲେ
- ପୋଲିସକୁ ଦୁର୍ବ୍ୟବହାର, କୋର୍ଟଚାଲାଣ ପରେ ଜେଲ ଗଲେ

ମଦ ପିଇବାକୁ ଟଙ୍କା ନ ଦେବାରୁ ଜଣେ ବ୍ୟକ୍ତି ସ୍ତ୍ରୀ ଓ ପିଲାଙ୍କୁ କିରୋସିନ ଢ଼ାଳି ହତ୍ୟା ଉଦ୍ୟମ କରିବା ପରେ ନିଜେ କିରୋସିନ ଢ଼ାଳି ହୋଇ ଆତ୍ମହୁତି ଉଦ୍ୟମ କରିଛନ୍ତି। ଶହୀଦନଗର ଥାନା ଅଞ୍ଚଳରେ ସୋମବାର ଏଭଳି ସମ୍ବେଦନଶୀଳ ଘଟଣା ଘଟିଛି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୭୯/୨୦୨୨) ରୁଜୁ କରି ଅଭିଯୁକ୍ତଙ୍କୁ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଭୋଇନଗରରେ ରହୁଥିବା ଏନ୍. ସୁବାସ ରେଡ୍ଡୀ(୫୦)। ପୋଲିସ ସୁବାସଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସୁବାସ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ପ୍ରାୟ ସମୟରେ ସେ କାମକୁ ଯାଉ ନ ଥିବାରୁ ଘରେ ଆର୍ଥିକ ଅନଟନ ଲାଗି ରହୁଥିଲା। ତେଣୁ ସ୍ତ୍ରୀ ରୁଶୁ ରେଡ୍ଡୀ ହୋଟେଲରେ କାମ କରନ୍ତି। ତାଙ୍କ ଝିଅ ଯୁକ୍ତ-୩ରେ ପଢୁଥିବାବେଳେ ପୁଅ ଯୁକ୍ତ୨ରେ ପଢୁଛନ୍ତି। ସୁବାସ ନିଶାଶକ୍ତ ଅବସ୍ଥାରେ ପ୍ରାୟ ସମୟରେ ଘରେ ଗଣ୍ଡଗୋଳ କରିବା ସହ ସ୍ତ୍ରୀଙ୍କୁ ମାରଧର କରୁଥିଲେ। ସୋମବାର ପୂର୍ବାହ୍ନରେ ସେ ସ୍ତ୍ରୀଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲେ। ହେଲେ ଟଙ୍କା ନ ମିଳିବାରୁ ସୁବାସ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଏପରିକି ପୁଅ ଓ ଝିଅଙ୍କ ସମେତ ସ୍ତ୍ରୀଙ୍କ ଦେହରେ ମଧ୍ୟ କିରୋସିନ ଢ଼ାଳି ଦେଇ ହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ଜୀବନ ବଞ୍ଚାଇବାକୁ ବାହାରକୁ ଆସିଯିବା ପରେ ସୁବାସ ନିଜ ଦେହରେ କିରାସିନ ଢ଼ାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ସ୍ତ୍ରୀ, ପିଲାମାନେ ଥାନାକୁ ଆସିଯିବାରୁ ସୁବାସ ସେଠାକୁ ଆସି ଗଣ୍ଡଗୋଳ କରିବା ସହ ପୋଲିସକୁ ଦୁର୍ବ୍ୟବହାର କରିଥିଲେ। ତେବେ ସ୍ତ୍ରୀ ରୁଶୁଙ୍କ ଅଭିଯୋଗକ୍ରମେ ପୋଲିସ ସୁବାସଙ୍କୁ ଗିରଫ କରିଥିଲା।

ଖେଳ ପଡ଼ିଆରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ଏମ୍‌ଜି ଫିଟ୍‌ନେସ୍ ଜିମ୍ ସିଲ୍

ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ମୌଜାରେ ଥିବା ଖେଳପଡିଆକୁ ଜବରଦଖଲକାରୀମାନେ ଦୀର୍ଘଦିନ ହେବ ନିଜ ଅକ୍ତିଆରରେ ରଖିଥିଲେ। ପ୍ଲଟ ନଂ. ୭୪୮ ହେଉଛି ଖେଳ ପଡିଆ କିସମ। ୧ ଏକର ୨୪ ଡିସିମିଲ ପରିମିତ ଜମିରେ ହୋଇଥିବା ଏହି ଜବରଦଖଲକୁ ସୋମବାର ବିଡିଏର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏଥିରେ ୩୮ଟି ଆଜବେଷ୍ଟସ ଘର, ୪ଟି ଶୌଚାଳୟ, ୫ଟି ଦୋକାନ, ୩ଟ କ୍ୟାବିନ ଏବଂ ୧୫୦ଫୁଟ ଲମ୍ବର ଏକ ପାଚେରୀ ଭଙ୍ଗାଯାଇଛି। ପ୍ରାୟ ୧ ଏକର ଜମି ଜବରଦଖଲ ମୁକ୍ତ ହୋଇଛି। ସେହିପରି ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ଏବଂ ରେଳଷ୍ଟେଶନ ନିକଟରୁ ଦୁଇପାର୍ଶ୍ୱ ରାସ୍ତାରେ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ଏଠାରେ ୧୭ଟି ଫାଷ୍ଟଫୁଡ ଦୋକାନ, ୬ଟି ଅସ୍ଥାୟୀ ହୋଟେଲ ଏବଂ ୩ଟି ଘର ଉଚ୍ଛେଦ କରାଯାଇଛି। ଏଥିସହ ନାଲକୋ ଛକରୁ ଆଚାର୍ଯ୍ୟବିହାର ଛକ ଦେଇ ଜୟଦେବ ବିହାର ପର୍ଯ୍ୟନ୍ତ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଏଥିରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନଂ ୫, ୬, ୭ ଓ ୮ ସାମିଲ ହୋଇଥିଲେ। ଏହି ଉଚ୍ଛେଦରେ ୪ଟି କ୍ୟାବିନ, ୩ଟି ସମ୍ପ୍ରସାରଣ ଅଂଶ, ଗୋଟିଏ ସର୍ଭିସ ଷ୍ଟେସନ, ଗୋଟିଏ ସାଇକେଲ ଷ୍ଟାଣ୍ଡ, ଗୋଟିଏ ବଡ ବିଜ୍ଞାପନ ବୋର୍ଡକୁ ଭଙ୍ଗା ଯାଇଛି। ସେହିପରି ଲୁଇସି ରୋଡସ୍ଥିତ ଏମ୍‌ଜି ଫିଟିନେସ ଜିମ୍‌କୁ ସିଲ କରାଯାଇଛି। ଏହି ଜିମ୍‌ର ଉପଯୁକ୍ତ ଲାଇସେନ୍ସ ଏବଂ ଅନ୍ୟାନ୍ୟ କାଗଜପତ୍ର ନ ଥିବାରୁ ସିଲ୍ କରାଯାଇଛି।

ରାଜ୍ୟପାଳଙ୍କ ପୁସ୍ତକ 'କି ସୁନ୍ଦର ଆହା କି ଆନନ୍ଦମୟ' ଉନ୍ମୋଚିତ

ଭୁବନେଶ୍ୱର,୧୨।୧୨ (ବ୍ୟୁରୋ)

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଓଡ଼ିଆ ପ୍ରବନ୍ଧ ସଂକଳନ 'କି ସୁନ୍ଦର ଆହା କି ଆନନ୍ଦମୟ' ସୋମବାର ରାଜଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ବିଭିନ୍ନ ସାମାଜିକ ଓ ବୌଦ୍ଧିକ ପ୍ରସଙ୍ଗ ଉପରେ ଖବରକାଗଜରେ ପୂର୍ବରୁ ପ୍ରକାଶିତ ରାଜ୍ୟପାଳଙ୍କ ଆଲେଖଗୁଡ଼ିକୁ ଏକାଠି କରି ଏହି ପୁସ୍ତକ ପ୍ରକାଶ କରାଯାଇଛି। ପୁସ୍ତକକୁ ପେନ୍ ଇନ୍ ବୁକ୍ସ ପ୍ରକାଶନ ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି। ଏହି ଅବସରରେ ରାଜ୍ୟପାଳ ଓଡ଼ିଶାକୁ ନେଇ ନିଜର ଅନୁଭୂତି ବଖାଣି କହିଲେ, ମୁଁ ଓଡ଼ିଶାର ବହୁ ସ୍ଥାନ ବୁଲିଛି। ୭୦୦ରୁ ଅଧିକ ସଭା, ଉତ୍ସବରେ ଯୋଗଦେଇଛି। ଓଡ଼ିଶା ଭଳି ରାଜ୍ୟ ବିଶ୍ୱରେ କେଉଁଠାରେ ନାହିଁ ଏବଂ ଏହାର ଭାଷା ଅତ୍ୟନ୍ତ ମଧୁର। ଓଡ଼ିଆ ଭାଷା ଖବରକାଗଜ ପଢ଼ି ପଢ଼ି ଶିଖିଛି। ଓଡ଼ିଶାର ମୁଖିଆ ହେଉଛନ୍ତି ଶ୍ରୀଜଗନ୍ନାଥ ଏବଂ ଏହାର ପ୍ରକୃତ ରାଜ୍ୟପାଳ ହେଉଛନ୍ତି ଜନତା। ମୋତେ ଓଡ଼ିଶାବାସୀ ଯେଉଁ ସ୍ନେହ ଓ ଆଶୀର୍ବାଦ ଦେଇଛନ୍ତି, ତାହାଠାରୁ ବଳି ସମ୍ପଦ ମୋ ପାଇଁ ଆଉ କିଛି ନାହିଁ ବୋଲି ରାଜ୍ୟପାଳ କହିଥିଲେ। କାର୍ଯ୍ୟକ୍ରମରେ ପ୍ରକାଶକ ତଥା କଥାକାର ଶୁଭ୍ରାଂଶୁ ପଣ୍ଡା ପୁସ୍ତକର ପ୍ରଥମ କପି ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। ଏହି ବହି ସୋମବାରଠାରୁ ପୁସ୍ତକମେଳାର ୯ନମ୍ବର ଷ୍ଟଲରେ ଉପଲବ୍ଧ ହେଉଛି। ଉନ୍ମୋଚନ ଉତ୍ସବରେ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ତଥା କବି ରକ୍ଷକ ନାୟକଙ୍କ ସମେତ ଲେଖକ ଓ ଅନୁବାଦକ ଅସିତ ମହାନ୍ତି, ଚଳଚ୍ଚିତ୍ର ବିଶେଷଜ୍ଞ ସୂର୍ଯ୍ୟ ଦେଓ, ସାମ୍ବାଦିକ ଭାସ୍କର ପରିଚ୍ଛା, ଲେଖକ ଚନ୍ଦ୍ରଶେଖର ଦାଶ, ସୁବାସ ଶତପଥୀ, ଅଧାପିକା ସଂଘମିତ୍ରା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

ଡିସେମ୍ବର ୩୦ ସୁଦ୍ଧା ଷଣ୍ଢମୁକ୍ତ ହେବ ରାଜଧାନୀ

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ରାଜଧାନୀରେ ବୁଲା ଗୋରୁଙ୍କ ଅବାଧ ବିଚରଣ ପାଇଁ ଟ୍ରାଫିକ୍ ସମସ୍ୟା ସହିତ ବିଭିନ୍ନ ସଡ଼କ ଦୁର୍ଘଟଣା ଘଟୁଛି। ଷଣ୍ଢ ଆକ୍ରମଣରେ କେତେବେଳେ ଲୋକମାନେ ଆହାତ ହେଉଥିବାବେଳେ ଆଉ କେତେବେଳେ ଜୀବନ ହାରୁଛନ୍ତି। ତେଣୁ ସହରକୁ ଷଣ୍ଢମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛି ବିଏମ୍‌ସି। ଡିସେମ୍ବର ୩୦ ସୁଦ୍ଧା ସହରରୁ ଷଣ୍ଢମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ଆଗକୁ ବିଶ୍ୱକପ୍ ହକି ଆସୁଥିବାରୁ ଏବଂ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ଭୁବନେଶ୍ୱରରୁ ଷଣ୍ଢ ଉଠାଇବା ବ୍ୟାପକ କରାଯାଇଛି। ଏଥିପାଇଁ ବିଏମ୍‌ସିର ୩ଟି ଜୋନ୍‌ରେ ୩ଟି ସଂସ୍ଥା ଯଥା ବିଶାଳ, ଜେ.କେ. ଟ୍ରେଡର୍ସ ଏବଂ ଆର୍.କେ. ଟ୍ରେଡର୍ସକୁ ନିୟୋଜିତ କରାଯାଇଛି। ୱାର୍ଡ ନଂ ୧ରୁ ୨୧ ପର୍ଯ୍ୟନ୍ତ ବିଶାଳ ସଂସ୍ଥା ଦାୟିତ୍ୱରେ ଥିବାବେଳେ ୱାର୍ଡ ୨୨ରୁ ୬୭ ଅନ୍ୟ ଦୁଇ ସଂସ୍ଥା ଦାୟିତ୍ୱରେ ରହିଛି। ପୂର୍ବରୁ ବିଏମ୍‌ସି ନିଜେ ରାସ୍ତା କଡ଼ରୁ ବୁଲା ଗାଈଗୋରୁ ଉଠାଉଥିବାବେଳେ ଚଳିତ ବର୍ଷ ପ୍ରଥମ କରି ଘରୋଇକରଣ କରାଯାଇ ୩ଟି ସଂସ୍ଥାକୁ ନିୟୋଜିତ କରାଯାଇଛି। ଏମାନେ ନଭେମ୍ବର ୧୮ରୁ କାମ ଆରମ୍ଭ କରିଛନ୍ତି। ଭୁବନେଶ୍ୱରରେ ପାଗଳ ଷଣ୍ଢ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହେବା ସହ ୩ଜଣ ଆହାତ ହୋଇଥିଲେ। ଯାହାପରେ ବିଏମ୍‌ସି ଆହୁରି ଜୋର୍‌ଦାର ଭାବେ ଅଭିଯାନ ଚଳାଇଛି। ଏ ସମ୍ପର୍କରେ ମେୟର କହିଛନ୍ତି, ରାସ୍ତାଘାଟ କେଉଁଠାରେ ଗାଈଗୋରୁ ରହିବେ ନାହିଁ। ଆଗାମୀ ଦିନରେ ଅଧିକ ଟିମ ନିୟୋଜିତ କରାଯିବା ସହ ଅଭିଯାନକୁ ବ୍ୟାପକ କରାଯିବ। ଅନେକ ସମୟରେ ଗୋରୁ ମାଲିକମାନେ ସେମାନଙ୍କୁ ରାସ୍ତାରେ ଛାଡି ଦେଉଛନ୍ତି। ତେଣୁ ନିୟମ କଡ଼ାକଡି ପାଳନ ନ କଲେ ବା ରାସ୍ତାରେ ଗୋରୁ ବୁଲିଲେ ଗୋରୁମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମେୟର କହିଛନ୍ତି। ସେହିପରି ଡେପୁଟି କମିଶନର (ଓ୍ୱେଲଫେୟାର) ରମେଶ ଚନ୍ଦ୍ର ଜେନା କହିଛନ୍ତି, ଏବେ ସୁଦ୍ଧା ୮ଶହରୁ ଊର୍ଦ୍ଧ୍ୱ ଷଣ୍ଢଙ୍କୁ ରାସ୍ତାରୁ ଉଠା ଯାଇଛି। ଜାମୁକୋଳିରେ ୬୦୭ ଗାଈ, ଷଣ୍ଢ ଅଛନ୍ତି, ଜଟଣୀରେ ମଧ୍ୟ ୨ଶହରୁ ଊର୍ଦ୍ଧ୍ୱ ଅଛନ୍ତି। ତେଣୁ ଆଉ ଷଣ୍ଢ ଧରାହେଲେ ସେମାନଙ୍କୁ ଚୌଦ୍ୱାର ଏବଂ ପୁରୀ ଗୋଶାଳାରେ ରଖାଯିବ।

ତ୍ରିଶୂଳିଆ ଛକରୁ ଜବରଦଖଲ ଉଚ୍ଛେଦ

ବାରଙ୍ଗ,୧୨।୧୨(ଡି.ଏନ୍.ଏ.)

ତ୍ରିଶୂଳିଆ ଛକରେ ହୋଇଥିବା ଜବରଦଖଲକୁ ସୋମବାର ପ୍ରଶାସନ ଉଚ୍ଛେଦ କରିଛି। ସରକାରୀ ଜାଗାରେ ବ୍ୟବସାୟିକ ଉଦ୍ଦେଶ୍ୟରେ ବସ୍‌ଷ୍ଟାଣ୍ଡର ଚତୁଃପାର୍ଶ୍ୱରେ ଗଢ଼ି ଉଠିଥିବା କୋଠାଘର, ଆଜ୍‌ବେଷ୍ଟସ ଦୋକାନ ଘରକୁ ପ୍ରଶାସନ ଜେସିବି ସାହାଯ୍ୟରେ ଭାଙ୍ଗି ମାଟିରେ ମିଶାଇ ଦେଇଛି। ମୋଟ ୧୧ଟି କୋଠାଘର ଭଙ୍ଗାଯାଇଥିବାବେଳେ ସେଥିମଧ୍ୟରୁ ୮ଟି ନୂଆ କୋଠାଘରେ କେହି ରହୁ ନ ଥିଲେ। ସେହିଭଳି ୧୫ଟି ଦୋକାନ ଘର ମଧ୍ୟ ଭଙ୍ଗାଯାଇଛି। ଉଚ୍ଛେଦ ସମୟରେ ବ୍ୟବସାୟୀମାନେ ସେଠାରୁ ନିଜ ଦୋକାନରୁ ଜିନିଷ ଖାଲି କରିବା ଆରମ୍ଭ କରିଥିଲେ। ସେହି ସମୟରେ ତ୍ରିଶୂଳିଆ ଗ୍ରାମର ନରେନ୍ଦ୍ରନାଥ ସାହୁ ନିଜ ଛାତ ଉପରେ ଠିଆ ହୋଇ ସରକାରୀ ଜାଗାକୁ ଲାଗି ରହିଥିବା ତାଙ୍କ ଦୋକାନ କିଛି ଆଜବେଷ୍ଟ ଅଂଶ ସରକାରୀ ଜାଗାକୁ ମାଡି ଯାଇଥିବା ତାକୁ ଭଙ୍ଗା ଯାଉଥିବା ଦେଖୁଥିଲେ। ଅସାବଧାନତାରୁ ତାଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡିଯାଇ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବ୍ୟବସାୟୀମାନେ ତାଙ୍କ ମୃତଦେହକୁ ତ୍ରିଶୂଳିଆ ବଜାରରେ ଶୋଭାଯାତ୍ରାରେ ନେଇ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ପୁରୀ ନେଇଥିଲେ।

୧ କୋଟିର ବ୍ରାଉନ୍‌ସୁଗାର, ୧୯.୯୨ କୁଇଣ୍ଟାଲ ଗଞ୍ଜେଇ ପୋଡାଗଲା

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

ମାମଲାର ବିଚାର ପୂର୍ବରୁ ରାଜ୍ୟରେ ଜବତ ହୋଇଥିବା ନିଶାଦ୍ରବ୍ୟଗୁଡିକୁ ନଷ୍ଟ କରିବା ପ୍ରକ୍ରିୟା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ ରାଜ୍ୟ ପୋଲିସ ପକ୍ଷରୁ ଜାରି ରହିଛି। ଏବେ ପୁଣି ୧ କେଜି ବ୍ରାଉନସୁଗାର ଓ ୧୯.୯୨ କୁଇଣ୍ଟାଲ ଗଞ୍ଜେଇକୁ ପୋଡି ନଷ୍ଟ କରାଯାଇଛି। ଏସ୍‌ଟିଏଫ୍‌ର ମାମଲା ନଂ.୧୭/୨୦୨୦ରେ ଅଭିଯୁକ୍ତଙ୍କଠାରୁ ଉକ୍ତ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ ହୋଇଥିଲା। ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟିଙ୍କ ନିଷ୍ପତ୍ତିକ୍ରମେ ଖୋର୍ଦ୍ଧାର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ତାହାକୁ ପୋଡି ଦିଆଯାଇଛି। ସେହିପରି ଏସ୍‌ଟିଏଫ୍‌ର ମାମଲା ନଂ. ୦୧/୨୦୧୧ରେ ଜବତ ହୋଇଥିବା ୧୯.୯୨ କୁଇଣ୍ଟାଲ ଗଞ୍ଜେଇକୁ ମଧ୍ୟ ପୋଡି ନଷ୍ଟ କରାଯାଇଛି। ଏଥିପାଇଁ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜଙ୍କ ନେତୃତ୍ୱରେ ଗଠିତ କମିଟିରେ ଥିବା ଏସ୍‌ଟିଏଫ୍ ଏସ୍‌ପି, କ୍ରାଇମବ୍ରାଞ୍ଚ ଏସ୍‌ପି ଓ ଡିଏସ୍‌ପି, ଖୋର୍ଦ୍ଧା ଉପଜିଲାପାଳ ଏବଂ ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ରାଜ୍ୟ ଫୋରେନ୍‌ସିକ୍ ଲାବରେଟୋରିର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ମଧ୍ୟ

ଛେଳି ଚୋରି ଅଭିଯୋଗରେ ୩ ଗିରଫ

ମଙ୍ଗୁଳି-ଜଗତପୁର,(ଡି.ଏନ୍.ଏ.): ଛେଳି ଚୋରି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଲାଲବାଗ ଥାନା ଖତବିନ ସାହିର ରାଜା ଓରଫ ଅବଦୁଲ କାଦିର, ଶେଖ ରସିଦ, ଦର୍ଘାବଜାର ଥାନା ଅଧୀନ ଶେଖ ମୁନିଫ। ସୂଚନା ଅନୁଯାୟୀ, ଜଗତପୁରସ୍ଥିତ ଭୈରପୁରର ଶିବପ୍ରସାଦ ବେହେରାଙ୍କ ଛେଳି ଘରଠୁ ପ୍ରାୟ ୫ଶହ ମିଟର ଦୂରରେ ଏକ ପଡ଼ିଆରେ ଚରୁଥିଲା। ରବିବାର ସକାଳ ୧୦ଟାରେ ତିନିଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସିଥିଲେ। ସେମାନଙ୍କ ମଧ୍ୟରେ ଜଣେ ବାଇକ୍‌କୁ ଷ୍ଟାର୍ଟରେ ରଖିଥିବା ବେଳେ ଦୁଇଜଣ ଛେଳିକି ଗୋଡ଼ାଇ ଧରି ଏକ ଅଖାରେ ରଖିଥିଲେ। ଏହି ସମୟରେ ଶିବପ୍ରସାଦଙ୍କ ପୁଅ ଦେଖି ପାଟି କରିବା ସହ ଜଣଙ୍କୁ କାବୁ କରିଥିଲେ। ପୋଲିସ ଆସି ଜଣଙ୍କୁ ଧରି ପଚାରି ଅନ୍ୟ ୨ଜଣଙ୍କୁ ଧରିଥିଲା।

ସଂକ୍ଷେପରେ

ଏସ୍‌ଭି ନିରଂତାର ଅଧ୍ୟାପକଙ୍କୁ କୁଳପତି ସମ୍ମାନ

କଣ୍ଟାପଡା,୧୨।୧୨(ଡି.ଏନ୍.ଏ.): ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟର ୧୦ମ ବାର୍ଷିକ ଉତ୍ସବରେ ଓଲଟପୁରସ୍ଥିତ ଏସ୍ ଭି ନିରଂତାରର ଅଧ୍ୟାପକ ରାଜେଶ କୁମାର ମହାନ୍ତିଙ୍କୁ ୨୦୨୨ ପାଇଁ ସମ୍ମାନଜନକ କୁଳପତି ସମ୍ମାନରେ ସମ୍ମାନିତ କରାଯାଇଛି। ରବିବାର ଅନୁଷ୍ଠାନର ପାରଲାଖେମୁଣ୍ଡିସ୍ଥିତ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଧ୍ୟାପକ ରାଜେଶଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରିଥିଲେ। ଇଲିଆ ଫାଉଣ୍ଡେଶନ ସୁଇଜରଲାଣ୍ଡର ପ୍ରତିଷ୍ଠାତା ପିଟର ଉଫଲି ଓ ଡାଇକିନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇଆନ ମାର୍ଟିନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପକ ରାଜେଶଙ୍କ ସଫଳତା ପାଇଁ ଏସ୍ ଭି ନିରଂତାରର କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଝୁଲନ୍ତା ମୃତଦେହ ଜବତ

କଟକ ସଦର,୧୨।୧୨(ଡି.ଏନ୍.ଏ.): ୪୨ ମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ପଞ୍ଚାୟତର ଧୂଳିଶ୍ୱର ଗ୍ରାମର ଏକ ବନ୍ଦ ଘରୁ ଝୁଲନ୍ତା ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ବିନୟ ଭୂଷଣ ନାୟକ(୩୮)। ଏ ନେଇ ପୋଲିସ ଏକ ମାମଲା(ନଂ.୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସବୁଦିନ ଭଳି ବିନୟ ରବିବାର ରାତିରେ ପରିବାର ସହ ଖାଇ ସାରି ଶୋଇବା ଘରୁ ଚାଲିଯାଇଥିଲେ। ହେଲେ ପରଦିନ ସକାଳ ଦୀର୍ଘ ସମୟ ପର୍ଯ୍ୟନ୍ତ ବିନୟ ଶୋଇବା ରୁମ୍‌ରୁ ବାହାରି ନ ଥିଲେ। ପରିବାର ଲୋକ ସନ୍ଦେହ କରି ବଡ଼ଭାଇ କବାଟ ଭାଙ୍ଗି ଦେଖିବା ବେଳେ ବିନୟ ବେକରେ ରଶି ଲଗାଇ ପଙ୍ଖାରେ ଝୁଲୁଥିଲେ।

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ଟାଙ୍ଗୀ(କଟକ)୧୨।୧୨(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ସଫା ଓ ଗରୁଡ଼ ଗାଁ ପଞ୍ଚାୟତରେ ସୋମବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ସଫା ପଞ୍ଚାୟତରେ ସଫା ମେଡିକାଲଠାରୁ ଚନ୍ଦନପୁର ପର୍ଯ୍ୟନ୍ତ ରାସ୍ତା ହେବା ଏଥିପାଇଁ ସୋମବାର ସଫାର ସରପଞ୍ଚ ନିବାସ ପାଣ୍ଡବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହାପରେ ଗରୁଡ଼ ଗାଁ ପଞ୍ଚାୟତରେ ସରପଞ୍ଚ ସୁବୋଧ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ଯୋଗଦେଇ ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ତହସିଲଦାର ପ୍ରଜାନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସ, ବିଶ୍ୱଜିତ ପ୍ରଧାନ, କରଞ୍ଜି ସରପଞ୍ଚ ମହେଶ୍ୱର ମହାନ୍ତ, ସମିତି ସଭ୍ୟ ଅଜିତ ନାୟକ ଯୋଗଦେଇଥିଲେ।

ବରିଷ୍ଠ ନାଗରିକ ସଂଘ ସାଧାରଣ ସମ୍ପାଦକଙ୍କ ସମ୍ମିଳନୀ

କଟକ ଅଫିସ, ୧୨।୧୨: କଟକ ବରିଷ୍ଠ ନାଗରିକ ମହାସଭା ଆନୁକୂଲ୍ୟରେ ଜିଲାର ସମସ୍ତ ବରିଷ୍ଠ ନାଗରିକ ସଂଘ ସାଧାରଣ ସମ୍ପାଦକଙ୍କ ସମ୍ମିଳନୀ କେଶରପୁରସ୍ଥିତ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତି ସଂଘର ନିଜସ୍ୱ କାର୍ଯ୍ୟାଳୟ ଏବଂ ଆର୍ଥିକ ଅନୁଦାନ, ବାର୍ଦ୍ଧକ୍ୟ ଭତ୍ତା ୨୦୦୦ ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ବହୁବାର ଦାବି କରାଯାଇଛି। ହେଲେ ସରକାର କର୍ଣ୍ଣପାତ କରୁ ନ ଥିବାରୁ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏହାକୁ ନେଇ ଆସନ୍ତା ବିଧାନସଭା ସମୟରେ ରାଜ୍ୟର ସମସ୍ତ ବରିଷ୍ଠ ନାଗରିକ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଡ. କୃପାସିନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ଏବଂ ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ଯୁଗ୍ମ ସମ୍ପାଦକ ରାଜକିଶୋର ସାମନ୍ତରାୟ ଏବଂ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। ସୁଶୀଲ ନନ୍ଦ, ଶରତ କୁମାର ଖୁଣ୍ଟିଆ, ସୁଶାନ୍ତ ସାହୁ, ଗିରିଶ ଚନ୍ଦ୍ର ମିଶ୍ର, ମନମୋହନ ବେହେରା, ପଦ୍ମନାଭ ବେହେରା ଓ ରବୀନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ରାଜପଥର ନିମ୍ନମାନର କାର୍ଯ୍ୟକୁ ବିରୋଧ

ମଙ୍ଗୁଳି-ଜଗତପୁର, ୧୨।୧୨(ଡି.ଏନ୍.ଏ.)

ଜାତୀୟ ରାଜପଥର ନିମ୍ନମାନ କାର୍ଯ୍ୟ ଅଭିଯୋଗରେ ଠିକାସଂସ୍ଥାର ଅଧିକାରୀ ଯାଞ୍ଚ କରୁଛନ୍ତି।

- ଠିକା ସଂସ୍ଥା ବିରୋଧରେ ଏତଲା
- ସଂସ୍ଥାର ଅଧିକାରୀ କାର୍ଯ୍ୟ ଯାଞ୍ଚ କଲେ

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ହେଉଛି। ହେଲେ ଚୌଦ୍ୱାର- ମଙ୍ଗୁଳି ହୋଇ ଯାଇଥିବା ଏହି ରାସ୍ତାରେ ହେଉଥିବା କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ରାସ୍ତା କାର୍ଯ୍ୟରେ ବ୍ୟବହାର ହେଉଥିବା ଗୋଡ଼ି, ବାଲି ସାମଗ୍ରୀ ସବୁ ନିମ୍ନମାନର ବୋଲି ଚୌଦ୍ୱାର ସୂଚନା ଅଧିକାର କର୍ମୀମାନେ ଅଭିଯୋଗ ଆଣିଛନ୍ତି। ତେବେ ରବିବାର ମଙ୍ଗୁଳିସ୍ଥିତ ଏକ ହୋଟେଲ ସମ୍ମୁଖରେ ରାସ୍ତା ନିର୍ମାଣ କାମ ଚାଲୁ ରହିଥିବାବେଳେ ଚୌଦ୍ୱାର ସୂଚନା ଅଧିକାର କର୍ମୀ ମନୋଜ ସାହୁ ଏବଂ ଶ୍ରୀକାନ୍ତ ପାକଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆସି ରାସ୍ତା କାମକୁ ବିରୋଧ କରିବା ସହ କାମକୁ ବନ୍ଦ କରିଥିଲେ। ପରେ ଏ ନେଇ ଚୌଦ୍ୱାର ଥାନାରେ କାମ ନେଇଥିବା ଠିକା ସଂସ୍ଥା ବିରୋଧରେ ଏକ ଏତଲା ଦେଇଥିଲେ। ସଂସ୍ଥା ବିରୋଧରେ ଆଇପିସି ଧାରା ୨୮୩, ୩୩୬ ଏବଂ ୪୨୦ ଲଗାଇବା ପାଇଁ ଏତଲାରେ ଦର୍ଶାଯାଇଛି। ଭୀମସେନ ବିଶ୍ୱାଳ, ପ୍ରଭାନନ୍ଦ ସାହୁ, ହରିହର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଅଭିଯୋଗ ବିଷୟରେ ଜାଣି ସୋମବାର ଠିକା ସଂସ୍ଥାର କେତେଜଣ ଅଧିକାରୀ ଆସି ରାସ୍ତା କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ପୂର୍ବରୁ ଠିକା ନେଇଥିବା ସଂସ୍ଥାକୁ ଏକ ଏଷ୍ଟିମେଟ ଦିଆଯାଇଥାଏ ଏବଂ ସେଇ ଏଷ୍ଟିମେଟ ଅନୁଯାୟୀ ରାସ୍ତା ନିର୍ମାଣ ହୁଏ କିନ୍ତୁ ଏଠାରେ କୌଣସି ନିୟମ ପାଳନ ହେଉ ନାହିଁ। ଠିକା କମ୍ପାନୀ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରି ମୁଖ୍ୟ ରାସ୍ତାକୁ ତାଡ଼ି ସେଥିରୁ ବାହାରିଥିବା ପିଚୁ ଖଣ୍ଡ ଓ ରାସ୍ତାରୁ ଖୋଳା ଯାଇଥିବା ଅଳିଆ ମାଟିକୁ ପକେଇ ସବଗ୍ରେଡ୍ ସ୍ତର ତିଆରି କରୁଛି। ଏପରିକି ଜରି ଅଖା, ପଥର, କାଠ ଖଣ୍ଡ, ରବର ମାଟିରେ ଥାଇ ବି ତା'ଉପରେ ରୋଲର ଚଢାଇ ସମାନ କରାଯାଉଛି। ବିନା ପାଣି ସିଞ୍ଚନରେ ରୋଲର ଚଲାଉଥିବାରୁ ଉକ୍ତ ରବର, ଜରି ଅଖା ମାଟିରେ ମିଶିବ ନାହିଁ ଏବଂ ପରେ ମୂଳଦୁଆରେ ଛିଦ୍ର। ବର୍ଷା ହେଲେ ଛିଦ୍ର ବାଟ ଦେଇ ପାଣି ଲିକେଜ ହୋଇ ରାସ୍ତା ଭୁଶୁଡିବାର ସମ୍ଭାବନା ରହିଛି। ଏହାପୂର୍ବରୁ ରାସ୍ତାକାମ ମନ୍ଥର ଗତି ପାଇଁ ରାସ୍ତାର ଖାଲଖମାରେ ୨୨ଜଣଙ୍କ ଜୀବନ ଯାଇଛି। ଏଥିସହ କାର୍ଯ୍ୟ ଚାଲିଥିବା ବେଳେ କୌଣସି ପ୍ରକାରର ସୂଚନା କିମ୍ବା ବୋର୍ଡ ଲଗାଯାଇ ନ ଥିବାରୁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଠିକା ସଂସ୍ଥା ଗାଇଡଲାଇନ ଅନୁଯାୟୀ କାର୍ଯ୍ୟ ନ କରେ, ତେବେ ସୂଚନା ଅଧିକାରୀ କର୍ମୀମାନେ ଆଗକୁ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଠିକା ସଂସ୍ଥା ପ୍ରୋଜେକ୍ଟ ମ୍ୟାନେଜର ସୁବେନ୍ଦୁ ଦଣ୍ଡପାଟ ଏବଂ ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ଲକ୍ଷ୍ମଣ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ରାସ୍ତା କାର୍ଯ୍ୟ ଯାଞ୍ଚ କରି କହିଥିଲେ, ଆମ ପାଖରେ ମୁଖ୍ୟ ରାସ୍ତାରୁ ବାହାରୁଥିବା ମ୍ୟାଟେରିଆଲକୁ ବ୍ୟବହାର କରିବା ପାଇଁ ଅନୁମତି ଅଛି। ବର୍ତ୍ତମାନ ଆମ ପାଖରେ ଏ ନେଇ କୌଣସି କାଗଜପତ୍ର ନାହିଁ, ୭ଦିନ ମଧ୍ୟରେ ଥାନାରେ ଡିପୋଜିଟ କରିବୁ।

୧୫ରୁ କଟକରେ ପ୍ରଥମ ସର୍ବଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର

କଟକ ଅଫିସ,୧୨।୧୨:

ଆଧ୍ୟାତ୍ମିକ ଗୁରୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି ପ୍ରଥମ ସର୍ବଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ କଟକସ୍ଥ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମାତୃଭବନସ୍ଥ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଆନୁକୂଲ୍ୟରେ ହେବାକୁ ଥିବା ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁସ୍ଥ ଅରୋଭିଲ୍‌ର ମୁଖ୍ୟ ପ୍ରଶାସକ ଜୟନ୍ତୀ ରବି ଯୋଗଦେଇ ଉଦ୍‌ଘାଟନ କରିବେ। ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ମହିଳାମାନଙ୍କ ମାଧ୍ୟମରେ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ବାର୍ତ୍ତା ସାରା ଦେଶର ମହିଳାଙ୍କ ନିକଟରେ ଯେପରି ପହଞ୍ଚିପାରିବ ସେନେଇ ଆଲୋଚନା କରାଯିବ। ଏଥିରେ ୫ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେବାର କାର୍ଯ୍ୟକ୍ରମ ଥିବା ପାଠଚକ୍ରର ସଙ୍ଗଠନ ଅଧ୍ୟକ୍ଷା ଡ. ଶ୍ୟାମା କାନୁନ୍‌ଗୋ ଏବଂ ସଙ୍ଗଠନ ସମ୍ପାଦିକା ଡ. ବିଜୟିନୀ ମହାପାତ୍ର ସୋମବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ମାତୃଭବନରେ ଆୟୋଜିତ ଏହି ସମ୍ମିଳନୀରେ ମାତୃଭବନର ସମ୍ପାଦକ ପ୍ରସାଦ ତ୍ରିପାଠୀଙ୍କ ସମେତ ଆଶାଲତା ପାଣି, ମନୋରମା ନାୟକ, ନିରୁପମା ପଣ୍ଡା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ସାଧକ ବାବାଜୀ ମହାରାଜ ରାମକୃଷ୍ଣ ଦାସଙ୍କ ପ୍ରେରଣା କ୍ରମେ ଗତ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଓଡ଼ିଶାର ମହିଳାଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ପ୍ରଚାର ଦିଗରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର କାର୍ଯ୍ୟ କରିଆସୁଛି।

ଖବରଦାତା ସମ୍ମିଳନୀରେ ଡ. ବିଜୟିନୀ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

ବିଭିନ୍ନ ଦାବି ନେଇ କଟକ ସଦର ବ୍ଲକ ଅଫିସ ସମ୍ମୁଖରେ ସୋମବାର ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ ।

ବିଡିଓଙ୍କ ବିବୃତି ଉପରେ ସ୍ୱଷ୍ଟୀକରଣ ମାଗିଲେ ଉପଜିଲାପାଳ

କଟକ ସଦର,୧୨।୧୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣୀ ପଞ୍ଚାୟତର ମିଶନ ଶକ୍ତି ଗୃହଟି ଏକ ବିବାଦୀୟ ସ୍ଥାନରେ ନିର୍ମାଣ କରାଯାଇଥିଲା। ଏହି ନିର୍ମାଣ ପାଇଁ କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ମୌଖିକ ଅନୁମତି ନିଆଯାଇଥିଲା ବୋଲି ବିଡିଓ ଲିଖିତ ବିବୃତି ଦେଇଥିଲେ। ମାତ୍ର ଏ ନେଇ ସ୍ୱଷ୍ଟୀକରଣ ଦେବା ପାଇଁ ଉପଜିଲାପାଳ ବେଉରା ପତ୍ର ସଂଖ୍ୟା ନଂ.୧୧୮୪/୧୯।୧୧। ୨୦୨୨ରେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ କଟକ ସଦର ବ୍ଲକ ଅଞ୍ଚଳରେ ବିଡିଓଙ୍କ ବିବୃତିକୁ ନେଇ ନାନା କଥା ଚର୍ଚ୍ଚା ହେଉଛି। ୨୦୧୫ ମସିହାରେ ଗୋଚର ଓ ଶ୍ମଶାନ ଜମିରେ ନିର୍ମିତ ଅନନ୍ତ ଆଶ୍ରମ କୋଠାକୁ ତତ୍କାଳୀନ କିଶନ ନଗର ତହସିଲଦାର ସିଲ୍ କରିଦେଇଥିଲେ। ଏହା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିର୍ଦ୍ଦେଶରେ କରାଯାଇଥିଲା। ମାତ୍ର ୨୦୨୧ ଡିସେମ୍ବରରେ ଉକ୍ତ କୋଠାର ସିଲ୍ ଖୋଲି ବିଡିଓ ଆଶ୍ରମକୁ ମିଶନ ଶକ୍ତି ଗୃହରେ ପରିଣତ କରିଥିଲେ। ଏହି କାର୍ଯ୍ୟ ଉପଜିଲାପାଳଙ୍କ ମୌଖିକ ନିର୍ଦ୍ଦେଶରେ କରାଯାଇଥିଲା ବୋଲି ବିଡିଓ ରାଜୀବ ଲୋଚନ ପରିଡ଼ା ପତ୍ର ସଂଖ୍ୟା ନଂ.୨୪୬୧/୧୪।୮।୨୦୨୨ ରେ ଏକ ଲିଖିତ ବିବୃତି ଦେଇଥିଲେ। ଏହି ଘଟଣା ବିଷୟରେ ଉପଜିଲାପାଳ ଜାଣିବା ପରେ ଉକ୍ତ ବିବୃତିର ବିଡିଓଙ୍କୁ ସ୍ୱଷ୍ଟୀକରଣ ମାଗିଛନ୍ତି।

ପରିଶ୍ରମ, ଏକାଗ୍ରତାରେ ଛାତ୍ରୀଛାତ୍ରଙ୍କ ଉନ୍ନତି ହେବ

ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଉତ୍ସବ

କଟକ ଅଫିସ, ୧୨।୧୨:

କଟକ ଶ୍ରୀରାମନଗର ଅନ୍ତର୍ଗତ ଶ୍ରୀଅରବିନ୍ଦ ସ୍କୁଲ ଅଫ ନ୍ୟୁ ଥଟ୍ ଏବଂ ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଯୁଗାବତାର ଶ୍ରୀଅରବିନ୍ଦଙ୍କ ଦ୍ୱାଦଶ ଦେହାଂଶ ପ୍ରତିଷ୍ଠା ବାର୍ଷିକ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ବାସନ୍ତୀ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶ୍ରୀଅରବିନ୍ଦ ପାଠଚକ୍ର ମୁଖ୍ୟ ସଙ୍ଗଠକ ଅନାଦି ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, କଠିନ ପରିଶ୍ରମ, ଦୃଢ ମନୋବଳ ଏବଂ ଏକାଗ୍ରତା ବଳରେ ଛାତ୍ରୀଛାତ୍ର ଉନ୍ନତିର ସୋପାନରେ ପହଞ୍ଚି ପାରିବେ। ସେହିପରି ଆଧ୍ୟାତ୍ମିକ ପ୍ରବଚକ ମହେନ୍ଦ୍ରନାଥ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁଦୃଢ ଓ ସଶକ୍ତ ଭାରତ ଗଠନ ପାଇଁ ଛାତ୍ରୀଛାତ୍ରଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି କହିଥିଲେ। ନ୍ୟୁ ଲାଇଫ ଏଜୁକେଶନ ଟ୍ରଷ୍ଟ ଓଡ଼ିଶା ଶାଖା ସଭାପତି ପ୍ରସାଦ ତ୍ରିପାଠୀ ଯୋଗଦେଇ ଅରବିନ୍ଦଙ୍କ ସିଦ୍ଧି ଓ ସାଧନା ଦ୍ୱାରା ଅନୁପ୍ରାଣିତ ହେବାକୁ ମତ ଦେଇଥିଲେ। ପୁଡୁଚେରିସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ସିଦ୍ଧି ସାଧକ ଜନାର୍ଦ୍ଦନଜୀ ଓ ଉର୍ମିଳା ଅପା ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ କୁଳମଣି ଦାସ ବାର୍ଷିକ ବିବରଣୀ ପାଠ, ଅଧ୍ୟାପକ ରାଜୀବ ନନ୍ଦ ସ୍ୱାଗତ ଭାଷଣ ଏବଂ ଅଧ୍ୟକ୍ଷ ଉମାକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

କଟକ ଅଫିସ,୧୨।୧୨:

- ଅନାବଶ୍ୟକ ଚିକିତ୍ସା କରି ଠକିନେଲେ ଅଢ଼େଇ ଲକ୍ଷ
- ଘରୋଇ ନର୍ସିଂହୋମ ନାମରେ ସିଡିଏମ୍‌ଓଙ୍କୁ ଫେରାଦ

କଟକ ନୟାବଜାର ଅଞ୍ଚଳରେ ଥିବା ଏକ ଘରୋଇ ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିସହ ଅନାବଶ୍ୟକ ଚିକିତ୍ସା କରି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ କରିବା ସହ ଅଢ଼େଇ ଲକ୍ଷ ଟଙ୍କା ରୋଗୀଙ୍କ ସ୍ୱାସ୍ଥ୍ୟବୀମା କାର୍ଡରୁ ନର୍ସିଂହୋମ ଠକି ନେଇଛି। ମୃତ ରୋଗୀ ଜଣକ ହେଲେ ଶେଲଟର ଛକ ଅଞ୍ଚଳର ଶିକ୍ଷୟିତ୍ରୀ କାଦମ୍ବିନୀ ସାହୁ। ତାଙ୍କ ସ୍ୱାମୀ ନଳିନୀ କୁମାର ସାହୁ ଏନେଇ ଜିଲା ଚିକିତ୍ସାଧିକାରୀଙ୍କ ସମେତ ଜିଲାପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ ଏବଂ ସିବିଆଇ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, କାଦମ୍ବିନୀ କୋଲାଞ୍ଜିଆ କାର୍ସିନୋମା (ବାଇଲ ଡକ୍ଟ କ୍ୟାନସର)ରେ ପୀଡ଼ିତ ହୋଇ ବର୍ଷକ ତଳେ ରାଜ୍ୟ ବାହାରର ଏକ ପ୍ରତିଷ୍ଠିତ ଚିକିତ୍ସାନୁଷ୍ଠାନରେ ଚିକିତ୍ସିତ ହୋଇ ଆରୋଗ୍ୟ ହୋଇଆସୁଥିଲେ। ହେଲେ ଗତ ସେପ୍ଟେମ୍ବର ମାସରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ

ସଂକ୍ଷେପରେ

ବଟି ଆଦାୟ ସହ ଆକ୍ରମଣ ଅଭିଯୋଗ: ଯୁବକ ଗିରଫ

ପୁରୀ ଅଫିସ, ୧୨।୧୨: ବଟି ଆଦାୟ ସହ ଆକ୍ରମଣ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ପତିତପାବନ ଲେନ୍‌ର କାଳୁ ଚରଣ ରାଉତ (୨୯)। ତାଙ୍କଠାରୁ ୭୪୦୦ ଟଙ୍କା ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ. ୩୦୯/୨୨) ରୁଜୁ କରାଯାଇଛି। ସୂଚନାନୁଯାୟୀ, କୁମ୍ଭାରପଡ଼ା ଲେଙ୍କା ସାହିର ସୁମନ୍ତ ସାମର୍ଥାଙ୍କର ବଡ଼ଶଙ୍ଖ ନିକଟରେ ଫାଷ୍ଟଫୁଡ ଦୋକାନ ରହିଛି। ଗତ ୧୦ ତାରିଖ ରାତି ୯ଟାରେ କାଳୁ ତାଙ୍କ ଦୋକାନକୁ ଆସି ଦାଦାବଟି ମାଗିଥିଲେ। ସେ ଦେବାକୁ ମନା କରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ଛୁରିରେ ଆକ୍ରମଣ କରିଥିଲେ। ଏ ନେଇ ସୁମନ୍ତ ଥାନାରେ ଅଭିଯୋଗ କରିଥିଲେ।

ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଜଟଣୀ,୧୨।୧୨(ଡି.ଏନ୍.ଏ.): ଜଟଣୀ ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଷ୍ଠାତା ପ୍ରଧାନ ଆଚାର୍ଯ୍ୟ ମିହିର କୁମାର ବିଧାରଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଡା. କୃଷ୍ଣ କୁମାର ମହାନ୍ତି ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତଥିଭାବେ ରାଜ୍ୟ ସରସ୍ୱତୀ ଶିଶୁ ବିକାଶ ପରିଷଦର ପୂର୍ବତନ ସମ୍ପାଦକ ଜଗଦୀଶ ପଟ୍ଟନାୟକ ଯୋଗଦେଇଥିଲେ। ଅକ୍ଷୟ କୁମାର ମହାନ୍ତି, ବାଙ୍କୀ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଉଦୟନାଥ ସ୍ୱାଇଁ, ଶକ୍ତିଶଙ୍କର ମିଶ୍ର, ବରିଷ୍ଠ ରେଲୱେ ଅଧିକାରୀ ନବକିଶୋର ଜୟସିଂ, ବିଜନ ପ୍ରତିହାରୀ, ଭାଜପା ନେତ୍ରୀ ରଶ୍ମି ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ନାୟକ, ଶିଶୁ ମନ୍ଦିର ଜଟଣୀ ପୂର୍ବତନ ସମ୍ପାଦକ ଗୁରୁ ପ୍ରସାଦ ଦାଶ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆବାହକ ସାହିତ୍ୟିକ ସୀତାକାନ୍ତ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ପ୍ରାଧାପକ ଶିବପ୍ରସାଦ ପାଢ଼ି ଅତିଥୀ ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଜବହାରଲାଲ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେମାନନ୍ଦ ମହାରଣା ଧନ୍ୟବାଦ ଦେଇଥିଲେ।

ଉଦୟନାଥଙ୍କ ଶ୍ରାଦ୍ଧବାର୍ଷିକୀ

କୃଷ୍ଣପ୍ରସାଦ,୧୨।୧୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚାରିଛକ ବଜାର ଠାରେ ଚିଲିକା ଗାନ୍ଧୀ ଶିକ୍ଷା ସମନ୍ୱୟ କମିଟି ଆନୁକୂଲ୍ୟରେ ଚିଲିକା ଗାନ୍ଧୀ ଭାବେ ପରିଚିତ ଉଦୟନାଥ ଜେନାଙ୍କ ୩୩ତମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି । ଶିକ୍ଷାବିତ ଗଣେଶ ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମନ୍ୱୟ କମିଟିର ସଭାପତି ପ୍ରଧାନ ଶିକ୍ଷକ ଦିଲ୍ଲୀପ ଦାସଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସାହିତ୍ୟିକ ଅଭିମନ୍ୟୁ ଜେନା, ମୁଖ୍ୟ ବକ୍ତାଭାବେ ଗାୟକ ଜ୍ଞାନ ବାରିଧି, କେଦାର ନାଥ କର ପ୍ରମୁଖ ଯୋଗ ଦେଇ ଉଦୟନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କମିଟି ସମ୍ପାଦକ ଅକ୍ଷୟ ସମନ୍ତସିଂହାର, ଟୁକୁନା କର ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ମଣ୍ଡଳୀଭାବେ ଗାୟକ କଳାନିଧି ଧନେଶ୍ୱର ପଲେଇ, ଅଧାପକ ଅଶୋକ ଜେନା, ପ୍ରଦୀପ ଜେନା ପ୍ରମୁଖ ଯୋଗଦେଇଥିଲେ।

ମହିମା ଗାଦି ଭାଙ୍ଗିବା ପ୍ରତିବାଦରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୧୨।୧୨

ଢେଙ୍କାନାଳ ଯୋରନ୍ଦା ସ୍ଥିତ ପ୍ରସିଦ୍ଧ ମହିମା ଗାଦିକୁ ଜିଲା ପ୍ରଶାସନ ଗତ ନଭେମ୍ବର ୨୨ରେ ମାଟିରେ ମିଶାଇ ଦେଇଥିଲେ। ଏହି ଉପାସନା ପୀଠକୁ ଯେଉଁଭଳି ମାଟିରେ ମିଶାଇ ଦିଆଗଲା ସର୍ବ ଭାରତୀୟ ସ୍ତରରେ ମହିମାଧର୍ମର ସାଧୁ ସନ୍ୟାସୀ ଓ ଭକ୍ତଙ୍କୁ ମର୍ମାହତ କରିଛି। ଏହାର ପ୍ରତିବାଦରେ ମହିମା ସମାଜ ସାଧୁ ଓ ଭକ୍ତ ସମିତି ଖୋର୍ଦ୍ଧା ଜିଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମହିମା ଗାଦିରେ ଶାନ୍ତି ପ୍ରତିଷ୍ଠା ଲାଗି ୫ଟି ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ନିବେଦନ କରିଛନ୍ତି।

ପୂର୍ବାହ୍ନ ୧୧ଟାରେ ମହିମା ଧର୍ମ ସାଧୁସଙ୍ଘ ଓ ଭକ୍ତମାନେ ନୂଆବସଷ୍ଟାଣ୍ଡ ଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ କରିଥିଲେ। ମହିମା ଗାଦିରେ ମହିମା ଗୋସାଇଁଙ୍କ ନାମରେ ଥିବା ସମସ୍ତ ସ୍ଥାବର ଭୂ ସମ୍ପତ୍ତି ଉଭୟ ସତ୍ୟ ଅଲେଖ ମହିମା ଧର୍ମ କୌପୀନଧାରୀ ସମିତି(କୌପୀନ ଧାରୀ ମହିମା ସମାଜ) ଏବଂ ବକଳଧାରୀ ମହିମା ସମାଜ ନାମରେ ରହିଥିବା ବେଳେ କୌପୀନଧାରୀ ମହିମା ସମାଜ ଅଧିକାରକୁ ବଳପୂର୍ବକ ଛଡାଇ ନିଆଯାଇଛି। ଏହା ଉପରେ ପଦକ୍ଷେପ ଗ୍ରହଣ କରାଯାଉ। ଗାଦି ମନ୍ଦିର ତୃତୀୟ ବେଢାରେ ସିଦ୍ଧ ବଡକୃପାସିନ୍ଧୁ ବାବାଙ୍କ ଦ୍ୱାରା ସ୍ଥାପିତ ପ୍ରାୟ ଶହେ ବର୍ଷର ବତୀ ମନ୍ଦିର, ଧୂନୀ ମନ୍ଦିର ଓ ଭେକ ମନ୍ଦିରକୁ ଯେଉଁଭଳି ଅମାନୁଷିକ ଭାବେ ଭାଙ୍ଗି ଧୂଳିସାତ କରାଗଲା, ତାହାକୁ କୌପୀନଧାରୀ ମହିମା ସମାଜ ନିନ୍ଦା କରୁଛି। ଏ ସମସ୍ତ ଉପାସନା ମନ୍ଦିର ମହିମା ସ୍ୱାମୀଙ୍କ ଜାଗାରେ ନିର୍ମାଣ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଉ। ଯୋରନ୍ଦା ମହିଳା ଗାଦିରେ ଥିବା ଗାଦି ମନ୍ଦିର, ଶୂନ୍ୟ ମନ୍ଦିରରେ ଉଭୟ ବକଳଧାରୀ ଓ କୌପୀନ ଧାରୀ ସନ୍ୟାସ୍ନୀ ମାନଙ୍କୁ ନୀତି କରିବାକୁ ଅନୁମତି ଦିଆଯାଉ। ଏହା ହାଇକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଛି। ଏହାକୁ କାର୍ଯ୍ୟକାରୀ ଲାଗି ପ୍ରଶାସନକୁ ତୁରନ୍ତ ନିର୍ଦ୍ଦେଶ ଦିଆଯାଉ। ମହିମା ଗାଦିରେ ଥିବା ମହିମା ସ୍ୱାମୀଙ୍କ ଜାଗାରେ ଯାହା ବି ଉନ୍ନୟନ କାର୍ଯ୍ୟ କରାଯିବ ତାହା ଉଭୟ ସମାଜର ସାଧୁ ସନ୍ୟାସୀଙ୍କ ସହମତି ଓ ସହଯୋଗରେ କରାଯାଉ। ଏ ସମସ୍ତ ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉ। କୋର୍ଟରେ ଥିବା ସମସ୍ତ ମାମଲା ପ୍ରତ୍ୟାହାର କରାଗଲେ ମହିମା ଗାଦିରେ ଶାନ୍ତିର ବାତାବରଣ ବଜାଏ ରହିବା ସହ ଏହି ପ୍ରସିଦ୍ଧ ଉପାସନା ପୀଠର ଗୌରବ ବୃଦ୍ଧି ପାଇବ ବୋଲି ସାଧୁମାନେ ଦାବି କରିଛନ୍ତି।

- ଶାନ୍ତି ବଜାଏ ପାଇଁ ୫ ପ୍ରସ୍ତାବ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଅଦିନିଆ ରଥଯାତ୍ରାକୁ ବିରୋଧ

ପୁରୀ ଅଫିସ, ୧୨।୧୨

ପଞ୍ଜାବରେ ଅଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆୟୋଜନକୁ ଓଡ଼ିଶାର ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ବିରୋଧ କରାଯାଇଛି। ଅଦିନିଆ ରଥଯାତ୍ରାକୁ ଉତ୍କଳ ବିଦ୍ୱତ ପରିଷଦ ବିରୋଧ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଏ ନେଇ ସୋମବାର ପୁରୀ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍କଳ ବିଦ୍ୱତ ପରିଷଦର ଅଧକ୍ଷ ମନୋଜ କୁମାର ରଥ କହିଛନ୍ତି, ପରମ୍ପରା ଅନୁଯାୟୀ ପବିତ୍ର ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ, ଯାହା ଶାସ୍ତ୍ରୀୟ ଅନୁମୋଦିତ। କିନ୍ତୁ ଅନେକ ସମୟରେ ଓଡ଼ିଶା ବାହାରେ ବିଭିନ୍ନ ଅନୁଷ୍ଠାନ ସେମାନଙ୍କ ସୁବିଧା ଅନୁଯାୟୀ ରଥଯାତ୍ରା ଆୟୋଜନ କରୁଛନ୍ତି, ଯାହା ପରମ୍ପରା ବିରୋଧୀ। ଦୁଇଦିନ ତଳେ ଏକ ପୋଷ୍ଟର ମାଧ୍ୟମରୁ ଜାଣିବାକୁ ମିଳିଥିଲା ଯେ, ପଞ୍ଜାବର ଅମୃତସରରେ ୧୦ ତାରିଖରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏ ସଂକ୍ରାନ୍ତରେ ବଡ଼ ବଡ଼ ହୋର୍ଡିଂରେ ମଧ୍ୟ ଦର୍ଶାଯାଇଥିଲା। ଅମୃତସରସ୍ଥିତ ରାଧାକୃଷ୍ଣ ମନ୍ଦିର (ଇସ୍କନ) ଶ୍ରୀଜଗନ୍ନାଥ ରଥଯାତ୍ରା କମିଟି ପକ୍ଷରୁ ଏହି ରଥଯାତ୍ରା ଆୟୋଜନ କରାଯାଇଥିବା ଜାଣିବାକୁ ମିଳିଥିଲା। ତେବେ ଏହା ଜଣାପଡ଼ିବାବେଳକୁ ରଥଯାତ୍ରା ସମ୍ପନ୍ନ ହୋଇସାରିଥିଲା। ରଥଯାତ୍ରାର ବିଭିନ୍ନ ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ରଥଯାତ୍ରାରେ ଭକ୍ତମାନେ ସାମିଲ ହୋଇ ରଥ ଟାଣିଥିବା ନେଇ ସେଠାକାର ଖବରକାଗଜରେ ପ୍ରକାଶ ପାଇଛି। ତେବେ ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳପୀଠରେ ଏପରି କି ଶାସ୍ତ୍ରୀୟ ମତରେ ଅଦିନରେ ରଥଯାତ୍ରା ଆୟୋଜନ ସମ୍ପର୍କରେ ଉଲ୍ଲେଖ ନାହିଁ। ଏଭଳି ଅଦିନିଆ ରଥଯାତ୍ରା କରି ଜଗନ୍ନାଥ ସଂସ୍କୃତିକୁ ଅପମାନ କରାଯିବା ସହ ଅଗଣିତ ଜଗନ୍ନାଥପ୍ରେମୀଙ୍କ ହୃଦୟକୁ ଆଘାତ ଦିଆଯାଉଛି। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା ଓ ଅପଭ୍ରଂଶ କରିବା ପାଇଁ ବ୍ୟବସାୟିକ ମନୋବୃତ୍ତି ରଖି ଏଭଳି କାର୍ଯ୍ୟ ମାଧ୍ୟମରେ ଷଡ଼ଯନ୍ତ୍ର କରାଯାଉଛି। ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ ପାଇଁ ପରିଷଦ ପକ୍ଷରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ଡାକ ମାଧ୍ୟମରେ ପତ୍ର ପଠାଯାଇଛି।

ନିୟମିତ ଦରମା, କୋଭିଡ୍ ସହାୟତା ଦାବିରେ ଧାରଣା

ମେଡିକାଲ ପରିସରରେ ଟ୍ରମା କେୟାର ନିକଟରେ ସିକ୍ୟୁରିଟି ଗାର୍ଡମାନେ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧା ଅଫିସ,୧୨।୧୨

ନିୟମିତ ଦରମା ଏବଂ କୋଭିଡ୍ ସହାୟତା ରାଶି ପ୍ରଦାନ ଦାବିରେ ଏସଆଇଏସ ଘରୋଇ ସଂସ୍ଥା ଅଧିନରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ନିରାପତ୍ତା ରକ୍ଷୀ(ସିକ୍ୟୁରିଟି ଗାର୍ଡ) ମାନେ ସୋମବାର ମେଡିକାଲ ପରିସର ଟ୍ରମା କେୟାର ନିକଟରେ ଧାରଣା ଦେବା ସହ କାର୍ଯ୍ୟ ବନ୍ଦ କରିଥିଲେ। ଏନେଇ କାର୍ଯ୍ୟରତ ସିକ୍ୟୁରିଟିମାନେ ମେଡିକାଲ ଅଧୀକ୍ଷକଙ୍କ ନିକଟରେ ଲିଖିତଭାବେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସଂସ୍ଥା ଦ୍ୱାରା ପ୍ରାଧିକୃତ ସ୍କାନର ଠିକ୍‌ଭାବେ କାର୍ଯ୍ୟ କରୁନାହିଁ। ଫଳରେ ସିକ୍ୟୁରିଟି ଗାର୍ଡମାନେ ନିୟମିତ ଉପସ୍ଥାନ ଦେଇପାରୁନଥିବା ବେଳେ ପ୍ରତ୍ୟେକ ଦିନ ଡ୍ୟୁଟି ବାବଦକୁ ଉପସ୍ଥାପନ ଦେଉଛନ୍ତି। ହେଲେ ଦରମା ପାଇବା ବେଳେ କଟାଯାଇ ଦିଆଯାଉଛି। ଫଳରେ ମାସିକ କେତେ ଦରମା ଦିଆଯାଉଛି, ଜଣାପଡୁନାହିଁ। ସଂସ୍ଥା ପକ୍ଷରୁ ଠିକ୍ ସମୟରେ ଦରମା ସହ ଡ୍ୟୁଟି ବାବଦକୁ କେତେ ଦରମା ଦିଆଯାଉଛି ତାହା ସ୍ପଷ୍ଟ କରିବାକୁ ଦାବି କରିଛନ୍ତି। ଏନେଇ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଅବଗତ ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। କୋଭିଡ ସମୟରେ ସମସ୍ତ ସିକ୍ୟୁରିଟି ଗାର୍ଡ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ଏକ ବର୍ଷ ବିତିଯାଇଥିଲେ ମଧ୍ୟ କୋଭିଡ ସହାୟତା ରାଶି ପ୍ରଦାନ କରାଯାଇ ନାହିଁ। ଉପରୋକ୍ତ ସମସ୍ୟା ସମାଧାନ ଲାଗି ଦାବି କରିଛନ୍ତି। ଏସଆଇଏସ ଖୋର୍ଦ୍ଧା ଜିଲା ବ୍ରାଞ୍ଚ ମ୍ୟାନେଜର ବିକାଶ କୁମାର କୁହନ୍ତି, କାର୍ଯ୍ୟରତ ସିକ୍ୟୁରିଟି ମାନଙ୍କୁ ନିୟମିତ ଉପସ୍ଥାନ ଦେବାକୁ କୁହାଯାଇଛି। ଅନେକ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ସେମାନଙ୍କ ଉପସ୍ଥାନ ଅନୁଯାୟୀ ଦରମା ଦିଆଯାଉଛି। ମେଡିକାଲ ପକ୍ଷରୁ କୋଟିଏ ଟଙ୍କା ବକେୟା ପାଇବାକୁ ବାକି ରହିଛି। ଫଳରେ ଗାର୍ଡସଙ୍କୁ ଦରମା ଦେବାରେ ବିଳମ୍ବ ଘଟିଛି। ତୁରନ୍ତ ଏହାର ସମାଧାନ ଲାଗି ଚେଷ୍ଟା କରାଯିବ। ମେଡିକାଲ ମ୍ୟାନେଜର ବିନାୟକ ପାଣିଗ୍ରାହୀ କୁହନ୍ତି ଗାର୍ଡସମାନେ ଏକ ଘରୋଇ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ସଂସ୍ଥା ସହ ଆଲୋଚନା କରାଯାଇଛି। ବକେୟା ଟଙ୍କା ବାବଦ ରେକର୍ଡପତ୍ର ପ୍ରଦାନ କଲେ, ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ବିଭାଗରେ ପ୍ରାୟ ୮୫ଜଣ ସିକ୍ୟୁରିଟି ମହିଳା, ପୁରୁଷ କାର୍ଯ୍ୟ କରୁଛନ୍ତି।

ପୂର୍ବ ବିବାଦରୁ ଗଣ୍ଡଗୋଳ ଘଟଣା: ୨ ଗିରଫ

ଡେଲାଙ୍ଗ,୧୨।୧୨(ଡି.ଏନ୍.ଏ.)

ପୂର୍ବ ବିବାଦକୁ କେନ୍ଦ୍ରକରି ମାରପିଟ ଘଟଣାରେ ସୋମବାର ଡେଲାଙ୍ଗ ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗରଫ ଦ୍ୱୟ ହେଲେ ପ୍ରଦୀପ ପ୍ରଧାନ ଓ ତାଙ୍କ ବାପା ଭୀମସେନ ପ୍ରଧାନ(୬୨)। ଏନେଇ ପୋଲିସ ୨ଟି ମାମଲା (ନଂ. ୩୬୮/୨୨ ଏବଂ ୩୬୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କଣାସ ରାସ୍ତାର କଲ୍ୟାଣପୁର ଛକ ନିକଟରେ ରବିବାର ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ ହୋଇଥିଲା। ସେହି ସମୟରେ ପୂର୍ବ ବିବାଦକୁ କେନ୍ଦ୍ର କରି ପ୍ରଦୀପ ଏକ କାଚ ବୋତଲରେ ଜଗନ୍ନାଥ ସ୍ୱାଇଙ୍କୁ ଆକ୍ରମଣ କରିବା ପରେ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଉପସ୍ଥିତ ପୋଲିସ ସେମାନଙ୍କୁ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସା ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁହିଁଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ଜଗନ୍ନାଥଙ୍କ ବାପା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ରାସ୍ତା ଅବରୋଧ ସମୟରେ ବାଇକ୍ ଚାଳକଙ୍କୁ ଛାଡ଼ିଦେବାକୁ ପ୍ରଦୀପ କହିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ନେଇ ତାଙ୍କ ବାପା ଭୀମସେନ ଥାନାରେ ଅଭିଯୋଗ କରିଥିଲେ।

ଆଇନଜୀବୀଙ୍କ ସତ୍ୟାଗ୍ରହ

ଖୋର୍ଦ୍ଧା ଅଫିସ/ ବାଣପୁର/ ଗମ୍ଭାରୀମୁଣ୍ଡା, ୧୨।୧୨ (ଡି.ଏନ୍.ଏ.)

ଜାତୀୟ ଓ ରାଜ୍ୟ ଆଇନଜୀବୀ ପରିଷଦର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଖୋର୍ଦ୍ଧା କୋର୍ଟ ସମ୍ମୁଖରେ ଖୋର୍ଦ୍ଧା ଓକିଲ ସଂଘ ସତ୍ୟାଗ୍ରହ କରିଛନ୍ତି। ଓକିଲଙ୍କ ଆନ୍ଦୋଳନ ଯୋଗୁ କୋର୍ଟ କାର୍ଯ୍ୟ ବନ୍ଦ ରହିଛି। ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ପୂର୍ବତନ ବାର୍ ସଭାପତି ଶିଶିର ପରିଡା, ଅଜିତ ପଟ୍ଟନାୟକ, ଲୋତକ ବିନ୍ଦୁ ପଟ୍ଟନାୟକ, ମନ୍ମଥ ମିଶ୍ର, ଅଜିତ ମିଶ୍ର, ଶିବସୁନ୍ଦର ପଟ୍ଟନାୟକ, ତ୍ରିଲୋଚନ ବରାଳ, ରଜନୀକାନ୍ତ ପଟ୍ଟନାୟକ, ବିଶ୍ୱନାଥ ରାମ, ବ୍ରଜକିଶୋର ସାହୁ, ସତ୍ୟକାମ ମହାପାତ୍ର, ପ୍ରଫୁଲ୍ଲ ଦାସ, ବିଶ୍ୱ କେଶନ ମହାପାତ୍ର, ମୀରା ସାମନ୍ତରା, ମୋନିରା ବେଗମ, ପବିତ୍ରମୋହନ ରାଜଗୁରୁ, କୋଦାରନାଥ ରାୟ, ବିଧାନ ଚନ୍ଦ୍ର ମହାନ୍ତି ପ୍ରମୁଖ ଆଇନଜୀବୀ ଏହି ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି। ବାର୍ ସଭାପତି ସାମନ୍ତସିଂହାର କହିଥିଲେ, ସରକାରୀ କର୍ମଚାରୀ, ଶିକ୍ଷକ, ସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ବିଭାଗ କର୍ମଚାରୀ, ଅଧିକାରୀମାନେ ନିଜ ଦାବି ଲାଗି ଧାରଣା ଦେଉଛନ୍ତି। ତେବେ ଯିଏ ସମସ୍ତଙ୍କ ପାଇଁ ଆଇନ ପରିଚାଳନା କରନ୍ତି, ସେମାନଙ୍କ ପ୍ରତି ଏଭଳି ବୈମାତୃକ ମନୋଭାବ କାହିଁକି। ଏହାର ତର୍ଜମା ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ପୂର୍ବତନ ବାର୍ ସଭାପତି ପରଡା କୁହନ୍ତ, ଆଇନଜୀବୀମାନେ ଆନ୍ଦୋଳନକୁ ଓହ୍ଲାଇଲେ ସମ୍ପୃକ୍ତ ଓକିଲ ସଂଘକୁ ରଦ୍ଦ କରାଯିବା ସହ ଲାଇସେନ୍ସ ରଦ୍ଦ କରାଯିବ ବୋଲି ସୁପ୍ରିମକୋର୍ଟ ପକ୍ଷରୁ ଜାତୀୟ ଓ ରାଜ୍ୟ ଆଇନଜୀବୀ ପରିଷଦ ଜରିଆରେ ଦିଆଯାଇଥିବା ନିର୍ଦ୍ଦେଶକୁ ପ୍ରତ୍ୟାହାର ଲାଗି ସାମ୍ୟାଧାନିକ ବ୍ୟବସ୍ଥା ଅନୁସାରେ ସତ୍ୟାଗ୍ରହ କରାଯାଇଛି। ସେହିପରି ବାଣପୁର ବିଚାର ବିଭାଗୀୟ ଅଦାଲତର ଓକିଲ ସଂଘ ପକ୍ଷରୁ ଆଇନଜୀଜୀମାନେ କଳାବ୍ୟାଜ୍ ପରିଧାନ କରି କୋର୍ଟ ପରିସରରେ ଶାନ୍ତିପୂର୍ଣ୍ଣ ଭାବେ ସତ୍ୟାଗ୍ରହ କରାଯାଇ

ସଂକ୍ଷେପରେ

ବଟି ଆଦାୟ ସହ ଆକ୍ରମଣ ଅଭିଯୋଗ: ଯୁବକ ଗିରଫ

ପୁରୀ ଅଫିସ, ୧୨।୧୨: ବଟି ଆଦାୟ ସହ ଆକ୍ରମଣ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ପତିତପାବନ ଲେନ୍‌ର କାଳୁ ଚରଣ ରାଉତ (୨୯)। ତାଙ୍କଠାରୁ ୭୪୦୦ ଟଙ୍କା ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ. ୩୦୯/୨୨) ରୁଜୁ କରାଯାଇଛି। ସୂଚନାନୁଯାୟୀ, କୁମ୍ଭାରପଡ଼ା ଲେଙ୍କା ସାହିର ସୁମନ୍ତ ସାମର୍ଥାଙ୍କର ବଡ଼ଶଙ୍ଖ ନିକଟରେ ଫାଷ୍ଟଫୁଡ ଦୋକାନ ରହିଛି। ଗତ ୧୦ ତାରିଖ ରାତି ୯ଟାରେ କାଳୁ ତାଙ୍କ ଦୋକାନକୁ ଆସି ଦାଦାବଟି ମାଗିଥିଲେ। ସେ ଦେବାକୁ ମନା କରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ଛୁରିରେ ଆକ୍ରମଣ କରିଥିଲେ। ଏ ନେଇ ସୁମନ୍ତ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ଅଭିଯୁକ୍ତଙ୍କ ବିରୋଧରେ ୫ଟି ମାମଲା ଥିବା ପୋଲିସ ସୂଚନା ଦେଇଛି।

ପୂର୍ବ ବିବାଦରୁ ଗଣ୍ଡଗୋଳ ଘଟଣା: ୨ ଗିରଫ

ଡେଲାଙ୍ଗ,୧୨।୧୨(ଡି.ଏନ୍.ଏ.): ପୂର୍ବ ବିବାଦକୁ କେନ୍ଦ୍ରକରି ମାରପିଟ ଘଟଣାରେ ସୋମବାର ଡେଲାଙ୍ଗ ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗରଫ ହୁଏ ହେଲେ ପ୍ରଦୀପ ପ୍ରଧାନ ଓ ତାଙ୍କ ବାପା ଭୀମସେନ ପ୍ରଧାନ(୬୨)। ଏନେଇ ପୋଲିସ ୨ଟି ମାମଲା (ନଂ. ୩୬୮/୨୨ ଏବଂ ୩୬୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କଣାସ ରାସ୍ତାର କଲ୍ୟାଣପୁର ଛକ ନିକଟରେ ରବିବାର ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ ହୋଇଥିଲା। ସେହି ସମୟରେ ପୂର୍ବ ବିବାଦକୁ କେନ୍ଦ୍ର କରି ପ୍ରଦୀପ ଏକ କାଚ ବୋତଲରେ ଜଗନ୍ନାଥ ସ୍ୱାଇଁଙ୍କୁ ଆକ୍ରମଣ କରିବା ପରେ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଉପସ୍ଥିତ ପୋଲିସ ସେମାନଙ୍କୁ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସା ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁହିଁଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ଜଗନ୍ନାଥଙ୍କ ବାପା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ରାସ୍ତା ଅବରୋଧ ସମୟରେ ବାଇକ୍ ଚାଳକଙ୍କୁ ଛାଡ଼ିଦେବାକୁ ପ୍ରଦୀପ କହିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ନେଇ ତାଙ୍କ ବାପା ଭୀମସେନ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଏହି ମାମଲାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ଗଣ୍ଡଗୋଳରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

ଜି-୨୦ ଯୁବଗୋଷ୍ଠୀର କୋଷାଧ୍ୟକ୍ଷ ଓମ୍ ପ୍ରିୟଦର୍ଶୀ

ଖୋର୍ଦ୍ଧା ଅଫିସ,୧୨।୧୨: ଭାରତ ଅଧ୍ୟକ୍ଷତାରେ ହେବାକୁ ଯାଉଥିବା ଜି–୨୦ ସମ୍ମିଳନୀରେ ଖୋର୍ଦ୍ଧା ଅଞ୍ଚଳର ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରମୁଖ ୧୯ ରାଷ୍ଟ୍ର ଓ ୟୁରୋପୀୟ ରାଷ୍ଟ୍ରସଂଘକୁ ନେଇ ଗଠିତ ଯୁବଗୋଷ୍ଠୀର କୋଷାଧ୍ୟକ୍ଷ ଭାବେ ଓମ୍ ମନୋନୀତ ହୋଇଛନ୍ତି। ଓମ୍ ଆଗାମୀ ବର୍ଷ ଭାରତ ଓ ଅନ୍ୟ ଜି–୨୦ ରାଷ୍ଟ୍ରଗୁଡିକରେ ଆୟୋଜିତ ହେବାକୁ ଯାଉଥିବା ବିଭିନ୍ନ ପ୍ରାକ ସମ୍ମିଳନୀ, ଯୁବ ସଂଗୋଷ୍ଠୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୈଶ୍ୱିକ ସମସ୍ୟାର ସମାଧାନ ନିମିତ୍ତ କାର୍ଯ୍ୟଶାଳାର ପରିଚାଳନା କରିବେ।

ଏ ସମ୍ପର୍କରେ ଓମ୍ କୁହନ୍ତି, ଭାରତର ଜି–୨୦ ସଙ୍ଗଠନର ଅଧ୍ୟକ୍ଷତା ଏକ ସାର୍ବଜନୀନ ଏକତ୍ୱର ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିବ। ତେଣୁ ମୂଳ ପ୍ରସଙ୍ଗ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ। ଏହା କେବଳ ଏକ ସ୍ଲୋଗାନ ନୁହେଁ। ଏହା ସମ୍ପ୍ରତି ମାନବୀୟ ପରିସ୍ଥିତିରେ ଘଟୁଥିବା ପରିବର୍ତ୍ତନକୁ ମଧ୍ୟ ପ୍ରଦର୍ଶିତ କରୁଛି ଯାହାକୁ ଆମେ ସାମୂହିକ ଭାବେ ସ୍ୱୀକାର କରିବାରେ ବିଫଳ ହୋଇଛୁ। ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଏବଂ ବୈଶ୍ୱିକ ମହାମାରୀ ପରି ଯେଉଁ ବିପଦର ସାମ୍ନା କରୁଛୁ ତାହା ପରସ୍ପର ମଧ୍ୟରେ ବିବାଦରେ ଲିପ୍ତ ରହିଲେ ସମାଧାନ କରିହେବ ନାହିଁ। ମିଳିତ ଭାବେ ସେସବୁର ମୁକାବିଲା କରିବା ଆବଶ୍ୟକ। ଏନଆଇଟି ରାଉରକେଲାରୁ ସ୍ନାତକୋତ୍ତର ହାସଲ କରିଥିବା ଓମ୍ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶ୍ରେଷ୍ଠ ଯୁବ ଲେଖକଭାବେ ସମ୍ମାନିତ ହୋଇ ସାରିଛନ୍ତି। ଖୋର୍ଦ୍ଧାର ଜଣେ ଛାତ୍ରନେତା ଭାବେ ପରିଚିତ ଥିବା ଓମଙ୍କୁ ଅନ୍ତର୍ଜାତୀୟ ନେତୃତ୍ୱ ମିଳିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ମାହୋଲ ଖେଳିଯାଇଛି।

ଅଦିନିଆ ରଥଯାତ୍ରାକୁ ବିରୋଧ

ପୁରୀ ଅଫିସ, ୧୨।୧୨

ପଞ୍ଜାବରେ ଅଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆୟୋଜନକୁ ଓଡ଼ିଶାର ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ବିରୋଧ କରାଯାଇଛି। ଅଦିନିଆ ରଥଯାତ୍ରାକୁ ଉତ୍କଳ ବିଦ୍ୱତ ପରିଷଦ ବିରୋଧ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଏ ନେଇ ସୋମବାର ପୁରୀ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ମନୋଜ କୁମାର ରଥ କହିଛନ୍ତି, ପରମ୍ପରା ଅନୁଯାୟୀ ପବିତ୍ର ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ, ଯାହା ଶାସ୍ତ୍ରୀୟ ଅନୁମୋଦିତ। କିନ୍ତୁ ଅନେକ ସମୟରେ ଓଡ଼ିଶା ବାହାରେ ବିଭିନ୍ନ ଅନୁଷ୍ଠାନ ସେମାନଙ୍କ ସୁବିଧା ଅନୁଯାୟୀ ରଥଯାତ୍ରା ଆୟୋଜନ କରୁଛନ୍ତି, ଯାହା ପରମ୍ପରା ବିରୋଧୀ। ଦୁଇଦିନ ତଳେ ଏକ ପୋଷ୍ଟର ମାଧ୍ୟମରୁ ଜାଣିବାକୁ ମିଳିଥିଲା ଯେ, ପଞ୍ଜାବର ଅମୃତସରରେ ୧୦ ତାରିଖରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏ ସଂକ୍ରାନ୍ତରେ ବଡ଼ ବଡ଼ ହୋର୍ଡିଂରେ ମଧ୍ୟ ଦର୍ଶାଯାଇଥିଲା। ଅମୃତସରସ୍ଥିତ ରାଧାକୃଷ୍ଣ ମନ୍ଦିର (ଇସ୍କନ)



ରଥଯାତ୍ରା ସଂକ୍ରାନ୍ତ ପୋଷ୍ଟର।

ଶ୍ରୀଜଗନ୍ନାଥ ରଥଯାତ୍ରା କମିଟି ପକ୍ଷରୁ ଏହି ରଥଯାତ୍ରା ଆୟୋଜନ କରାଯାଇଥିବା ଜାଣିବାକୁ ମିଳିଥିଲା। ତେବେ ଏହା ଜଣାପଡ଼ିବାବେଳକୁ ରଥଯାତ୍ରା ସମ୍ପନ୍ନ ହୋଇସାରିଥିଲା। ରଥଯାତ୍ରାର ବିଭିନ୍ନ ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ରଥଯାତ୍ରାରେ ଭକ୍ତମାନେ ସାମିଲ ହୋଇ ରଥ ଟାଣିଥିବା ନେଇ ସେଠାକାର ଖବରକାଗଜରେ ପ୍ରକାଶ ପାଇଛି। ତେବେ ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳପୀଠରେ ଏପରି କି ଶାସ୍ତ୍ରୀୟ ମତରେ ଅଦିନରେ ରଥଯାତ୍ରା ଆୟୋଜନ ସମ୍ପର୍କରେ ଉଲ୍ଲେଖ ନାହିଁ। ଏଭଳି ଅଦିନିଆ ରଥଯାତ୍ରା କରି ଜଗନ୍ନାଥ ସଂସ୍କୃତିକୁ ଅପମାନ କରାଯିବା ସହ ଅଗଣିତ ଜଗନ୍ନାଥପ୍ରେମୀଙ୍କ ହୃଦୟକୁ

ପୁରୀରେ ଜଗନ୍ନାଥପ୍ରେମୀଙ୍କ ଅସନ୍ତୋଷ

- କାର୍ଯ୍ୟାନୁଷ୍ଠାନ ଦାବି କଲା ଉତ୍କଳ ବିଦ୍ୱତ ପରିଷଦ
- ଓଡ଼ିଶା ଓ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ପଠାଗଲା

ଖବରଦାତା ସମ୍ମିଳନୀରେ ଉତ୍କଳ ବିଦ୍ୱତ ପରିଷଦ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଆଘାତ ଦିଆଯାଉଛି। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା ଓ ଅପଭ୍ରଂଶ କରିବା ପାଇଁ ବ୍ୟବସାୟିକ ମନୋବୃତ୍ତି ରଖି ଏଭଳି କାର୍ଯ୍ୟ ମାଧ୍ୟମରେ ଷଡ଼ଯନ୍ତ୍ର କରାଯାଉଛି। ମହାପ୍ରଭୁଙ୍କ ମୂଳପୀଠରେ ଥିବା ପରମ୍ପରାକୁ ଅନ୍ୟମାନେ ଅନୁସରଣ କରିବା ଉଚିତ୍। ଏହି ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ ପାଇଁ ପରିଷଦ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ଡାକ ମାଧ୍ୟମରେ ପତ୍ର ପଠାଯାଇଛି। ଘଟଣାର ତଦନ୍ତ କରାଯାଇ ଆୟୋଜକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କଠୋର ଆଇନ ପ୍ରଣୟନ ଲାଗି ଦାବି କରାଯାଇଛି। ସେହିପରି ଏ ନେଇ ଗଜପତି ମହାରାଜାଙ୍କୁ ଅବଗତ କରାଯାଇଥିବାବେଳେ ଆସନ୍ତା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା ପାଇଁ କର୍ମକର୍ତ୍ତାଙ୍କୁ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ଭେଟିବ ବୋଲି ଅଧ୍ୟକ୍ଷ ରଥ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପରିଷଦ ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା, କୋଷାଧ୍ୟକ୍ଷ କମଳାକାନ୍ତ ଆଚାର୍ଯ୍ୟ, ସଭ୍ୟ ଦିବ୍ୟରଞ୍ଜନ ଦାସ, ସୂର୍ଯ୍ୟନାରାୟଣ ଦାଶ, ଦୟାନିଧି ପଣ୍ଡା ଏବଂ ଦିବାକର ମହାପାତ୍ରଙ୍କ ସମେତ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭାର ପୂର୍ବତନ ସମ୍ପାଦକ ଭଗବାନ ମହାପାତ୍ର ଉପସ୍ଥିତ ଥିଲେ।

କାଠଫାଳିଆ ମାଡ଼ରେ ବାପା ମୃତ, ପୁଅ ଗିରଫ

କୋଣାର୍କ,୧୨।୧୨(ଡି.ଏନ୍.ଏ.)

ରାମଚଣ୍ଡୀ ଥାନା ଅଧୀନ ବଡଗାଁ ପଞ୍ଚାୟତର ଅଲଣ୍ଡା ଗାଁରେ ସୋମବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ଟଙ୍କା ନ ଦେବାରୁ ପୁଅର କାଠଫାଳିଆ ମାଡ଼ରେ ବାପାଙ୍କ ଜୀବନ ଚାଲିଯାଇଛି। ମୃତକ ହେଲେ ଉକ୍ତ ଗ୍ରାମର ସର୍ବେଶ୍ୱର ଭୋଇ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଆକ୍ରମଣକାରୀ ପୁଅ ସୁକାନ୍ତ ଭୋଇଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା(ନଂ.୧୨୧/୨୨) ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ସୁକାନ୍ତଙ୍କୁ କୌଣସି କାର୍ଯ୍ୟ ପାଇଁ ଟଙ୍କା ଆବଶ୍ୟକ ଥିଲା। ଏଥିପାଇଁ ସେ ବାପାଙ୍କୁ ଟଙ୍କା ମାଗିଥିଲେ। ହେଲେ ସେ ମନା କରିଥିଲେ। କିନ୍ତୁ ସୁକାନ୍ତ ବାପାଙ୍କ ଭତ୍ତା ଟଙ୍କା ଥିବା ଜାଣି ତାହା ଦେବାକୁ ବାଧ୍ୟ କରିଥିଲେ। ତଥାପି ସର୍ବେଶ୍ୱର ତାଙ୍କୁ ଟଙ୍କା ଦେବାକୁ ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସୁକାନ୍ତ ଉତ୍ତ୍ୟକ୍ତ ହୋଇ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ବାପାଙ୍କୁ ବାରମ୍ବାର ମାଡ଼ ମାରିଥିଲେ। ଫଳରେ ସର୍ବେଶ୍ୱରଙ୍କ ଘଟଣାସ୍ଥଳରେ ମୃତ୍ୟୁବରଣ ହୋଇଥିଲା। ପାଟିଶୁଣି ପଡ଼ୋଶୀ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇବା ସହ ପୁଅଙ୍କୁ ଗିରଫ କରିଥିଲା।

୧୫ରୁ କଟକରେ ପ୍ରଥମ ସର୍ବଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର

କଟକ ଅଫିସ,୧୨।୧୨

ଆଧ୍ୟାତ୍ମିକ ଗୁରୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି ପ୍ରଥମ ସର୍ବଭାରତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ କଟକସ୍ଥ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମାତୃଭବନସ୍ଥ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଆନୁକୂଲ୍ୟରେ ହେବାକୁ ଥିବା ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁସ୍ଥ ଅରୋଭିଲ୍‌ର ମୁଖ୍ୟ ପ୍ରଶାସକ ଜୟନ୍ତୀ ରବି ଯୋଗଦେଇ ଉଦ୍‌ଘାଟନ କରିବେ। ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ମହିଳାମାନଙ୍କ ମାଧ୍ୟମରେ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ବାର୍ତ୍ତା ସାରା ଦେଶର ମହିଳାଙ୍କ ନିକଟରେ ଯେପରି ପହଞ୍ଚିପାରିବ ସେନେଇ ଆଲୋଚନା କରାଯିବ। ଏଥିରେ ୫ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେବାର କାର୍ଯ୍ୟକ୍ରମ ଥିବା ପାଠଚକ୍ରର ସଙ୍ଗଠନ ଅଧ୍ୟକ୍ଷା ଡ. ଶ୍ୟାମା କାନୁନ୍‌ଗୋ ଏବଂ ସଙ୍ଗଠନ ସମ୍ପାଦିକା ଡ. ବିଜୟିନୀ ମହାପାତ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାତୃଭବନଠାରେ ଆୟୋଜିତ ଏହି ସମ୍ମିଳନୀରେ ମାତୃଭବନର ସମ୍ପାଦକ ପ୍ରସାଦ ତ୍ରିପାଠୀଙ୍କ ସମେତ ଆଶାଲତା ପାଣି, ମନୋରମା ନାୟକ, ନିରୁପମା ପଣ୍ଡା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ସାଧକ ବାବାଜୀ ମହାରାଜ ରାମକୃଷ୍ଣ ଦାସଙ୍କ ପ୍ରେରଣା କ୍ରମେ ଗତ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ମହିଳାମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ପ୍ରସାର ପ୍ରଚାର ବିଗରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର କାର୍ଯ୍ୟ କରିଆସୁଛି। ଏବେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ପ୍ରାୟ ୩ ହଜାର ମହିଳା ପାଠଚକ୍ର କ୍ରିୟାଶୀଳ ରହିଥିବା ଜଣାପଡ଼ିଛି।

ଚନ୍ଦ୍ରଭାଗାରେ ମହୋଦଧି ଦିବସ

ଚନ୍ଦ୍ରଭାଗାରେ ମହୋଦଧି ଦିବସ ପାଳନ ଅବସରରେ ବେଳାଭୂମି ସଫେଇ କରାଯାଉଛି।

କୋଣାର୍କ,୧୨।୧୨(ଡି.ଏନ୍.ଏ.)

ବେଳାଭୂମି ସଫେଇ କଲେ ଛାତ୍ରୀଛାତ୍ର

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର କୋଣାର୍କ ନିକଟସ୍ଥ ସ୍ୱର୍ଣ୍ଣିଭ ବେଳାଭୂମି ଚନ୍ଦ୍ରଭାଗାରେ ସୋମବାର ମହୋଦଧି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପୁରୀସ୍ଥିତ ଦି ବେଲ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ କୋଣାର୍କସ୍ଥିତ ଫ୍ରେଣ୍ଡସ କ୍ଲବ, ଶିରିପୁର, ବସନ୍ତ ମଞ୍ଜରୀ ପାଠାଗାର, କୋଣାର୍କ ଓ ନେହେରୁ ଯୁବ କେନ୍ଦ୍ର, ପୁରୀ ମିଳିତ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଚନ୍ଦ୍ରଭାଗା ବତିଘର ପରିଚାଳକ ପ୍ରଭାତ ସିଂ ଯୋଗଦେଇ ମହୋଦଧି ପତାକା ଉତ୍ତୋଳନ କରିବା ସହିତ ବେଳାଭୂମି ଓ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଯୁବସମାଜ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି, ଚମ୍ପାହାର ଅଗ୍ନିଶମ ବିଭାଗ ଅଧିକାରୀ ଜ୍ୟୋତି ପ୍ରକାଶ ରଥ, ସତ୍ୟସାଇ ଯୋଗ କେନ୍ଦ୍ର କୋଣାର୍କର ଯୋଗଗୁରୁ ବାମଦେବ ଅଲୁକ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବେଳାଭୂମି ସଫେଇ ସହିତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା। ଆଲୋକ ବିଶ୍ୱାଳ, ଦିଲ୍ଲୀପ ନାୟକ, କାମଦେବ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନୂଆଗାଁ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

୧ କୋଟିର ବ୍ରାଉନ୍‌ସୁଗାର, ୧୯.୯୨ କୁଇଣ୍ଟାଲ ଗଞ୍ଜେଇ ପୋଡ଼ାଗଲା

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ମାମଲାର ବିଚାର ପୂର୍ବରୁ ରାଜ୍ୟରେ ଜବତ ହୋଇଥିବା ନିଶାଦ୍ରବ୍ୟଗୁଡିକୁ ନଷ୍ଟ କରିବା ପ୍ରକ୍ରିୟା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ ରାଜ୍ୟ ପୋଲିସ ପକ୍ଷରୁ ଜାରି ରହିଛି। ଏବେ ପୁଣି ୧ କେଜି ବ୍ରାଉନସୁଗାର ଓ ୧୯.୯୨ କୁଇଣ୍ଟାଲ ଗଞ୍ଜେଇକୁ ପୋଡି ନଷ୍ଟ କରାଯାଇଛି। ଏସ୍‌ଟିଏଫ୍‌ର ମାମଲା ନଂ.୧୭/୨୦୨୦ରେ ଅଭିଯୁକ୍ତଙ୍କଠାରୁ ଉକ୍ତ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ ହୋଇଥିଲା। ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟିଙ୍କ ନିଷ୍ପତ୍ତିକ୍ରମେ ଖୋର୍ଦ୍ଧାର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ତାହାକୁ ପୋଡି ଦିଆଯାଇଛି। ସେହିପରି ଏସ୍‌ଟିଏଫ୍‌ର ମାମଲା ନଂ. ୦୧/୨୦୧୧ରେ ଜବତ ହୋଇଥିବା ୧୯.୯୨ କୁଇଣ୍ଟାଲ ଗଞ୍ଜେଇକୁ ମଧ୍ୟ ପୋଡି ନଷ୍ଟ କରାଯାଇଛି। ଏଥିପାଇଁ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜଙ୍କ ନେତୃତ୍ୱରେ ଗଠିତ କମିଟିରେ ଥିବା ଏସ୍‌ଟିଏଫ୍ ଏସ୍‌ପି, କ୍ରାଇମବ୍ରାଞ୍ଚ ଏସ୍‌ପି ଓ ଡିଏସ୍‌ପି, ଖୋର୍ଦ୍ଧା ଉପଜିଲାପାଳ ଏବଂ ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ରାଜ୍ୟ ଫୋରେନ୍‌ସିକ୍ ଲାବରେଟୋରିର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ।

ରାଜ୍ୟସ୍ତରୀୟ କବି ଲେଖକ ସମ୍ମେଳନ

ପୁରୀ ଅଫିସ, ୧୨।୧୨

ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ପଞ୍ଚଦଶତମ ରାଜ୍ୟସ୍ତରୀୟ କବ

ସଡ଼କ ଦୁର୍ଘଟଣାରେ ୧୧ ମୃତ

ନେପାଳର ଜାଜରକୋଟ ଜିଲାରେ ସୋମବାର ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏକ ବୋଲେରୋ ଜିପ୍ ଚେଡାଗାର୍ଡ ପୌରାଞ୍ଚଳର ଲେଖ୍ରା ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଏହାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଘଟଣାର ଯାଞ୍ଚ ଚଳାଇଛି ।

ସର୍ବସମ୍ମୁଖରେ ଫାଶୀ ଦେଲା ଇରାନ

ସରକାରୀ ବିରୋଧୀ ଆନ୍ଦୋଳନରେ ଦ୍ୱିତୀୟ ଫାଶୀଦଣ୍ଡ


ମାଜିଦ୍ରେଜା ରହନାଭାର୍ଡ

ଦୁବାଇ,୧୨।୧୨

ଇରାନର ଧର୍ମତନ୍ତ୍ରକୁ ବିରୋଧ କରି ଦେଶବ୍ୟାପୀ ଆନ୍ଦୋଳନ ବେଳେ ଅପରାଧ ଭିଆଇବା ଅଭିଯୋଗରେ ଦ୍ୱିତୀୟ ବନ୍ଦୀଙ୍କୁ ସୋମବାର ସର୍ବସମ୍ମୁଖରେ ଫାଶୀ ଦିଆଯାଇଛି। ଏକ ନିର୍ମାଣ କ୍ରେନ୍‌ରୁ ତାଙ୍କୁ ଝୁଲାଇ ଦିଆଯାଇ ଅନ୍ୟମାନଙ୍କୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ସରକାର ବିରୋଧୀ ବିକ୍ଷୋଭ ଲାଗି ଗତ ଗୁରୁବାର ମୋହସେନ୍ ଶେକରିଙ୍କୁ ଫାଶୀ ଦିଆଯାଇଥିଲା। ଏହା ଥିଲା ବିକ୍ଷୋଭରେ ସାମିଲ ବ୍ୟକ୍ତିଙ୍କୁ ପ୍ରଥମ ଫାଶୀ। ତେହରାନରେ ଏକ ରାସ୍ତା ଅବରୋଧ କରିବା ସହ ଜଣେ ସୁରକ୍ଷା କର୍ମୀଙ୍କୁ ଆହତ କରିବା ଅଭିଯୋଗରେ ମୋହସେନ ଶେକରିଙ୍କୁ ରିଭଲ୍ୟୁଶନାରୀ କୋର୍ଟ ଦୋଷୀସାବ୍ୟସ୍ତ କରିଥିଲା। ସେ ଈଶ୍ୱରଙ୍କ ବିରୋଧରେ ଶତ୍ରୁତା କରିଥିବା କୋର୍ଟ ଦର୍ଶାଇଥିଲେ।

ଆନ୍ଦୋଳନକାରୀଙ୍କ ଉପରେ ଇରାନ ସୁରକ୍ଷା କର୍ମୀଙ୍କ ଦମନ ଲୀଳା ଓ ହତ୍ୟା ପ୍ରତିବାଦରେ ଉତ୍କ୍ଷିପ୍ତ ହୋଇ ମାଜିଦ୍ରେଜା ରହନାଭାର୍ଡ ଦୁଇଜଣ ଅର୍ଦ୍ଧସାମରିକ ସୈନ୍ୟଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ମାସେରୁ କମ୍ ସମୟ ମଧ୍ୟରେ ମାଜିଦ୍ରେଜାଙ୍କୁ ଫାଶୀ ଦିଆଯାଇଛି। ମାଜିଦ୍ରେଜାଙ୍କୁ କ୍ରେନ୍‌ରୁ ଝୁଲାଇଦିଆଯାଇଥିବାର ଏକାଧିକ ଫଟୋ ସେଠାର ମିଜାନ୍ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ହାତଗୋଡ଼ ବାନ୍ଧିଦିଆଯାଇଥିବାବେଳେ ତାଙ୍କ ମୁଣ୍ଡକୁ ଏକ କଳା ବ୍ୟାଗ୍‌ରେ ଘୋଡ଼ାଇ ଦିଆଯାଇଥିବା ଦେଖାଯାଇଛି। ମିଜାନ୍ ରିପୋର୍ଟ ଅନୁଯାୟୀ ମାଜିଦ୍ରେଜା ଗତମାସ ୧୭ରେ ମାଶାଦଠାରେ ଦୁଇଜଣ ସୁରକ୍ଷା ଯବାନଙ୍କୁ ଛୁରିଭୁସି ହତ୍ୟା କରିବା ସହ ଅନ୍ୟ ୪ ଜଣଙ୍କୁ ଆହତ କରିଥିଲେ। ଗିରଫ ହେବା ବେଳେ ସେ ଦେଶ ବାହାରକୁ ଚାଲିଯିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

ସୂଚନାଯୋଗ୍ୟ, ଇରାନ ମୋରାଲିଟି ପୋଲିସ ଦ୍ୱାରା ଗିରଫ ହୋଇଥିବା ୨୨ ବର୍ଷୀୟା ମହିଳା ମହସା ଅମିନିଙ୍କର ହାଜତରେ ମୃତ୍ୟୁ ଘଟିବା ପରେ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେପ୍ଟେମ୍ବର ମଧ୍ୟଭାଗରୁ ସରକାର ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ୪୮୮ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ୧୮ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଛି। ରୁଦ୍ଧଦ୍ୱାର ଶୁଣାଣି କରାଯାଇ ଅନ୍ୟୂନ ୧୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ମାନବାଧିକାର କର୍ମୀମାନେ ସତର୍କ କରାଇଛନ୍ତି।

ସର୍ବସମ୍ମୁଖରେ କ୍ରେନ୍‌ରେ ଝୁଲାଇ ଫାଶୀ ଦିଆଯିବା ନିକଟ ଅତୀତରେ ବିରଳ ଘଟଣା। ୨୦୦୯ ରାଷ୍ଟ୍ରପତି ନିର୍ବାଚନବେଳେ ହିଂସାକାଣ୍ଡରେ ସମ୍ପୃକ୍ତଙ୍କୁ ଏଭଳି ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଏହା ପରେ ଗ୍ରିନ୍ ମୁଭ୍‌ମେଣ୍ଟ ବିକ୍ଷୋଭକାରୀଙ୍କୁ ମଧ୍ୟ ଅନୁରୂପ ଦଣ୍ଡ ଦିଆଯାଇଥିଲା। କ୍ରେନ୍‌ରେ ଝୁଲାଇ ମୃତ୍ୟୁଦଣ୍ଡ ଦେବାକୁ ମାନବାଧିକାର କର୍ମୀମାନେ ନିନ୍ଦା କରିଛନ୍ତି। ୟୁରୋପୀୟ ସଂଘର ବହିର୍ବ୍ୟାପାର ମନ୍ତ୍ରୀମାନେ ଫାଶୀଦଣ୍ଡକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିକ୍ଷୋଭକାରୀମାନଙ୍କ ଉପରେ ଦମନ ଲୀଳା ଚଳାଇଥିବା ଇରାନ ସରକାରଙ୍କ ବିରୋଧରେ ୟୁରୋପୀୟ ସଂଘ କଟକଣା ଲଗାଇବାକୁ ଯାଉଛି। ୟୁକ୍ରେନ୍ ଆକ୍ରମଣ ଲାଗି ଏହି ଦେଶ ରୁଷିଆକୁ ଡ୍ରୋନ୍ ଯୋଗାଇଦେଉଛି। ଇରାନୀୟମାନଙ୍କୁ ଆତଙ୍କିତ କରି ରଖିବା ଲାଗି ସରକାରଙ୍କ ଏହା ଖୋଲାଖୋଲି ଉଦ୍ୟମ ବୋଲି ଜର୍ମାନ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବାଏରବକ୍ କହିଛନ୍ତି।

ମୋଦିଙ୍କୁ ହତ୍ୟା କରିବାକୁ ଆହ୍ୱାନ ଦେଇ ବିବାଦରେ କଂଗ୍ରେସ ନେତା

ରାଜା ପାଟେରିଆ

ଭୋପାଳ,୧୨।୧୨

ସମ୍ବିଧାନକୁ ବଞ୍ଚାଇବାକୁ ଚାହୁଁଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କର ବୋଲି ଏକ ସଭାରେ ଆହ୍ୱାନ ଦେଇ ମଧ୍ୟପ୍ରଦେଶର ବରିଷ୍ଠ କଂଗ୍ରେସ ନେତା ରାଜା ପାଟେରିଆ ବିବାଦ ମଧ୍ୟକୁ ଆସିଛନ୍ତି। ହତ୍ୟା ଅର୍ଥ ମୋଦିଙ୍କୁ ପରାଜିତ କରିବାକୁ ଆହ୍ୱାନ ଦେଇଥିବା ସେ ସଫେଇ ଦେଇଥିଲେ ମଧ୍ୟ ବିବାଦ ଥମିନାହିଁ। ପାଟେରିଆଙ୍କୁ ଗିରଫ କରାଯାଉ ବୋଲି ଭାଜପା ନେତାମାନେ ଦାବି କରିଛନ୍ତି। ପୂର୍ବତନ ମନ୍ତ୍ରୀ ପାଟେରିଆଙ୍କ ବିରୋଧରେ ପୋଲିସ ମାମଲା ଦାଏର ପାଇଁ ମଧ୍ୟପ୍ରଦେଶ ସରକାର ନିର୍ଦ୍ଦେଶ ଦେବା ପରେ ତାଙ୍କ ବିରୋଧରେ ଏତଲା ଦାଏର ହୋଇଛି। ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଧମକ ଦେବା ଅକ୍ଷମଣୀୟ ଅପରାଧ ବୋଲି ଜଣେ କେନ୍ଦ୍ରମନ୍ତ୍ରୀ କହିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାର ଅସଲ ଉଦ୍ଦେଶ୍ୟ ପଦାକୁ ଆସିଲା ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

ସଂକ୍ଷେପରେ

କାନାଡ଼ାରେ ଆଉ ଜଣେ ଶିଖ୍‌ଙ୍କୁ ହତ୍ୟା

ଓଟାୱା,୧୨।୧୨: କାନାଡ଼ାର ଆଲବର୍ଟା ପ୍ରଦେଶରେ ଜଣେ ୨୪ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଶିଖ୍ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଚଳିତ ମାସରେ ସେଠାରେ ୨ ଜଣ ଭାରତୀୟଙ୍କୁ ହତ୍ୟା କରାଗଲାଣି। ସନରାଜ ସିଂ ନାମକ ଏହି ଶିଖ୍ ଯୁବକଙ୍କୁ ଏକ ଗାଡ଼ି ଭିତରେ ଗୁଳି କରାଯାଇଥିଲା। ଗତ ୩ ତାରିଖରେ ପଞ୍ଜନପ୍ରୀତ୍ କୌର ନାମ୍ନୀ ଜଣେ ଶିଖ୍ ଯୁବତୀଙ୍କୁ ଓଣ୍ଟାରିଓ ପ୍ରଦେଶରେ ଗୁଳିକରି ହତ୍ୟା କରାଯାଇଥିଲା। ଏହା ପୂର୍ବରୁ ନଭେମ୍ବର ମାସରେ ଜଣେ ଭାରତୀୟ ଯୁବକ ମେହକପ୍ରୀତ୍ ସେଠାଙ୍କୁ ବ୍ରିଟିଶ କଲମ୍ବିଆ ପ୍ରଦେଶରେ ଛୁରିଭୁସି ହତ୍ୟା କରାଯାଇଥିଲା।

ଅନିଲ ଦେଶମୁଖଙ୍କୁ ଜାମିନ

ମୁମ୍ବାଇ,୧୨।୧୨: ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ସୋମବାର ବମ୍ବେ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଗତ ଗୁରୁବାର ଜଷ୍ଟିସ୍ ଏମ୍.ଏସ୍. କାର୍ନିକଙ୍କ ଖଣ୍ଡପୀଠ ଜାମିନ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ତେବେ ଜାମିନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ଲାଗି ସିବିଆଇ ଜଣାଇବା ପରେ ଅନିଲଙ୍କୁ ଆଉ ୧୦ ଦିନ ଜେଲରେ ରହିବା ଲାଗି ହାଇକୋର୍ଟ କହିଛନ୍ତି। ସିବିଆଇ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ ସିଂ କହିଥିଲେ, ମନିଲଣ୍ଡରିଂ ମାମଲାରେ ଜାମିନ ଦିଆଯିବା ଅର୍ଥ ସିବିଆଇ ମାମଲାରେ ଜାମିନ ମିଳିଯିବ। ମନିଲଣ୍ଡରିଂ ସମ୍ପୂର୍ଣ୍ଣ ଅଲଗା ଅପରାଧ ଏଥିପାଇଁ ଅଲଗା ବିଚାର କରାଯିବା ଆବଶ୍ୟକ ବୋଲି ସେ ଦର୍ଶାଇଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାର ଶୁଣାଣି ବେଳେ ସିବିଆଇ ଚାର୍ଜଶିଟ୍ ଉପରେ ଯୁକ୍ତି ଉପସ୍ଥାପନ କରାଯାଇ ନ ଥିଲା ବୋଲି ସେ କହିଥିଲେ।

ଅଣଜୀବାଶ୍ମ ଇନ୍ଧନ ବଢ଼ାଇବା ପାଇଁ ପାର୍ଲାମେଣ୍ଟରେ ବିଲ୍ ଗୃହୀତ

ନୂଆଦିଲ୍ଲୀ,୧୨।୧୨: ଇଥାନୋଲ, ବାୟୋମାସ୍, ଗ୍ରୀନ୍ ହାଇଡ୍ରୋଜେନ୍ ଆଦି ଅଣଜୀବାଶ୍ମ ଇନ୍ଧନ ବ୍ୟବହାର ବଢ଼ାଇବା ନିମନ୍ତେ ଅଣାଯାଇଥିବା ଶକ୍ତି ସଂରକ୍ଷଣ (ସଂଶୋଧନ) ବିଲ୍, ୨୦୨୨ ସୋମବାର ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ଗତ ଅଗଷ୍ଟ ମାସରେ ଲୋକ ସଭାରେ ଉକ୍ତ ବିଲ୍ ଗୃହୀତ ହୋଇଥିବାବେଳେ ସୋମବାର ରାଜ୍ୟ ସଭାରେ ଧ୍ୱନିମତରେ ଗୃହୀତ ହୋଇଛି। ଶିଳ୍ପସଂସ୍ଥାଗୁଡ଼ିକ ଏହାର ଉଲ୍ଲଂଘନ କଲେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ସେହିପରି ଯାନଗୁଡ଼ିକ ଇନ୍ଧନ ଉପଯୋଗ ନିୟମ ଅନୁପାଳନ କରିବାରେ ବିଫଳ ହେଲେ ଉତ୍ପାଦନକାରୀ ଦଣ୍ଡିତ ହେବେ। ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ଘରୋଇ କାର୍ବନ ମାର୍କେଟର ବିକାଶ ସଂଶୋଧିତ ବିଲ୍‌ର ଉଦ୍ଦେଶ୍ୟ। ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଭାରତର ଅନ୍ତର୍ଜାତୀୟ ପ୍ରତିଶ୍ରୁତି ହାସଲ କରିବାରେ ଏହା ସହାୟକ ହେବ।

ଶପଥ ନେଲେ ଭୂପେନ୍ଦ୍ର ପଟେଲ

ନୂଆଦିଲ୍ଲୀ,୧୨।୧୨

ଗୁଜରାଟର ଅଷ୍ଟାଦଶ ମୁଖ୍ୟମନ୍ତ୍ରୀ ଭାବେ ଭୂପେନ୍ଦ୍ର ପଟେଲ ସୋମବାର ଶପଥ ଗ୍ରହଣ କରିଛନ୍ତି। ଏହି ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଭୂପେନ୍ଦ୍ର କ୍ରମାଗତ ଦ୍ୱିତୀୟ ଥର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ୨୦୨୧ ସେପ୍ଟେମ୍ବରରେ ଭାଜପା ନେତୃତ୍ୱ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କୁ ବଦଳାଇ ଭୂପେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲେ।

ସୋମବାର ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ୧୬ ଜଣ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ୧୭ ଜଣିଆ ମନ୍ତ୍ରିମଣ୍ଡଳରେ ମାତ୍ର ଜଣେ ମହିଳା ସ୍ଥାନ ପାଇଛନ୍ତି। କାନୁ ଦେଶାଇ, ରଷିକେଶ ପଟେଲ, ରଘବଜୀ ପଟେଲ, ବଲବନ୍ତ ସିଂ ରାଜପୁତ୍, କୁନ୍‌ଭାର୍ଜି ବାଭାଲିୟା, ମୁଲୁ ବେରା, କୁବେର ଦିଣ୍ଡୋର ଏବଂ ଭାନୁବେନ୍ ବାବରିୟାଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି। ହର୍ଷ ସାଙ୍ଘଭି ଏବଂ ଜଗଦୀଶ ବିଶ୍ୱକର୍ମାଙ୍କୁ ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱ ଦିଆଯାଇଥିବାବେଳେ ପର୍ଷୋତ୍ତମ ସୋଲାଙ୍କି, ବଚୁ ଖବଡ, ମୁକେଶ ପଟେଲ, ପ୍ରଫୁଲ ପାନ୍‌ଶେରିୟା, କୁଭେର୍ଜି ହାଲପତି ଏବଂ ଭିଖୁସିଂ ପାର୍‌ମାରଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଛି। ନିକଟରେ ଶେଷ ହୋଇଥିବା ଗୁଜରାଟ ବିଧାନସଭା ନିର୍ବାଚନରେ ଭାଜପା ୧୫୬ ଆସନରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଶନିବାର ଭୂପେନ୍ଦ୍ରଙ୍କୁ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା।

ବର୍ଷ ଶେଷ ଖବରଦାତା ସମ୍ମିଳନୀ କରିବେନି ପୁଟିନ୍

ମସ୍କୋ, ୧୨।୧୨

ଚଳିତବର୍ଷ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବର୍ଷ ଶେଷ ଖବରଦାତା ସମ୍ମିଳନୀ କରିବେ ନାହିଁ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ ସୂଚନା ଦେଇଛନ୍ତି। ବିଦେଶ ଗସ୍ତ ସମୟରେ ଚଳିତବର୍ଷ ପୁଟିନ୍ ଏକାଧିକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଛନ୍ତି। ପ୍ରତିବର୍ଷ ଡିସେମ୍ବରରେ ପୁଟିନ୍‌ଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥାଏ। ଗତବର୍ଷ ପୁଟିନ୍ ୪ ଘଣ୍ଟା ଧରି ଏହି ସମ୍ମିଳନୀରେ ଯୋଗ ଦେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ।

ନାସା ପଠାଇଥିବା ଓରିଅନ୍ ସ୍ପେସ୍ କ୍ୟାପ୍‌ସୁଲ ୨୫ ଦିନ ଚନ୍ଦ୍ର ଚତୁଃପାର୍ଶ୍ୱରେ ଯାତ୍ରା କରିବା ପରେ ରବିବାର ମେକ୍ସିକୋ ଉପକୂଳ ପ୍ରଶାନ୍ତ ମହାସାଗରରେ ଖସିଥିଲା। ଏହାକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଲାଗି ଆମେରିକା ନୌସେନାର ବୁଡ଼ାଳିମାନେ କ୍ୟାପ୍‌ସୁଲ୍‌ରେ କେବୁଲ ସଂଯୋଗ କରୁଛନ୍ତି।

୩ ବର୍ଷ ପରେ ଚେନ୍ନାଇରୁ ଜାଫ୍‌ନା ଉଡ଼ିଲା ବିମାନ

ଚେନ୍ନାଇ,୧୨।୧୨

୩ ବର୍ଷ ପରେ ସୋମବାର ଚେନ୍ନାଇରୁ ଶ୍ରୀଲଙ୍କାର ଜାଫ୍‌ନାକୁ ବିମାନ ଉଡ଼ାଣ ଆରମ୍ଭ ହୋଇଛି। କୋଭିଡ୍ କାରଣରୁ ଚେନ୍ନାଇରୁ ଜାଫ୍‌ନା ବିମାନ ଚଳାଚଳ ବନ୍ଦ କରାଯାଇଥିଲା। ସୋମବାର ସକାଳ ପ୍ରାୟ ୧୧ଟା ୨୫ ମିନିଟରେ ଏଲିଆନ୍ସ ଏୟାର ସର୍ଭିସ ଜାଫ୍‌ନା ବିମାନ ବନ୍ଦରରେ ଅବତରଣ କରିଥିଲା। ତେବେ ୧୪ ଜଣ ବଛା ବଛା ବିମାନଯାତ୍ରୀଙ୍କୁ ନେଇ ବିମାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଓ୍ୱେଲ୍‌କମ୍ ସେରିମୋନିର ଆୟୋଜନ କରାଯାଇଥିଲା।

ସିସୋଡିଆଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ,୧୨।୧୨

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବିରୋଧରେ ଦାଏର କରିଥିବା ମାନହାନି ମାମଲା ଖାରଜ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହାକୁ ଖାରଜ କରିବା ଲାଗି ସିସୋଡିଆଙ୍କ ଆବେଦନ ଖାରଜ ପରେ ସେ ପିଟିଶନ ଫେରାଇ ନେଇଛନ୍ତି। ଆବେଦନକାରୀ ଯଥେଷ୍ଟ ପୂର୍ବରୁ ନିଃସର୍ତ୍ତ କ୍ଷମା ମାଗିବା ଆବଶ୍ୟକ ଥିଲା ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ ସୋମବାର କହିଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ପ୍ରଥମ ଲହର ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ପିପିଇ କିଟ୍ ଯୋଗାଣ ଦୁର୍ନୀତିରେ ଆସାମ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଥିବା ସିସୋଡିଆ ଅଭିଯୋଗ କରିଥିଲେ। ଏନେଇ ବିଶ୍ୱ ଶର୍ମା ସିସୋଡିଆଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ।

କାବୁଲରେ ହୋଟେଲ ଉପରେ ଆକ୍ରମଣ

କାବୁଲ,୧୨।୧୨

୩ ଆକ୍ରମଣକାରୀ ନିହତ

ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଏକ ହୋଟେଲ ଉପରେ ସୋମବାର ଆକ୍ରମଣ ହୋଇଛି। ଏଥିରେ ଦୁଇଜଣ ବିଦେଶୀ ଆହତ ହୋଇଥିବାବେଳେ ସୁରକ୍ଷା ବଳ କାର୍ଯ୍ୟାନୁଷ୍ଠାନରେ ୩ ଆକ୍ରମଣକାରୀ ନିହତ ହୋଇଛନ୍ତି। ହୋଟେଲ ନିକଟରେ ପ୍ରଚଣ୍ଡ ବିସ୍ଫୋରଣ ହେବା ସହ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲା। ଉକ୍ତ ହୋଟେଲରେ ବିଦେଶୀମାନେ ରହିଥାନ୍ତି। ଆକ୍ରମଣରେ ଆହତ ହୋଇଥିବା ୨୧ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିଥିଲା ବୋଲି କାବୁଲ ପୋଲିସ ମୁଖ୍ୟଙ୍କ ମୁଖପାତ୍ର ଖଲିଦ ଜଦ୍ରାନ କହିଛନ୍ତି।

ଗତବର୍ଷ ଅଗଷ୍ଟରୁ ତାଲିବାନ ଆଫଗାନିସ୍ତାନରେ କ୍ଷମତା ଦଖଲ କରିବା ପରେ ଜାତୀୟ ସୁରକ୍ଷା ସ୍ଥିତିରେ ଉନ୍ନତି ଘଟିଥିବା ଦାବି କରିଆସୁଛି। ଅନ୍ୟପକ୍ଷରେ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍‌ର ସ୍ଥାନୀୟ ଆତଙ୍କବାଦୀ ଅନେକ ସମୟରେ ବିସ୍ଫୋରଣ ଓ ଆକ୍ରମଣ ଘଟାଉଥିବା ଦେଖାଯାଇଛି। କାବୁଲର ମୁଖ୍ୟ ବ୍ୟବସାୟିକ ଅଞ୍ଚଳ ଶହର-ଏ-ନାରେ ବିସ୍ଫୋରଣ ଘଟିଥିବାରୁ ଆତଙ୍କବାଦୀମାନେ ବିଦେଶୀ ବ୍ୟବସାୟୀଙ୍କୁ ଟାର୍ଗେଟ କରିଥିବା ଅନୁମାନ କରାଯାଉଛି। ହୋଟେଲ ଭିତରେ କେତେଜଣ ଆକ୍ରମଣକାରୀ ପ୍ରବେଶ କରିଥିଲେ ତାହା ଜଣାପଡ଼ି ନାହିଁ। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତାଲିବାନ ପକ୍ଷରୁ କୁହାଯାଇଛି। ଆକ୍ରମଣ ଲାଗି କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି।

ଜ୍ୟାକ୍‌ଲିନ୍‌ଙ୍କ ନାଁରେ ମାନହାନି ମାମଲା

ନୂଆଦିଲ୍ଲୀ,୧୨।୧୨

ନୋରା ଫତେହି

ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍

ବଲିଉଡ୍ ଅଭିନେତ୍ରୀ ନୋରା ଫତେହି ଶ୍ରୀଲଙ୍କା ବ୍ୟୁଟି ତଥା ହିନ୍ଦୀ ଚଳଚ୍ଚିତ୍ର ଜଗତର ନାମକରା ନାୟିକା ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ବିରୋଧରେ ସୋମବାର ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ ମାନହାନି ମାମଲା କରିଛନ୍ତି। ନୋରାଙ୍କ ଅଭିଯୋଗ ଅନୁସାରେ, ୨୦୦ କୋଟି ଟଙ୍କା ଠକେଇ ମାମଲାରେ ଜ୍ୟାକଲିନ୍ ଟ୍ରିବ୍ୟୁନାଲ ନିକଟରେ ନୋରାଙ୍କ ନାଁରେ ମିଛ ତଥ୍ୟ ରଖିଛନ୍ତି। ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ଠାରୁ ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କ ପରି ଅନେକ ଅଭିନେତ୍ରୀ ବହୁ ଉପହାର ନେଇଥିବା ଜ୍ୟାକ୍‌ଲିନ୍ ଲିଖିତ ଭାବେ କହିଥିବା ନୋରା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଜ୍

ଶେୟାର ବଜାରରେ ଭିନ୍ନ ଫଳାଫଳ

ନୂଆଦିଲ୍ଲୀ: ଗତ କିଛି ଦିନ ହେବ ଷ୍ଟକ୍ ବଜାରର କାରବାର ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହେଉଛି। ଏପରିକି ସୋମବାର ଶେୟାର ବଜାରର ଫଳାଫଳ ଭିନ୍ନ ରହିଛି। ଚଳିତ ସପ୍ତାହର ୧ମ କାର୍ଯ୍ୟଦିବସର ଫଳାଫଳ ଅନୁସାରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୫୧(୫୧.୧୦) ପଏଣ୍ଟ ହ୍ରାସ ପାଇ ୬୨,୧୩୧ (୬୨,୧୩୦.୫୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ୧(୦.୫୫) ପଏଣ୍ଟ ବୃଦ୍ଧି ଘଟି ୧୮,୪୯୭ (୧୮,୪୯୭.୧୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

ଖସିଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୨।୧୨

ଦୀର୍ଘ ୧୧ ମାସ ପରେ ଖୁଚୁରା ମୁଦ୍ରାସ୍ଫୀତିର ହାର ପ୍ରାୟ ୬% ନିକଟବର୍ତ୍ତୀରେ ରହିଛି। ଏପରିକି ଚଳିତ ବର୍ଷ ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତିର ହାର ପ୍ରାୟ ୧%(୦.୮୯) ଖସି ୫.୮୮% ରେ ରହିଛି। ୨୦୨୨ ଅକ୍ଟୋବର ମାସରେ ଏହି ହାର ୬.୭୭%ରେ ରହିଥିଲା। ବିଶେଷକରି ନଭେମ୍ବରରେ ହ୍ରାସ ପାଇଥିବା ମୁଦ୍ରାସ୍ଫୀତି ହାର ଯୋଗୁ ଦରଦାମ ହ୍ରାସ ବା ନିୟନ୍ତ୍ରଣରେ ରହିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିଭଳି ୨୦୨୧ ଡିସେମ୍ବରରେ ଏହାର ପରିମାଣ ୫.୫୯% ରହିଥିଲା। ୨୦୨୧ ଡିସେମ୍ବରଠାରୁ ଲଗାତର ଭାବେ ଖୁଚୁରା ମୁଦ୍ରାସ୍ଫୀତିର ହାର ୬%ରୁ ଅଧିକ ରହିଆସିଛି। ଅପରପକ୍ଷରେ ଚଳିତ ବର୍ଷ ସେପ୍ଟେମ୍ବରରେ ଏହାର ପରିମାଣ ୭.୪୧% କୁ ଛୁଇଁଥିଲା। ତେବେ ୨୦୨୧ ନଭେମ୍ବରରେ ମୁଦ୍ରାସ୍ଫୀତି ହାର ୪.୯୧% ହୋଇଥିଲା। ଅପରପକ୍ଷରେ

ଲଗାତର ୨ୟ ମାସ ହେଲା ସିପିଆଇ (ଉପଭୋକ୍ତା ମୂଲ୍ୟ ସୂଚକାଙ୍କ) ମଧ୍ୟ ହ୍ରାସ ପାଉଛି। ବିଶେଷ କରି ଅମଳ ସମୟ ହୋଇଥିବାରୁ ପନିପରିବା ମୂଲ୍ୟ ହ୍ରାସ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ମୁଦ୍ରାସ୍ଫୀତି ହ୍ରାସ ହୋଇଛି ବୋଲି ଆଶଙ୍କା କରାଯାଉଛି। ଅପରପକ୍ଷରେ ଚଳିତ ବର୍ଷ ନଭେମ୍ବର ମାସରେ ଖାଦ୍ୟସାମଗ୍ରୀର

୧୧ମାସ ପରେ ୬% ତଳେ ଖୁଚୁରା ମୁଦ୍ରାସ୍ଫୀତି

ମହଙ୍ଗା ସ୍ଥିତି ଅକ୍ଟୋବର ୭.୧% ଠାରୁ ହ୍ରାସ ହୋଇ ୪.୬୭% ହୋଇଯାଇଥିବା ବେଳେ ପନିପରିବାର ମହଙ୍ଗା ସ୍ଥିତି ଅକ୍ଟୋବରର ୭.୭୭ରୁ ହ୍ରାସ ହୋଇ -୮.୦୮% ହୋଇଯାଇଛି। ସେହିପରି ନିକଟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ମଧ୍ୟ ରେପୋ ରେଟ୍ ବଢ଼ାଇ ଥିଲା। ବର୍ତ୍ତମାନର ମହଙ୍ଗା ସ୍ଥିତିକୁ ନଜରରେ ରଖି ଆର୍‌ବିଆଇ ରେପୋ ରେଟରେ ବୃଦ୍ଧି କରିଥିଲା। ଫଳରେ ବ୍ୟାଙ୍କଗୁଡ଼ିକ ହୋମ୍‌ଲୋନଠାରୁ ଆରମ୍ଭ କରି ଅଟୋ ଓ ବ୍ୟକ୍ତିଗତ ଋଣକୁ ମହଙ୍ଗା କରିଦେଲେ। ସୁଧ ବଢ଼ିବା କାରଣରୁ ଉପଭୋକ୍ତାମାନେ ବ୍ୟାଙ୍କରୁ କମ ଋଣ ନିଅନ୍ତି। ଟଙ୍କା କମ ହେବାରୁ ଚାହିଦା କମ୍ ଓ ରପ୍ତାନି ବଢ଼ିଯାଏ।

ବଢ଼ିପାରେ ଆୟକର ଛାଡ଼ ସୀମା

ନୂଆଦିଲ୍ଲୀ,୧୨।୧୨

ଆଗାମୀ ବଜେଟ୍ (୨୦୨୩-୨୪) ଅଧିବେଶନରେ କେନ୍ଦ୍ର ସରକାର ଆୟକର ଛାଡ଼ ସୀମା ବଢାଇବା ବିଷୟରେ ଯୋଜନା କରୁଥିବା ଜାତୀୟସ୍ତରର ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏପରିକି ବର୍ତ୍ତମାନର ପରିସ୍ଥିତି ସାଙ୍ଗକୁ ଆଗାମୀ ଦିନର ଘଟଣାକୁ ଆଖି ଆଗରେ ରଖି ସରକାର ଏଭଳି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ବିଶେଷଜ୍ଞମାନେ ଅକାଳନ କରିଛନ୍ତି। ସେହିପରି ଆୟକର ଛାଡ଼ ସୀମା ବଢାଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ଦେଶରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ସହ ଜୀବନ ଧାରଣର ମାନ ମଧ୍ୟ ମହଙ୍ଗା ହୋଇଛି। ବିଶେଷ କରି ମଧ୍ୟବିତ୍ତି ବର୍ଗର ଲୋକଙ୍କ ଉପରେ ଆୟକର ବୋଝ ଅପରିବର୍ତ୍ତିତ ରହିଛି। ସରକାର ଆୟକର ଛାଡ଼ସୀମା ବଢାଇଲେ ଲୋକଙ୍କ ହାତରେ ଖର୍ଚ୍ଚ କରିବାକୁ କିଛି ଅଧିକ ଅର୍ଥ ରହିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ ଦେଶରେ ଆୟକର ଛାଡ଼ସୀମା ଅଢେଇ ଲକ୍ଷ ଟଙ୍କା ରହିଛି। ଅଢେଇ ଲକ୍ଷରୁ ୫ ଲକ୍ଷ ମଧ୍ୟରେ ଆୟ ପାଇଁ (ପ୍ରଥମ ଅଢେଇ ଲକ୍ଷ ବାଦ) ୫% ଆୟକର ଆଦାୟ ହେଉଛି।

ୱାନ୍‌ପ୍ଲସ୍ ସହ ଜିଓର ସହଭାଗିତା

ନୂଆଦିଲ୍ଲୀ,୧୨।୧୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଏବଂ ସ୍ମାର୍ଟ ଫୋନ୍ ବ୍ରାଣ୍ଡ୍ ୱାନ୍‌ପ୍ଲସ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୫ଜି ଷ୍ଟାଣ୍ଡ୍-ଏଲୋନ୍ ପ୍ରଯୁକ୍ତି ପାଇଁ ରିଲାଏନ୍ସ ଜିଓ ଓ ୱାନ୍‌ପ୍ଲସ୍ ପରସ୍ପର ସହ ହାତ ମିଳାଇଛନ୍ତି। ଏପରିକି ନିକଟରେ ଉନ୍ମୋଚିତ ହୋଇଥିବା ୱାନ୍‌ପ୍ଲସ୍‌ର ୱାନ୍‌ପ୍ଲସ୍ ୧୦ ସିରିଜ୍ ସ୍ମାର୍ଟଫୋନ୍ ସମେତ ୱାନପ୍ଲସ୍ ୯ଆର୍, ୱାନ୍‌ପ୍ଲସ୍ ୮, ନର୍ଡ, ନର୍ଡ ୨ଟି, ନର୍ଡ୨, ନର୍ଡ ସିଇ, ନର୍ଡ ସିଇ୨ ଏବଂ ନର୍ଡ ସିଇ୨ ଲାଇଟ ବ୍ୟବହାରକାରୀମାନେ ଜିଓର ୫ଜି ଷ୍ଟାଣ୍ଡ୍-ଏଲୋନ୍ ପ୍ରଯୁକ୍ତିକୁ ବ୍ୟବହାର କରିପାରିବେ ବୋଲି ଜଣାପଡିଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ସୁନୀଲ ଦତ୍ତ କହିଛନ୍ତି, ଭାରତରେ ୫ଜି ଡିଭାଇସ୍‌ର ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ଲାଗି ୱାନ୍‌ପ୍ଲସ୍ ଆମ ସହ ମିଶି କାର୍ଯ୍ୟ କରିଛି। ୫ଜି ସ୍ମାର୍ଟଫୋନ୍‌ର ବାସ୍ତବିକ ଶକ୍ତି କେବଳ ଜିଓର ଟ୍ରୁ-୫ଜି ନେଟ୍‌ୱର୍କ ଦ୍ୱାରା ହାସଲ କରାଯାଇପାରିବ। ଜିଓ ଏହାର ୫ଜି ନେଟ୍‌ୱର୍କକୁ ଷ୍ଟାଣ୍ଡ୍-ଏଲୋନ୍ ୫ଜି ନେଟ୍‌ୱର୍କ ଭାବେ ପ୍ରସ୍ତୁତ କରିଛି। ୱାନପ୍ଲସ୍‌ର ଡିଭାଇସ୍ ବ୍ୟବହାର କରୁଥିବା ସମସ୍ତ ଗ୍ରାହକ ଜିଓ ୱେଲକମ୍ ଅଫର ଅଧୀନରେ ଅସୀମିତ ୫ଜି ଇଣ୍ଟରନେଟ୍‌କୁ ବ୍ୟବହାର କରିପାରିବେ। ସେହିଭଳି ୱାନ୍‌ପ୍ଲସ୍ ଇଣ୍ଡିଆର ସିଇଓ ନବନୀତ ନାକ୍‌ରା କହିଛନ୍ତି, ଭାରତରେ ୱାନ୍‌ପ୍ଲସ୍ ବ୍ୟବହାରକାରୀମାନଙ୍କ ଲାଗି ୫ଜି ପ୍ରଯୁକ୍ତି ଆଣିବା ପାଇଁ ଜିଓ ଟିମ୍ ସହିତ ସହଭାଗିତା ସ୍ଥାପନକରିଥିବାରୁଆମେଅତ୍ୟନ୍ତଆନନ୍ଦିତ।

୨୪% ବୃଦ୍ଧି ପାଇଛି ପ୍ରତ୍ୟକ୍ଷ କର ସଂଗ୍ରହ

ନୂଆଦିଲ୍ଲୀ,୧୨।୧୨

ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ଶେଷ ସୁଦ୍ଧା ପ୍ରତ୍ୟକ୍ଷ କର ସଂଗ୍ରହ ୨୪% ବୃଦ୍ଧି ଘଟି ୮.୭୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ବାର୍ଷିକ ବଜେଟ ଅନୁମାନଠାରୁ ପ୍ରାୟ ୬୨% (୬୧.୭୯%) ଅଧିକ ବୋଲି ଜଣାପଡିଛି। ଚଳିତ ଆର୍ଥକ ବର୍ଷର ଏପ୍ରିଲରୁ ନଭେମ୍ବର ୩୦ ମଧ୍ୟରେ ଟ୍ୟାକ୍ସ କଲେକ୍ସନ ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୨୪% (୨୪.୨୬%) ରୁ ଅଧିକ ରହିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ସରକାର ୧୪.୨୦ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ନେଇ ଅନୁମାନ କରିଥିଲେ। ଏହି ଲକ୍ଷ୍ୟ ପୂର୍ବ ବର୍ଷର ୧୪.୧୦ ଲକ୍ଷ କୋଟି ଟଙ୍କାଠାରୁ ଅଧିକ ରହିଥିଲା। ହେଲେ

୨.୧୫ ଲକ୍ଷ କୋଟିର ରିଫଣ୍ଡ ଜାରି

କର୍ପୋରେଟ୍ ଟ୍ୟାକ୍ସ, ପର୍ସନାଲ ଇନ୍‌କମ ଟ୍ୟାକ୍ସକୁ ମିଶାଇ ଡାଇରେକ୍ଟ ଟ୍ୟାକ୍ସ ସଂଗ୍ରହ ହୋଇଥାଏ। ଏପରିକି ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁସାରେ ୨୦୨୨ ଏପ୍ରିଲ ୧ରୁ ନଭେମ୍ବର ୨୦ ମଧ୍ୟରେ ୨.୧୫ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ମଧ୍ୟ ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୨୨-୨୩ ଆସେସମେଣ୍ଟ ବର୍ଷ ପାଇଁ ନଭେମ୍ବର ୨୦ସୁଦ୍ଧା ୬.୭୯ କୋଟି କରଦାତା ଆୟକର ରିଟର୍ନ ଦାଖଲ କରିଛନ୍ତି। ସେହିଭଳି ମନ୍ତ୍ରଣାଳୟର କହିବା ଅନୁସାରେ ୨୦୨୨-୨୩ ରେ ଗୋଟିଏ ଦିନରେ ୨.୪୨ କୋଟି ଆଇଟିଆର ଦାଖଲ କରିଛନ୍ତି,ଯାହା ଏକ ରେକର୍ଡ ବୋଲି କୁହାଯାଉଛି।

ଓସିପିଏଲ୍‌ର ମନୋହରପୁର ଟାଉନ୍‌ଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୧୨

ଓଡ଼ିଶା କୋଲ୍ ଆଣ୍ଡ ପାୱାରା ଲିମିଟେଡ୍ (ଓସିପିଏଲ୍) ର ମନୋହରପୁର ଟାଉନ୍‌ଶିପ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଶକ୍ତି ସଚିବ ନିକୁଞ୍ଜ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଓସିପିଏଲ୍‌ର ବିଭିନ୍ନ ଉପଲବ୍ଧିକୁ ଉଚ୍ଚ ପ୍ରଶଂସା କରିଥିଲେ। ସେହିଭଳି ଓସିପିଏଲ୍‌ର ସବୁ କର୍ମଚାରୀଙ୍କୁ ଏକ ମନୋଭବରେ ରାଜ୍ୟର ସମୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ଧଳ ଆହ୍ୱାନ ଦେଇଥିଲେ।

ସେହିପରି ଓସିପିଏଲ୍‌ର ସିଇଓ ସାରିପୁଡ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଉକ୍ତ ଟାଉନ୍‌ସିପ୍‌ରେ ନିର୍ମିତ ହୋଇଥିବା ଘର ଓ ଅନ୍ୟ ସମସ୍ତ ସୁବିଧା ବିଷୟରେ ସେ ଉପସ୍ଥିତ ଅତିଥି ଓ ଅନ୍ୟମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ

ସୁନ୍ଦରଗଡ଼ ଜିଲ୍ଲାର ଏଡିଏମ୍ ଅଭିମନ୍ୟୁ ବେହେରା ଏବଂ ଓପିଜିସିର ନିର୍ଦ୍ଦେଶକ ମାନସ ରାଉତ (ଅପରେସନ୍) ପ୍ରମୁଖ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଓସିପିଏଲ୍ କୋଇଲା ଖଣିର ସମସ୍ତ କର୍ମଚାରୀମାନେ ଉକ୍ତ ଟାଉନ୍‌ସିପ୍‌ରେ ରହିବେ। ବିଶେଷ କରି ଉକ୍ତ ପ୍ରକଳ୍ପ ଗ୍ରୀନ୍ ବିଲଡିଙ୍ଗ୍ ଉପକରଣରେ ନିର୍ମିତ ହୋଇଛି। ପ୍ରତ୍ୟେକ ଗୃହ ସୌରଶକ୍ତି ସମ୍ପର୍ଣ୍ଣ ଏବଂ ସବୁ ଗୃହରେ ଶକ୍ତି ସଞ୍ଚୟର ଉନ୍ନତ ବ୍ୟବସ୍ଥା କରାଯାଇଛି ବୋଲି ଓପିସିଏଲ ପକ୍ଷରୁ କୁହାଯାଇଛି।

ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୧୨।୧୨

ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ସମାନତା' ବିଷୟବସ୍ତୁ ଆଧାରରେ ଏକ ସପ୍ତାହବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏପରିକି ଝାରସୁଗୁଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ସହ ମିଳିତ ଭାବେ କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଉକ୍ତ ସଚେତନତା ଅଭିଯାନର ଅଂଶସ୍ୱରୂପ ଝାରସୁଗୁଡ଼ା ଜିଲା ମଧ୍ୟରେ ଏକ ପଦଯାତ୍ରା, ସୂଚନା ଅଧିବେଶନ ଓ ପ୍ରଚାରପତ୍ର ମାଧ୍ୟମରେ ଏଚ୍‌ଆଇଭି-ଏଡ୍‌ସ ରୋକିବା ଲାଗି ପ୍ରମୁଖ ସଚେତନ ସୃଷ୍ଟି କରାଯାଇଥିଲା। ବେଶ୍ ଉପକୃତ ହୋଇଥିଲେ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ(ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ବିଗତ କିଛି ବର୍ଷ ହେବ ଏଡ୍‌ସର ସଂଖ୍ୟା ହ୍ରାସ ହୋଇଛି। ହେଲେ ଏବେ ବି ଲୋକଙ୍କ ଅସାବଧାନତା ଯୋଗୁ ଅନେକ ଘଟଣା ଘଟୁଛି। ଏହି ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ସରକାରୀ ସଂସ୍ଥା ତଥା ସଂଗଠନ ସହ ସହଭାଗୀ ହୋଇ ଆମେ ଉନ୍ନତ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଅଭ୍ୟାସ ଉପରେ ଗୋଷ୍ଠୀ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଚେଷ୍ଟା କରୁଛୁ। ବର୍ତ୍ତମାନ ଏଚ୍‌ଆଇଭି-ଏଡ୍‌ସ ଆମ ପାଇଁ ଆହ୍ୱାନ ଓ ଏହା ବିଶ୍ୱ ସ୍ତରରେ ଏକ ଚିନ୍ତାଜନକ ବିଷୟ ପାଲଟିଛି। ଆମକୁ ଏ ବିଷୟରେ ସଚେତନ ହେବାକୁ ପଡ଼ିବ। ଆମ ଗୋଷ୍ଠୀର ସାମଗ୍ରିକ ସୁସ୍ଥତା ପାଇଁ ଆମେ ପ୍ରତିବଦ୍ଧ ଅଟୁ। ସେହିଭଳି ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଉର୍ମିଳା ମିଶ୍ର କହିଥିଲେ,ଏଚ୍‌ଆଇଭି ସମ୍ପର୍କରେ ଜନ ସଚେତନତା ବୃଦ୍ଧି ପାଇଁ ସମାଜର ବିଭିନ୍ନ ମହଲରେ ପହଞ୍ଚୁଛୁ। କାରଣ ବେଦାନ୍ତର ଏହି ଅଭିଯାନ ବାସ୍ତବିକ୍ ବେଶ୍ ପ୍ରଶଂସନୀୟ।

ନୱାଜୁଦ୍ଦିନ ସିଦ୍ଦିକି

ଭଲ ପ୍ରୋଜେକ୍ଟକୁ ନଷ୍ଟ କରୁଛି ଟଙ୍କା ଲୋଭ

ମୁମ୍ବାଇ

ଗୋଟିଏ ଭଲ ପ୍ରୋଜେକ୍ଟକୁ ନଷ୍ଟ କରିବାରେ ଟଙ୍କା ପ୍ରମୁଖ ଭାବେ ଦାୟୀ ବୋଲି ବଲିଉଡ୍‌ର ସେଲ୍ଫମେଡ୍ ଷ୍ଟାର୍ ନୱାଜୁଦ୍ଦିନ ସିଦ୍ଦିକି କହିଛନ୍ତି। ନିକଟରେ ଗଣମାଧ୍ୟମକୁ ସେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଫିଲ୍ମରେ କାମ କରିବା ଲାଗି ଯେଉଁ ଅଭିନେତା ବା ଅଭିନେତ୍ରୀ ୧୦୦ କୋଟିରୁ ଅଧିକ ଟଙ୍କା ଦାବି କରୁଛନ୍ତି ସେମାନଙ୍କ ପାଇଁ ଫିଲ୍ମଟି ନଷ୍ଟ ହୋଇଯାଉଛି। ଇ-ଟାଇମ୍ସର ଏକ ଇଣ୍ଟରଭ୍ୟୁରେ ଜଣେ ଖବରଦାତା ନୱାଜୁଦ୍ଦିନଙ୍କୁ ପ୍ରଶ୍ନ କରିଥିଲେ ଯେ, ଆପଣ ସିନେମା ଓ ହାଇ ବଜେଟ୍ ଫିଲ୍ମ ଭିତରୁ କାହାକୁ ବାଛିବେ ? ଏହାର ଉତ୍ତରରେ ସେ କହିଥିଲେ ଯେ ଟଙ୍କାରୁ ବହୁ ଉର୍ଦ୍ଧ୍ୱରେ ଗୋଟିଏ ଭଲ ସ୍କ୍ରିପ୍ଟ ଏବଂ ଆଇଡିଆ। କୌଣସି ଅଭିନେତାକୁ ଭଲ ପ୍ରୋଜେକ୍ଟରେ କାମ କରିବାକୁ ମଉକା ମିଳୁଛି ତେବେ ପ୍ରୋଜେକ୍ଟକୁ ହାତଛଡ଼ା କରିବା କଥା ନୁହେଁ। ଜଣେ କଳାକାରର କାମ ଅଭିନୟ କରିବା। ଫିଲ୍ମର ଟିକେଟ୍ ବିକ୍ରି ହେଲା କି ନାହିଁ ତାହା ଫିଲ୍ମ ପ୍ରଯୋଜକର କାମ। ତେଣୁ ପ୍ରତ୍ୟେକ ନିଜ ଡ୍ୟୁଟିକୁ ଭଲଭାବେ ବୁଝି କରିବା ଜରୁରୀ।

ଫୁଚର୍‌ସପ୍ତ

ଦିବାସ୍ୱପ୍ନରେ ୨୦ କୋଟି ଲୋକ

ଲଣ୍ଡନ

ବିଶ୍ୱର ୨୦କୋଟି ଲୋକ ଦିବାସ୍ୱପ୍ନରେ ବୁଡ଼ିରହୁଛନ୍ତି। ଫଳରେ ସେମାନଙ୍କର ଦୈନିକ ୩୦% ସମୟ ନଷ୍ଟ ହେଉଛି। ବ୍ରିଟେନର ସସେକ୍ସ ୟୁନିଭର୍ସିଟି ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ରିସର୍ଚ୍ଚରୁ ଏହା ଜଣାପଡ଼ିଛି। ଏହି ପ୍ରବୃତ୍ତିର ବ୍ୟକ୍ତିମାନେ ଭାବନାରେ ବୁଡ଼ି ରହିବା ଦ୍ୱାରା ସେମାନେ ବାସ୍ତବିକତାଠାରୁ ନିଜକୁ ବହୁ ଦୂରରେ ରଖୁଛନ୍ତି। ଦିବାସ୍ୱପ୍ନ ଦେଖିବା ଦ୍ୱାରା ସେମାନଙ୍କ ଚାରିପାଖରେ ଏକ କାଳ୍ପନିକ ଜଗତ ତିଆରି ହୋଇଥାଏ। ଏହାଫଳରେ ସେମାନଙ୍କୁ ଏକ ମିଛ ଖୁସି ମିଳିଥାଏ, ଯାହା ସେମାନଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ।

କାଳ୍ପନିକ ରାଇଜରେ ବୁଡ଼ି ରହିଥିବା ବ୍ୟକ୍ତି କୌଣସି କାମ ଠିକ୍ ଭାବେ ସମ୍ପାଦନ କରିପାରନ୍ତି ନାହିଁ। କାରଣ କାମରେ ସେମାନଙ୍କ ମନ ଲାଗେ ନାହିଁ। ଲୋକଙ୍କଠାରେ ଦେଖିବାକୁ ମିଳୁଥିବା ଏହି ବ୍ୟତିକ୍ରମ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ହେଉଛି। ଛୋଟ ଛୋଟ କଥାରେ ବିବ୍ରତ ହୋଇପଡୁଥିବା ଲୋକଙ୍କ ଚିନ୍ତାଧାରା ଦୁର୍ବଳ ହେବାରେ ଲାଗିଥିବା ୟୁନିଭର୍ସିଟି

ଦୈନିକ ୩୦% ସମୟ ବର୍ବାଦ

ଆସୋସିଏଟ୍ ଅଧ୍ୟାପିକା ଜୁଲିଆ ପୋରିଓ କହିଛନ୍ତି। ବିଶ୍ୱରେ ୨.୫% ଲୋକ ଅତ୍ୟଧିକ ମାତ୍ରାରେ ଦିବାସ୍ୱପ୍ନ ଦେଖୁଥିବାବେଳେ ସେମାନଙ୍କର ଏ ପ୍ରକାର ସ୍ଥିତିକୁ ମାଲାଡାପ୍ଟିଭ ଡେଡ୍ରିମିଙ୍ଗ୍ ବୋଲି କୁହାଯାଏ। ଘଣ୍ଟା ଘଣ୍ଟା ଧରି ନିଜ କଳ୍ପନା ଜଗତରେ ବୁଡ଼ି ରହିବା ଫଳରେ ତାଙ୍କ ଜରୁରୀ କାମ ସବୁ ଅଧା ରହିଯାଏ। ଏ ପ୍ରକାର ଚିନ୍ତାଧାରା ସକାଶେ ନିଜ ଦାୟିତ୍ୱ ସେମାନେ ଝୁଲିଯାନ୍ତି। ପରିବାର ଲୋକଙ୍କ ସହ ସେମାନଙ୍କ ସମ୍ପର୍କ ତୁଟିଯାଏ। ଏହି ବ୍ୟକ୍ତିମାନଙ୍କ ନିଦ ମଧ୍ୟ ସମ୍ପୂର୍ଣ୍ଣ ହୋଇ ନ ଥାଏ। ଦିବାସ୍ୱପ୍ନ କାରଣରୁ ମଣିଷ ଶରୀରକୁ ଅନେକ ରୋଗ ଯେମିତି ଡିପ୍ରେଶନ୍, ଡର ଏବଂ ଅବ୍‌ସେସିଭ୍ କମ୍ପଲସିଭ ଡିଜ୍‌ଅର୍ଡର (ଓସିଡି) ଭଳି ରୋଗ ସହଜରେ ଗ୍ରାସ କରିନିଏ। ଏଥିରୁ ବର୍ତ୍ତିବା ଲାଗି ନିଜ ଉପରେ ନିୟନ୍ତ୍ରଣ ଆଣିବା ଜରୁରୀ। କାମର ପ୍ରାଧାନ୍ୟକୁ ବୁଝି ସେ ଗୁଡ଼ିକୁ ସମ୍ପାଦନ କରିବା ଲାଗି ପ୍ରଥମେ ମନକୁ ସ୍ଥିର କରିବା ଆବଶ୍ୟକ।

ବୋର୍ ହେବାରୁ ଚୋରି କଲେ

ୱାଶିଂଟନ୍

ଅର୍ଥ ଲୋଭରେ ପଡ଼ି ଲୋକ ଚୋରି କରେ ନହେଲେ ଲୋକଙ୍କଠାରୁ ଜୋର ଜବରଦସ୍ତ ଲୁଟ୍ କରେ। ଚୋରିକୁ ନେଇ ଫ୍ଲୋରିଡାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଚୋରି ଅଭିଯୋଗରେ ଫ୍ଲୋରିଡା ପୋଲିସ ୪୫ ବର୍ଷୀୟ ନିକୋଲାସ ଜାପାଟରଲାମାଡ୍ରିଡ୍‌ଙ୍କୁ ଗିରଫ କରିଛି। ନିକୋଲାସ ଘରେ ବସି ବୋର୍ ହେଉଥିବା କାରଣରୁ ଏହି ଚୋରି କରିଥିବା କହିଛନ୍ତି। ଦୁଇଦିନ ବ୍ୟବଧାନରେ ନିକୋଲାସ ଓର୍ଲାଣ୍ଡୋ ଟିଡି ବ୍ୟାଙ୍କ ଏବଂ ସର୍କଲ କେ ଗ୍ୟାସ୍ ଷ୍ଟେଶନରେ ଚୋରି କରିଥିବା ପୋଲିସ କହିଛି।



ଡିସେମ୍ବର ୫ ତାରିଖ ସକାଳ ପ୍ରାୟ ସାଢେ ୯ଟା ସମୟରେ ନିକୋଲାସ ଟିଡି ବ୍ୟାଙ୍କରେ ପହଞ୍ଚିଥିଲେ। ସେଠାରେ ଥିବା ଜଣେ କର୍ମଚାରୀଙ୍କୁ ସେ ଏକ

ବରଗଡ଼ ଧନୁଯାତ୍ରା: କିଶନ ବର୍ତ୍ତିଆ ହେବେ ବଳରାମ

ବରଗଡ଼ ଅଫିସ୍,୧୨।୧୨: ବରଗଡ଼ ଧନୁଯାତ୍ରା ମହୋତ୍ସବରେ ବଳରାମ ଭୂମିକାରେ ଅଭିନୟ କରିବା ପାଇଁ ଅମ୍ବାପାଲିର କିଶନ ବର୍ତ୍ତିଆ ମନୋନିତ ହୋଇଛନ୍ତି। ଅମ୍ବାପାଲି (ଗୋପପୁର)ରେ ସୋମବାର ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭାମସେନ ବର୍ତ୍ତିଆ ଓ ଭାରତୀଙ୍କ ପୁଅ କିଶନ ଅମ୍ବାପାଲି ସମଲେଶ୍ୱରୀ ନୋଡ଼ାଲ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ଅଟନ୍ତି। ସେ ଏହାପୂର୍ବରୁ ଗୋପାଳ ଭୂମିକାରେ ଅଭିନୟ ପାଇଁ ମନୋନିତ ହୋଇଥିଲେ। ମଙ୍ଗଳବାରଠାରୁ କିଶନ ବଳରାମ ଭୂମିକା ପାଇଁ ରିହର୍ସାଲ କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ଏଥର ବଳରାମ ଭୂମିକାରେ ଅଭିନୟ କରିବା ପାଇଁ ମନୋନିତ ହୋଇଥିବା ଶ୍ରେୟସ ପୂଜାରୀଙ୍କ ଗତ ୯ତାରିଖରେ ଅକାଳ ବିୟୋଗ ହୋଇଥିଲା। ତାଙ୍କ ଦେହାନ୍ତ ପରେ ବଳରାମ ଭୂମିକା ପାଇଁ ପୁଣି କଳାକାର ଚୟନ କରିବାକୁ ପଡ଼ିଥିଲା।

ରାଉରକେଲା ବିମାନବନ୍ଦର କାର୍ଯ୍ୟକ୍ଷମ ଲାଗି ସେଲ୍, ଏଏଆଇ ମଧ୍ୟରେ ଚୁକ୍ତି

ନୂଆଦିଲ୍ଲୀ,୧୨।୧୨

ରାଉରକେଲା ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବା ଲାଗି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ଏବଂ ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସୋମବାର ରାଜ୍ୟ ସଭାକୁ ସୂଚନା ଦେଇଛନ୍ତି। ବିଜେଡି ଏମ୍‌ପି ମମତା ମହାନ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଉରକେଲା ବିମାନବନ୍ଦରକୁ ଯୋଗାଯୋଗ, ନେଭିଗେଶନ ଏବଂ ସର୍ଭିଲାନ୍ସ ବ୍ୟବସ୍ଥା କରିବା ନିମନ୍ତେ ଏହି ଚୁକ୍ତି ହୋଇଛି। ବେସାମରିକ ବିମାନ ଚଳାଳଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ଅନୁଧ୍ୟାନ ପରେ ବ୍ୟବସାୟିକ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ସିନ୍ଧିଆ କହିଛନ୍ତି। ଇସ୍ପାତ ନଗରୀ ରାଉରକେଲାରେ ହକି ବିଶ୍ୱକପ୍ ମ୍ୟାଚ୍ ଖେଳାଯିବାକୁ ଥିବାରୁ ରାଉରକେଲା ବିମାନବନ୍ଦର କାର୍ଯ୍ୟକ୍ଷମ ହେବା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଉକ୍ତ ବିମାନବନ୍ଦର ସମେତ ଅମର୍ଦ୍ଧା ରୋଡ୍ ଏୟାରଷ୍ଟ୍ରିପ୍‌ର ସ୍ଥିତି ଜାଣିବା ଲାଗି ବିଜେଡି ଏମ୍‌ପି ପ୍ରଶ୍ନ କରିଥିଲେ। ଉକ୍ତ ଏୟାରଷ୍ଟ୍ରିପ୍ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟ ସହ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଆଲୋଚନା କରିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଜମି ମଞ୍ଜୁର କରାଯାଇଛି। ରାଜ୍ୟ ସରକାର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ୨୬ କୋଟି ଟଙ୍କା ପୈଠ କରିବା ଆବଶ୍ୟକ। ଏୟାରପୋର୍ଟର ବିକାଶ କରାଇବା ରାଜ୍ୟ ଦାୟିତ୍ୱ ବୋଲି ସିନ୍ଧିଆ କହିଥିଲେ।

ଓଡ଼ିଶାକୁ ୫୨୮.୯୫ କୋଟି ଜିଏସ୍‌ଟି କ୍ଷତିପୂରଣ ବକେୟା ରହିଛି

ନୂଆଦିଲ୍ଲୀ,୧୨।୧୨

ଚଳିତ ବର୍ଷ ଜୁନ୍ ସୁଦ୍ଧା ଓଡ଼ିଶାର ୫୨୮.୯୫ କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ ପ୍ରାପ୍ୟ ବକେୟା ରହିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଲୋକସଭାରେ କହିଛନ୍ତି। ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଏକ ପ୍ରଶ୍ନର ଉତ୍ତରରେ ସୀତାରମନ ଉପରୋକ୍ତ ଉତ୍ତର ଦେବା ସହ କ୍ଷତିପୂରଣ ଯୋଗାଇଦେବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଇତିମଧ୍ୟରେ ଅଧା କ୍ଷତିପୂରଣ ପୈଠ କରାଗଲାଣି। ଅବଶିଷ୍ଟ କ୍ଷତିପୂରଣ ପୈଠ ଲାଗି ପର୍ଯ୍ୟାପ୍ତ ଟିକସ ସଂଗ୍ରହକୁ ଅପେକ୍ଷା କରାଯାଇଛି। ୨୦୨୧-୨୨ ଏବଂ ୨୦୨୨-୨୩ ବର୍ଷ ଲାଗି ଓଡ଼ିଶାର ୩,୨୫୧.୫୩ କୋଟି ଟଙ୍କା ବକେୟା ଜିଏସ୍‌ଟି କ୍ଷତିପୂରଣ ଏପର୍ଯ୍ୟନ୍ତ ମିଳି ନ ଥିବା ବିଜେଡି ଏମ୍‌ପି କହିବା ପରେ ସୀତାରାମନ୍ ଉପରୋକ୍ତ ଉତ୍ତର ରଖିଥିଲେ।

କୂଅରେ ଖସିପଡ଼ିଲା କାର୍, ୪ ମୃତ

ଅପହରଣ ନୁହେଁ ଦୁର୍ଘଟଣା

୪ ଜଣଙ୍କୁ ଅପହରଣ ଅଭିଯୋଗ ଘଟଣା

ଉମରକୋଟ/ରାଇଘର,୧୨।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ଛତିଶଗଡ଼ର କାଙ୍କେରରୁ ଭୋଜିଖାଇ ଫେରୁଥିବା ୪ ଜଣଙ୍କୁ ଶନିବାର ରାତିରେ ଅପହରଣ କରାଯାଇଥିବା ସନ୍ଦେହ ଭୁଲ୍ ପ୍ରମାଣିତ ହୋଇଛି। ଅପହରଣ ନୁହେଁ ଏହା ଏକ ଦୁର୍ଘଟଣା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ୩୦ ନଂ. ଜାତୀୟ ରାଜପଥରେ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାପାର୍ଶ୍ୱ ପରିତ୍ୟକ୍ତ କୂଅ ମଧ୍ୟରେ ଖସିପଡ଼ିବା ଫଳରେ ଗାଡ଼ିରେ ଥିବା ସମସ୍ତ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନବରଙ୍ଗପୁର ଜିଲା ଉମରକୋଟର ସପନ ସରକାର, ତାଙ୍କ ସ୍ତ୍ରୀ ରୀତା ସରକାର, ଛତିଶଗଡ଼ କଣ୍ଡାଗାଁ ଅଞ୍ଚଳର ସପନଙ୍କ ଶାଳକ ବିଶ୍ୱଜିତ ଅଧିକାରୀ ଏବଂ ପଡ଼ୋଶୀ ହଜାରି ଢାଲି। ସପନଙ୍କ ଘର ଉମରକୋଟ ଡିଏନ୍‌କେ ଅଞ୍ଚଳରେ ହୋଇଥିବାବେଳେ ସେ ରାଇଘର ତହସିଲରେ ସୁପରଭାଇଜର ଥିଲେ।

ସୂଚନା ଅନୁଯାୟୀ, ସପନଙ୍କ ସମେତ ୪ ଜଣ ଶନିବାର ଏକ ବିବାହ ଭୋଜିରେ ଯୋଗ ଦେବାପାଇଁ କାର୍(ଓଡି ୨୪ ସି ୧୭୦୫) ଯୋଗେ କାଙ୍କେର ସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ରାତିରେ କଣ୍ଡାଗାଁ ସ୍ଥିତ ଶାଳକଙ୍କ ଘରେ ରାତ୍ରିଯାପନ ପାଇଁ ଫେରୁଥିଲେ। ରବିବାର ସକାଳେ ସେମାନେ ଉମରକୋଟ ଫେରିବାର ଥିଲା। ହେଲେ ସନ୍ଧ୍ୟା ସୁଦ୍ଧା ସପନ କଣ୍ଡାଗାଁରେ ପହଞ୍ଚି ନ ଥିଲେ। ପରିବାର ଲୋକେ ସପନଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ସପନଙ୍କ ପୁଅ ନବୋଜିତ ସମ୍ପର୍କୀୟଙ୍କ ଶହ ମିଶି ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ ସେମାନଙ୍କୁ ମାଓବାଦୀ ଅପହରଣ କରି ନେଇଥିବା ସନ୍ଦେହ କରିଥିଲେ। ସମ୍ପର୍କୀୟ ରୀନା ଦତ୍ତ କାଙ୍କେର ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। କାଙ୍କେର ପୋଲିସ ମୋବାଇଲ ଟ୍ରାକ୍ କରିବାରୁ ଜାତୀୟ ରାଜପଥ ପାର୍ଶ୍ୱ ପେଟ୍ରେଲ ପମ୍ପଠାରୁ ୫ କି.ମି. ପରେ କାର୍‌ରେ ଥିବା ସମସ୍ତଙ୍କ ମୋବାଇଲ ବନ୍ଦ ହୋଇଥିବା ଜାଣିବାକୁ ପାଇଥିଲା। ଉକ୍ତ ସ୍ଥାନକୁ ଯାଇ ତଦନ୍ତବେଳେ ରାସ୍ତାପାର୍ଶ୍ୱ ଜମିରେ ଥିବା ପରିତ୍ୟକ୍ତ କୂଅରେ ସପନଙ୍କ କାର୍ ଖସି ପଡ଼ିଥିବା ଦେଖିଥିଲେ। ସୋମବାର ଛତିଶଗଡ଼ ଅଗ୍ନିଶମ ବାହିନୀ ଏବଂ ପୋଲିସର ମିଳିତ ଉଦ୍ୟମରେ ସମ୍ପର୍କୀୟଙ୍କ ଉପସ୍ଥିତିରେ କ୍ରେନ୍ ସହାୟତାରେ କୂଅରୁ କାର୍‌ଟିକୁ ବାହାର କରାଯାଇଥିଲା। ବନ୍ଦ କାର୍ ମଧ୍ୟରେ ବସିଥିବା ଅବସ୍ଥାରେ ସମସ୍ତଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ କାଙ୍କେର ପଠାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। କାଙ୍କେର ସ୍ଥିତ ପେଟ୍ରୋଲ ପମ୍ପରେ ସେମାନେ ପେଟ୍ରୋଲ ପକାଇ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିବା ପୋଲିସ ଅନୁମାନ କରୁଛି। ତେବେ ଦୁର୍ଘଟଣା କିପରି ଘଟିଲା ସେ ନେଇ ତଦନ୍ତ ଚାଲିଥିବା କାଙ୍କେର ଥାନା ଅଧିକାରୀ ସରହଦ ଦୁବେ କହିଛନ୍ତି। କାର୍ ଟାୟାର ଫାଟିଯିବାରୁ ଗାଡ଼ି ଭାରସାମ୍ୟ ହରାଇ କୂଅ ମଧ୍ୟକୁ ଖସି ପଡ଼ିଥିଲା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି ତାହାର ତଦନ୍ତ ଚାଲିଥିବା ସେ ପ୍ରକାଶ କରିଛନ୍ତି।

କୂଅରେ ଖସିପଡ଼ିଥିବା କାର୍‌କୁ କ୍ରେନ୍ ସାହାଯ୍ୟରେ ବାହାର କରାଯାଉଛି।

ଜାତୀୟ ରାଜପଥ ବିଭାଗର ଅବହେଳାରୁ ୪ ଜୀବନ ଗଲା

ବ୍ୟସ୍ତବହୁଳ ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ହଜାରରୁ ଊର୍ଦ୍ଧ୍ୱ ଗାଡ଼ି ଯାତାୟାତ କରୁଛି। ହେଲେ ଏହାପାର୍ଶ୍ୱରେ ଏକ ବିରାଟ କୂଅ ଅବ୍ୟବହୃତ ଅବସ୍ଥାରେ ମୁକୁଳା ପଡ଼ିଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଛନ୍ତି। ଫଳରେ ଅତି ଦୟନୀୟ ଅବସ୍ଥାରେ ୪ ଜଣଙ୍କ ଜୀବନ ଚାଲିଯାଇଛି। ଅବ୍ୟବହୃତ କୂଅଟିକୁ ବନ୍ଦ କରାଯାଇଥିଲେ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଜନସାଧାରଣ ଏବଂ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

No.A-847

GOVERNMENT OF ODISHA
OFFICE OF THE SUPERINTENDING ENGINEER
AUL EMBANKMENT DIVISION, AUL
Dist.: Kendrapara, Odisha-754219
Tel/Fax: 06729-295188; Mail id:- aulembankment@gmail.com

'e' Procurement Notice No.AED-07 OF 2022-23

1. Name of the work : **36 Nos. of different flood control & Road works.**
2. Tender Cost : Varies from ₹ 16,68,826.00 to ₹ 46,05,512.00
3. Bid Document Cost : ₹ 6000.00
4. Bid Security : **Bid Security Declaration** to be furnished as per Annexure-I of Section-2 of Bid Document.
5. Class of Contractor : D, C & B Class (As applicable)
6. Period of Completion : Four calendar months
7. Other details are as follows :

Procurment Officer	Bid Identification No.	Availability of Tender On-line for bidding		Date of Opening of Bid
		From	To	
Superintending Engineer, Aul Embankment Division, Aul	AUL 01 of 2022-23 to AUL 36 of 2022-23 (36 nos. of works)	**15.12.2022** 10.00 A.M.	**29.12.2022** 5.00 P.M.	**30.12.2022** 11.00 A.M.

8. e-mail Id : aulembankment@gmail.com
9. **If required lottery may be held on Dt.16.01.2023 at 11.00 AM**

Further detail conditions can be seen from the Govt. website www.tendersodisha.gov.in

Sd./- Superintending Engineer
Aul Embankment Division, Aul
OIPR-32004/11/0004/2223

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS, CIRCLE, BHAWANIPATNA
Ph:06670-235504, Email: serwbpt@yahoo.com
Bid identification No.:- BPT/Online-18/2022-23 Date-06.12.2022
NOTICE INVITING TENDERS FOR ROAD AND BRIDGE WORKS IN ODISHA NATIONAL COMPETITIVE BIDDING THROUGH e-Procurement

No.O-1405:1. Name of the Work: Construction of Road works including 5 years Post Construction Maintenance under Transferred Road Improvement Programme (TRIP) for the year 2022-23 in the District of Nuapada.
2. No. of Works : 2 Nos.
3. Location details : Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

Availability of tender for online bidding		Last date & time for seeking tender clarification	Date and Time of opening of technical bid
From	To		
13.12.2022 11.00 A.M.	29.12.2022 5.00 P.M.	28.12.2022	30.12.2022 at 11.00 A.M.

Further details can be seen from the website www.tendersorissa.gov.in.

Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0021/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No.BBSR/ELECT/E-4372/22-23/ 2553, Dt.08.12.2022
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
No.CAD-4089:Name of the Work: Construction of 100 KVA, 11/0.4 KV Plinth mounted substation with 11KV line at I.E. Talajaring, Junagarh, Dist- Kalahandi.

Procurement Officer	Bid Identification No.	Availability of Tender Online for Bidding	
		From	To
1	2	3	4
D.H. (Elect), IDCO, IDCO Tower, Janpath, Bhubaneswar	Bid ID No. BBSR/ELECT/ E-15/22-23	16.12.2022 at 17.00 Hrs.	26.12.2022 at 12.00 Hrs.

Further details can be seen from the e-procurement portal: www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.

Sd./- Divisional Head (Elect)
OIPR-14003/11/0222/2223 IDCO, Bhubaneswar

DIRECTORATE OF MEDICAL EDUCATION AND TRAINING
COMBINED COUNSELLING AND ADMISSION FOR PARAMEDICAL AND ALLIED MEDICAL SCIENCE COURSES
Notification No.METI/GA/19/2022/ 15482 Date:12.12.2022

NOTIFICATION FOR DOCUMENT VERIFICATION

No.KK-286: Physical document verification will be held from Dt. 15.12.2022 to Dt.28.12.2022 at IMA House behind Capital Hospital, Unit VI, Bhubaneswar. Detailed Schedule and allotted Verification Slot is available in DMET website (www.dmetodisha.gov.in)
Candidates are advised to follow the instructions given in the website before coming for document verification.

Sd./-Chairman, Selection Committee
OIPR-10016/11/0035/2223

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026, ODISHA, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
NOTICE INVITING TENDER No. UIHEP-32/2022-23 Dated: 12.12.2022

No. CAD-4088: Sealed tenders are invited in two part i.e (i) Techno Commercial Bid & (ii) Price Bid in separate sealed envelopes from the reputed manufacturers/authorized dealers for supply of the following materials/providing services as mentioned below.

Description of Work	Cost of Tender Paper (Non-refundable) in Rs.	EMD in shape of DD/Banker's Cheque only (Refundable) in Rs.	Period of sale/ download of tender document	Last date & time of receipt of tender	Date & time of opening of Techno Commercial Bid
Supply of 40 Nos. of 216 KV Surge Arrester Counters for UIHEP, Mukhiguda	7,080/- (Inclusive of GST)	As per Anneuxre - 6 & Clause No. 1.5	From 15.12.2022 to 29.12.2022 upto 12.00 hrs.	29.12.2022 (upto 12.00 hrs.)	30.12.2022 at 12.00 hrs.

For details of the tender documents, terms and conditions please visit our website **www.ohpcltd.com**
OIPR-04008/11/0037/2223 **Sd./- C&P Head, UIHEP, Mukhiguda**

ODISHA UNIVERSITY OF AGRICULTURE & TECHNOLOGY
BHUBANESWAR - 751003, ODISHA
Tele/Fax: 0674-2397424 (O); Email: registrarouat@gmail.com
Acd-III-I-21/2022-19887/UAT., Dt.09.12.2022

CONVOCATION NOTICE

No. KK-282:- The 39th Convocation of the Odisha University of Agriculture & Technology, Bhubaneswar will be held on 26th December, 2022 at 11.30 A.M in the Dr. M. S. Swaminathan Hall, 2nd Floor of the University Building, OUAT, Bhubaneswar.

The Degrees of PhD for the year 2021 & 2022 (pass out) and the Degrees of P.G. & U.G. Courses completed in the year 2021 (Pass out) will be conferred and be awarded to the successful candidates. The recipients of Ph.D Degree /Gold medals/Prizes shall have to apply in the prescribed form available in OUAT website through the concerned Deans / Directors with advance copy to the Assistant Registrar (Academic), OUAT through email (ouatacademic62@gmail.com). The Ph.D. Degree students only will have to apply the same along with a Demand Draft for Rs.1750.00 (Rupees one thousand seven hundred fifty only) drawn in favour of **Comptroller, OUAT, Bhubaneswar payable at SBI, OUAT Campus Branch, Bhubaneswar** on or before 22.12.2022 towards the fees of Degree Certificate and Academic Robes.

Recipients of Gold Medals / Prizes and the Ph.D. Degree holders are required to attend a Rehearsal on **24.12.2022 at 10.00 A.M.** in Dr. M.S.Swaminathan Hall, 2nd Floor of the University Building.

For further information please visit ouat.nic.in.

Sd./- REGISTRAR
OIPR-01036/11/0036/2223

Government of Odisha
No.MM-336: **"e" procurement Notice**
OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL
Bid Identification No. - 06-DFO/DKL of 2022-23

1. Name of the work : Construction of Check Dam (SMC Structure) under Anantapur RF (267.229 Ha, 86.432 Ha & 70.00Ha) under Kamakhyanagar West Range of Dhenkanal Forest Division.
2. Estimate cost : Rs. 80,06,600,00 (Approximate)
3. Period of completion : 2 month 15 days
4. Date & time of availability of the Bid documents in the portal : 10.00 AM of 12.12.2022 to 5.00PM of 26.12.2022
5. Last date / Time of receipt of the bid in Portal. : 26.12.2022 up to 5.00 PM.
6. Date of Opening : 27.12.2022 at 11.00 AM.
7. Name and Address of the : Office of the Divisional Forest Officer Office. Dhenkanal Division, Dhenkanal

Further details can be seen from the e - procurement Portal "https://tendersorissa.gov.in

Sd./- Divisional Forest Officer, Dhenkanal Division
OIPR-08037/11/0028/2223

PANCHAYAT SAMITI OFFICE, BANSPAL
At/P.O-Banspal, Dist-Keonjhar, Pin-758085
E-mail Id:ori-banspal@nic.in
TENDER CALL NOTICE No.01/2022-23
No.4819, Date:12.12.22

No.i-263: The Block Development Officer, Banspal invites Sealed percentage rate bid on behalf of Governor of Odisha from registered and eligible Civil Contractors of the State PWD[R&B]/Water Resources/Rural Works/M.I./C.P.W.D. conformity with the DTCN for execution of works under Panchayat Samiti, Banspal as detailed in Annexture-I. The tender document (DTCN & BOQ) can be obtained from district NIC Website (www.kendujhar.nic.in) from Dt-14.12.2022 to 28.12.2022 till 1.00 P.M. The tender document (DTCN & BOQ) duly signed by the Contractors should be accompanied with the self attested photocopy of valid GST Clearance Certificate, PAN card, Registration Certificate. The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favour of BDO, Banspal payable at "Banspal" from any Nationalized Bank. The tenders will be received up to Dt-28.12.2022 till 5.00 P.M. and addressed to O/o. Block Development Officer, Banspal, Keonjhar, 758085 through Registered/ Speed Post. The tender is scheduled to be opened on Dt 29.12.2022 at 11.00 A.M. at Block Conference Hall, O/o the Block Development Officer, Banspal, Keonjhar, 758085 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/ credentials. The detail terms and conditions can be seen at NIC Website (www.kendujhar.nic.in). The name of the Work/Class of contractor with mobile no. should be written on the top of the envelope. The undersigned reserves the right to cancel the tender without assigning any reason thereof.

Block Development Officer, Banspal
OIPR-19083/11/0001/2223

Bhubaneswar Smart City Limited
Block-1, 5th Floor, BMC - Bhawani Mall, Saheed Nagar, Bhubaneswar - 751007
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone: 0674-2548428, Fax: 0674-2540811
No. 2203/66/P&A/BSCL/2022 Date: 09.12.2022

REQUEST FOR PROPOSAL (RFP) FOR SELECTION OF AGENCY FOR DEPLOYMENT OF MANPOWER IN DIFFERENT POSITION IN BHUBANESWAR SMART CITY LIMITED

No. C-1886: M/s. Bhubaneswar Smart City Limited (BSCL), Bhubaneswar invites sealed proposals for selection of Agency for deployment of manpower in different position in Bhubaneswar Smart City Limited. The bid document can be downloaded from the website of BSCL i.e. **www.smartcitybhubaneswar.gov.in**. Interested agencies may submit their proposal in a sealed cover superscribing as "RFP for selection of agency for deployment of manpower in different position in Bhubaneswar Smart City Limited" with advertisement number and date to the General Manager (Admin), Bhubaneswar Smart City Limited, 5th Floor, Block - 1, BMC Bhawani Mall, Saheed Nagar, Bhubaneswar - 751007 through Speed Post/Registered Post/Courier Services/Drop Box only, which should reach on or before **5.00 P.M. on 28.12.2022** positively and the same will be opened at **3.30 P.M. on 29.12.2022**. Proposal received after the due date and time shall be rejected. The undersigned reserves the right to reject any or all the tender without assigning any reason thereof. For any queries you reach through email: **bbsr.bscl@gmail.com** or telephone: 0674-2548428/2540811.

By order of Managing Director
Sd./- General Manager (Admin)
Bhubaneswar Smart City Limited
OIPR-13070/11/0014/2223

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
E_Mail ID: serw_balasore@yahoo.in, Ph-No-06782/260318, Balia, Balasore
"e" Procurement Notice for Road Works
Identification No.- Online Tender- Road N.C.B. No. 362 for 2022-23.
Letter No. 4523/WE Date 06.12.2022

No.O-1407:1. Name of the work :- Road works. 2. Total No. of work :- 03 Nos (Three). 3. Estimated Cost :- Rs. 192.43 and Rs. 446.75 lakhs (Approximately). 4. Eligible Class of Contractor:- "B" Class and "A" Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion:- As per annexure. 6. Other details :-

Procurement Officer	Bid Identification No.	Availability of tender Online for bidding		Last Date & Time of seeking Tender Clarification	Date & Time of Opening of Tender in O/o. C.C.E.R.W. Circle, Balasore	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Balasore	NCB No. 362	14.12.2022 at 11.00 A.M.	30.12.2022 upto 5.00 P.M.	29.12.2022 upto 5.00 P.M.	31.12.2022 at 11.00 A.M.	Will be intimated later

Further details can be seen from the website: www.tendersodisha.gov.in.

Sd./- Er.S.K. Mishra
Chief Construction Engineer, R.W.Circle, Balasore
OIPR-25105/11/0046/2223

See Career Appointment on every **Wednesday & Saturday**

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
No. 4888 CORRIGENDUM Date: 07.12.2022
1st Corrigendum to Bid Identification No. Tender-Online-C.C. 30 of 2022 Dated 28.11.2022 invited vide this Office Lr. No. 4756 dated 28.11.2022

No. O-1402: The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-30 of 2022 Dt.28.11.2022 issued vide this office Lr. No. 4756 Dt.28.11.2022 is hereby rescheduled as below due to some unavoidable circumstacnes.

Procurement Officer	Bid Identification No.	Availability of Tender Online for Bidding		Date & Time of Opening of Tender	
		From	To	Technical Bid	Financial Bid
Chief Construction Engineer, Central Rural Works Circle, Bhubaneswar	Tender Online - C.C.-30 of 2022	14.12.2022 at 11.00 A.M.	30.12.2022 upto 5.00 P.M.	31.12.2022 at 11.00 A.M.	To be intimated later on

All other conditions remain unaltered.
OIPR-25082/11/0033/2223 **Sd./- Chief Construction Engineer, Central Rural Works Circle, Bhubaneswar**

DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
NAYAPALLI, BHUBANESWAR-751012
Ph.: 2392032, 2394336, 2395338, 2393912, 2396072 (Hostel) Fax: 2391954
E-mail - sihfwodisha@gmail.com

Tender Call Notice

Tender Ref. No. 4775 Date: 09.12.22

No. E-716:- Sealed tenders (i.e. in two bids) are invited from reputed Firms/ Agencies/Event Managers having experience in organizing national / state level Tableau display and having valid GST Registration Certificate/ PAN number for organizing Tableau display in forthcoming State Level Republic Day Parade to be held on 26th January 2023 at Mahatma Gandhi Marg, Bhubaneswar. The total cost of the project is limited to Rs.1,50,000 (Rupees One Lakh Fifty thousand)only. The Tender document along with details term and conditions of the tender is available in the official website at www.odisha.gov.in & www.sihfwodisha.nic.in. The intending bidders are required to download the Tender documents directly from the given official website and in this connection the bidder have to pay tender fee (Non-refundable) of Rs.500/- (Rupees Five Hundred) in shape of Bank Draft / Demand Draft in favour of "Director, State Institute of Health & Family Welfare, Odisha" from any Nationalized/ Scheduled Bank payable at Bhubaneswar. A pre-bid meeting shall be held on 20.12.2022 at 11.30 AM. Any changes in the terms & conditions of the tender to be finalized by the tender committee due to pre-bid meeting shall only be notified in the website mentioned above. **The last date of submission of Tender is on Date: 02.01.2023 up to 4.00PM by Regd. post/Speed post/ Courier** service and the bids will be opened on 03.01.2023 at 3.30 PM in the office of

ଟ୍ରେନିଂ ଅବସରରେ କ୍ରୋଏସିଆ ଗୋଲକିପର ଡୋମିନିକ ଲିଭାକୋଭିକ୍।

ମେସିଙ୍କ ସ୍ୱପ୍ନ ଭାଙ୍ଗିବା ଲକ୍ଷ୍ୟରେ କ୍ରୋଏସିଆ

ଅଲ ଖୋର, ୧୨।୧୨(ପି.ଟି.)

କ୍ୱାର୍ଟର ଫାଇନାଲରେ ବ୍ରାଜିଲ ସୁପର ଷ୍ଟାର ନେମାରଙ୍କ ବିଶ୍ୱକପ୍ ସ୍ୱପ୍ନକୁ ଶେଷ କରିବା ପରେ ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି କ୍ରୋଏସିଆ। ଚଳିତ ବିଶ୍ୱକପ୍‌ରେ ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମେ ନେମାର ଓ ପରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଆଖିରୁ ପରାଜୟ ପରେ ଲୁହ ଝରିଛି। ଲିଓନେଲ ମେସିଙ୍କର ଏହା ଶେଷ ବିଶ୍ୱକପ୍ ହୋଇଥିବା ବେଳେ ତାଙ୍କ ସ୍ୱପ୍ନ ଭାଙ୍ଗିବା ଲକ୍ଷ୍ୟରେ ରହିଛି ୨୦୧୮ ସଂସ୍କରଣର ରନର୍ସ ଅପ୍ ଦଳ। ମେସି ଓ ବିଶ୍ୱକପ୍ ମଧ୍ୟରେ ରହିଥିବା ରାସ୍ତାରେ ପ୍ରତିବନ୍ଧକ ସାଜିବାକୁ ଯାଉଛି ଦଳ। ଏହାସହିତ ୨୦୧୮ ପରେ ଦ୍ୱିତୀୟ ଥର ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି କ୍ରୋଏସିଆ। ଆମେ କୌଣସି ଦଳକୁ ଭୟ ନ କରି ଆମ ଖେଳ ଉପରେ ଧ୍ୟାନକେନ୍ଦ୍ରିତ କରିବା ଉଚିତ ବୋଲି କ୍ରୋଏସିଆ ଡିଫେଣ୍ଡର ଜୋସିପ୍ ଜୁରାନୋଭିକ୍ ସୂଚନା ଦେଇଛନ୍ତି। ଏକତ୍ରିତ ହୋଇ ଖେଳିବା ଆମର ଶକ୍ତି। ଦଳ ଭାବରେ ନୁହେଁ ବରଂ ପରିବାର ଭାବେ ଖେଳି ଆମେ ଏହି ସଫଳତା ହାସଲ କରିଛୁ ବୋଲି ସେ କହିଛନ୍ତି। ଚଳିତ ବିଶ୍ୱକପ୍‌ରେ ମେସି ନିଜ ପ୍ରଦର୍ଶନ ଜରିଆରେ ଉଦାହରଣ ସୃଷ୍ଟି କରିଛନ୍ତି। ୫ ମ୍ୟାଚ୍‌ରୁ ୪ ଗୋଲ ସ୍କୋର କରିଥିବା ବେଳେ କ୍ୱାର୍ଟର ଫାଇନାଲରେ ନାହୁଏଲ ମୋଲିନାଙ୍କୁ କରିଥିବା ଆସିଷ୍ଟ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳ ରହିଥିଲା। ୭ଥର ବାଲନ୍ ଡି'ଅର ହାସଲ କରିଥିବା ମେସି ବର୍ତ୍ତମାନ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ମେସିଙ୍କ ଫର୍ମ କାରଣରୁ ଆର୍ଜେଣ୍ଟିନା ୧୯୮୬ ପରେ ପ୍ରଥମ ଟାଇଟଲ ହାସଲ କରିବାକୁ ଚାହୁଁଛି। ଶେଷଥର ପାଇଁ ୨୦୧୪ରେ ଦଳ ଫାଇନାଲ ପ୍ରବେଶ କରିଥିଲେ ହେଁ ଜର୍ମାନୀ ନିକଟରୁ ୧-୦ରେ ପରାଜିତ ହୋଇଥିଲା। ଲୁସେଲ ଷ୍ଟାଡିୟମରେ ହେବାକୁଥିବା ମ୍ୟାଚ୍ ପୂର୍ବରୁ କ୍ରୋଏସିଆ ଦଳ ବେଶ୍ ଶାନ୍ତ ଜଣାପଡୁଛି। ମେସିଙ୍କୁ ରୋକିବା ପାଇଁ ଦଳ କୌଣସି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ନ ଥିବା କହିଛନ୍ତି ଷ୍ଟ୍ରାଇକର ବ୍ରୁନୋ ପେଟକୋଭିକ୍। କୌଣସି ଖେଳାଳିଙ୍କୁ ରୋକିବା ଅପେକ୍ଷା ଦଳକୁ ରୋକିବା ଉପରେ ଆମେ ଧ୍ୟାନ ଦେଉ ବୋଲି ସେ କହିଛନ୍ତି। ଆର୍ଜେଣ୍ଟିନା କେବଳ ମେସି ନୁହନ୍ତି, ତେଣୁ ଜଣେ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରିବା ଅସମ୍ଭବ। ମିଡ୍‌ଫିଲ୍ଡର

ଲିଓନେଲ ମେସି

ଲୁକା ମୋଡ୍ରିକ୍ କ୍ରୋଏସିଆର ଅନ୍ୟତମ ଶ୍ରେଷ୍ଠ ଖେଳାଳି। କ୍ରୋଏସିଆ କୋଚ୍ ଜ୍ଲାଟିକୋ ଡାଲିକ ବ୍ରାଜିଲ ବିପକ୍ଷ ବିଜୟ ପରେ ଦଳର ମିଡ୍‌ଫିଲ୍ଡକୁ ବିଶ୍ୱର ଶ୍ରେଷ୍ଠ ବୋଲି କହିଛନ୍ତି। ମାଟେଓ କୋଭାସିକ୍, ଲୁକା ମୋଡ୍ରିକ୍ ଏବଂ ମାର୍ସେଲୋ ବ୍ରୋଜୋଭିକ୍‌ଙ୍କ ଯୋଡ଼ି ବିଶ୍ୱର ଶ୍ରେଷ୍ଠ। ଏହି ଖେଳାଳିଙ୍କ ପାଖରେ ବଲ୍ ରହିଲେ ତାହା ବ୍ୟାଙ୍କରେ ଥିବା ପଇସାଠାରୁ ମଧ୍ୟ ଅଧିକ ସୁରକ୍ଷିତ ବୋଲି ସେ କହିଛନ୍ତି।

ମେସି ବନାମ ମୋଡ୍ରିକ୍: ଉଭୟ ଦଳର ଦୁଇ ଭେଟେରାନ ଖେଳାଳି ଲିଓନେଲ ମେସି ଓ ଲୁକା ମୋଡ୍ରିକ୍‌ଙ୍କ ପାଇଁ ଏହା ଶେଷ ବିଶ୍ୱକପ୍। ଉଭୟ ଖେଳାଳି ବିଶ୍ୱକପ୍ ଟ୍ରଫି ସହିତ ନିଜ କ୍ୟାରିୟର ଶେଷ କରିବାକୁ ଚାହିଁବେ। ଡିଏଗୋ ମାରାଡୋନାଙ୍କ ପରେ ମେସି ନିଜ ପ୍ରଦର୍ଶନ ବଳରେ ହିଁ ଆର୍ଜେଣ୍ଟିନାକୁ ସେମି ଫାଇନାଲରେ ପହଞ୍ଚାଇଛନ୍ତି। ତେବେ ମାତ୍ର ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର କ୍ରୋଏସିଆ ଏହାର ରାସ୍ତାରେ ରହିଛି। ବିଗତ କିଛି ବର୍ଷ ମଧ୍ୟରେ ଏକ ଶକ୍ତିଶାଳୀ ଦଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଦଳ ପାଖରେ ବିଶ୍ୱ ଫୁଟ୍‌ବଲର ଶ୍ରେଷ୍ଠ ମିଡ୍‌ଫିଲ୍ଡର ଲୁକା ମୋଡ୍ରିକ୍ ରହିଛନ୍ତି। ଆର୍ଜେଣ୍ଟିନା ୨୦୧୪ ଓ କ୍ରୋଏସିଆ ୨୦୧୮ରେ ରନର୍ସଅପ୍ ରହିଥିଲେ। ଚଳିତ ବିଶ୍ୱକପ୍ ପୂର୍ବରୁ ଆର୍ଜେଣ୍ଟିନାକୁ ଅନ୍ୟତମ ଟାଇଟଲ ଫେଭରାଇଟ୍ ଭାବରେ ବିବେଚନା କରାଯାଉଥିଲା। କୋପା ଆମେରିକା ଚାମ୍ପିୟନ ଆର୍ଜେଣ୍ଟିନା କ୍ରମାଗତ ୩୬ ବିଜୟ ସହ ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲେ ମଧ୍ୟ ସାଉଦି ଆରବ ବିପକ୍ଷ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏହି ପରାଜୟ ପରେ ଦଳ ମେସିଙ୍କ ନେତୃତ୍ୱରେ ନିୟମିତ ଭଲ ପ୍ରଦର୍ଶନ କରିଆସିଛି। ଅନ୍ୟପକ୍ଷରେ ମେସି ମଧ୍ୟ ବ୍ୟକ୍ତିଗତ ଭାବେ ଖୁବ୍ ଭଲ ପ୍ରଦର୍ଶନ କରୁଛନ୍ତି। ପିଏସ୍‌ଜି ଷ୍ଟ୍ରାଇକର ମେସି ବର୍ତ୍ତମାନ ସୁଦ୍ଧା ୪ ଗୋଲ କରିଥିବା ବେଳେ କେବଳ ଏମ୍‌ବାପେଙ୍କ ପଛକୁ ରହିଛନ୍ତି। ମେସିଙ୍କ ପରି କ୍ରୋଏସିଆର ଲୁକା ମୋଡ୍ରିକ୍ ମଧ୍ୟ ନିଜର ଶେଷ ବିଶ୍ୱକପ୍ ଖେଳୁଛନ୍ତି। ଗୋଟିଏ ବି ଗୋଲ କିମ୍ବା ଆସିଷ୍ଟ କରି ନ ଥିଲେ ମଧ୍ୟ ମିଡ୍‌ଫିଲ୍ଡରେ ମୋଡ୍ରିକ୍‌ଙ୍କ ଯାଦୁ ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦିଏ। ରାଉଣ୍ଡ ଅଫ୍ ୧୬ରେ ଜାପାନ ଓ କ୍ୱାର୍ଟରରେ ବ୍ରାଜିଲକୁ ଏକ୍ସଟ୍ରା ଟାଇମରେ ପରାସ୍ତ କରିଥିଲା ଦଳ। ତେବେ ଜାପାନ ଅପେକ୍ଷା ବ୍ରାଜିଲ ବିପକ୍ଷରେ ବିଜୟ ବେଶ୍ ଚମତ୍କାର ରହିଥିଲା। ୨୦୧୮ରେ କ୍ରୋଏସିଆର ସମସ୍ତ ନକ୍‌ଆଉଟ୍ ମ୍ୟାଚ୍ ଏକ୍ସଟ୍ରା ଟାଇମ୍‌କୁ ଯାଇଥିଲା। ମିଡ୍‌ଫିଲ୍ଡରେ ମୋଡ୍ରିକ୍ ଚମତ୍କାର ପ୍ରଦର୍ଶନ କରିଥିଲେ।

ଫିଫା ବିଶ୍ୱକପ

(ଆଜିର ମ୍ୟାଚ)

ଆର୍ଜେଣ୍ଟିନା ବନାମ କ୍ରୋଏସିଆ

ସ୍ଥାନ: ଲୁସେଲ ଷ୍ଟାଡିୟମ

ସମୟ: ରାତି ୧୨.୩୦

ପ୍ରସାରଣ: ସ୍ପୋର୍ଟ୍ସ ୧୮

ସତର୍କ ରହିବା ଜରୁରୀ



ଜର୍ଜ ବୁରୁଚାଗା

ଡିଏଗୋ ମାରାଡୋନା ଯାହା କରି ଦେଖାଇଥିଲେ ତାହା ଲିଓନେଲ ମେସି ଯଦି କରି ଦେଖାଇଦିଅନ୍ତି ତେବେ ଆର୍ଜେଣ୍ଟିନା ତୃତୀୟଥର ବିଶ୍ୱକପ୍ ହାସଲ କରିପାରିବ। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଆଗକୁ ଦୁଇଟି ମ୍ୟାଚ୍ ଜିତିବାକୁ ହେବ। ପ୍ରଥମେ ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ କରିଆସୁଥିବା କ୍ରୋଏସିଆକୁ ଅତିକ୍ରମ କରିବାକୁ ପଡ଼ିବ। ମୋ ମତରେ ଯଦି ରୋନାଲ୍‌ଡୋ ସହିତ ପର୍ତ୍ତୁଗାଲ, ଏମ୍‌ବାପେଙ୍କ ସହ ଫ୍ରାନ୍ସ, ନେମାରଙ୍କ ସହ ବ୍ରାଜିଲ ଏବଂ ମେସିଙ୍କ ସହ ଆର୍ଜେଣ୍ଟିନାକୁ ସେମିଫାଇନାଲ ଲାଇନ୍-ଅପ୍‌ରେ ଦେଖିବାକୁ ମିଳିଥାନ୍ତା ତେବେ ବିଶ୍ୱର ଶ୍ରେଷ୍ଠ ୪ ଖେଳାଳିଙ୍କ ଉପସ୍ଥିତିରେ ଖେଳ ବେଶ୍ ରୋମାଞ୍ଚକ ହୋଇଥାନ୍ତା। କିନ୍ତୁ ଏହା କାହା ହାତର କଥା ନୁହେଁ। ଦୁର୍ଭାଗ୍ୟର ବିଷୟ, ପର୍ତ୍ତୁଗାଲ ଓ ବ୍ରାଜିଲ ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଲେ ନାହିଁ। କହିବାକୁ ଗଲେ ଫୁଟ୍‌ବଲରେ ପ୍ରଦର୍ଶନ ଭଲ ନ କଲେ ଅପେକ୍ଷାକୃତ ଶକ୍ତିଶାଳୀ ବିବେଚନା କରାଯାଉଥିବା ଦଳକୁ ପରାଜୟ ବରଣ କରିବାକୁ ପଡ଼ିଥାଏ। ସାଉଦି ଆରବ ବିପକ୍ଷ ଓପ୍‌ନିଂ ମ୍ୟାଚ୍‌ରେ ପରାଜୟ ପରଠାରୁ ଆର୍ଜେଣ୍ଟିନା ଭଲ ପ୍ରଦର୍ଶନ କରିଆସୁଛି। ଦଳ ସେମିଫାଇନାଲରେ ମଧ୍ୟ ପ୍ରବେଶ କରିଛି। ନେଦରଲାଣ୍ଡ୍ସ ବିପକ୍ଷ କ୍ୱାର୍ଟର ଫାଇନାଲରେ କୋଚ୍ ଲିଓ ସ୍କାଲୋନି ୩-୫-୨ କମ୍ବିନେଶନକୁ ନେଇ ରଣନୀତି ପ୍ରସ୍ତୁତ କରିଥିଲେ। ଦଳ ଭଲ ପ୍ରଦର୍ଶନ ମଧ୍ୟ କରିଥିଲା। ଦଳ ଯେତେବେଳେ ୨-୦ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା ମ୍ୟାଚ୍ ଜିତିବା ନିଶ୍ଚିତ ମନେହେଉଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ୨ଟି ଗୋଲ ବରଣ କରିବା ପରେ ଦଳ ନର୍ଭସ ହୋଇପଡ଼ିଥିଲା। ପରେ ଅତିରିକ୍ତ ସମୟ ଖେଳ ଅମୀମାଂସିତ ଭାବେ ଶେଷ ହେବାରୁ ଦଳ ପେନାଲ୍ଟି ଶୁଟ୍ ଆଉଟ୍‌ରେ ବିଜୟଲାଭ କରିଥିଲା। ଏଭଳି ପରିସ୍ଥିତି ଉପୁଜିଲେ ବିଚଳିତ ନ ହେବା ଲାଗି ମୁଁ ଆର୍ଜେଣ୍ଟିନା ଦଳକୁ ପରାମର୍ଶ ଦେବି। ମନେରଖିବାକୁ ହେବ, କ୍ରୋଏସିଆ ଏକ ଅଭିଜ୍ଞ ଓ ପରିପକ୍ୱ ଦଳ। କେବଳ ସେତିକି ନୁହେଁ, ରୁଷିଆରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ର ଫାଇନାଲିଷ୍ଟ ମଧ୍ୟ। ଗତ ବିଶ୍ୱକପ୍‌ର ୬ରୁ ୭ ଖେଳାଳି ଏହାର ବୃଢ଼ାନ୍ତ ଦଳରେ ସ୍ଥାନ ପାଇଛନ୍ତି। ଲୁକା ମୋଡ୍ରିକ୍‌ଙ୍କ ଉପସ୍ଥିତିରେ ଏହି ଦଳର ମିଡ୍ ଫିଲ୍ଡ ଖୁବ୍ ସୁଦୃଢ଼। ମୋଡ୍ରିକ୍ ଜଣେ ମାଷ୍ଟର ପ୍ଲେମେକର ଏବଂ ସମ୍ମାନଜନକ ମାଲନ ଡି'ଅର ପୁରସ୍କାର ବିଜେତା। ହେୟଜ୍ଞାନ ନ କରି ଏହି ଦଳ ବିପକ୍ଷରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଆର୍ଜେଣ୍ଟିନା ଓ କ୍ରୋଏସିଆ ମଧ୍ୟରେ ଏକ ଭଲ ମ୍ୟାଚ୍ ହେବ, ଏଥିରେ କୌଣସି ସନ୍ଦେହ ନାହିଁ।

-(ଚିଭାକ ସ୍ପୋର୍ଟ୍ସ)

ଲୁସେଲ ଷ୍ଟାଡିୟମରେ ସୋମବାର ସାଥୀ ଖେଳାଳିଙ୍କ ସହ କ୍ରୋଏସିଆର ଲୁକା ମୋଡ୍ରିକ(ଡାହାଣ)ଙ୍କ ଅଭ୍ୟାସ।

ସେମିଫାଇନାଲ ପାଇଁ 'ଅଲ ହିଲ୍ଲ'

ଦୋହା, ୧୨।୧୨

ଫିଫା ବିଶ୍ୱକପ ୨୦୨୨ ସେମି ଫାଇନାଲ ପାଇଁ ନୂତନ ବଲ ଉନ୍ମୋଚନ କରିଛି ଆଦିଦାସ। ଏହି ବଲର ନାମ ଅଲ ହିଲ୍ଲ ରଖାଯାଇଛି।। ପୂର୍ବରୁ କ୍ୱାର୍ଟର ଫାଇନାଲ ଯାଏ ବଲ ଅଲ ରିହଲା ବ୍ୟବହାର କରାଯାଉଥିବା ବେଳେ ସେମି ଫାଇନାଲରେ ଅଲ ହିଲ୍ଲ ବ୍ୟବହୃତ ହେବ। ଏହି ନୂତନ ବଲରେ ମଧ୍ୟ କନେକ୍ଟେଡ ବଲ୍ ବୈଷୟିକ କୌଶଳ ବ୍ୟବହାର କରାଯାଇଛି। କନେକ୍ଟେଡ ବଲ୍ ବୈଷୟିକ କୌଶଳ ଦ୍ୱାରା ରେଫରୀଙ୍କ ପାଇଁ ନିଷ୍ପତ୍ତି ନେବା ସହଜ ହେଉଛି। ଅଲ ହିଲ୍ଲର ଆରବିକ୍ ଅର୍ଥ ହେଉଛି ସ୍ୱପ୍ନ। ଉଲ୍ଲେଖଯୋଗ୍ୟ ଯେ ମଙ୍ଗଳବାର ଠାରୁ ସେମି ଫାଇନାଲ ମ୍ୟାଚ ଆରମ୍ଭ ହେଉଥିବା ବେଳେ ୪ ଦଳକୁ ଅଭ୍ୟାସ ପାଇଁ ଏହି ବଲ ପ୍ରଦାନ କରାଯାଇଛି। ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏହି ବଲ ଗୁଡିକରେ ରସାୟନ ମୁକ୍ତ କାଳି ଓ ଅଠା ବ୍ୟବହାର କରାଯାଇଛି।

ଅଲ୍ ରିହଲା

ଅଲ୍ ହିଲ୍ଲ

ଅନ୍ୟ ଖେଳ ଖବର

ଓଡ଼ିଶାର ୧୬ଜଣିଆ ବାଳିକା ଦଳ ଭାଗନେବ

ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ

ଭୁବନେଶ୍ୱର, ୧୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ବିହାରର ବଣିଆପୁରଠାରେ ୩୭ତମ ଜାତୀୟ ସବ୍-ଜୁନିୟର ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶାର ୧୬ ଜଣିଆ ଦଳ ଅଂଶଗ୍ରହଣ କରିବ। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ତ୍ରିଶା ପରିଡ଼ା, ତନ୍ମୟ ପଣ୍ଡା, ଅଙ୍କିତା ରଥ, ମୁସ୍‌କ୍ଲାନ କୁମାରୀ, ବିଜୟଲକ୍ଷ୍ମୀ ପ୍ରଧାନ, ମଧୁସ୍ମିତା ବିଶ୍ୱାଳ, ଶୁଭମିତା ବେହେରା, ସୁକାନ୍ତୀ ସେଠୀ, ଆୟାମୟୀ ବିଶ୍ୱାଳ, ଶ୍ୱେତପଦ୍ମା ସାହୁ, ବୈଷ୍ଣବୀ ହେସା, ପାୟଲ ଜେନା, ତୃପ୍ତି ଖଣ୍ଡଗିରି, ସାବିତ୍ରୀ ମାଝି, ଶମୁଖା ପ୍ରଧାନଓ ଶିଖାରାଣୀ ଖୁଲୁର। ସନ୍ତୋଷ ବେହେରା ଦଳର କୋଚ୍ ରହିଥିବା ବେଳେ ଏଲିନା ପାଣି ଦଳର ମ୍ୟାନେଜର ଅଛନ୍ତି।

ରୋନାଲ୍ଡୋ ସର୍ବକାଳୀନ ଶ୍ରେଷ୍ଠ: କୋହଲି

ନୂଆଦିଲ୍ଲୀ, ୧୨।୧୨(ପି.ଟି.): ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ଫୁଟ୍‌ବଲର ବୋଲି କହିଛନ୍ତି ଭାରତୀୟ କ୍ରିକେଟ୍ ତାରକା ବିରାଟ କୋହଲି। ପର୍ତ୍ତୁଗାଲ ଫୁଟ୍‌ବଲ ବିଶ୍ୱକପ୍‌ରୁ ବିଦାୟ ନେଇଥିବାରୁ ରୋନାଲ୍ଡୋଙ୍କ ବିଶ୍ୱକପ୍ ବିଜୟ ସ୍ୱପ୍ନ ଅଧୁରା ରହିଯାଇଛି। ସେ ଫୁଟ୍‌ବଲ ଗ୍ରାଉଣ୍ଡରୁ ଅଶ୍ରୁଳ ବିଦାୟ ନେଇଥିଲେ। କୋହଲି ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ରୋନାଲ୍ଡୋଙ୍କ ପ୍ରଶଂସା କରିଛନ୍ତି। ମୋ ପାଇଁ ତୁମେ ହିଁ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଖେଳାଳି। କୌଣସି ଟ୍ରଫି ତୁମ ଶ୍ରେଷ୍ଠତ୍ୱର ପ୍ରମାଣ ଦେଇପାରିବ ନାହିଁ। ଫୁଟ୍‌ବଲ ଓ ଫୁଟ୍‌ବଲ ଫ୍ୟାନ୍‌ଙ୍କ ପ୍ରତି ତୁମର ଅବଦାନ ଅତୁଳନୀୟ ବୋଲି ଲେଖିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ। ପ୍ରତି ମ୍ୟାଚ୍‌ରେ ତୁମେ ତୁମର ଶତ ପ୍ରତିଶତ ଦେଇଥାଅ। କଠିନ ପରିଶ୍ରମ ଓ ଅଧ୍ୟବସାୟର ସେ ସମ୍ରାଟ ବୋଲି ଲେଖିବା ସହିତ ଏକ ମୁକୁଟର ପ୍ରତୀକାତ୍ମକ ଫଟୋ ଶେୟାର କରିଥିଲେ କୋହଲି। କାତାର ବିଶ୍ୱକପ୍‌ରେ ରୋନାଲ୍ଡୋ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ତାଙ୍କୁ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଖେଳାଇଥିଲେ କୋଚ୍ ସାଣ୍ଟୋସ୍।

ପ୍ରତ୍ୟକ୍ଷଦର୍ଶୀ ହେବେ ଅଭିଜିତ, ଧିରେନ

ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି): କାତାରରେ ଚାଲିଥିବା ଫିଫା ବିଶ୍ୱକପର ସେମିଫାଇନାଲରେ ଓଡ଼ିଶାର ଦୁଇଜଣ ପ୍ରତ୍ୟକ୍ଷଦର୍ଶୀ ରହିବେ। ସେମାନେ ହେଲେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ଓ ଭଦ୍ରକ ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଧିରେନ ପଲେଇ। ଏ ଦୁଇଜଣ ଆର୍ଜେଣ୍ଟିନା-କ୍ରୋଏସିଆ ଏବଂ ଫ୍ରାନ୍ସ-ମରକ୍କୋ ମ୍ୟାଚ ଦେଖିବାକୁ କାତାର ଯିବେ ବୋଲି ଫାଓ ପକ୍ଷରୁ ଏକ ବିବୃତ୍ତିରେ ପ୍ରକାଶ କରାଯାଇଛି। ମ୍ୟାଚ ୨ଟି ଯଥାକ୍ରମେ ଭାରତୀୟ ସମୟ ମଙ୍ଗଳବାର ଓ ବୁଧବାର ରାତି ୧୨ଟା ୩୦ରେ ଆରମ୍ଭ ହେବ।

ଓଡ଼ିଶାର ତରୁଣଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୧୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ୱାର୍ଲ୍ଡ ବଡିବିଲ୍‌ଡିଂ, ଫିଜିକ୍ ସ୍ପୋର୍ଟ୍ସ-୨୦୨୨ ଚାମ୍ପିୟନଶିପ୍

ଥାଇଲାଣ୍ଡର ଫୁକେଟଠାରେ ୧୩ତମ ୱାର୍ଲ୍ଡ ବଡି ବିଲ୍‌ଡିଂ ଓ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ନେତୃତ୍ୱରେ ଓଡ଼ିଶାର ଏକ ୬ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ସିନିୟର ପୁରୁଷ ବିଭାଗରେ ଜଗନ୍ନାଥ ଖୁଣ୍ଟିଆ (୭୫କେଜି), ବିଚିତ୍ର କୁମାର ନାୟକ (୭୦କେଜି) ପୁଫୁନ୍ ସ୍ୱାଇଁ (ଫିଜିକ୍ ସ୍ପୋର୍ଟ୍ସ) ଏବଂ ତରୁଣ କୁମାର ଚାଟାର୍ଜୀ ୬୦ରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ। ସୁମିତ୍ରା ତ୍ରିପାଠୀ ଓ ଉମାଚରଣ ଶତପଥୀ (ଉଭୟେ ଅନ୍ତର୍ଜାତୀୟ ବିଚାରକ) ଅଫିସିଆଲ ଭାବେ ଯୋଗ ଦେଇଥିଲେ। ତରୁଣ ଚାଟାର୍ଜୀ ତାଙ୍କ ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିବା ସହ ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ ଜଗନ୍ନାଥ ଓ ବିଚିତ୍ର ସେମାନଙ୍କ ବିଭାଗରେ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ। ସୂଚନାଯୋଗ୍ୟ, ତରୁଣ ପୂର୍ବରୁ ଏସିଆନ ବଡ଼ି ବିଲ୍‌ଡିଂ ଚାମ୍ପିୟନଶିପ୍-୨୦୨୨ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଥାଇଲାଣ୍ଡରେ ସଫଳତା ପାଇଁ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ଉପଦେଷ୍ଟା ମାନସରଞ୍ଜନ ମହାପାତ୍ର, ଏକ୍‌ଜ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ ବାବୁଲି ସ୍ୱାଇଁ ଓ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଶୁଭକାମନା କରିଛନ୍ତି।

ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ସହ ବ୍ରୋଞ୍ଜ ବିଜେତା ତରୁଣ ଚାଟାର୍ଜୀ।

ଉତ୍କଳ, କିଟ୍‌କୁ ସର୍ବଭାରତୀୟ ଯୋଗ୍ୟତା

ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି)

ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ

ଏଠାରେ ଚାଲିଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ଭଲିବଲ ଟୁର୍ନାମେଣ୍ଟରେ ଓଡ଼ିଶାର ୨ଟି ବିଶ୍ୱବିଦ୍ୟାଳୟ କିଟ୍ ଓ ଉତ୍କଳ ସର୍ବଭାରତୀୟ ଯୋଗ୍ୟତା ପାଇଛନ୍ତି। ପ୍ରତିଯୋଗିତାର ତୃତୀୟ ଦିବସରେ କିଟ୍ ୩-୧ ସେଟ୍‌ରେ ବର୍ଦ୍ଧମାନ ଏବଂ ଉତ୍କଳ ୩-୦ ସେଟ୍‌ରେ ବିଶ୍ୱ ଭାରତ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସେହିପରି ଆଡାମ୍ବ ବିଶ୍ୱବିଦ୍ୟାଳୟ ୩-୦ରେ ସେଞ୍ଚୁରିଅନକୁ ଏବଂ ମହାତ୍ମା ଗାନ୍ଧୀ କାଶି ବିଦ୍ୟାପୀଠ ୩-୦ରେ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟକୁ ହରାଇ ସର୍ବଭାରତୀୟ ଯୋଗ୍ୟତା ପାଇଛନ୍ତି। ସର୍ବଭାରତୀୟ ଆନ୍ତଃ ବିଶ୍

ଫ୍ୟାମିଲି ଟାଇମ୍

କ୍ୟାରିୟରରେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ସମସ୍ତେ ଚାହାନ୍ତି। କିନ୍ତୁ କେତେକେ ଏଥିପାଇଁ ପରିବାରକୁ ଅଣଦେଖା କରିଥାନ୍ତି, ଯାହାର ଭିନ୍ନ ପ୍ରଭାବ ଦେଖିବାକୁ ମିଳେ। ତେଣୁ ବ୍ୟସ୍ତତା ଭିତରେ ବି ପରିବାର ସହ ସମୟ ବିତାନ୍ତୁ, ଯାହାଫଳରେ ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ବି ପାଇପାରିବେ...

ପରିବାର ସହ କେବେ କେବେ ବୁଲିବାକୁ ଯିବା, ଏକାଠି ଖାଇବା, ଏକାଠି ବସି ହସମଜା କରିବାକୁ ସମସ୍ତଙ୍କୁ ଭଲ ଲାଗେ। ଏମିତି ସମୟ କଟାଇବାରେ ବି ଲୁଚି ରହିଥାଏ ସଫଳତା। କାରଣ ପରିବାର ସହ ଖୁସିରେ ସମୟ କାଟିଲେ ମାନସିକ ଅବସାଦ ଭଳି ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ କାର୍ଯ୍ୟବ୍ୟସ୍ତତା ଭିତରେ ବି କିଛି ସମୟ ବାହାରକରି ପରିବାର ସହ ରହିବା ଜରୁରୀ।

ଏମାନେ କ'ଣ କରନ୍ତି

ପ୍ରତି ସପ୍ତାହରେ ବୁଲିବା ପ୍ଲାନ୍ କରୁ: ପ୍ରତି ସପ୍ତାହରେ ଆମେ ସମସ୍ତେ ଏକାଠି ବାହାରେ ଖାଇବାକୁ ଯାଉ। କୌଣସି ଉତ୍ସବ ଥିଲେ ଥରଟେ ହେଲେ ବି ଆମେ ବୁଲିବା ପାଇଁ ପ୍ଲାନ୍ କରିଥାଉ। ଅଳ୍ପ ସମୟ ପାଇଁ ହେଲେ ବି ଥରେ ବାହାରକୁ ଯାଇ ବୁଲି ଆସିବା ପରେ ପିଲାମାନେ ତ ବହୁତ ଖୁସି ହୋଇଯାନ୍ତି ତା' ସହ ଶାଶୁ ଶ୍ୱଶୁର ବି ଖୁସି ହୋଇଥାନ୍ତି। ଆଉ ଘରେ ସମସ୍ତଙ୍କୁ ଖୁସିରେ ଦେଖିଲେ ମତେ ବି ବହୁତ ଖୁସି ଲାଗେ।
–ମହାଶ୍ୱେତା ତ୍ରିପାଠୀ, କର୍ମଜୀବୀ, ଭୁବନେଶ୍ୱର

ଫ୍ରେଶ୍ ଲାଗେ: ସବୁ ଶନିବାର ମୁଁ ପୁଅକୁ ନେଇ ଗାଁକୁ ଯାଏ। ସେଠି ଶାଶୁ ଶ୍ୱଶୁର ଆଉ ଅନ୍ୟ ସମସ୍ତଙ୍କ ସହ ଏକାଠି ରହି ପୁଅ ବହୁତ ଖୁସି ହୋଇଯାଏ। ମତେ ବି ଗାଁ ପରିବେଶରେ ରହିବାକୁ ବହୁତ ଭଲ ଲାଗେ। ଦିନଟିଏ ସେଠି ରହି ଆସିବା ପରେ ପୁଣି ସପ୍ତାହ ସାରା କାମ କରିବା ପାଇଁ ଫ୍ରେଶ୍ ଲାଗେ।
–ଦେବେନ୍ନିତା ଦାଶ, କର୍ମଜୀବୀ, ପାରାଦୀପ

ସମ୍ପର୍କ ମଜଭୁତ ହୁଏ: ଘରେ ପ୍ରାୟ ଭୋଜି କରିବା ବାହାନାରେ ଅନେକ ଥର ସମସ୍ତେ ଏକାଠି ହେଉ। ବେଳେବେଳେ ପାଖରେ ଥିବା ବନ୍ଧୁ ସମ୍ପର୍କୀୟମାନେ ବି ଆସନ୍ତି। ଏମିତି ଭୋଜି ମାଧ୍ୟମରେ ସମସ୍ତେ ଏକାଠି ହେଲେ ଭଲ ଲାଗେ। ତା' ଛଡ଼ା ଦିନସାରା କାମରେ ଏପଟ ସେପଟ ହେବା ପରେ ଆମେ ରାତିରେ ଘରେ ସମସ୍ତେ ଏକାଠି ସାଙ୍ଗ ହୋଇ ଖାଉ। ଯଦି ଘରକୁ ଫେରିବା ପାଇଁ କାହାର ଡେରି ହୁଏ ତା'ହେଲେ ମୁଁ ପିଲାମାନଙ୍କୁ ଠିକ୍ ସମୟରେ ଖାଇବାକୁ ଦେଇ ଶୁଆଇଦିଏ। କିନ୍ତୁ ମୁଁ ଅପେକ୍ଷା କରିଥାଏ, ସେ ଫେରିବା ପରେ ହିଁ ସାଙ୍ଗ ହୋଇ ଖାଉ। ଏକାଠି ଖାଇବା ଦ୍ୱାରା ସ୍ନେହ ପ୍ରେମ ଭାବ ବଢ଼ିଥାଏ ଆଉ ସମ୍ପର୍କ ମଜଭୁତ ହୋଇଥାଏ।
–ସମ୍ବିତା ମଞ୍ଜରୀ ଦାଶ, କର୍ମଜୀବୀ, ରାହାମା, ଜଗତ୍‌ସିଂହପୁର

କହିବାକୁ ଗଲେ ସବୁ କ୍ଷେତ୍ରରେ ସଫଳ ହେବା ପାଇଁ ହେଲେ ପରିବାର ସହିତ ଏକାଠି ରହିବାକୁ ଅନେକେ ପରାମର୍ଶ ଦେଉଛନ୍ତି।

ଚିନ୍ତାରୁ ମୁକ୍ତି: ଅଫିସ କାମର ଚାପ ହେଉ କିମ୍ବା ଅନ୍ୟ କୌଣସି ଦୁଶ୍ଚିନ୍ତାରୁ ମୁକ୍ତି ପାଇବାକୁ ହେଲେ ପରିବାର ସହ ଖୁସିରେ କିଛି ସମୟ କଟାନ୍ତୁ। ପରିବାରରେ ଆତ୍ମୀୟଙ୍କ ସହ ରହିବା ଫଳରେ ଅନେକ ସମସ୍ୟାର ସମାଧାନ ସହଜରେ ହୋଇଯାଏ ଏବଂ ମନ ଖୁସି ରହେ। ନିଜର ଚିନ୍ତା ବା କୌଣସି ସମସ୍ୟାକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିବା ଫଳରେ ସମାଧାନର ଅନେକ ରାସ୍ତା ବାହାରିଥାଏ। ନିଜର ଲୋକେ ସାହାଯ୍ୟ କରିବା ପାଇଁ ମଧ୍ୟ ଆଗେଇ ଆସନ୍ତି। ଫଳରେ ଚିନ୍ତା ବା ଅବସାଦ କମ୍ ହୋଇଥାଏ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିଥାଏ।

ପିଲାଙ୍କ ଭବିଷ୍ୟତ: ପିଲାମାନେ ସମସ୍ତଙ୍କ ସହ ପରିବାରରେ ଏକାଠି ରହିଲେ ବେଶ୍ ଖୁସି ହୁଅନ୍ତି। ତେଣୁ ସେମାନଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଗୁରୁଜନଙ୍କ ସହ ଅଧିକାଂଶ ସମୟ ରହିବା ଫଳରେ ସେମାନଙ୍କ ବ୍ୟବହାର ମଧ୍ୟ ସେହି ଅନୁରୂପ ମାର୍ଜିତ ହୋଇଥାଏ। ତେଣୁ ପିଲାଙ୍କ ଲାଳନପାଳନ ବି ଆପେ ଆପେ ଭଲ ହୋଇଥାଏ।

ସଫଳତା ମିଳେ: ମନ ଖୁସି ରହିଲେ କାମ କରିବା ପାଇଁ ଆଗ୍ରହ ବୃଦ୍ଧି ପାଇଥାଏ। ତେଣୁ କମ୍ ସମୟରେ ଭଲ କାମ କରିବାର ଉର୍ଜା ସୃଷ୍ଟି ହୋଇଥାଏ। ପରିବାର ସହ ଏକାଠି ରହିଲେ ଉଭୟ ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ସହ ଶରୀର ମଧ୍ୟ ଭଲ ରହିଥାଏ। ତେଣୁ ଅଫିସ ହେଉ କି ଅନ୍ୟ ଯେକୌଣସି କ୍ଷେତ୍ର ସବୁଠାରେ ପ୍ରତି କାମରେ ସଫଳତା ମିଳିଥାଏ।

ପିଲାଙ୍କ ପାଇଁ ଟିଫିନ୍

କିଭଳି ଖାଦ୍ୟ ତିଆରି କଲେ ପିଲାଙ୍କୁ ପସନ୍ଦ ଆସିବ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହିବ, ସେଥିପାଇଁ ସବୁ ଗୃହିଣୀ ଚେଷ୍ଟା କରିଥାନ୍ତି। ତେବେ ପିଲାଙ୍କ ପାଇଁ ଟିଫିନ୍ ତିଆରି କରିବା ସମୟରେ କେତେକ ଦିଗ ପ୍ରତି ଧ୍ୟାନଦିଅନ୍ତୁ। ଫଳରେ ଏହି ସମସ୍ୟା ଅନେକାଂଶରେ ଦୂର ହୋଇପାରିବ...

- ପିଲାଙ୍କ ପାଇଁ ଯଦି କୌଣସି ପ୍ରକାର ଲୁଣିଖାଦ୍ୟ ତିଆରି କରୁଥାନ୍ତି ତେବେ ସେଥିରେ ଲଙ୍କାଗୁଣ୍ଡ ଓ ଗରମ ମସଲା କମ୍ ବ୍ୟବହାର କରନ୍ତୁ। ନଚେତ୍ ପିଲାଙ୍କ ପେଟ ଖରାପ ହେବା ଆଶଙ୍କା ରହିଥାଏ।
- ବାହାରର ପ୍ରୋସେସ୍ଡ ଫୁଡ୍ କିମ୍ବା ଫ୍ରୋଜନ୍ ଫୁଡ୍ ଦେବା ବଦଳରେ ଘରେ ତିଆରି ହେଉଥିବା ରୁଟି, ଖେଚୁଡ଼ି, ଭାତ, ଡାଲି, ଭଜା, ଓଟ୍‌ସ ଓ ଫଳ ଆଦି ଖାଇବାକୁ ଦିଅନ୍ତୁ।
- ପିଲାମାନେ ଯଦି ଡାଲି କିମ୍ବା କୌଣସି ପରିବା ଖାଇବାକୁ ପସନ୍ଦ କରୁନାହାନ୍ତି ତେବେ ତାକୁ ଟିକେ ଭିନ୍ନ ଢଙ୍ଗରେ ପ୍ରସ୍ତୁତ କରିବା ପାଇଁ ଚେଷ୍ଟା କରନ୍ତୁ।
- ପିଲାଙ୍କୁ ତେଲ ମସଲାଯୁକ୍ତ ଖାଦ୍ୟ କମ୍ ଦିଅନ୍ତୁ।
- କୌଣସି ଖାଦ୍ୟ ଖାଇବା ପାଇଁ ପିଲା ଯଦି ଅମଙ୍ଗ ହେଉଥାଏ ତେବେ ତାଙ୍କୁ ବାଧ୍ୟ କରିବା ବଦଳରେ ବୁଝାଶୁଝା କରି କିମ୍ବା ଅନ୍ୟ ଶୈଳୀରେ ଖାଦ୍ୟ ପ୍ରସ୍ତୁତ କରି ଦିଅନ୍ତୁ।
- ପିଲାଙ୍କୁ ବାହାର ଖାଦ୍ୟ ଓ ଜଙ୍କଫୁଡ୍ ଠାରୁ ଦୂରେଇ ରଖନ୍ତୁ।

ଶୀତଦିନେ ବଢ଼ାନ୍ତୁ ଇମ୍ୟୁନିଟି

ସାଧାରଣତଃ ଶୀତଦିନେ ଥଣ୍ଡା, କାଶ ସହ ଭାଇରାଲ୍ ଇନ୍‌ଫେକସନ୍ ଆଦି ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ଏସବୁ ସମସ୍ୟାରୁ ଦୂରେଇ ରହିବା ପାଇଁ ହେଲେ ନିଜର ଇମ୍ୟୁନିଟି ବଢ଼ାଇବାକୁ ହେବ। ତେଣୁ ଏହି ଋତୁରେ ଇମ୍ୟୁନିଟି ବଢ଼ାଇବା ପାଇଁ କ'ଣ ଖାଇବେ ଜାଣିରଖନ୍ତୁ...

★ଶୀତଦିନେ ପ୍ରତିଦିନ ବାଦାମ ଖାଆନ୍ତୁ। ଏହାକୁ ସୁପରଫୁଡ୍ ବୋଲି କୁହାଯାଏ। ଅବଶ୍ୟ ସବୁ ଋତୁରେ ଏହାକୁ ଖାଇପାରିବେ। ରୋଗ ପ୍ରତିରୋଧକ କ୍ଷମତା ମଜଭୁତ କରିବା ପାଇଁ ବାଦାମକୁ ରାତିରେ ଭିଜାଇ ସକାଳୁ ଖାଇପାରିବେ। ଅନ୍ୟ ଖାଦ୍ୟ ସହ ଏହାକୁ ମିଶାଇ ଖାଇଲେ ବି ଫାଇଦା ମିଳିବ।

★ଶୀତଦିନେ ରସୁଣ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ସକାଳୁ ପ୍ରତିଦିନ ଖାଲି ପେଟରେ ରସୁଣ ଖାଇଲେ ବହୁ ଫାଇଦା ମିଳିଥାଏ। ତରକାରି କିମ୍ବା ମସଲାରେ ମଧ୍ୟ ରସୁଣ ଖାଇବା ଦ୍ୱାରା ଅନେକ ଲାଭ ହୋଇଥାଏ।

★ଥଣ୍ଡାଦିନେ ଇମ୍ୟୁନିଟି ମଜଭୁତ କରିବା ପାଇଁ ଅଦା ଅତ୍ୟନ୍ତ ଉପକାରୀ। ପ୍ରତିଦିନ ଖାଲିପେଟରେ ଅଦାକୁ ଲୁଣ ସହ ଖାଇଲେ ପେଟର ବିଭିନ୍ନ ସମସ୍ୟା ଭଲ ହେବା ସହିତ ଥଣ୍ଡାକାଶ ଆଦି କମ୍ ହୋଇଥାଏ। ଅଦାକୁ ଭାଜି କିମ୍ବା କାଢ଼ା ଅବା ଚା' ସହ ବି ଖାଇପାରିବେ।

★ଇମ୍ୟୁନିଟି ବଢ଼ାଇବା ପାଇଁ ସବୁଠୁ ଭଲ ଉପାୟ ହେଉଛି ତୁଳସୀ ଓ ମହୁ। ତୁଳସୀକୁ କାଢ଼ା କିମ୍ବା ଚା' ସହ ମିଶାଇ ବି ପିଇପାରିବେ। ଏହା ବ୍ୟତୀତ ଶୀତଦିନିଆ ଫଳ ଓ ପନିପରିବା ଯଥେଷ୍ଟ ମାତ୍ରାରେ ଖାଆନ୍ତୁ।

ଖାଦ୍ୟରୁଚି

ମୁଗ ସୋୟାବିନ୍ ବରା

ଆବଶ୍ୟକ ସାମଗ୍ରୀ
ମୁଗଡାଲି–୨୦୦ଗ୍ରାମ୍, ସୋୟାବିନ୍– ୧୦୦ ଗ୍ରାମ୍, ପିଆଜ– ୩ଟି, କଞ୍ଚାଲଙ୍କା– ୩ଟି, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

ପ୍ରସ୍ତୁତି ପ୍ରଣାଳୀ
ମୁଗଡାଲି ଏବଂ ସୋୟାବିନ୍‌କୁ ରାତିରୁ ଭିଜାଇ ରଖନ୍ତୁ। ସକାଳେ ମୁଗଡାଲି ଏବଂ ସୋୟାବିନ୍‌ରୁ ପାଣି ବାହାର କରିଦେଇ ତାକୁ ଗ୍ରାଇଣ୍ଡରରେ ଦର ଦର ବଟା କରି ବାହାରକରି ଦିଅନ୍ତୁ। ପିଆଜ ଓ କଞ୍ଚାଲଙ୍କାକୁ ଚୂନା ଚୂନା କରି କାଟି ଏଥିରେ ମିଶାନ୍ତୁ। ଏହି ମିଶ୍ରଣରେ ଲୁଣ ପକାଇ ଏସବୁକୁ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମକରି ସେଥିରେ ଏହି ମିଶ୍ରଣକୁ ଛୋଟ ଛୋଟ କରି ଛାଣି ନିଅନ୍ତୁ। ବାଦାମୀ ରଙ୍ଗ ହେବା ପରେ ଛାଣି ବାହାର କରିଦିଅନ୍ତୁ। ଏହାକୁ ଆପଣ ତାୱାରେ ତେଲ ଦେଇ ଭାଜିପାରିବେ। ଟମାଟୋ ସସ୍ ସହିତ ଏହାକୁ ଗରମ ଗରମ ଖାଆନ୍ତୁ।

ହେୟାର ମାସ୍କ

ଶୀତଦିନେ ଅନେକଙ୍କର କେଶରେ ରୂପି ସମସ୍ୟା ଦେଖାଦେଇଥାଏ। ଏହି ସମସ୍ୟା ଦୂରକରି କେଶକୁ ସୁନ୍ଦର କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ...

ନଡ଼ିଆତେଲ ଓ ନିମ୍ବ
ନଡ଼ିଆତେଲ ୪ ବଡ଼ ଚାମଚ ଆଣି ସେଥିରେ ୧ ଚାମଚ ନିମ୍ବପତ୍ରକୁ ଗୁଣ୍ଡକରି ମିଶାନ୍ତୁ। ଏହି ମିଶ୍ରଣକୁ ହାଲ୍‌କା ଗରମକରି କେଶମୂଳରେ ମାଲିସକରି ଅତିକମ୍‌ରେ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଶେଷରେ ଶାମ୍ପୁ କରି ଦିଅନ୍ତୁ। ନଡ଼ିଆତେଲ ଓ ନିମ୍ବଗୁଣ୍ଡର ମାତ୍ରାକୁ ଚାହିଁଲେ ଆପଣ ନିଜ କେଶ ଅନୁସାରେ କମ୍ ବେଶି କରିପାରିବେ।

ଆଲୋଭେରା ଓ ଭିନେଗାର
୨ବଡ଼ ଚାମଚ ଆଲୋଭେରା ଜେଲ୍ ସହ ୨ ବଡ଼ ଚାମଚ ଆପଲ ସାଇଡର ଭିନେଗାର ପକାନ୍ତୁ। ମିଶ୍ରଣକୁ ପତଳା କରିବା ପାଇଁ ଏଥିରେ ଅଳ୍ପ ପାଣି ମିଶାଇ ଭଲ ଭାବେ ଗୋଳାନ୍ତୁ ଏବଂ କେଶମୂଳରେ ଲଗାନ୍ତୁ। ମିଶ୍ରଣକୁ ଲଗାଇବା ପରେ ଅତି କମ୍‌ରେ ୨୦ ମିନିଟ୍ ପରେ ଧୋଇଦିଅନ୍ତୁ।

ମନ୍ଦାରଫୁଲ ଓ ମେଥି
ପ୍ରଥମେ କିଛି ମନ୍ଦାରଫୁଲ ସହ ପାଣିରେ୨ ବଡ଼ ଚାମଚ ମେଥିକୁ ରାତିରୁ ଭିଜାଇ ଦିଅନ୍ତୁ। ସକାଳୁ ଏହାକୁ ଭଲଭାବେ ବାଟି ସେଥିରେ ୧ ଚାମଚ ଅଲିଭ ଅଏଲ କିମ୍ବା ନଡ଼ିଆତେଲ ମିଶାଇ କେଶମୂଳରେ ଲଗାନ୍ତୁ। ମିଶ୍ରଣକୁ ଲଗାଇବାର ୩୦ ମିନିଟ୍ ପରେ କେଶ ଧୋଇଦିଅନ୍ତୁ। ଏହି ମିଶ୍ରଣକୁ ଯେତେ ଅଧିକ ସମୟ ଲଗାଇ ରଖିବେ କେଶ ପାଇଁ ସେତେ ଭଲ।

ଟି ଟ୍ରି ଅଏଲ ଓ ଅଲିଭ ଅଏଲ
ପ୍ରଥମେ ୪ ବଡ଼ ଚାମଚ ଅଲିଭ ଅଏଲ ନେଇ ସେଥିରେ ୫ ବୁନ୍ଦା ଟି ଟ୍ରି ଅଏଲ ମିଶାନ୍ତୁ। କେଶର ଲମ୍ବା ଅନୁସାରେ ଏହି ତେଲ ମିଶ୍ରଣ ଅଧିକ କରିପାରିବେ। ଏବେ ଏହାକୁ କେଶମୂଳରେ ଲଗାଇ ଅତି କମ୍‌ରେ ୩୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ତା'ପରେ କେଶକୁ ଆପଣ ଶାମ୍ପୁ କରିପାରିବେ।

୨୦୨୩ରେ ୭୨ଟି ଛୁଟି

ଡିଗ୍ରୀ କଲେଜ ପାଇଁ ଏକକ ଛୁଟି ତାଲିକା

ଭୁବନେଶ୍ୱର,(ବ୍ୟୁରୋ): ୨୦୨୩ କ୍ୟାଲେଣ୍ଡର ବର୍ଷରେ ଡିଗ୍ରୀ କଲେଜ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକକ ଛୁଟି ତାଲିକା ପ୍ରକାଶ ପାଇଛି। ରବିବାରକୁ ବାଦ୍ ଦେଇ ମୋଟ ୭୨ଟି ଛୁଟି ଦିବସ ରହିବ। ସ୍ଥାନୀୟ ଛୁଟି ସମ୍ପୃକ୍ତ ଅଧ୍ୟକ୍ଷମାନେ ଘୋଷଣା କରିପାରିବେ। ଏଥିସହ ଅପ୍ସନାଲ ଛୁଟି ତାଲିକା ମଧ୍ୟ ପ୍ରକାଶ ପାଇଛି। ୫ଟି ମଧ୍ୟରୁ ଗୋଟିଏ ଅପ୍ସନାଲ ଛୁଟି ଡିଗ୍ରୀ କଲେଜ କର୍ମଚାରୀ ନେଇପାରିବେ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସବୁ ଡିଗ୍ରୀ କଲେଜ ୨୦୨୩ କ୍ୟାଲେଣ୍ଡର ବର୍ଷରେ ଏକକ ଛୁଟି ତାଲିକାର କଡ଼ାକଡ଼ି ଅନୁପାଳନ କରିବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ସମସ୍ତ ସରକାରୀ/ବେସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଏବଂ ସମସ୍ତ ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

'କ୍ଷୟ ହେବାକୁ ବସିଛି ଉପକୂଳ ଅଞ୍ଚଳ'

ମହୋଦଧି ଦିବସରେ କାୟାକିଂ ରାଲି

- ■ ସମୁଦ୍ର ସୁରକ୍ଷା ପାଇଁ ଶପଥ ପାଠ, ସଚେତନତା
- ■ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ମହୋଦଧି ସମ୍ମାନ

ପୁରୀ ଅଫିସ, ୧୨।୧୨

ପୁରୀ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ଏବଂ ଷ୍ଟେଟ ବ୍ୟାଙ୍କ୍‌ର ମିଳିତ ସହଯୋଗରେ ସୋମବାର ମହୋଦଧି ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା କାୟାକିଂ ରାଲି। ପୁରୀ ସମୁଦ୍ରରେ ପ୍ରଥମ ଥର ପାଇଁ ଏହା ଆୟୋଜିତ ହୋଇଥିଲା। କଟକର ଓଡ଼ିଶା ମେରିଟାଇମ କଲିଙ୍ଗ ସର୍ଫ ଲାଇଫ୍ ସେଭିଙ୍ଗ୍ ସୋସାଇଟି ଏବଂ ପୁରୀ କଲିଙ୍ଗ ସର୍ଫିଙ୍ଗ ଲାଇଭ ସେଭିଙ୍ଗ୍ ସର୍ଭିସ ଅନୁଷ୍ଠାନର ୮ଜଣ ଯୁବକ 'ଅଲିଭ୍ ରିଡ୍‌ଲେ ସୁରକ୍ଷା କରନ୍ତୁ-ସମୁଦ୍ର ବଞ୍ଚାନ୍ତୁ' ବାର୍ତ୍ତା ନେଇ ବଳିଆପଣ୍ଡାଠାରୁ କାୟାକିଂ ରାଲିରେ ବାହାରି ସମୁଦ୍ରରେ ନୀଳାଦ୍ରି ବିଚ୍ ପର୍ଯ୍ୟନ୍ତ ଯାଇଥିଲେ। ରାଲିକୁ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସେହିପରି ନୀଳାଦ୍ରି ବିଚ୍ ମୁକ୍ତାକାଶ ରଙ୍ଗମଞ୍ଚରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଓ ମହିଳାଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ପରିବେଶ ଓ କଇଁଛ ସୁରକ୍ଷା ଦିଗରେ କାର୍ଯ୍ୟ କରି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସହ ଲିମ୍‌କା ବୁକ୍‌ରେ ନାମ ସାମିଲ କରିଥିବା ଯୁବ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ମହୋଦଧି ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ସେହିପରି କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ କାୟାକିଂ ରାଲି କରିଥିବା ଦଳକୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ ଏହି ରାଲି ସଚେତନତା ବାର୍ତ୍ତା ବହନ କରିବ ବୋଲି ଜିଲାପାଳ କହିଥିଲେ। 'ଦି ବେଲ୍' ଆବାହକ ସିଦ୍ଧାର୍ଥ ରାୟ କହିଥିଲେ, ଓଡ଼ିଶାର ବିସ୍ତୃତ ଉପକୂଳ ବର୍ତ୍ତମାନ କ୍ଷୟ ହେବାକୁ ବସିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଉଛି। ତେଣୁ ବେଲ୍ ଦ୍ୱାରା ଆରମ୍ଭ କରାଯାଇଥିବା ମହୋଦଧି ଉତ୍ସବ ଲୋକଙ୍କ ମନରେ ସମୁଦ୍ର ଓ ଉପକୂଳ ଅଞ୍ଚଳର ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବ। ତେବେ ଏହାର ଉଦ୍ଦେଶ୍ୟ ସେତିକିବେଳେ ସଫଳ ହେବ ଯେତେବେଳେ ଓଡ଼ିଶାର ପ୍ରତ୍ୟେକ ଉପକୂଳବର୍ତ୍ତୀ ଜିଲାରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଚଳିତ ବର୍ଷ କୋଣାର୍କରେ ବିଭିନ୍ନ ଅନୁଷ୍ଠାନ ତରଫରୁ ମହୋଦଧି ଉତ୍ସବ ପାଳନ ହେଉଥିବା ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହୋଦଧି ଉତ୍ସବର ପତାକା ଉତ୍ତୋଳନ କରାଯିବା ସହ ଉପସ୍ଥିତ ଦର୍ଶକ ଓ ଛାତ୍ରୀଛାତ୍ରମାନେ ମିଳିତ ଭାବେ ମହୋଦଧି ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ପୁରୀ ମୁଖ୍ୟ ଶାଖାର ପରିଚାଳକ ବିଜୟ କୁମାର ଶତପଥୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ଶ୍ରୀ ସାଇ ଉଦୟ ଲକ୍ଷ୍ମୀ ଟ୍ରଷ୍ଟର ରାଜ କିଶୋର ପାତ୍ର, ସମର୍ପଣର ବ୍ରଜ କିଶୋର ସାହୁ, ବୋଧିଚକ୍ରର ଉମେଶ ଚନ୍ଦ୍ର ଦାସ, ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଙ୍ଗଠନର ଗଜଲକ୍ଷ୍ମୀ ରାୟ, ସଂକଳ୍ପ ଫାଉଣ୍ଡେଶନର ସୁଚରିତା ପାଢ଼ୀ, ଆର୍ଟ ଅଫ୍ ଲିଭିଂର ସୁଚିସ୍ମିତା ମହାନ୍ତି, ଅନ୍ୱେଷଣର ସନ୍ତୋଷ କୁମାର ରାଉତ, ଦି ବେଲ୍ ୟୁଥ୍ ଫୋରମ୍‌ର ସତ୍ୟନାରାୟଣ ସାହୁ, ଓମ୍ ପ୍ରସାଦ ମହାନ୍ତି, ଟିକିନା ପ୍ରଧାନ ଏବଂ ଅମର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପୁରୀ ସମୁଦ୍ରରେ କାୟାକିଂ ରାଲି କରାଯାଉଛି।

ସନ୍ଦେହ ଘେରରେ କ୍ୟାଶିୟର

ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଟଙ୍କା ଟ୍ରାନ୍ସଫର ଘଟଣା

ବାରିପଦା ଅଫିସ,୧୨।୧୨

ମୟୂରଭଞ୍ଜ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର କ୍ୟାଶିୟର ଏକ ଘରୋଇ ବ୍ୟବସାୟିକ ସଂସ୍ଥାକୁ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର କରି ସନ୍ଦେହ ଘେରକୁ ଆସିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ଏହାର ତଦନ୍ତ କରୁଛନ୍ତି।

ସୂଚନା ମୁତାବକ, କ୍ୟାଶିୟର ଜଣକ ଜିଲା ମଙ୍ଗଳ ଅଧିକାରୀ(ଡବ୍ଲ୍ୟୁଇଓ)ଙ୍କ କାର୍ଯ୍ୟ ବ୍ୟସ୍ତତାର ସୁଯୋଗ ନେଇ ଅନ୍ୟ ଚିଠି ସ୍ୱାକ୍ଷର ସମୟରେ ଏହି ଅନୁମୋଦନ ଚିଠିକୁ ସ୍ୱାକ୍ଷର କରାଇନେଇଥିଲେ। ତାହା ବ୍ୟାଙ୍କକୁ ଯିବା ପରେ ବିଭାଗର ଛାତ୍ରୀ ନିବାସଗୁଡ଼ିକରୁ ରତୁସ୍ରାବ ଜନିତ ବର୍ଜ୍ୟବସ୍ତୁ ନଷ୍ଟ କରିବା ଯନ୍ତ୍ର ଯୋଗାଉଥିବା ରାଜଗାଙ୍ଗପୁରର ଗ୍ରେଟ୍ ମ୍ୟାନ ନାମକ ସଂସ୍ଥାକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା। ତେବେ ବ୍ୟାଙ୍କ ଆକାଉଣ୍ଟ ମେସେଜ ସରକାରୀ ମୋବାଇଲ ନମ୍ବରରେ ଆସିବାରୁ ଅନିୟମିତତା ସମ୍ପର୍କରେ ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ଡିଡବ୍ଲ୍ୟୁଇଓ ସୁନାରାମ ସିଂ ଜିଲାପାଳଙ୍କୁ ଜଣାଇଥିଲେ। ପରେ ଜିଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତ କ୍ୟାଶିୟର ଅନୁରୂପ ଅର୍ଥ ଅନିୟମିତତା ପାଇଁ ପୂର୍ବରୁ ନିଲମ୍ବିତ ହୋଇଥିଲେ।

ଶ୍ରମିକଙ୍କୁ କମେଣ୍ଟମରାରୁ ଗୋଷ୍ଠୀ ସଂଘର୍ଷ, ୮ ଆହତ

ରାୟଗଡ଼ା ଅଫିସ,୧୨।୧୨

ମହିଳା ଶ୍ରମିକଙ୍କୁ ଆକ୍ଷେପ ଏବଂ କମେଣ୍ଟ ମରାକୁ କେନ୍ଦ୍ରକରି ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଜେକେପୁରରେ ସୋମବାର ଗୋଷ୍ଠୀ ସଂଘର୍ଷ ଘଟି ୨ ଗୁରୁତରଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ମୂଳକ ପରିସ୍ଥିତି ଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଥାନା ପରିସରରେ ମଧ୍ୟ ପୋଲିସ ସହ ପାଟିତୁଣ୍ଡ ହେବାରୁ ପୋଲିସ ମୃଦୁ ଲାଠିଚାଳନା କରିଥିବା ଜଣାପଡ଼ିଛି। ଗୁରୁତର ଓ ଆହତମାନେ ହେଲେ ରଘୁନାଥ ହିମିରିକା, କାର୍ତ୍ତିକ ହିମିରିକା, ଆଦେ ପେଦେଣ୍ଟି, ବିଷ୍ଣୁ ମାଣ୍ଡାଙ୍ଗି, ହରିଶ୍ଚନ୍ଦ୍ର ଜିଲାକାରା, ରାଜେନ୍ଦ୍ର ବିଡିକା, ସନ୍ତୋଷ କାଡ୍ରାକା ରହିଛନ୍ତି। ଅନ୍ୟ ଜଣଙ୍କ ପରିଚୟ ମିଳିନି। ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ଚାନ୍ଦିଲି ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ୨ ଟି ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଫସଲର ପରବର୍ତ୍ତୀ ସଂରକ୍ଷଣ ନୀତି ଖୁବ୍‌ଶୀଘ୍ର: ଅରବିନ୍ଦ

ଜୈବ ପ୍ରଯୁକ୍ତି କୃଷକ ତାଲିମ

ନବରଙ୍ଗପୁର,୧୨।୧୨(ବି.ପ୍ର.): ନବରଙ୍ଗପୁର ଜିଲାକୁ କୃଷି ଉଦ୍ୟୋଗୀ ଜିଲାରେ ପରିଣତ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ଫସଲର ପରବର୍ତ୍ତୀ ସଂରକ୍ଷଣ ନୀତି ଶୀଘ୍ର ଆରମ୍ଭ କରାଯିବ। ରାଜ୍ୟର ବିଭିନ୍ନ ସ୍ଥାନରେ ୫ ଟନ୍ ବିଶିଷ୍ଟ ସୌରଶକ୍ତି ଚାଳିତ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ ବୋଲି ଡେଚୁଳଖୁଣ୍ଟି ବ୍ଲକ ବିଜରାଗୁଡ଼ା ଠାରେ ଜୀବ ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ଜୈବ ପ୍ରଯୁକ୍ତି କୃଷକ ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃଷି ଓ କୃଷକ କଲ୍ୟାଣ ତଥା ବୟନ ଶିଳ୍ପ ସଚିବ ଅରବିନ୍ଦ କୁମାର ପାଢ଼ୀ ଏହା କହିଛନ୍ତି। ବୈଜ୍ଞାନିକ ପଦ୍ଧତିରେ ବହୁମୂଲ୍ୟ ପରିବା ଓ ଫଳଚାଷ କରିପାରିଲେ ଚାଷୀ ନିଶ୍ଚିତ ଲାଭବାନ ହୋଇପାରିବେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ନବରଙ୍ଗପୁର ଜିଲାରୁ ଅନେକ ଉଦ୍ୟୋଗୀ ଆଗେଇ ଆସିଲେ ଜିଲା କୃଷି ଉଦ୍ୟୋଗୀ ଜିଲା ଭାବେ ସୀକୃତି ପାଇପାରିବ ବୋଲି ପାଢ଼ୀ ଏଠାରେ ପ୍ରକାଶ କରିଛନ୍ତି।

ମୃତ ବାଘର କଙ୍କାଳ ଜବତ, ୨ ଗିରଫ

ରେଡ଼ାଖୋଲ,୧୨।୧୨(ଡି.ଏନ.ଏ.): ସମ୍ବଲପୁର ଜିଲା ରେଡ଼ାଖୋଲ ବନଖଣ୍ଡର ଶରଧାପୁର ଗ୍ରାମରୁ ରବିବାର ରାତିରେ ବନ ବିଭାଗ ଏକ ମୃତ ବାଘର କଙ୍କାଳ ଜବତ କରିଛି। ଏହି ଘଟଣାରେ ବିଭାଗ ପକ୍ଷରୁ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅଜିତ ନାଏକ (୨୩) ଓ ଚୈତନ୍ୟ କୁଜୁର (୩୬)। ଏ ନେଇ ରେଡାଖୋଲ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବାଘଟିକୁ ଲଣ୍ଡାକୋର୍ଟ ସଂରକ୍ଷିତ ଜଙ୍ଗଲରେ ଅଭିଯୁକ୍ତମାନେ ବନ୍ଧୁକ ସାହାଯ୍ୟରେ ମାରି ଦେଇଥିବା ସୂଚନା ପାଇ ଡିଏଫ୍‌ଓ ରମାକାନ୍ତ ନାୟକ ଏକ ଟିମ୍ ଗଠନ କରି ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସିଏଫ୍ ଦେବିପ୍ରସାଦ ରାଉତଙ୍କ ନେତୃତ୍ୱରେ ଗଠିତ ଟିମ୍ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବା ବେଳେ ସେମାନେ ବାଘକୁ ମାରି ଜଙ୍ଗଲରେ ପୋତିଦେଇଥିବା ଜାଣିଥିଲେ। ଅଭିଯୁକ୍ତମାନେ ପୋତାଯାଇଥିବା ସ୍ଥାନ ଚିହ୍ନଟ କରିବା ପରେ ସେହି ସ୍ଥାନରୁ ବାଘର ହାଡ, ମୁଣ୍ଡର ଖପୁରି ଆଦି ବନ ବିଭାଗ ଜବତ କରିଛି। ଏହାକୁ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଲାବରେଟୋରିକୁ ପଠାଯାଇଛି। ତେବେ ବାଘକୁ ମାରିବା ପରେ ଅଭିଯୁକ୍ତମାନେ ତା'ର ଛାଲ, ନଖ, ଦାନ୍ତ ଆଦି ବିକ୍ରି କରି ଶରୀରକୁ ପୋତି ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଡିଏଫ୍‌ଓ ନାୟକ କହିଛନ୍ତି।

ଦୋଷ ସ୍ୱୀକାରକଲେ ନିଲମ୍ବିତ କର୍ମଚାରୀ

ଶିମିଳିପାଳରେ ହାତୀ ମୃତଦେହ ପୋଡ଼ିବା ଘଟଣା

- ■ ତଦନ୍ତ ଆରମ୍ଭ କଲା ସ୍ୱତନ୍ତ୍ର ପ୍ରତିନିଧି ଦଳ
- ■ ଶିକାରୀ ସହଯୋଗ କରିଥିବା ସନ୍ଦେହ

ବାରିପଦା ଅଫିସ,୧୨।୧୨

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ ଦନ୍ତାହାତୀ ଶିକାର ଓ ପ୍ରମାଣ ନଷ୍ଟ ପାଇଁ ପୋଡ଼ିଦେବା ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କାର୍ଯ୍ୟାଳୟ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ସୋମବାର ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତଦନ୍ତ ସମୟରେ ନିଲମ୍ବିତ କର୍ମଚାରୀ ତଥା ସମ୍ପୃକ୍ତ ରେଞ୍ଜ ଦାୟିତ୍ୱରେ ଥିବା ଫରେଷ୍ଟର ଶିବଶଙ୍କର ସାମଲ, ଫରେଷ୍ଟର ଚନ୍ଦ୍ରଭାନୁ ବେହେରା ଓ ଫରେଷ୍ଟଗାର୍ଡ ବିନୋଦ ଦାସ ଟିମ୍ ଆଗରେ ନିଜ ଦୋଷ ସ୍ୱୀକାର କରିଥିବା ଆଞ୍ଚଳିକ ବନ୍ୟପ୍ରାଣୀ କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କହିଛନ୍ତି। ହାତୀ ମୃତଦେହ ପୋଡ଼ିବାରେ ଶିକାରୀମାନେ ବନ କର୍ମଚାରୀଙ୍କୁ ସହଯୋଗ କରିଥିବା ସନ୍ଦେହ କରାଯାଉଛି। ଘଟଣାରେ ଜଡ଼ିତ ଅନ୍ୟ ଅଭିଯୁକ୍ତମାନଙ୍କୁ ତଦନ୍ତ ପରିସରକୁ ଅଣାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଜେନାବିଲ ରେଞ୍ଜ ଗୁରୁଣ୍ଡିଆ ସେକ୍ସନ ଅଞ୍ଚଳରେ ୧୫ଦିନ ପୂର୍ବେ ଏକ ଦନ୍ତାହାତୀକୁ ଶିକାର କରାଯାଇଥିଲା। ଶିକାରୀମାନେ ଦାନ୍ତ କାଟିନେବା ପରେ ବିଭାଗୀୟ କର୍ମଚାରୀମାନେ ଦୋଷ ଲୁଚାଇବାକୁ ଯାଇ ହାତୀର ମରଶରୀରକୁ ପୋଡ଼ିଦେଇଥିଲେ। ଅବଶିଷ୍ଟ ଦେହାବଶେଷକୁ ନିକଟସ୍ଥ ନଦୀରେ ଭସାଇ ଦେଇଥିଲେ। ସ୍ଥାନୀୟ ବକୁଆ ଗ୍ରାମବାସୀ ଦେଖି କ୍ଷେତ୍ର ନିର୍ଦ୍ଦେଶକଙ୍କୁ ଜଣାଇଥିଲେ। ବନ ବିଭାଗର ୭ଟି ଟିମ୍‌ରେ ୫୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ଯାଞ୍ଚ କରି ସତ୍ୟତା ଥିବା ଜାଣିପାରିଥିଲେ। ସମ୍ବେଦନଶୀଳ ଘଟଣାକୁ ନେଇ ରାଜ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ପରେ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରାଯାଇଛି। ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କାର୍ଯ୍ୟାଳୟ ଭୁବନେଶ୍ୱରରୁ ସିସିଏଫ୍ ମନୋଜ ନାୟାରଙ୍କ ସମେତ ଏକ ଅଧିକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଆଞ୍ଚଳିକ ବନ୍ୟପ୍ରାଣୀ କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କହନ୍ତି, ନିଲମ୍ବିତ କର୍ମଚାରୀମାନେ ନିଜ ଦୋଷ ସ୍ୱୀକାର କରିଛନ୍ତି। ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ବନ କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

ବାରିପଦା ଅଫିସ,୧୨।୧୨

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ ହାତୀ ଶିକାର ଘଟଣାକୁ ଚପାଇବାକୁ ଯାଇ ୩ ବନ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ଘଟଣା ପରେ ଜଣେ ବନ କର୍ମଚାରୀ ରବିବାର ବିଳମ୍ବିତ ରାତିରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କର୍ମଚାରୀ ଜଣକ ହେଲେ ଜେନାବିଲ ରେଞ୍ଜ ଅଧୀନରେ କାର୍ଯ୍ୟରତ ବ୍ୟାଘ୍ର ସୁରକ୍ଷା ବଳ(ଟିପିଏଫ୍)ର ଟୁରାମ ପୂର୍ତ୍ତି। ତାଙ୍କୁ ପ୍ରଥମେ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ହାତୀ ମୃତ୍ୟୁ ଓ ପ୍ରମାଣ ନଷ୍ଟ ଘଟଣା ପ୍ରଘଟକୁ ସନ୍ଦେହ କରି ନିଲମ୍ବିତ ଉପରିସ୍ଥ କର୍ମଚାରୀ ଗାଳିଗୁଳଜ କରିଥିବା ନେଇ ଟୁରାମ ଆତ୍ମହତ୍ୟା ଉଦ୍ୟମ କରିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଉକ୍ତ ଘଟଣାରେ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଟି. ଅଶୋକ କୁମାର ଓ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ତଦନ୍ତ ଜାରି ରଖିଛନ୍ତି। ସାରା ରାଜ୍ୟରେ ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ କର୍ମଚାରୀଙ୍କ ବିଷପିଇ ଆତ୍ମହତ୍ୟା ଉଦ୍ୟମ ଘଟଣାର ମୋଡ଼ ପରିବର୍ତ୍ତନ କରିବାକୁ ଯାଉଛି। ବିଷ ପିଇବା ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଯଶିପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ କରଞ୍ଜିଆ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଘଟିଥିବା ଜଣାଯାଇଛି। ବିଷ ପିଇବା ପଛର କାରଣ ଅସ୍ପଷ୍ଟ ରହ

ଭାରତ ଯୋଡୋ ଯାତ୍ରା ଅବସରରେ ରାଜସ୍ଥାନର ବୁନ୍ଦିରେ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ରବର୍ଟ ଭଦ୍ରା ଓ ଝିଅ ମୀରାୟା ଭଦ୍ରା ।

ଭାରତ ଯୋଡ଼ୋ ଯାତ୍ରାରେ ପ୍ରିୟଙ୍କାଙ୍କ ଝିଅ

କୋଟା,୧୨।୧୨

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ସୋମବାର ରାଜସ୍ଥାନର ବୁନ୍ଦି ଜିଲାରେ ଚାଲିଥିବାବେଳେ ସେଥିରେ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧ୍ରୀ ଭଦ୍ରା, ତାଙ୍କ ସ୍ୱାମୀ ରବର୍ଟ ଭଦ୍ରା ଓ ସେମାନଙ୍କ ଝିଅ ମୀରାୟା ଭଦ୍ରା ସାମିଲ ହୋଇଛନ୍ତି । ଏଥିସହିତ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ମଧ୍ୟ ଭାରତ ଯୋଡ଼ୋ ଯାତ୍ରାରେ ଯୋଗଦେଇ ମହିଳା ସଶକ୍ତୀକରଣର ବାର୍ତ୍ତା ଦେଇଛନ୍ତି । ଶୋଭାଯାତ୍ରା ବବାଇରୁ ସ୍ୱାଇମାଧୋପୁର ଜିଲାର ପିପଲଓ୍ୱାଡ଼ା ଅଭିମୁଖେ ଯାଉଥିବାବେଳେ କୋଟା–ଲାଲସଟ୍ ଜାତୀୟ ରାଜପଥରେ ବହୁସଂଖ୍ୟାରେ ମହିଳା କର୍ମୀ ଓ ପାଖ ଅଞ୍ଚଳର ମହିଳାମାନେ ଯୋଗଦେଇ ଏହାକୁ ନାରୀଶକ୍ତି ପଦଯାତ୍ରାରେ ପରିଣତ କରିଥିଲେ ବୋଲି ରାହୁଲ ରାଓ ନାମକ ପଦଯାତ୍ରୀ କହିଛନ୍ତି । ରାଜସ୍ଥାନରେ ଯାତ୍ରା ସପ୍ତମ ଦିନରେ ପହଞ୍ଚିଥିଲାବେଳେ ବୁନ୍ଦି ଜିଲାରେ ଶେଷ ଦିନ ଥିଲା ।

ପଦମ୍‌ପୁରକୁ ଜିଲା ମାନ୍ୟତା ପ୍ରସଙ୍ଗ

ଅନେକ ପ୍ରକ୍ରିୟା ରହିଛି: ମନ୍ତ୍ରୀ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ପଦମ୍‌ପୁର ଜିଲା ଗଠନ ନେଇ ଏପର୍ଯ୍ୟନ୍ତ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିନାହାନ୍ତି । କିନ୍ତୁ ଖୁବ୍‌ଶୀଘ୍ର ଏହା ଆରମ୍ଭ ହେବ । ଏଥିପାଇଁ ଅନେକ ପ୍ରକ୍ରିୟା ରହିଥିଲେ ବି ସେସବୁକୁ ପୂରଣ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ଗଠନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏସବୁକୁ ଭିତ୍ତିକରି ଜିଲା ଗଠନ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୋମବାର ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଗତ ଉପନିର୍ବାଚନ ସମୟରେ ପଦମ୍‌ପୁରକୁ ଜିଲା ଗଠନ ଦାବି ନେଇ ହୋଇଥିବା ଆନ୍ଦୋଳନ ସମ୍ପର୍କରେ ଆନ୍ଦୋଳନକାରୀ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଥିଲେ । ଉପନିର୍ବାଚନକୁ ଦୃଷ୍ଟିରେ ରଖି ଏହି କଥା କାଳେ ଶାସକ ଦଳ ପାଇଁ ବୁମେରାଂ ସାଜିପାରେ ବୋଲି ପଦମ୍‌ପୁରକୁ ଜିଲା ମାନ୍ୟତା ମିଳିବା ନେଇ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିଲେ । ଏହାପରେ ଏହି ବାର୍ତ୍ତା ନେଇ ସେ ଉପନିର୍ବାଚନ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ । ତେବେ ସରକାରଙ୍କ ଏହି କଥା ବାସ୍ତବରେ କେତେ କାର୍ଯ୍ୟକାରୀ ହେଉଛି ତାକୁ ସମସ୍ତଙ୍କ ଅପେକ୍ଷା ରହିଛି । କାହିଁକି ନା ସେଠାକାର ଭୋଟର ଉପନିର୍ବାଚନରେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରାଇଛନ୍ତି । ତେଣୁ ରାଜ୍ୟ ସରକାର ଏହି କଥାକୁ ଯଥାସମ୍ଭବ ପୂରଣ କରିବେ ବୋଲି ସାଧାରଣରେ ବିଶ୍ୱାସ ରହିଛି । ଅନ୍ୟପଟେ ଗତ ଶୀତକାଳୀନ ଅଧିବେଶନରେ ଜଣେ ବିଧାୟକ ପଦମ୍‌ପୁରକୁ ଜିଲା ମାନ୍ୟତା ନେଇ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ମଲିକ ଏନେଇ କିଛି ଯୋଜନା ନ ଥିବା କହିଥିଲେ । ତେଣୁ ଆଗକୁ ପଦମ୍‌ପୁରକୁ ଜିଲା ମାନ୍ୟତା ନେଇ ସମସ୍ତେ ଅପେକ୍ଷା କରି ରହିଥିବା ଜଣେ ବରିଷ୍ଠ ବିଜେଡି ନେତା ତାଙ୍କ ନାମ ଗୋପନ ରଖି କହିଛନ୍ତି ।

ବର୍ଷାଙ୍କୁ ଶପଥପାଠ କରାଇଲେ ବାଚସ୍ପତି

ବର୍ଷାଙ୍କୁ ଶପଥପାଠ କରାଉଛନ୍ତି ବାଚସ୍ପତି ବିକ୍ରମ କେଶରୀ ଆରୁଖ ।

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ସୋମବାର ବିଧାନସଭାରେ ଶପଥ ନେଇଛନ୍ତି । ବାଚସ୍ପତିଙ୍କ ପ୍ରକୋଷ୍ଠରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ।

ଶପଥ ପାଠ ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଗୁଣ୍ଡୁନି ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରିତା ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ସୁଶାନ୍ତ ସିଂ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାନସଭା ସଚିବ ଦାଶରଥି ଶତପଥୀ ଏବଂ ବିଧାନସଭାର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

ପୂର୍ବତନ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ଯୋଗୁ ପଦ୍ମପୁର ବିଧାନସଭା ଆସନ ଖାଲି ରହିଥିଲା । ଡିସେମ୍ବର ୫ରେ ଏହି ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବର୍ଷା ସିଂ ବରିହା ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି ।

ଶପଥ ନେଲେ ଡିମ୍ପଲ ଯାଦବ

ନୂଆଦିଲ୍ଲୀ,୧୨।୧୨

ସମାଜବାଦୀ ପାର୍ଟି ନେତ୍ରୀ ଡିମ୍ପଲ ଯାଦବ ସୋମବାର ଲୋକ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି । ଡିମ୍ପଲ ଉତ୍ତରପ୍ରଦେଶର ମୈନପୁରୀ ଆସନ ଉପନିର୍ବାଚନରେ ଜିତିଥିଲେ । ଲୋକ ସଭାରେ ଏହା ତାଙ୍କର ଦ୍ୱିତୀୟ ପାଳି । ଏହା ପୂର୍ବରୁ ସେ କନୌଜରୁ ଲୋକସଭା ଏମ୍‌ପି ଥିଲେ । ଗତ ଅକ୍ଟୋବରରେ ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପରଲୋକ ପରେ ମୈନପୁରୀ ଆସନ ଖାଲିପଡ଼ିଥିଲା । ଉକ୍ତ ଆସନ ଲାଗି ଗତ ୫ ତାରିଖରେ ହୋଇଥିବା ଉପନିର୍ବାଚନରେ ଡିମ୍ପଲ ରେକର୍ଡ ୨.୮୮ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ।

'ଡିଲ୍'କୁ ନେଇ ଦୋଷ ଲଦାଲଦି

- ୨୦୧୯ରେ କଂଗ୍ରେସର ସବୁ ଭୋଟ୍ ଭାଜପାକୁ ଯାଇଛି:ପ୍ରମିଳା
- ବୈଷ୍ଣବ ଏମ୍‌ପି, ମନ୍ତ୍ରୀ ହେବା ଲାଗି କେଉଁଠି ଡିଲ୍ ହୋଇଥିଲା: ତାରା
- ବିଜେଡି ବୈଷ୍ଣବଙ୍କୁ କାହିଁକି ଭୋଟ୍ ଦେଲା ସେମାନେ କୁହନ୍ତୁ: ଜୟନାରାୟଣ



ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ପଦମ୍‌ପୁର ଉପନିର୍ବାଚନ ଫଳାଫଳ ବାହାରିବା ପରଠାରୁ ରାଜ୍ୟର ୩ ପ୍ରମୁଖ ଦଳ ଭାଜପା, କଂଗ୍ରେସ ଏବଂ ବିଜେଡି ମଧ୍ୟରେ ଭୋଟ୍ ପାଇଁ ଡିଲ୍ ହୋଇଥିବା କଥାକୁ ନେଇ ପରସ୍ପର ମଧ୍ୟରେ ଦୋଷ ଲଦା ଆରମ୍ଭ ହୋଇଯାଇଛି । ଏହି କଥାକୁ ଏବେ କଂଗ୍ରେସ ନେତାମାନେ ସମାଲୋଚନା କରିଥିବା ବେଳେ ବିଜେଡି ମଧ୍ୟ ଏହି ପ୍ରସଙ୍ଗରେ ଭାଜପାକୁ ଟାର୍ଗେଟ କରିଛି । ଅନ୍ୟପଟେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି 'ଡିଲ୍' କଥାକୁ ନେଇ ଉଭୟ ବିଜେଡି ଏବଂ ଭାଜପାକୁ ଟାର୍ଗେଟ କରିଛନ୍ତି ।

ଉକ୍ତ ପ୍ରସଙ୍ଗରେ ଭାଜପାକୁ ସିଧାସଳଖ ଟାର୍ଗେଟ କରି ବିଜେଡି ବିଧାୟକ ସୁଶାନ୍ତ ସିଂ କହିଛନ୍ତି, ଭାଜପା ସବୁବେଳେ ଡିଲ୍ କରେ । ୨୦୧୪ ସାଧାରଣ ନିର୍ବାଚନରେ ସତ୍ୟଭୂଷଣ ସାହୁ ଠିଆ ହୋଇ ନ ଥିଲେ । ସେତେବେଳେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ବିଜୟ ଲାଭ କରିଥିଲେ । ସେତେବେଳେ ବୋଧହୁଏ କଂଗ୍ରେସ ସହ ଭାଜପା ଡିଲ୍ କରିଥିଲା । ନିର୍ବାଚନ ହାରିବା ପରେ ଭାଜପା ନେତା ବିଭିନ୍ନ କଥା କହୁଛନ୍ତି । ପଦ୍ମପୁରରେ ଜିତିବା ଲାଗି ଭାଜପା ଡିଲ୍ କରିଥିଲା । ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇଙ୍କ ସହିତ ଦିଲ୍ଲୀରେ ଡିଲ୍ କରି ଆଣିଥିଲେ । ତାଙ୍କ ମାଧ୍ୟମରେ କଂଗ୍ରେସ ଭୋଟକୁ ଡାଇଭର୍ଟ କରିଥିଲେ । ପଦ୍ମପୁରରେ ଭାଜପା ନେତାମାନେ ରେଳ ପ୍ରକଳ୍ପ ଏବଂ ବୀମା ଟଙ୍କା ଆଦି ପ୍ରସଙ୍ଗରେ ମଧ୍ୟ ମିଛ କହିଲେ । ତେବେ ମୁଖ୍ୟମନ୍ତ୍ରୀ ୨୦୨୪ ଲାଗି ରଣକୌଶଳ ପ୍ରସ୍ତୁତ କରିସାରିଲେଣି ବୋଲି ସୁଶାନ୍ତ କହିଛନ୍ତି ।

ଅନ୍ୟପଟେ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗରେ ଉଭୟ ବିଜେଡି ଏବଂ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି, ଡିଲ୍ କିଏ କରୁଛି, ତାହା କେଉଁଠି ଏବଂ କେତେବେଳେ ହେଉଛି ସେକଥା ତାଙ୍କୁ ଜଣାପଡୁନି । ବିଜେଡି ଏବଂ ଭାଜପା ମଧ୍ୟରେ ଡିଲ୍ ହୋଇଛି । ଧାମନଗରରେ ବିଜେଡି ହାରିବାର ନ ଥିଲା । ହେଲେ ବିଜେଡି ଏବଂ ଭାଜପାର ଡିଲ୍ ହେଲା । ଭାଜପା ଧାମନଗର ନେଉ ଏବଂ ପଦମ୍‌ପୁର ବିଜେଡି ନେବ । ଡିଲ୍ କିଏ କଲାଣି । କାହା ବାପାର କେତେ ଥୁଆ ହୋଇଛି ଡିଲ୍ କରିବେ । ଜୟନାରାୟଣ ବାବୁ ଜଣେ ବରିଷ୍ଠ ନେତା ପ୍ରଥମେ କୁହନ୍ତୁ କେନ୍ଦ୍ରରେ ଯେଉଁ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେଇଛନ୍ତି ସେ ଡିଲ୍ କିଏ କରିଥିଲା । ବୈଷ୍ଣବ ତ ପ୍ରଥମେ ରାଜ୍ୟ ସଭା ପାଇଁ ବିଜେଡି ପ୍ରାର୍ଥୀ ଥିଲେ, ତା'ପରେ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ ପାଇବା ପରେ ସେ ଭାଜପାରୁ ପ୍ରାର୍ଥୀ ହେଲେ । ତାଙ୍କୁ ବିଜେଡି ଭୋଟ ଦେବାରୁ ସେ ରାଜ୍ୟ ସଭା ଗଲେ । ବୈଷ୍ଣବ ମଧ୍ୟ ପଦ୍ମପୁର ପ୍ରଚାରରେ ଯାଇଥିଲେ । ତେଣୁ ଡିଲ୍‌ଟା କିଏ କରୁଛି ସେକଥା କୁହନ୍ତୁ । ୨୦୨୪ରେ କଂଗ୍ରେସ ସିଧାସଳଖ ଲଢ଼େଇ କରିବ ବୋଲି ତାରା କହିଛନ୍ତି ।

ବିଜେଡି ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲିକ କହିଛନ୍ତି, ଡିଲ୍ ସବୁବେଳେ ଭାଜପା କରେ । ୨୦୧୪ରେ ପଦମ୍‌ପୁରରେ ଭାଜପା ଡିଲ୍ କରିଥିଲା । ୨୦୧୯ରେ କଂଗ୍ରେସର ସବୁ ଭୋଟ ଭାଜପାକୁ ଯାଇଛି । ସେମାନେ ଡିଲ୍ କରି କଂଗ୍ରେସ ଭୋଟ ସାରା ଓଡ଼ିଶାରୁ ନେଇଛନ୍ତି । ବିଜେଡିକୁ ଭଲ ପାଇ ସାଧାରଣ ଲୋକମାନେ ପଦମ୍‌ପୁରରେ ବର୍ଷା ସିଂ ବରିହାଙ୍କୁ ଭୋଟ ଦେଇଥିବା ପ୍ରମିଳା କହିଛନ୍ତି ।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଅଶ୍ୱିନୀ ବୈଷ୍ଣବ ଭାଜପା ପ୍ରାର୍ଥୀ ଥିଲେ । ସେ କଥା ବୋଧହୁଏ ତାରା ପ୍ରସାଦ ବାହିନୀପତି ଜାଣିନାହାନ୍ତି । ସେ ଜାଣିଛନ୍ତି ବୈଷ୍ଣବ ଭାଜପା ପ୍ରାର୍ଥୀ ଥିଲେ । ବିଜେଡି କାହିଁକି ବୈଷ୍ଣବଙ୍କୁ ଭୋଟ ଦେଲା, ଡିଲ୍ କେଉଁଠି ହୋଇଥିଲା ତା'ର ଉତ୍ତର ଶାସକ ଦଳ ଦେବ । କଂଗ୍ରେସ ସହ ଡିଲ୍ କରି ୨୦୧୯ରେ ବିଜେଡି ରାଜ୍ୟରେ ସରକାର କଲା । ୨୦୦୦ ମସିହାରୁ ଭାଜପା ଦୟା କଲାରୁ ରାଜ୍ୟରେ ବିଜେଡି ସରକାର କରିଥିଲା । ସେମାନେ ପରବର୍ତ୍ତୀ ସମୟରେ ଭାଜପା ସହିତ ଧୋକାବାଜି କରିଛନ୍ତି । ବିଜେଡି ଗୋଟେ ଧୋକାବାଜ ଦଳ ବୋଲି ଜୟନାରାୟଣ କହିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୩/୨୦୨୨ Bhubaneswar, Tuesday, December 13/ 2022

ବରୋଦା ବିପକ୍ଷରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସର୍ବୋଚ୍ଚ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ୨୦୨୨-୨୩ ସିଜନ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଆଗାମୀ ସିଜନ ପାଇଁ ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ବରୋଦାକୁ ଭେଟିବ। ବିକାଶ କ୍ରିକେଟ ଗ୍ରାଉଣ୍ଡରେ ପୂର୍ବାହ୍ନ ୯ଟା ୩୦ରୁ ଏହି ମ୍ୟାଚ୍ ଆରମ୍ଭ ହେବ। ସିଜନ ଆରମ୍ଭ ହେବାକୁ ଯାଉଥିବାରୁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଗ୍ରୁପ୍ 'ଏ'ରେ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ହରିୟାଣା, ହିମାଚଳ ପ୍ରଦେଶ, ନାଗାଲାଣ୍ଡ, ଉତ୍ତରାଖଣ୍ଡ, ବେଙ୍ଗଲ ଓ ଉତ୍ତରପ୍ରଦେଶ।

ଶେଷଥର ପାଇଁ ଓଡ଼ିଶା ଓ ବରୋଦା ମଧ୍ୟରେ ୨୦୧୭ ନଭେମ୍ବର ୧୭ରୁ ୨୦ ପର୍ଯ୍ୟନ୍ତ ଭଦୋଦରାଠାରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ତେବେ ପ୍ରଥମ ଇନିଂସ୍ ଅଗ୍ରଣୀ ପାଇଁ ବରୋଦା ୩ ଓ ଓଡ଼ିଶା ୧ ପଏଣ୍ଟ ପାଇଥିଲା। ବିଷ୍ଣୁ ସୋଲାଙ୍କି ଓ ନିନାଦ ରଥଭାଙ୍କ ଶତକ ବଳରେ ବରୋଦା ପ୍ରଥମ ଇନିଂସ୍‌ରେ ୫୦୩ ରନ୍ କରିଥିଲା। ଜବାବରେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ବଡ଼ ଶତକ (୧୭୩ ରନ୍) ସହାୟତାରେ ୪୪୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ରାଜେଶ ଧୂପର ୮୬ ଓ ବିପ୍ଲବ ସାମନ୍ତରାୟ ୫୫ ରନ୍‌ର ଯୋଗଦାନ ଦେଇଥିଲେ। ଆଦିତ୍ୟ ୱାଘମୋଡେ (୧୦୧) ଓ ଅଧିନାୟକ ଦୀପକ ହୁଡ଼ା (୧୦୦)ଙ୍କ ଅପରାଜିତ ଶତକ ବଳରେ ବରୋଦା ୪ର୍ଥ ଦିବସ ଖେଳ ଶେଷବେଳକୁ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶାର ବସନ୍ତ ମହାନ୍ତି ଓ ବରୋଦାର ସ୍ୱପ୍ନିଲ ସିଂଙ୍କୁ ୫ ଉଇକେଟ ସଫଳତା ମିଳିଥିଲା। ଶୁଭ୍ରାଂଶୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୦୧୨ ଡିସେମ୍ବର ୮ରୁ ୧୦ ପର୍ଯ୍ୟନ୍ତ ଭଦୋଦରାରେ ଅନୁଷ୍ଠିତ ମ୍ୟାଚ୍‌କୁ ବରୋଦା ୧୦ ଉଇକେଟରେ ଜିତିଥିଲା। ବରୋଦାକୁ ପୂରା ୭ ପଏଣ୍ଟ ମିଳିଥିଲା। ୨୦୧୦ ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ପ୍ରଥମ ଇନିଂସ୍ ଅଗ୍ରଣୀ ପାଇଁ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ସେହିପରି ୨୦୦୭ ଡିସେମ୍ବର ୨୫ରୁ ୨୮ ପର୍ଯ୍ୟନ୍ତ ଭଦୋଦରାରେ ଅନୁଷ୍ଠିତ ମ୍ୟାଚ୍ ମଧ୍ୟ ଅମୀମାଂସିତ ରହିଥିଲା। ଏହି ମ୍ୟାଚ୍‌ରେ ମଧ୍ୟ ଓଡ଼ିଶା ୩ ଓ ବରୋଦା ୧ ପଏଣ୍ଟ ପାଇଥିଲା। ବିକାଶ ଗ୍ରାଉଣ୍ଡରେ ମ୍ୟାଚ୍ ସମୟରେ ମୁଖ୍ୟ କୋଚ୍ ଆର. ଶ୍ରୀକାନ୍ତ, ବ୍ୟାଟିଂ କୋଚ୍ ରଶ୍ମିରଞ୍ଜନ ପରିଡ଼ା, ଫିଲ୍ଡିଂ କୋଚ୍ ଗୌତମ ଗୋପାଳ, ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସିନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ, ଫିଜିଓ ରୋନି ଚାଟାର୍ଜୀ, ଟ୍ରେନର ପୂର୍ଣ୍ଣେନ୍ଦୁ ଜେନା, ମାଲିସ୍‌ବାଲା ବିଶ୍ୱଜିତ୍ ବେହେରା ଓ ମ୍ୟାନେଜର ସନ୍ତୋଷ ଦାସ ଓଡ଼ିଶା ଦଳ ସହିତ ସଂଶ୍ଳିଷ୍ଟ ହୋଇ ରହିବେ।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ ସ୍ୱସ୍ତିକ ସାମଲ, ତାରିଣୀ ସ', ଅଭିଷେକ ରାଉତ, ବିପ୍ଲବ ସାମନ୍ତରାୟ, ଦେବବ୍ରତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ, ସୌରଭ କନୋଜିଆ, ରାଜେଶ ଧୂପର (ଉଇକେଟ କିପର), ସୁଜିତ ଲେଙ୍କା, ବସନ୍ତ ମହାନ୍ତି, ଶାନ୍ତନୁ ମିଶ୍ର, ଶୁଭମ୍ ନାୟକ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ।

ବରୋଦା ଦଳ: ବିଷ୍ଣୁ ସୋଲାଙ୍କି (ଅଧିନାୟକ), ଅଭିମନ୍ୟୁ ସିଂ ରାଜପୁତ, ମହେଶ ପିଥିୟା, ପ୍ରତ୍ୟୁଷ କୁମାର, ଶାଶ୍ୱତ ରାଓ୍ୱତ, ଜ୍ୟୋସ୍ନିଲ ସିଂ, ନିନାଦ ରଥଭା, ସୋୟେବ ସୋପାରିୟା, ମିତେଶ ପଟେଲ (ଉଇକେଟ କିପର), ଭିଶାନ୍ତ ମୋରେ, ବାବାଶାଫି ପଠାନ, ଭାର୍ଗବ ଭଟ୍ଟ ଓ ଲୁକ୍‌ମାନ ମେରିୱାଲା।

ବିଷ୍ଣୁ ସୋଲାଙ୍କି

ଶୁଭ୍ରାଂଶୁ ସେନାପତି

ଆଜିଠୁ ରଣଜୀ ଟ୍ରଫି ସିଜନ

ଭାରତୀୟ ଦଳ ୨୭ରେ ରାଉରକେଲାରେ ପହଞ୍ଚିବ

ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ

୨୦୨୩ ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ଜାନୁୟାରୀ ୧୩ରୁ ଆରମ୍ଭ ହେବ। ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ଭାରତୀୟ ୩୩ ଜଣିଆ କୋର୍ ଦଳର ଅନ୍ତିମ ପର୍ଯ୍ୟାୟ କୋଚିଂ କ୍ୟାମ୍ପ୍ ଆରମ୍ଭ ହୋଇଛି। ଏହା ୨ ସପ୍ତାହ ଧରି ଚାଲିବ। ଏହାପରେ ଚଳିତ ମାସ ୨୭ ତାରିଖରେ ଭାରତୀୟ ଦଳ ରାଉରକେଲାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଆଗାମୀ ମେଗା ଟୁର୍ନାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚ୍ ୧୩ ତାରିଖରେ ଇଂଲଣ୍ଡ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍ ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ।

ବେଙ୍ଗାଲୁରୁରେ ଆରମ୍ଭ ହୋଇଥିବା ଅନ୍ତିମ ପର୍ଯ୍ୟାୟ କ୍ୟାମ୍ପ୍ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୀର୍ଘବର୍ଷ ଧରି ଭାରତ ପୋଡିୟମ ମଣ୍ଡନ କରିପାରି ନ ଥିବାରୁ ଏହା ଉପରେ ବିଶେଷ ଧ୍ୟାନ ରଖାଯାଇଛି। ଏଥିପାଇଁ ଡବଲ ଅଲିମ୍ପିକ୍ ଚାମ୍ପିୟନ ତଥା ଡ୍ରାଗ୍‌ଫ୍ଲିକ୍ ବିଶେଷଜ୍ଞ ନେଦରଲାଣ୍ଡର ବ୍ରାମ୍ ଲୋମାନ୍ସ ଏବଂ ଗୋଲକିପିଂ କୋଚ୍ ଡେନିସ ଭାନ୍ ଡି ପୋଲଙ୍କୁ କ୍ୟାମ୍ପ୍‌କୁ ଡାକରା ମିଳିଛି। ଆଗାମୀ ବିଶ୍ୱକପ୍ ପାଇଁ ସମ୍ଭାବ୍ୟ କୋର୍ ଦଳରେ ସାମିଲ ଥିବା ଖେଳାଳିମାନେ ହେଲେ କ୍ରିଷ୍ଣନ ବାହାଦୁର ପାଠକ, ପି.ଆର. ଶ୍ରୀଜେଶ, ସୁରଜ କରକେରା, ଜରମନପ୍ରୀତ ସିଂ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ବରୁଣ କୁମାର, ଅମିତ ରୋହିଦାସ, ଗୁରିନ୍ଦର ସିଂ, ଜୁଗରାଜ ସିଂ, ମନଦୀପ ମୋର, ନିଲମ ସଞ୍ଜିପ୍ ଖେସ୍, ସଞ୍ଜୟ, ଯଶଦୀପ ସିଓ୍ୱାର୍, ଦୀପ୍‌ସାନ ତିର୍କୀ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ସମ୍‌ଶେର ସିଂ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ, ସୁମିତ, ଆକାଶଦୀପ ସିଂ, ଗୁରଜାନ୍ତ ସିଂ, ମହମ୍ମଦ ରାହିଲ, ମନିନ୍ଦର ସିଂ, ଏସ. କାର୍ଥି, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ ଓ ସୁଖଜିତ ସିଂ। ଏମାନଙ୍କ ବ୍ୟତୀତ ଆହତ ସମସ୍ୟାରୁ ମୁକୁଳିଥିବା ଶିଳାନନ୍ଦ ଲାକ୍ରା, ମନଜିତ ଓ ପୱନ ରାଜଭାର ମଧ୍ୟ ଏହି କ୍ୟାମ୍ପ୍‌ରେ ସାମିଲ ହେବେ।

''ବିଶ୍ୱକପ୍ ପାଇଁ ସ୍ୱତନ୍ତ୍ର ଭାବେ ଡ୍ରାଗ୍‌ଫ୍ଲିକ୍ ଏବଂ ଗୋଲକିପିଂ କ୍ୟାମ୍ପ୍ ଆୟୋଜନ କରାଯାଇଥିବାରୁ ଆମେ ହକି ଇଣ୍ଡିଆ ଓ ସାଇ ନିକଟରେ କୃତଜ୍ଞ। ଆଗାମୀ ବଡ଼ ପ୍ରତିଯୋଗିତା ପୂର୍ବରୁ ଏହି କ୍ୟାମ୍ପ୍‌ରେ ଆମ ଗୋଲ୍‌କିପର ଏବଂ ଡ୍ରାଗ୍‌ଫ୍ଲିକରଙ୍କ ପ୍ରଦର୍ଶନ ଆହୁରି ମାର୍ଜିତ ହୋଇପାରିବ। ଏବେ ମଧ୍ୟ ଆମକୁ କିଛି ବିଭାଗରେ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆମେ ଗତ ଅଷ୍ଟ୍ରେଲିଆ ଟୁର୍‌ରୁ ଅନୁଭବ କରିଛୁ। ଏକ ସପ୍ତାହ ବ୍ରେକ୍ ପରେ ଖେଳାଳିମାନେ କ୍ୟାମ୍ପ୍‌କୁ ଆସିଛନ୍ତି। ସେମାନେ ଉଭୟ ମାନସିକ ଓ ଶାରୀରିକ ଭାବେ ସତେଜ ଥିବେ'' ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।

ବରୋଦା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ ସପୋର୍ଟ ଷ୍ଟାଫ୍‌ଙ୍କ ସହ।

ଜାପାନକୁ ହରାଇଲା ଭାରତ

ନେଶନ୍ସ କପ୍ ମହିଳା ହକି

ଭାଲେନ୍‌ସିଆ, ୧୨।୧୨ (ପି.ଟି.)

ଏଫ୍‌ଆଇଏଚ୍ ନେଶନ୍ସ କପ୍ ମହିଳା ହକି ପ୍ରତିଯୋଗିତାରେ ଭାରତ ସୋମବାର ୨-୧ ଗୋଲ୍‌ରେ ଜାପାନକୁ ପରାସ୍ତ କରି ସେମିଫାଇନାଲ ନିକଟତର ହୋଇଛି। ଦଳ ପକ୍ଷରୁ ପ୍ରଥମ ଗୋଲ୍ ଖେଳର ୫ମ ମିନିଟ୍‌ରେ ସାଲିମା ଟେଟେ ସ୍କୋର କରିଥିଲେ। ୪୦ତମ ମିନିଟ୍‌ରେ ଝାଡ଼ଖଣ୍ଡର ବିୟୁଟି ଡୁଙ୍ଗଡୁଙ୍ଗଙ୍କ ଗୋଲ ଭାରତକୁ ୨-୦ରେ ଅଗ୍ରଣୀ କରାଇଥିଲେ। ସିନିୟର ସ୍ତରରେ ଏହା ହେଉଛି ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଗୋଲ୍। ଅନ୍ତିମ କ୍ୱାର୍ଟରରେ ଜାପାନ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପକ୍ଷରୁ ରୁଇ ତାକାଶିମା ୪୯ତମ ମିନିଟ୍‌ରେ ଏକ ଗୋଲ୍ କରିବାରେ ସକ୍ଷମ ହୋଇଥିଲେ। ୮ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟର ଗ୍ରୁପ୍ ବି'ରେ ଭାରତ ଏହାର ଓପନିଂ ମ୍ୟାଚରେ ଚିଲିକୁ ୩-୧ ଗୋଲ୍‌ରେ ପରାସ୍ତ କରିଥିଲା। ସବିତା ପୁନିଆଙ୍କ ନେତୃତ୍ୱାଧୀନ ଦଳ ବର୍ତ୍ତମାନ ଦୁଇଟି ମ୍ୟାଚରୁ ୬ ପଏଣ୍ଟ ଅର୍ଜନ କରି ପୁଲ୍ 'ବି'ର ଶୀର୍ଷରେ ରହିଛି। ସେମିଫାଇନାଲରେ ସ୍ଥାନ ପକ୍କା କରିବାକୁ ହେଲେ ଭାରତକୁ ଅତି କମ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଏହାର ଶେଷ ଲିଗ୍ ମ୍ୟାଚ ଡ୍ର ରଖିବାକୁ ପଡ଼ିବ। ସୋମବାର ମ୍ୟାଚରେ ଭାରତକୁ ୯ଟି ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ତନ୍ମଧ୍ୟରୁ ଗୋଟିଏ ହେଲେ ଗୋଲ୍‌ରେ ପରିଣତ କରିପାରି ନ ଥିଲା। ଦଳର ଦକ୍ଷ ଡ୍ରାଗ୍‌ଫ୍ଲିକର ଗୁରଜିତ କୌର ପୁଣି ବିଫଳ ହୋଇଥିଲେ। ସୂଚନାଯୋଗ୍ୟ, ୨୦୧୮ ଏସିଆନ ଗେମ୍ସରେ ଜାପାନଠାରୁ ୨-୧ ଗୋଲରେ ପରାସ୍ତ ହୋଇ ଭାରତ ରୌପ୍ୟ ପଦକ ପାଇଥିଲା।

ଇଂଲଣ୍ଡର କ୍ରମାଗତ ଦ୍ୱିତୀୟ ବିଜୟ

ମୁଲ୍‌ତାନ, ୧୨।୧୨ (ଏପି): ମାର୍କ ଉଡ୍‌ଙ୍କ ଘାତକ (୪/୬୫) ବୋଲିଂ ଯୋଗୁ ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ୨୬ ରନ୍‌ରେ ବିଜୟୀ ହୋଇଛି। ମ୍ୟାଚ୍‌ରେ ପାକିସ୍ତାନ ୩୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ସୋମବାର ଚତୁର୍ଥ ଦିବସ ଖେଳ ମଧ୍ୟାହ୍ନ ବିରତିର ଏକ ଘଣ୍ଟା ଭିତରେ ୩୨୮ରେ ଅଲଆଉଟ ହୋଯାଇଥିଲା। ଏହି ବିଜୟ ସହ ଇଂଲଣ୍ଡ ସିରିଜ୍‌କୁ ୨-୦ରେ ଅଗ୍ରଣୀ ଲାଭ କରିଛି। ୧୭ ବର୍ଷ ପରେ ପାକିସ୍ତାନକୁ ଇଂଲଣ୍ଡର ଏହା ପ୍ରଥମ ଟେଷ୍ଟ ଟୁର୍। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୭୪ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ନୂଆ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ଖେଳିସାରିଥିବା ୯ଟି ଟେଷ୍ଟ ମ୍ୟାଚ୍‌ରେ ଏହା ହେଉଛି ୮ମ ବିଜୟ। ପାକିସ୍ତାନ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୧୯୮/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ସେତେବେଳକୁ ବିଜୟ ପାଇଁ ଆହୁରି ୧୫୭ ରନ୍ ଆବଶ୍ୟକ କରୁଥିଲା। ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ବାମହାତୀ ସାଉଦ ଶକିଲ ଧୈର୍ଯ୍ୟପୂର୍ଣ୍ଣ ୯୪ ରନ୍ କରିଥିଲେ। ସେ ଅଳ୍ପକେ ତାଙ୍କ ପ୍ରଥମ ଟେଷ୍ଟ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଦ୍ୱିତୀୟ ନୂଆ ବଲ୍‌ରେ ଉଡ୍‌ଙ୍କ ପ୍ରଥମ ଓଭରରେ ଶିକାର ହେବା ପୂର୍ବରୁ ମହମ୍ମଦ ନୱାଜ (୪୫)ଙ୍କ ସହ ଶକିଲ ୮୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଉଇକେଟ୍‌କିପର ଓଲି ପୋପ୍‌ଙ୍କ ଦ୍ୱାରା ସେ କ୍ୟାଚ୍ ଆଉଟ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର: ଇଂଲଣ୍ଡ ପ୍ରଥମ ଇନିଂସ୍: ୨୮୧। ପାକିସ୍ତାନ ପ୍ରଥମ ଇନିଂସ: ୨୦୨। ଇଂଲଣ୍ଡ ଦ୍ୱିତୀୟ ଇନିଂସ୍: ୨୭୫ ପାକିସ୍ତାନ ଦ୍ୱିତୀୟ ଇନିଂସ: ୩୨୮ (ସାଉଦ ଶକିଲ-୯୪, ଇମାମ ଉଲ୍ ହକ୍-୬୦, ଅବ୍‌ଦୁଲା ସାଫିକ୍-୪୫, ମହମ୍ମଦ ନୱାଜ-୪୫; ମାର୍କ ଉଡ୍-୪/୬୫, ଓଲି ରବିନ୍‌ସନ-୨/୨୩, ଜେମ୍ସ ଆଣ୍ଡରସନ-୨/୪୪)।

ବଟ୍‌ଲର, ଅମିନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍

ଦୁବାଇ, ୧୨।୧୨(ପି.ଟି.)

ନଭେମ୍ବରରେ ଉତ୍ତମ ପ୍ରଦର୍ଶନ ପାଇଁ ଇଂଲଣ୍ଡର ଟି୨୦ ବିଶ୍ୱକପ୍ ବିଜୟୀ ଅଧିନାୟକ ଜୋସ୍ ବଟ୍‌ଲର ପ୍ରଥମଥର ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ) ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ସେହିପରି ପାକିସ୍ତାନର ସିଦ୍ରା ଅମିନ କ୍ରମାଗତ ଦ୍ୱିତୀୟଥର ମହିଳା ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ବଟ୍‌ଲର ବର୍ତ୍ତମାନ ବିଶ୍ୱର ଜଣେ ଅନ୍ୟତମ ବିପଜ୍ଜନକ ବ୍ୟାଟର ଭାବେ ପରିଗଣିତ ହେଉଛନ୍ତି। ମାସ ଆରମ୍ଭରେ ନ୍ୟୁଜିଲାଣ୍ଡ ବିପକ୍ଷରେ ନାଟକୀୟ ୨୦ ରନ୍ ବିଜୟରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେ ତାଙ୍କର ୧୦୦ତମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଓପ୍‌ନିଂ କରିବାକୁ ଯାଇ ୪୭ ବଲ୍‌ରୁ ୭୩ ରନ୍ ସଂଗ୍ରହ କରିଥିଲେ। ନକ୍‌ଆଉଟରେ ଭାରତ ବିପକ୍ଷରେ ଇଂଲଣ୍ଡ ୧୬୯ ରନ୍‌ର ବିଜୟଲକ୍ଷ୍ୟ ପିଛା କଲାବେଳେ ସେ ୪୯ ବଲ୍‌ରୁ ଦ୍ରୁତ ୮୦ ରନ୍ ସଂଗ୍ରହ କରିଥିଲେ। ଆଡିଲେଡ୍‌ଠାରେ ଆଲେକ୍ସ ହେଲ୍ସଙ୍କ ସହିତ ରେକର୍ଡ ଭଙ୍ଗକାରୀ ୧୭୦ ରନ୍‌ର ପାର୍ଟନରଶିପ୍ ଯୋଗୁ ଇଂଲଣ୍ଡ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ଫାଇନାଲରେ ପାକିସ୍ତାନର ଘାତକ ବୋଲିଂକୁ ସାମ୍ନା କରି ସେ ମୂଲ୍ୟବାନ୍ ୨୬ ରନ୍ କରିଥିଲେ, ଫଳରେ ଇଂଲଣ୍ଡ ଦ୍ୱିତୀୟଥର ଟି୨୦ ବିଶ୍ୱକପ୍ ଜିତିଥିଲା। ଅନ୍ୟପକ୍ଷରେ ନଭେମ୍ବରରେ ଆୟର୍ଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ମହିଳା କାଟେଗୋରିରେ ଅମିନ ପୁରସ୍କାର ଜିତିଛନ୍ତି। ସିରିଜରେ ସେ ମୋଟ୍ ୨୭୭ ରନ୍ ସଂଗ୍ରହ କରିଥିବା ବେଳେ ଥରେମାତ୍ର ଆଉଟ ହୋଇଥିଲେ। ଓପ୍‌ନିଂ ବ୍ୟାଟର ଅମିନ ମାସ ଆରମ୍ଭରେ ମହିଳା ଅନ୍ତର୍ଜାତୀୟ ଦିନିକିଆରେ ସର୍ବାଧିକ ୧୭୬ ରନ କରିଥିଲେ, ଫଳରେ ଆୟୋଜକ ଦେଶ ୧୨୮ ରନ୍‌ରେ ବିଜୟଲାଭ କରିଥିଲା। ଦ୍ୱିତୀୟ ଦିନିକିଆରେ ସେ ୯୧ ରନ୍ କରିବାରୁ ଦଳ ୯ ଉଇକେଟରେ ବିଜୟୀ ହୋଇଥିଲା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ